# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୨୯/୨୦୧୯ (୧୬ ପୃଷ୍ଠା) Sambalpur, Friday, March 29 / 2019 ★★

୧୫ଶ ଭାଗ ୧୦୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



ବିଜେପି

ମୋଦି ଅଛନ୍ତି ତ
ସବୁ ସମ୍ଭବ



ଯାହାଙ୍କ ହାତରେ ଦେଶର ସୀମା ଓ ଭବିଷ୍ୟତ ସୁରକ୍ଷିତ

ଓଡ଼ିଶାକୁ ମୋଦି ଆସୁଛନ୍ତି

୨୯ ମାର୍ଚ୍ଚ ୨୦୧୯, ସକାଳ ୯.୦୦ ଘଟିକା
ବାଙ୍କବିଜା ପଡ଼ିଆ, ଏକମ୍ବା, ଜୟପୁର (କୋରାପୁଟ)

- ଦେଶର ସୁରକ୍ଷା ପାଇଁ ସମର୍ପିତ
- ଦୁର୍ନୀତି ବିରୁଦ୍ଧରେ ସଜାଗ ଚୌକିଦାର
- ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କାର ସହାୟତା ସହ ଫସଲ ସୁରକ୍ଷା ବୀମା
- ୪୦ ଲକ୍ଷ ମା'ଭଉଣୀଙ୍କୁ ମିଳିଲା ଧୂଆଁ ଯନ୍ତ୍ରଣାରୁ ମୁକ୍ତି ଏବଂ ସ୍ୱାଭିମାନ ସହ ରୋଜଗାର
- ଶ୍ରମଜୀବିଙ୍କୁ ମାସିକ ୩୦୦୦ ଟଙ୍କାର ପେନ୍‌ସନ୍
- ସଭିଙ୍କ ପାଇଁ ବ୍ୟାଙ୍କ୍ ଖାତା, ସଭିଙ୍କ ପାଇଁ ସଞ୍ଚୟ
- ଗାଁ ଗାଁ, ଘରେ ଘରେ ହେଲା ବିଜୁଳି ଆଲୁଅ ବ୍ୟବସ୍ଥା
- ସ୍ୱଚ୍ଛତା ଓ ସମ୍ମାନ ପାଇଁ ଘରେ ଘରେ ନିର୍ମାଣ ହେଲା ଶୌଚାଳୟ

ଓଡ଼ିଶାରେ ବାସହୀନଙ୍କ ପାଇଁ ସ୍ଥାୟୀ ପଟ୍ଟା ସହ ପକ୍କା ଘର
ଓ ବେରୋଜଗାରଙ୍କୁ ରୋଜଗାର



ନୂଆ ଆଶା, ପୂରା ଭରସା
ମୋଦିଙ୍କ ସାଥେ ନୂଆ ଓଡ଼ିଶା

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ
ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

Issued by BJP, 4R-3/2, Kharavel Nagar, Unit-3, Bhubaneswar



ଗାଜାରେ ସାମରିକ ଅଭିଯାନ ପାଇଁ ଇସ୍ରାଏଲ୍ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ।
- ବେନ୍ୟାମିନ୍ ନେତାନ୍ୟାହୁ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ୨ ଏନ୍‌କାଉଣ୍ଟର: ୪ ଆତଙ୍କବାଦୀ ନିହତ



**ଶ୍ରୀନଗର,୨୮।୩(ପି.ଟି.)**- ଜମ୍ମୁ-କଶ୍ମୀରର ଶୋପିଆନ୍ ଓ କୁପୱାଡ଼ା ଜିଲାରେ ଗୁରୁବାର ୨ଟି ଏନ୍‌କାଉଣ୍ଟର ହୋଇଛି। ଏଥିରେ ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ଶୋପିଆନ୍‌ର ୟୱରନ ଜଙ୍ଗଲରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷା ବଳ ସେଠାରେ ତଲାସି ଚଳାଇଥିଲା। ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ହିଜ୍‌ବୁଲ ମୁଜାହିଦ୍ଦିନ ଓ ଲଶ୍କର-ଇ-ତୋଇବାର ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ପୁଲୱାମାର ସଜାଦ୍ ଖାଣ୍ଡେ, ଆକିବ୍ ଅହମ୍ମଦ ଦର ଓ ବଶାରତ୍ ଅହମ୍ମଦ ମୀର ବୋଲି ଜଣାପଡ଼ିଛି। ସେହିପରି କୁପୱାଡ଼ା ଜିଲାର ହଣ୍ଡୱାଡ଼ାରେ ଆଉ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ତାଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ଉଭୟ ଏନ୍‌କାଉଣ୍ଟର ସ୍ଥଳରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

### ସ୍ତ୍ରୀ, ଦୁଇ ପିଲାଙ୍କ ଜୀବନ ନେଇ ଆତ୍ମହତ୍ୟା

**ଚଣ୍ଡିଗଡ଼,୨୮।୩(ପି.ଟି.)**- ହରିୟାଣାର ରୋହତକ୍ ଜିଲାର ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ନିଜ ସ୍ତ୍ରୀ ଓ ଦୁଇ ପିଲାଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟା କରିଛନ୍ତି। ସୁନ୍ଦନା ନିବାସୀ ୪୨ ବର୍ଷୀୟ ବିଜେନ୍ଦର ପ୍ରଥମେ ତାଙ୍କ ସ୍ତ୍ରୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିଲେ। ପରେ ଝିଅ ଓ ପୁଅଙ୍କୁ ମାରିଦେଇଥିଲେ। ଶେଷରେ ନିଜ ବେକରେ ଦଉଡ଼ି ଲଗାଇ ଜୀବନ ହାରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଅଜଗାଓଁକର ଗୋଆ ଉପମୁଖ୍ୟମନ୍ତ୍ରୀ

**ପଣଜୀ,୨୮।୩(ପି.ଟି.)**-ଗୋଆର ପର୍ଯ୍ୟଟନ ମନ୍ତ୍ରୀ ମନୋହର ଅଜଗାଓଁକର ମହାରାଷ୍ଟ୍ରବାଦୀ ଗୋମନ୍ତକ ପାର୍ଟି (ଏମ୍‌ଜିପି) ଛାଡ଼ି ଭାଜପାରେ ଯୋଗଦେବାର ଦିନକ ପରେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିଛି। ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି) ନେତା ତଥା ବିଜୟ ସରଦେଶାଇଙ୍କ ପରେ ଅଜଗାଓଁକର ହେଉଛନ୍ତି ରାଜ୍ୟର ଦ୍ୱିତୀୟ ଉପମୁଖ୍ୟମନ୍ତ୍ରୀ।

### ଭାଜପା ନେତାଙ୍କ ଘର ଉଡ଼ାଇଦେଲେ ମାଓବାଦୀ



**ଗୟା,୨୮।୩**-ବିହାରର ଗୟାସ୍ଥିତ ବୋଧିବିଘାରେ ମାଓବାଦୀମାନେ ଭାଜପା ନେତା ଅନୁଜ କୁମାର ସିଂଙ୍କ ଘରକୁ ବିସ୍ଫୋରଣରେ ଉଡ଼ାଇଦେଇଛନ୍ତି। ପ୍ରାୟ ୩୦ ସଶସ୍ତ୍ର ସିପିଆଇ ମାଓବାଦୀ ବୁଧବାର ଡିନାମାଇଟ୍ ବିସ୍ଫୋରଣ କରି ଏହି କାଣ୍ଡ ଭିଆଇଛନ୍ତି। ବିସ୍ଫୋରଣ ପୂର୍ବରୁ ଘର ଖାଲି କରିବାକୁ ମାଓବାଦୀମାନେ ନିର୍ଦ୍ଦେଶ ଦେଇଥିଲେ। ବିସ୍ଫୋରଣରେ କେହି ମୃତାହତ ହୋଇ ନ ଥିବାବେଳେ ଘର ସମ୍ପୂର୍ଣ୍ଣ ରୂପେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ମାଓବାଦୀମାନେ ସ୍ଥାନ ଛାଡ଼ି ଚାଲିଯିବା ପୂର୍ବରୁ ସେଠାରେ ଏକ ପୋଷ୍ଟର ଛାଡ଼ିଯାଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନକୁ ବର୍ଜନ କରିବା ପାଇଁ ଏଥିରେ ଆହ୍ୱାନ ଦିଆଯାଇଛି।

## ଇତିହାସର ଆଇନାରେ

### ମାର୍ଚ୍ଚ ୨୯ରେ ପ୍ରମୁଖ ଘଟଣା

୨୦୦୪ ମାର୍ଚ୍ଚ ୨୯ରେ ବୁଲଗେରିଆ, ଏଷ୍ଟୋନିଆ, ଲାଟଭିଆ, ଲିଥୁଆନିଆ, ରୋମାନିଆ, ସ୍ଲୋଭାକିଆ ଏବଂ ସ୍ଲୋଭେନିଆ 'ନାଟୋ'ରେ ଯୋଗ ଦେଇଥିଲେ। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍(ନାଟୋ) ହେଉଛି ଏକ ଆନ୍ତଃସରକାରୀ ସାମରିକ ମେଣ୍ଟ। ଏଥିରେ ୨୯ ଉତ୍ତର ଆମେରିକୀୟ ଏବଂ ୟୁରୋପୀୟ ଦେଶ ସାମିଲ ଅଛନ୍ତି।

୨୦୧୪ ମାର୍ଚ୍ଚ ୨୯ରେ ଇଂଲଣ୍ଡ ଓ ୱେଲ୍‌ସରେ ପ୍ରଥମକରି ସମଲିଙ୍ଗୀ ବିବାହ ଅନୁଷ୍ଠିତ ହୋଇଥିଲା। ବ୍ରିଟେନର ବିଭିନ୍ନ ଭାଗରେ ସମଲିଙ୍ଗୀ ବିବାହର ମାନ୍ୟତା ଭିନ୍ନ ଭିନ୍ନ। ଇଂଲଣ୍ଡ, ସ୍କଟ୍‌ଲାଣ୍ଡ ଏବଂ ୱେଲ୍‌ସରେ ସମଲିଙ୍ଗୀ ବିବାହ କରାଯାଉଥିବା ବେଳେ ନର୍ଦ୍ଦର୍ନ ଆୟର୍ଲାଣ୍ଡରେ ଏହା କରାଯାଏ ନାହିଁ।



ବାଂଲାଦେଶ ରାଜଧାନୀ ଢାକାର ବନାନୀ କମର୍ସିଆଲ ଡିଷ୍ଟ୍ରିକ୍ଟର ଏଫ୍‌ଆର୍ ଟାୱାରରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୭ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଫସିରହିଥିବା ଲୋକଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧାର କରାଯାଉଛି।



ଜମ୍ମୁ ନିକଟସ୍ଥ ଛୁମି ଗ୍ରାମରେ ଭାଜପାର ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

■ କର୍ନାଟକ ମନ୍ତ୍ରୀଙ୍କ ଘରେ ଚଢ଼ାଉ: ମୋଦିଙ୍କ ଉପରେ ବର୍ଷିଲେ କୁମାରସ୍ୱାମୀ

# ପ୍ରତିଶୋଧ ପାଇଁ ଆଇଟି ଅସ୍ତ୍ର

**ବେଙ୍ଗାଲୁରୁ,୨୮।୩**

କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ବୁଧବାର ଯାହା ଆଶଙ୍କା କରିଥିଲେ ୨୪ ଘଣ୍ଟା ନ ପୂରୁଣୁ ତାହା ସତ ହେଲା। ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଚାଲିଥିବାବେଳେ ରାଜ୍ୟର ଜଣେ ମନ୍ତ୍ରୀଙ୍କ ବାସଭବନରେ ଓ ଅନ୍ୟ ଜଣେ ମନ୍ତ୍ରୀଙ୍କ ସହଯୋଗୀମାନଙ୍କ ଘରେ ଆୟକର (ଆଇଟି) ବିଭାଗ ଚଢ଼ାଉ କରିଛି। କୁମାରସ୍ୱାମୀ ଏହାକୁ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ କାର୍ଯ୍ୟାନୁଷ୍ଠାନ ବୋଲି ଅଭିହିତ କରି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଉପରେ ବର୍ଷିଛନ୍ତି। ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ମେଣ୍ଟର ଅନେକ ନେତା ଓ ମନ୍ତ୍ରୀ କେନ୍ଦ୍ର ବିରୋଧରେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ସଦ୍ୟ ଘଟଣାକ୍ରମ କର୍ନାଟକ ତଥା ଦେଶର ରାଜନୈତିକ ପାଣିପାଗକୁ ଉଷ୍ମ କରିଛି।

କର୍ନାଟକ ରାଜଧାନୀ ବେଙ୍ଗାଲୁରୁରେ ଗୁରୁବାର ଭୋର ସମୟରେ ଆୟକର ବିଭାଗ ଅଧିକାରୀ ଏବଂ ସିଆର୍‌ପିଏଫ୍ ଯବାନମାନେ କ୍ଷୁଦ୍ର ଜଳସେଚନ ମନ୍ତ୍ରୀ ସି.ଏସ୍. ପୁଟ୍ଟାରାଜୁ ଓ ତାଙ୍କ ପୁତୁରାଙ୍କ ଘରେ ଚଢ଼ାଉ କରିଥିଲେ। ସେହିପରି ପିଡବ୍ଲୁଡି ମନ୍ତ୍ରୀ ଏଚ୍.ଡି. ରେଭାନ୍ନାଙ୍କ ଘନିଷ୍ଠ ସହଯୋଗୀ ନାରାୟଣ ରେଡ୍ଡୀ, ଅଶ୍ୱତ୍ଥ ଗୌଡ଼ା ଓ ରାୟା ଗୌଡ଼ାଙ୍କ ହାସନସ୍ଥିତ ବାସଭବନ ସମେତ ୧୫ରୁ ୨୦ ସ୍ଥାନରେ ଚଢ଼ାଉ ହୋଇଥିବା କିଛି ସମୟ ପରେ ଖବର ଆସିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ



କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆୟକର ଚଢ଼ାଉ ପ୍ରତିବାଦରେ ବିକ୍ଷୋଭ କରୁଛନ୍ତି।

ନାତି ତଥା ରେଭାନ୍ନାଙ୍କ ପୁଅ ପ୍ରଜ୍ୱଳ ହାସନ ଲୋକ ସଭା ଆସନରୁ ଏଥର ନିର୍ବାଚନ ଲଢ଼ୁଛନ୍ତି। ତେଣୁ ଏହା ପଛରେ କେନ୍ଦ୍ରର ପ୍ରତିଶୋଧମୂଳକ ରାଜନୀତି ରହିଥିବା ମେଣ୍ଟ ସରକାରର ମନ୍ତ୍ରୀମାନେ ଅଭିଯୋଗ ଆଣିଛନ୍ତି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ଆଇଟି ଚଢ଼ାଉକୁ ନିନ୍ଦା କରି ଟୁଇଟ୍ କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ଆଇଟି ଚଢ଼ାଉ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରକୃତ ସର୍ଜିକାଲ ଷ୍ଟ୍ରାଇକ୍ ଏବେ ପଦାରେ ପଡ଼ିଛି। କର୍ନାଟକର ଆଇଟି ବିଭାଗ ମୁଖ୍ୟ ବି.ଆର୍. ବାଲାକ୍ରିଷ୍ଣନ୍‌ଙ୍କୁ ଅବସର ପରେ ସାମ୍ବିଧାନିକ ପଦ ଦିଆଯିବ ବୋଲି ଯଚାଯାଇଥିବାରୁ ପ୍ରତିଶୋଧ ନେବା ପାଇଁ ସେ ମୋଦିଙ୍କୁ ସହଯୋଗ କରିଛନ୍ତି। ବାଲାକ୍ରିଷ୍ଣନ୍ ରାଜ୍ୟପାଳ ପଦବୀ ଲୋଭରେ ମୋଦିଙ୍କ ରାଜନୈତିକ ଏଜେଣ୍ଟ ଭଳି କାର୍ଯ୍ୟ କରୁଛନ୍ତି। ନିର୍ବାଚନ ସମୟରେ ବିରୋଧୀଙ୍କୁ ହଇରାଣ କରିବା ପାଇଁ ସରକାରୀ କଳ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବ୍ୟବହାର କରିବା ଅତ୍ୟନ୍ତ ନିନ୍ଦନୀୟ। ସେହିପରି ଜେଡିଏସ୍ ନେତା ପୁଟ୍ଟାରାଜୁ କହିଛନ୍ତି, ଆଇଟି ଅଧିକାରୀଙ୍କ ୩ ଟିମ୍ ଏବଂ ସିଆର୍‌ପିଏଫ୍ ଯବାନମାନେ ମାଣ୍ଡ୍ୟାର ଚିନ୍ନାକୁର୍ଲିସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରିଛନ୍ତି। ସେମାନେ ମହୀଶୂରସ୍ଥିତ ତାଙ୍କ ପୁତୁରା ଅଶୋକଙ୍କ ଘରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏଥିରେ ସେ ଭୟଭୀତ ହେବେନାହିଁ। ଏହା ତାଙ୍କର ଆତ୍ମବିଶ୍ୱାସ ବଢ଼ାଇଛି। ଭଜପା ନେତାଙ୍କ ଘରେ କାହିଁକି ଚଢ଼ାଉ କରାଯାଉନାହିଁ ବୋଲି ପୁଟ୍ଟାରାଜୁ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କ ପୁଅ ନିଖିଲ କୁମାରସ୍ୱାମୀ ମାଣ୍ଡ୍ୟା ଲୋକ ସଭା ଆସନରୁ ପ୍ରଥମଥର ପାଇଁ ନିର୍ବାଚନ ଲଢ଼ି ରାଜନୈତିକ କ୍ୟାରିୟର ଆରମ୍ଭ କରୁଛନ୍ତି। ଜେଡିଏସ୍ ତାଙ୍କ ନିର୍ବାଚନ ପରିଚାଳନା ଦାୟିତ୍ୱ ପୁଟ୍ଟାରାଜୁଙ୍କୁ ଦେଇଛି। ଏଥିଲାଗି ଦେବେଗୌଡ଼ାଙ୍କ ଦୁଇନାତିଙ୍କୁ ରାଜନୈତିକ ମଇଦାନରେ ଝଟକା ଦେବା ପାଇଁ ମୋଦି ଆଇଟି ବିଭାଗକୁ ନିର୍ଦ୍ଦେଶ ଦେଇଥିବା ମେଣ୍ଟ ନେତାମାନେ ଅଭିଯୋଗ ଆଣିଛନ୍ତି। ଆୟକର ବିଭାଗର ଏହି ଚଢ଼ାଉ ପ୍ରତିବାଦରେ କୁମାରସ୍ୱାମୀ, ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର, କେପିସିସି ସଭାପତି ଦୀନେଶ ଗୁଣ୍ଡୁରାଓ ଓ ମନ୍ତ୍ରୀ ଡି.କେ. ଶିବକୁମାର ବେଙ୍ଗାଲୁରୁର ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ପ୍ରକାଶ ଯେ, ଜେଡିଏସ୍ ଏବଂ କଂଗ୍ରେସ ନେତାଙ୍କ ଘରେ ଚଢ଼ାଉ ହୋଇପାରେ। ଏଥିଲାଗି ଦେଶର ବିଭିନ୍ନ ସ୍ଥାନରୁ ସିଆର୍‌ପିଏଫ୍ ଯବାନଙ୍କୁ ମଗାଯାଇଛି ବୋଲି ବୁଧବାରି କୁମାରସ୍ୱାମୀ ଆଶଙ୍କା ବ୍ୟକ୍ତ କରିଥିଲେ। ଗୋପନୀୟତା ବଜାୟ ରଖିବା ପାଇଁ ରାଜ୍ୟ ପୋଲିସର ସହାୟତା ନିଆଯାଉ ନାହିଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପରେ କେନ୍ଦ୍ର ସରକାର ଏବେ ତାଙ୍କୁ ଟାର୍ଗେଟ କରିବାକୁ ଯାଉଛନ୍ତି ବୋଲି ବୁଧବାର କୁମାରସ୍ୱାମୀ କହିଥିଲେ। ରାଜ୍ୟ ଭାଜପା ସଭାପତି ବି.ଏସ୍. ୟେଦ୍ଦୁରପ୍ପାଙ୍କ ଘରେ ପୂର୍ବରୁ ନୋଟ୍ ଗଣିବା ମେଶିନ ମିଳିଥିଲା। ପୁଟ୍ଟାରାଜୁଙ୍କ ଘରୁ ସେଭଳି ମେଶିନ୍ ଜବତ ହୋଇଛି କି? ୟେଦ୍ଦୁରପ୍ପା ବିନା ଟଙ୍କାରେ ନିର୍ବାଚନ ଜିତିପାରିବେ କି ବୋଲି ଗୁରୁବାର ଚଢ଼ାଉ ପରେ କୁମାରସ୍ୱାମୀ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଏହା ରାଜନୈତିକ ପ୍ରତିଶୋଧ ନୁହେଁ, ବରଂ ବିଶ୍ୱସନୀୟ ସୂଚନା ଆଧାରରେ ଚଢ଼ାଉ କରାଯାଇଛି ବୋଲି ବାଲାକ୍ରିଷ୍ଣନ୍ ସ୍ପଷ୍ଟ କରିଛନ୍ତି।

■ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ଉଦ୍ୟମ

## ଜାତିସଂଘରେ ଆମେରିକାର ଚିଠା ପ୍ରସ୍ତାବ

**ଜାତିସଂଘ,୨୮।୩(ପି.ଟି.)**

ଜୈଶ-ଇ-ମହମ୍ମଦ୍ ମୁଖ୍ୟ ମାସୁଦ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ପାଇଁ ଆମେରିକା ସମେତ ଫ୍ରାନ୍ସ ଓ ବ୍ରିଟେନ୍ ଜାତିସଂଘ ନିରାପତ୍ତା ପରିଷଦରେ ଏକ ଚିଠାପ୍ରସ୍ତାବ(ଡ୍ରାଫ୍ଟ ରିଜୋଲ୍ୟୁଶନ୍) ବୁଲାଇଛନ୍ତି। ପରିଷଦର ୧୨୬୭ ଅଲ୍ କାଏଦା ସାଙ୍କ୍‌ସନ୍ କମିଟି ଅଧୀନରେ ଆଝାରଙ୍କୁ କଳା ତାଲିକାଭୁକ୍ତ କରିବାର ପ୍ରସ୍ତାବକୁ ଚାଇନା ସ୍ଥଗିତ ରଖିବାର ଦୁଇ ସପ୍ତାହ ପରେ ଆମେରିକା ବୁଧବାର ଏ ସଂକ୍ରାନ୍ତୀୟ ଚିଠା ପ୍ରସ୍ତାବ ୧୫ ସଦସ୍ୟ ରାଷ୍ଟ୍ରଙ୍କ ଅବଗତି ନିମନ୍ତେ କାଉନସିଲ୍‌ରେ ପ୍ରସାର କରିଥିଲା। ଜେଇଏମ୍ ଆତଙ୍କବାଦୀ ଗୋଷ୍ଠୀର ନେତା ଆଝାରଙ୍କୁ କଳା ତାଲିକାଭୁକ୍ତ କରିବା ସହିତ ତାଙ୍କର ଚଳାଚଳକୁ ନିଷିଦ୍ଧ କରିବା, ସମ୍ପତ୍ତି ଜବତ ଏବଂ ମାରଣାସ୍ତ୍ର ଚାଲାଣରେ କଟକଣା ବିଷୟ ଉକ୍ତ ଚିଠାପ୍ରସ୍ତାବରେ ଉଲ୍ଲେଖ ରହିଛି। ଜାତିସଂଘ ସୂତ୍ରରୁ ମିଳିଥିବା ସୂଚନା



ଅନୁଯାୟୀ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା ପାଇଁ ପ୍ରଥମ ଥର ଲାଗି ଆମେରିକା, ବ୍ରିଟେନ୍ ଏବଂ ଫ୍ରାନ୍ସ ଉକ୍ତ ଚିଠାପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ଏହି ରାଷ୍ଟ୍ରଗୁଡିକ ପୂର୍ବରୁ ମଧ୍ୟ ଜେଇଏମ୍ ମୁଖ୍ୟଙ୍କ ବିରୋଧରେ କଟକଣା ଜାରି ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଆସୁଛନ୍ତି। ଏଥିପାଇଁ କୌଣସି ରାଷ୍ଟ୍ର ଆପତ୍ତି ଉଠାଇବା ସକାଶେ ୧୦ଦିନ ଧାର୍ଯ୍ୟ କରାଯାଇଛି।

## ଅର୍ଥନୀତିଜ୍ଞ ଅଟକ ପରେ ମୁକ୍ତ

**ରାଞ୍ଚି,୨୮।୩(ପି.ଟି.)**

ଝାଡ଼ଖଣ୍ଡରେ ବିନା ଅନୁମତିରେ ସଭା କରୁଥିବା ଅଭିଯୋଗରେ ବିଶିଷ୍ଟ ଅର୍ଥନୀତିଜ୍ଞ ଜିନ୍ ଡ୍ରେଜେଙ୍କୁ ପୋଲିସ ଅଟକ ରଖି ପରେ ଛାଡ଼ିଦେଇଛି। ବେଲ୍‌ଜିୟମ୍‌ରେ ଜନ୍ମିତ ତଥା ବର୍ତ୍ତମାନ ଭାରତୀୟ ନାଗରିକ ଡ୍ରେଜେ ଗରହ୍ୱା ଜିଲା ବିଷନପୁରା ବଜାରରେ ଝାଡ଼ଖଣ୍ଡରେ ଅନାହାର ମୃତ୍ୟୁ ନେଇ ଏକ ସାଧାରଣ ସଭାରେ ଭାଷଣ ଦେଉଥିଲେ। ଏଥିପାଇଁ ସ୍ଥାନୀୟ ପ୍ରଶାସନଠାରୁ ଆବଶ୍ୟକ ଅନୁମତି ସେ ନେଇ ନ ଥିଲେ। ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଜାରି ହୋଇଥିବାରୁ ସେ ଏହାକୁ ଉଲ୍ଲଂଘନ କରିଥିବା ଦର୍ଶାଇ ପୋଲିସ ତାଙ୍କ ସହ ୨ ସହଯୋଗୀଙ୍କୁ ଅଟକ ରଖିଥିଲା।



ଜିନ୍ ଡ୍ରେଜେ

ପରେ ତାଙ୍କୁ ଛାଡ଼ିଦିଆଯାଇଛି। ଡ୍ରେଜେ କହିଛନ୍ତି, ଏହା ଏକ ଶାନ୍ତିପୂର୍ଣ୍ଣ ତଥା ଅଣରାଜନୈତିକ ସଭା ଥିଲା। ଗଣତନ୍ତ୍ର କିପରି ସଙ୍କୁଚିତ ହେବାରେ ଲାଗିଛି ଓ ସମସ୍ତ ପ୍ରକାର ସ୍ୱାଧୀନତାକୁ ଛଡ଼ାଇ ନିଆଯାଉଛି ପୋଲିସ କାର୍ଯ୍ୟାନୁଷ୍ଠାନରୁ ତାହା ବୁଝାପଡୁଛି।

## ରାହୁଲଙ୍କୁ ଭେଟିଲେ ଶତ୍ରୁଘ୍ନ



ଭାଜପା ଏମ୍‌ପି ଶତ୍ରୁଘ୍ନ ସିହ୍ନା ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟୁଛନ୍ତି।

**ନୂଆଦିଲ୍ଲୀ,୨୮।୩(ପି.ଟି.)**

### ୬ରେ କଂଗ୍ରେସରେ ମିଶିବେ

ବିଦ୍ରୋହୀ ଭାଜପା ଏମ୍‌ପି ଶତ୍ରୁଘ୍ନ ସିହ୍ନା ଗୁରୁବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରିଛନ୍ତି। ଶତ୍ରୁଘ୍ନ ଏପ୍ରିଲ ୬ରେ ଆନୁଷ୍ଠାନିକ ଭାବେ କଂଗ୍ରେସରେ ସାମିଲ ହେବେ ବୋଲି କଂଗ୍ରେସ ମୁଖପାତ୍ର ଶକ୍ତି ସିଂ ଗୋହିଲ ଟୁଇଟ୍ କରିଛନ୍ତି।

ସୂଚନାନୁସାରେ ଶତ୍ରୁଘ୍ନଙ୍କୁ ପାଟନା ସାହିବ ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ କରିପାରେ। ଏହି ଆସନରୁ ଶତ୍ରୁଘ୍ନ ପ୍ରତିନିଧିତ୍ୱ କରୁଥିବାବେଳେ ଭାଜପା ଏଥର ତାଙ୍କୁ ଟିକେଟ ଦେଇନାହିଁ। ତାଙ୍କ ବଦଳରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଭାଜପା ପ୍ରାର୍ଥୀ କରିଛି। ପ୍ରକାଶ ଯେ, ଅଭିନେତାରୁ ରାଜନେତା ପାଲଟିଥିବା ଶତ୍ରୁଘ୍ନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ବିଭିନ୍ନ ଅବସରରେ ଏକଛତ୍ରବାଦୀ ବୋଲି ସମାଲୋଚନା କରିଆସିଛନ୍ତି। ଭାଜପାର ବର୍ଷୀୟାନ ନେତା ଏଲ୍.କେ. ଆଡଭାନୀ ଓ ମୁରଲୀ ମନୋହର ଜୋଷୀଙ୍କୁ ଦଳ ଟିକେଟ ଦେଇ ନ ଥିବାରୁ ଭାଜପାକୁ ସେ ନିନ୍ଦା କରିଛନ୍ତି।

## ମୋଦିଙ୍କୁ ହତ୍ୟା ପାଇଁ ମୋତେ ଯୋଗାଯୋଗ କର

**ଜୟପୁର,୨୮।୩(ପି.ଟି.)**

### ଫେସ୍‌ବୁକ୍‌ରେ ପୋଷ୍ଟିଂ କରି ଯୁବକ ଗିରଫ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟାକରିବା ପାଇଁ ଫେସ୍‌ବୁକ୍‌ରେ କଣ୍ଟ୍ରାକ୍ଟ ନେବା ଲାଗି ପୋଷ୍ଟିଂ କରିଥିବା ଜଣେ ଯୁବକଙ୍କୁ ଗୁରୁବାର ରାଜସ୍ଥାନ ପୋଲିସ ଗିରଫ କରିଛି। ଅଭିଯୁକ୍ତ ନବୀନ କୁମାର ଯାଦବ ହେଉଛନ୍ତି ହରିୟାଣାର ରେୱାରି ବାସିନ୍ଦା। ସେ ଏବେ ଜୟପୁରର ତ୍ରିବେଣୀ ନଗରରେ ରହୁଛନ୍ତି। ଗତ ୨୬ରେ ନବୀନ ଫେସ୍‌ବୁକ୍‌ରେ ଏକ ପୋଷ୍ଟିଂ କରିଥିଲେ। ଏଥିରେ ସେ ଲେଖିଥିଲେ, ମୋଦିଙ୍କୁ ହତ୍ୟାକରିବା ପାଇଁ ତାଙ୍କ ପାଖରେ ଏକ ଯୋଜନା ରହିଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯିଏ ଆଗ୍ରହୀ ସେ ତାଙ୍କୁ ଯୋଗାଯୋଗ କରନ୍ତୁ। ଏହି ଆପତ୍ତିଜନକ ପୋଷ୍ଟିଂ ସମ୍ପର୍କରେ ପୋଲିସ କଣ୍ଟ୍ରୋଲ ରୁମ୍‌ରେ ଅଭିଯୋଗ ହୋଇଥିଲା। ସାଇବର ସେଲ୍‌ର ସହାୟତାରେ ଅଭିଯୁକ୍ତ ନବୀନଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି। ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ନେଇ ନବୀନ ଅସନ୍ତୁଷ୍ଟ ଥିବାରୁ ଏପରି କରିଥିବା ପୋଲିସ ଆଗରେ ମାନିଛନ୍ତି। ଏହା ପୂର୍ବରୁ ମଧ୍ୟ ସେ ଏଭଳି ଏକାଧିକ ପୋଷ୍ଟିଂ କରିଥିଲେ ବୋଲି ପୋଲିସ କହିଛି।

## ଛାତ୍ରଙ୍କୁ ପିଟି ହତ୍ୟା

**ଡେରାଡୁନ,୨୮।୩(ପି.ଟି.)**- ଉତ୍ତରାଖଣ୍ଡର ଋଷିକେଶରେ ଗୁରୁବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ତାଙ୍କ ସିନିୟରମାନେ ହତ୍ୟା କରିଛନ୍ତି। ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ହତ୍ୟାକାଣ୍ଡକୁ ଚପାଇଦେବା ପାଇଁ ତାଙ୍କ ମୃତଦେହକୁ କ୍ୟାମ୍ପସରେ ପୋତି ଦେଇଥିଲେ। ଶିଶୁ ଅଧିକାର ସୁରକ୍ଷା ଉତ୍ତରାଖଣ୍ଡ କମିଶନଙ୍କ ହସ୍ତକ୍ଷେପ ପରେ ଗତ ୧୦ ତାରିଖରେ ଘଟିଥିବା ଏହି ଘଟଣା ଏବେ ଲୋକଲୋଚନକୁ ଆସିଛି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୯ | ୨୨.୪ |
| ଚାନ୍ଦବାଲି | ୩୬.୨ | ୨୫.୦ |
| କଟକ | ୩୬.୨ | ୨୩.୦ |
| ପାରାଦ୍ୱୀପ | ୩୧.୭ | ୨୬.୭ |
| ଭୁବନେଶ୍ୱର | ୩୭.୬ | ୨୪.୯ |
| ଗୋପାଳପୁର | ୩୨.୦ | ୨୫.୦ |
| ପୁରୀ | ୩୨.୮ | ୨୬.୬ |
| ଅନୁଗୋଳ | ୩୭.୧ | ୨୦.୦ |
| ବାରିପଦା | ୩୪.୮ | ୨୩.୫ |
| ଝାରସୁଗୁଡ଼ା | ୩୭.୮ | ୨୦.୨ |
| କେନ୍ଦୁଝର | ୩୩.୭ | ୨୧.୫ |
| ସମ୍ବଲପୁର | ୩୭.୦ | ୨୦.୨ |
| ସୁନ୍ଦରଗଡ଼ | ୩୭.୦ | ୧୯.୦ |
| ହୀରାକୁଦ | ୩୭.୩ | ୨୩.୪ |
| ତାଳଚେର | ୩୭.୯ | ୨୧.୪ |
| ଭବାନୀପାଟଣା | ୩୭.୦ | ୨୩.୦ |
| ବଲାଙ୍ଗୀର | ୩୮.୦ | ୨୧.୦ |
| କୋରାପୁଟ | ୩୬.୦ | ୧୯.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୦.୫ |
| ମାଲକାନଗିରି | ୪୦.୫ | ୨୧.୦ |
| ସୋନପୁର | ୩୭.୬ | ୧୯.୪ |
| ଦାରିଙ୍ଗିବାଡ଼ି | ୩୪.୦ | ୧୮.୫ |

ଡିଗ୍ରୀ ସେଲ୍‌ସିୟସ୍

## 'ରାମ୍ କୀ ଜନ୍ମଭୂମି' ରିଲିଜ ଅଯୋଧ୍ୟା ବିବାଦ ମଧ୍ୟସ୍ଥତାକୁ ପ୍ରଭାବିତ କରିବ ନାହିଁ

**ନୂଆଦିଲ୍ଲୀ:** 'ରାମ କୀ ଜନ୍ମଭୂମି' ରିଲିଜ ହେବାଦ୍ୱାରା ଅଯୋଧ୍ୟା ବିବାଦର ସମାଧାନ ପାଇଁ ବର୍ତ୍ତମାନର ମଧ୍ୟସ୍ଥତା ପଦ୍ଧତିକୁ କୌଣସି ପ୍ରକାରେ ପ୍ରଭାବିତ କରିବ ନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର ସ୍ପଷ୍ଟ କରିଛନ୍ତି।

ବିଚାରପତି ଏସ୍.ଏ. ବୋବ୍‌ଡେ ଏବଂ ବିଚାରପତି ଏସ୍. ଅବ୍‌ଦୁଲ ନଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ପକ୍ଷରୁ କୁହାଯାଇଛି, ଉକ୍ତ ଫିଲ୍ମର ରିଲିଜ ଉପରେ ସ୍ଥଗିତାଦେଶ ପାଇଁ କରାଯାଇଥିବା ଆବେଦନର ଜରୁରୀ ଶୁଣାଣିକୁ ଅଗ୍ରାହ୍ୟ କରିଦିଆଯାଇଛି। ଏହା ରିଲିଜ ହେଲେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିହେବା ସହିତ ବର୍ତ୍ତମାନ ଅଯୋଧ୍ୟା ବିବାଦର ମଧ୍ୟସ୍ଥତା ପ୍ରଭାବିତ ହୋଇପାରେ ବୋଲି



ଆବେଦନକାରୀ ଅନୁଭବ କରିଥିଲେ। ତେବେ ଏହି ବିବାଦ ସହ ଜଡିତ ଗୋଷ୍ଠୀ ସମସ୍ୟା ସମାଧାନ ପାଇଁ ଇଚ୍ଛାକଲେ ଫିଲ୍ମ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଫିଲ୍ମ ରିଲିଜ ବନ୍ଦ କରିବା ନିମନ୍ତେ ପ୍ରିନ୍ସ ୟାକୁବ୍ ହବିବୁଦ୍ଦିନ୍ ଟୁସି ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ କରିଥିଲେ। ଦିଲ୍ଲୀ ହାଇକୋର୍ଟ ତାଙ୍କ ଆବେଦନ ଗ୍ରହଣ କରିବାକୁ ମନା କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଟୁସିଙ୍କ ପକ୍ଷରୁ ତାଙ୍କ ଓକିଲ ଲିଲି ଥୋମାସ୍‌ଙ୍କ ଦ୍ୱାରା କରାଯାଇଥିବା ଏ ସମ୍ପର୍କିତ ଆବେଦନର ଶୁଣାଣି ସମୟରେ ଖଣ୍ଡପୀଠ ଏହି ମତ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ଏଫ୍.ଏମ୍.ଆଇ. କାଲିଫୁଲ୍ଲାଙ୍କ ନେତୃତ୍ୱରେ ଏକ ପ୍ୟାନେଲ ଗଠନ କରାଯାଇଛି। ଏଥିରେ ସଦସ୍ୟ ଅଛନ୍ତି ଆର୍ଟ ଅଫ୍ ଲିଭିଙ୍ଗ୍ ପ୍ରଣେତା ରବିଶଙ୍କର ଏବଂ ବରିଷ୍ଠ ଆଡ୍‌ଭୋକେଟ୍ ଶ୍ରୀରାମ ପଞ୍ଚୁ। ଉକ୍ତ ପ୍ୟାନେଲ୍ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ଅଯୋଧ୍ୟା ବିବାଦର ସମାଧାନ ପାଇଁ ମଧ୍ୟସ୍ଥତା କରୁଛି।

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୨୯/୨୦୧୯ | Sambalpur, Friday, March 29 / 2019 | ପୃଷ୍ଠା-୧




**ଶିବେନ୍ଦ୍ର ହେବେ ସହକାରୀ କୋଚ୍**

ଭାରତର ପୂର୍ବତନ ସେଣ୍ଟର ଫରୱାର୍ଡ ଶିବେନ୍ଦ୍ର ସିଂ ଜାତୀୟ ପୁରୁଷ ହକି ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି ପାଇବେ।

୧୩ ୦୪

**ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାକୁ ମାଧୁରୀଙ୍କ ଖଣ୍ଡନ**

ଆସନ୍ତା ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଖବରକୁ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଖଣ୍ଡନ କରିଛନ୍ତି।




ମହାନଦୀ ପାଣି ବନ୍ଦ କଲା ଛତିଶଗଡ଼। କେନ୍ଦ୍ରର ବିଜେପି ସରକାର ଏହାକୁ ସମର୍ଥନ କଲା।
ପୋଲାଭରମ ପ୍ରସଙ୍ଗରେ ଆନ୍ଧ୍ରପ୍ରଦେଶକୁ ସମର୍ଥନ କଲା।

ଏହା କେନ୍ଦ୍ର ଅବହେଳା ନୁହେଁ ତ ଆଉ କ'ଣ?

୨୧ ରୁ ୨୧ ରେ 'ଶଙ୍ଖ'କୁ ଜିତାଇବା
ଓଡ଼ିଶାର ହକ୍ ପାଇଁ ଲଢ଼ିବା।

ବିଜୁ ଜନତା ଦଳ


# କଟକରେ ଚାହୁଁନାହାନ୍ତି, ଢେଙ୍କାନାଳରେ ପାଉନାହାନ୍ତି

## ୩ ଏମ୍‌ପି ଆସନକୁ ନେଇ ବିଜେଡିରେ ଦ୍ୱନ୍ଦ୍ୱ

**ନିର୍ମଳ ପଣ୍ଡା**
**କଟକ ଅଫିସ,୨୮।୩**



କଟକରେ ବର୍ତ୍ତମାନର ଏମ୍‌ପିଙ୍କୁ ପୁଣି ଟିକେଟ ଦେବାକୁ ବିଜେଡି ଚାହୁଁନାହିଁ। ଅନ୍ୟପକ୍ଷରେ ଢେଙ୍କାନାଳ ଏମ୍‌ପି ଆସନ ପାଇଁ ବିଜେଡି ପ୍ରାର୍ଥୀ ପାଉନାହିଁ। ଏଭଳି ଏକ ଚର୍ଚ୍ଚା ଏବେ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ରାଜନୀତି ଖଟିରେ ଜୋର୍ ଧରିଛି। ଏହି ଦୁଇଟି ଲୋକ ସଭା ଆସନରୁ ବିଜେଡିର ଦୁଇ ହେଭିୱେଟ୍ ନେତା ପ୍ରତିନିଧିତ୍ୱ କରି ଆସୁଛନ୍ତି। ଇତିମଧ୍ୟରେ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ ନିର୍ବାଚନୀ ରାଜନୀତିରୁ ଓହରି ଯାଇଥିବା ଘୋଷଣା କରିଛନ୍ତି। ତେଣୁ ଏହି ଆସନ ପାଇଁ ବିଜେଡି ଉପଯୁକ୍ତ ପ୍ରାର୍ଥୀ ଖୋଜୁଛି। ତେବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଆଶାୟୀ ପ୍ରାର୍ଥୀ ଦୌଡ଼ରେ ରହିଥିଲେ ମଧ୍ୟ ଦଳ ତାଙ୍କ ନାମକୁ ଘୋଷଣା ନ କରି ଝୁଲାଇ ରଖିଛି। ହୁଏତ ମହତାବଙ୍କୁ ଦଳ ଷଷ୍ଠଥର ପାଇଁ ପ୍ରାର୍ଥୀ କରିବା ପାଇଁ ବିଜେଡି ଚାହୁଁ ନ ଥିବା ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି। ମୁଖ୍ୟତଃ ଭାଜପା ପକ୍ଷରୁ ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ରଙ୍କୁ କଟକ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯିବା ପରେ ବିଜେଡି ଅଦ୍ୟାବଧି ପ୍ରାର୍ଥୀଙ୍କୁ ନେଇ ଦ୍ୱନ୍ଦ୍ୱରେ ରହିବା ଏଭଳି ଆଲୋଚନାକୁ ଅଧିକ ଖୋରାକ ଯୋଗାଇଛି। ଅନ୍ୟପକ୍ଷରେ କେନ୍ଦୁଝର ଲୋକ ସଭା ଆସନକୁ ନେଇ ମଧ୍ୟ ବିଜେଡି ସମାନ ସ୍ଥିତିର ସମ୍ମୁଖୀନ ହେଉଛି। ଏଠାରେ କାହାକୁ ଏମ୍‌ପି ଟିକେଟ ଦେଲେ ଦଳର ମର୍ଯ୍ୟାଦା ରକ୍ଷା ହେବ ସେଥିପାଇଁ କସରତ ଚାଲିଛି।

ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ଗୁରୁବାରଠାରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟରେ ହେବାକୁ ଥିବା କଟକ ଲୋକସଭା ଆସନ ପାଇଁ କଂଗ୍ରେସ ପକ୍ଷରୁ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କ ନାମ ଆପାତତଃ ଚୂଡ଼ାନ୍ତ ହୋଇଥିବା ଦଳୀୟ ନେତାମାନେ ସିଧାସଳଖ କହିଛନ୍ତି। କିନ୍ତୁ ବିଜେଡିର ବିଳମ୍ବିତ ପ୍ରକ୍ରିୟା ପ୍ରାର୍ଥୀଙ୍କ ଜିତିବା ଆଶାକୁ ମଉଳେଇ ଦେଉଛି। ଭର୍ତ୍ତୃହରି ଏହି ଆସନରୁ ଲଗାତର ୫ଥର ପ୍ରାର୍ଥୀ ହେବା ସହିତ ପ୍ରତ୍ୟେକ ନିର୍ବାଚନରେ ବିପୁଳ ଭୋଟ ବ୍ୟବଧାନରେ ଜିତି ଆସୁଛନ୍ତି। ସେହିଭଳି ଜଣେ ଦକ୍ଷ ପାର୍ଲାମେଣ୍ଟାରିଆନ ଭାବେ ସେ ସୁନାମ ଅର୍ଜନ କରିଛନ୍ତି। ହେଲେ ଶେଷ ପର୍ଯ୍ୟନ୍ତ ଏହି ଆସନ ଝୁଲି ରହିବା ଯୋଗୁ ବିଜେଡି ନେତାଙ୍କ ପାଖରେ ଭର୍ତ୍ତୃହରିଙ୍କ ବିଶ୍ୱସନୀୟତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଭର୍ତ୍ତୃହରିଙ୍କ ମତାମତ ପାଇଁ ଧରିତ୍ରୀ ପକ୍ଷରୁ ଉଦ୍ୟମ ହୋଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ତାଙ୍କର ଜଣେ ରାଜନୈତିକ ସହଯୋଗୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, କ'ଣ ପାଇଁ ଦଳ କଟକ ଆସନକୁ ଝୁଲାଇ ରଖିଛି ଏହାର ଯଥାଯଥ ଉତ୍ତର କେବଳ ନବୀନ ପଟ୍ଟନାୟକ ହିଁ ଦେଇପାରିବେ। ଭର୍ତ୍ତୃହରିଙ୍କ ନାମ ଘୋଷଣା ନ ହେବା ଦ୍ୱାରା ଏକ ଖରାପ ବାର୍ତ୍ତା ବାହାରକୁ ଯାଉଛି କି ପ୍ରଶ୍ନରେ ସେ କହିଥିଲେ, ଯାହା ☞ପୃଷ୍ଠା-୨

# ଆଜି ଜୟପୁର ଆସୁଛନ୍ତି ମୋଦି

**ଜୟପୁର,୨୮।୩(ଡି.ଏନ୍.ଏ./ନି.ପ୍ର.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କୋରାପୁଟ ଜିଲା ଜୟପୁର ଗସ୍ତରେ ଆସୁଛନ୍ତି। ଅବିଭକ୍ତ କୋରାପୁଟ ଜିଲାର ସଂସଦୀୟ ଓ ବିଧାନସଭା କ୍ଷେତ୍ରର ପ୍ରାର୍ଥୀମାନଙ୍କ ପାଇଁ ସେ ନିର୍ବାଚନୀ ପ୍ରଚାର କରିବା ସହ ରାଜ୍ୟ ପାଇଁ ଭାଜପାର 'ମିଶନ ୧୨୦'ର ଶୁଭାରମ୍ଭ କରିବେ। ଜୟପୁରରୁ ହିଁ ହେବ ପୂର୍ବ ଭାରତରେ ଭାଜପାର ପ୍ରଚାର କାର୍ଯ୍ୟକ୍ରମର ଶୁଭାରମ୍ଭ। ପ୍ରଧାନମନ୍ତ୍ରୀ ମୋଦି ଜଗଦଲପୁରରୁ ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୦ଟା ୫୦ରେ ଜୟପୁର ପହଞ୍ଚିବା ପରେ ୧୧ଟା ବେଳେ ସଭାକୁ ସମ୍ବୋଧିତ କରିବେ। ୧୧ଟା ୪୫ରେ ସେଠାରୁ ଫେରିବା କାର୍ଯ୍ୟକ୍ରମ ରହିଛି। ଗସ୍ତ ପୂର୍ବରୁ ଗୁରୁବାର ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବରିଷ୍ଠ ନେତା ବିଜୟ ମହାପାତ୍ର ଜୟପୁରରେ ପହଞ୍ଚି ପ୍ରସ୍ତୁତି ତଦାରଖ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏଇ ନିକଟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଜୟପୁର ଗସ୍ତକରି ନିଜ ଦଳର ପ୍ରତିଶ୍ରୁତି ଓ ଇସ୍ତାହାର ସ୍ଥାନୀୟ ଜନସାଧାରଣଙ୍କ ପାଖରେ ରଖିସାରିଛନ୍ତି। ଏବେ ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର ଅବିଭକ୍ତ କୋରାପୁଟର ଭୋଟରଙ୍କୁ କେଉଁ ପ୍ରକାର ପ୍ରତିଶ୍ରୁତି ଦେଉଛନ୍ତି ଓ ସେଠାରେ କି ପ୍ରକାର ପ୍ରସଙ୍ଗ ଉପସ୍ଥାପନ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିବ।

ଏହି ଗସ୍ତ ପାଇଁ ଗୁରୁବାର ଜୟପୁର ସହର ଓ ବାଙ୍କବିଜ ପଡିଆ ସଭାସ୍ଥଳ କେନ୍ଦ୍ରୀୟ ଓ ରାଜ୍ୟ ସୁରକ୍ଷାବଳ ଛାଉଣିରେ ପରିଣତ ହୋଇଛି। କେନ୍ଦ୍ରୀୟ ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି), ବିଏସ୍‌ଏଫ୍, ☞ପୃଷ୍ଠା-୨





ପାଆନ୍ତୁ ଗୋଲଡ୍ ଲୋନ୍ EMI* ବିନା

ପ୍ରସ୍ତୁତ କରୁଛୁ ICICI Bank ଗୋଲଡ୍ ଲୋନ୍।
ଅବଧି ଶେଷ ହେବା ପରେ ଲୋନ୍ ଏବଂ ସୁଧ ପରିଶୋଧ କରନ୍ତୁ।

କମ୍ ସୁଧ ହାର

ଅଳ୍ପ କେତେ ମିନିଟ୍‌ରେ ଲୋନ୍ ପାଆନ୍ତୁ#

ଗୋଲଡ୍‌ର ସମ୍ପୂର୍ଣ୍ଣ ସୁରକ୍ଷା



84448 84448 ଉପରେ ଏକ ମିସଡ୍ କଲ୍ ଦିଅନ୍ତୁ କିମ୍ବା ଆମ ନିକଟସ୍ଥ ଶାଖାକୁ ଆସନ୍ତୁ।

*ଫେରସ୍ତ କରନ୍ତୁ କେବେବି ଲୋନ୍ ଅବଧି ଭିତରେ କିମ୍ବା ତାହା ଶେଷ ହେବା ପରେ। #ଗୋଲଡ୍‌ର ମୂଲ୍ୟାଙ୍କନ ସମାପ୍ତି ପରେ।
ଆଇସିଆଇସିଆଇ ବ୍ୟାଙ୍କର ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ।


**ଆଜିର ମନ୍ତବ୍ୟ**

"ନୂଆ ବ୍ୟବସାୟଗୁଡ଼ିକୁ ନାଲିଫିତାର ପଞ୍ଝାରୁ ମୁକ୍ତ କରିବ କଂଗ୍ରେସ।
–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ୧୦ ମାସରେ ଭାରତ ୩.୩୭ ନିୟୁତ ଟନ୍ ବାସ୍‌ମତି ଚାଉଳ ରପ୍ତାନି କରିଛି। ଏହା ୨୦୧୭-୧୮ର ସମାନ ସମୟରେ ୩.୨୮ ନିୟୁତ ଟନ୍ ଥିଲା।–ବାଣିଜ୍ୟ ମନ୍ତ୍ରଣାଳୟ

## ସମ୍ବଲପୁରରେ ଡିଜିପିଙ୍କ ନିର୍ବାଚନୀ ସମୀକ୍ଷା
# ସମ୍ବେଦନଶୀଳ ମତଦାନ କେନ୍ଦ୍ରରେ ଅଧିକ ଫୋର୍ସ ମୁତୟନ ହେବ

**ସମ୍ବଲପୁର,୨୮।୩(ବ୍ୟୁରୋ)**

ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ପୋଲିସ ଡିଆଇଜିଙ୍କ କାର୍ଯ୍ୟାଳୟରେ ଗୁରୁବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡ. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ନିର୍ବାଚନୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପୋଲିସ ଓ ସିଆର୍‌ପିଏଫ୍ ଅଧିକାରୀମାନେ ସାମିଲ ହୋଇଥିଲେ। ଅବାଧ, ମୁକ୍ତ ତଥା ଶାନ୍ତିପୂର୍ଣ୍ଣ ମତଦାନ ଉପରେ ଡିଜିପି ଶର୍ମା ଗୁରୁତ୍ୱାରୋପ କରିଥିଲେ। ନିଶାଦ୍ରବ୍ୟ, ବନ୍ଧୁକ ଓ ଟଙ୍କା କାରବାର ଉପରେ କଡ଼ା ନଜର ରଖାଯାଇଛି। ସମ୍ବଲପୁର, ବରଗଡ଼ ଓ ବଲାଙ୍ଗୀର ଜିଲାରେ କେତୋଟି ସମ୍ବେଦନଶୀଳ ମତଦାନ କେନ୍ଦ୍ର ରହିଛି। ସେହି ମତଦାନ କେନ୍ଦ୍ରଗୁଡ଼ିକରେ ଅଧିକ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ନିର୍ବାଚନ ପାଇଁ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ପ୍ରତ୍ୟେକ ☞ପୃଷ୍ଠା-୨


ଛୁଟିରେ Live Discussion ର ମଜା ନେବା ପାଇଁ OS-CIT ପଢ଼ିବୁ



0674-3026700, 6676767
www.okcl.org

ପଢ଼ିବି ମୁଁ OS-CIT, ମଜାରେ କଟିବ ଖରାଛୁଟି!


**ଆଜିର ସମ୍ପାଦକୀୟ** **ରାଜନୈତିକ ଗୁଗ୍‌ଲି**


AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE
STARTING FROM
1ST APRIL 2019
Hurry Up... Limited Seats
(Jharsuguda Highway)
Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 28.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers




## ଆଧାର-ପାନ୍ ସଂଯୋଗ ପାଇଁ ଆଉ ମାତ୍ର ୩ ଦିନ

**ନୂଆଦିଲ୍ଲୀ,୨୮-୩**

ପାନ୍‌କାର୍ଡ ସହ ଆଧାର ସଂଯୋଗ ପାଇଁ ଆଉ ମାତ୍ର ୩ ଦିନ ବାକି ରହିଛି। ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ପାନ୍ କାର୍ଡଧାରୀ ଏହାକୁ ଆଧାର ସହ ସଂଯୋଗ କରିବାକୁ ସୁଯୋଗ ପାଇବେ। ଆଧାର କାର୍ଡ ସହ ସଂଯୋଗ ହୋଇ ନ ଥିଲେ ଏପ୍ରିଲ ପହିଲାରୁ ପାନ୍ କାର୍ଡ ଅକାମୀ ହୋଇଯିବ। ଏହାର ବୈଧତା ଶେଷ ହୋଇଯିବ। ଏନେଇ ଆୟକର ବିଭାଗ ପକ୍ଷରୁ ପୂର୍ବରୁ ସତର୍କ କରାଯାଇଥିବା ବେଳେ ଲୋକଙ୍କ ମଧ୍ୟରେ ☞ପୃଷ୍ଠା-୨



❝ ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମିକୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



କୁଟୁରି
ପରିବାରବର୍ଗ



ଅନୁପମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified



real estate

### SALE

Bhubaneswar AIIMS front Govt. roadକୁଲାଗି gharabari yellowzone plot ବିକ୍ରିହେବ: 9439206202. D-66308

Plot for sale at Puri, near Lokanath Mandir back side, Mouza, Sankarpur, sthitiban, pata plot, 30' wide revenue road, 20' branch road, 1.5 km. from Jagannath Temple, 1 km. from Sea Beach, 1km. from N.H. Contact Pradeep: 9438422888. D-66055

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର Infosys-2 ପଛପଟେ boundarywall ସହିତ sqft.- 600/-. 8658962508, 8480864171. D-66302

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66056

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65865

Booking 2BHK simplex Tankapani road Sai Temple 20,50,000/- gharabari plots Jharapada, Badagada, Canal road: 7735738102. D-11820

**Residential plot sale at Bhubaneswar Dadhichi College @ 4,50,000/- Nakhara DPS- 15,00,000/-, Satyabhamapur (Rangabazar) 12,50,000/-, Jharapada-31,00,000/-, Balianta-9,00,000/-, Pahala-19,50,000/-. Contact Sujata: 06371082405.** D-66314

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭୁବନେଶ୍ୱର ପଟିଆ Bigbazarରୁ 3.5km. ଦୂରତାରେ ବାସୋପଯୋଗୀ plot 1200 sqft.କୁ 4,20,000/- immediate registration/ possession. 9937686826. D-66313

Bhubaneswar Patia ଅଞ୍ଚଳରେ litigation free ଘରବାଡ଼ି, boundary, electri ସୁବିଧାଥାଇ plot କିଣି ଘର କରନ୍ତୁ (other site available). 7008524523, 9439489460. D-65400



to-let

Single room (20'X15') at Jharapada for office/ bachelors. Contact: 9668644665. D-11857

2 BHK flat in Gokul Plaza, Bomikhal, Bhubaneswar available for rental (Office) purpose. Contact: 7749841532. D-59291

Three rooms, dining kitchen, veranda near GGP Colony, Rasulgarh. 8270894870. D-11869

### LOST

By virtue of affidavit sworn before Notary, Puri Mangala Charan Sahoo, Biranarasinghpur, Thentapur declare that my original Sale Deed-1624, Khata- 148, Mouza- Biranarasinghpur has been lost. D-64054

### AFFIDAVIT

ମୁଁ ଶ୍ରୀ ଦିଲ୍ଲିପ ରାୟ, ବୟସ- 35, ପିତା- Gopabandhu Ray, ଗ୍ରାମ- କୋଇଲେଖା, ଥାନା- ଧୂଷୁରୀ, ଜିଲ୍ଲା- ଭଦ୍ରକ। ଏତଦ୍ୱାରା ଜଣାଉଅଛି ଯେ ମୋର ପ୍ରକୃତ ନାମ- ଦିଲ୍ଲିପ ରାୟ ଏବଂ Passportରେ ଭୁଲକ୍ରମେ ପ୍ରବୀର କୁମାର ରାୟ ହୋଇଯାଇଅଛି। ଏହାକୁ ସଂଶୋଧନ କରି ମୋର ନାମ ଦିଲ୍ଲିପ ରାୟ ବୋଲି ମୁଁ Notary Public, Bhubaneswarଙ୍କ କୋର୍ଟରେ Dt.- 25.03.2019ରେ ଏକ ଘୋଷଣାପତ୍ର କରିଅଛି। ବର୍ତ୍ତମାନ ମୁଁ ଦିଲ୍ଲିପ ରାୟ ହିସାବରେ ସର୍ବସାଧାରଣରେ ପରିଚିତ ହେବି। ଧ-୧୧୮୬୭

### ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଚୈତନ୍ୟ ଚରଣ ସାହୁ**
ଅବସରପ୍ରାପ୍ତ ଶିକ୍ଷକ
ସାଃ ବ୍ରହ୍ମପୁର (ଜେନାପୁର), ଯାଜପୁର
ଆବିର୍ଭାବ: ୨୦।୦୩।୧୯୫୨
ତିରୋଧାନ: ୧୯।୦୩।୨୦୧୯

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକାତୁର ପୁତ୍ର- ତ୍ରିନାଥ ସାହୁ, ପୁତୁରା- ସୁବାସ ଚନ୍ଦ୍ର ସାହୁ, ଗୌରାଙ୍ଗ ଚରଣ ସାହୁ, ରବିନାରାୟଣ ସାହୁ ତଥା ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ। ଧ-୧୧୮୬୮


## ଆନନ୍ଦପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ହତ୍ୟା ମାମଲା

# ଡିଜିପିଙ୍କୁ ଭେଟି ସିବିଆଇ ତଦନ୍ତ ଦାବିକଲା ଭାଜପା

**ଭୁବନେଶ୍ୱର,୨୮।୩ (ବ୍ୟୁରୋ):** କେନ୍ଦୁଝର ଜିଲା ଘସିପୁରା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଧକୋଠାରେ ସୋମବାର ଆନନ୍ଦପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ୨୦୧୪ ବିଧାନସଭା ନିର୍ବାଚନରେ ସ୍ୱାଧୀନପ୍ରାର୍ଥୀ ଭାବେ ଲଢ଼ିଥିବା ରାମଚନ୍ଦ୍ର ବେହେରାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ପଛରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପରିବାରର ସଂପୃକ୍ତି ଥିବା ଅଭିଯୋଗ ଆଣିଛି ଭାଜପା। ପୋଲିସ ଠିକ୍ ଭାବେ ତଦନ୍ତ ନ କରି କେତେଜଣ ଅନାମଧେୟ ଗୁଣ୍ଡାଙ୍କୁ ଗିରଫ କରି ମାଷ୍ଟରମାଇଣ୍ଡ୍‌କୁ ଭିତିରି ସୁରକ୍ଷା ଯୋଗାଉଛି। ଗୁରୁବାର ଭାଜପାର ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ କ୍ୟାମ୍ପ୍ ଅଫିସରେ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ଭେଟି ଏହି ଅଭିଯୋଗ ଆଣିଛି। ଘଟଣାର ସିବିଆଇ ତଦନ୍ତ କରାଯିବାକୁ ଭାଜପା ଦାବି କରିଛି। ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ଯେ,ଏହି ଘଟଣାରେ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଓ ବିଜେଡି କର୍ମୀଙ୍କ ସମ୍ପୃକ୍ତି ରହିଛି। ଏପରିକି ଗିରଫ ହୋଇଥିବା ଜଣେ ଅଭିଯୁକ୍ତଙ୍କ ସହ ମନ୍ତ୍ରୀ ଓ ତାଙ୍କ ପୁଅଙ୍କ ଘନିଷ୍ଠ ସମ୍ପର୍କ ରହିଛି। ଏ ସଂକ୍ରାନ୍ତ ଏକ ଫଟୋକୁ ଭାଜପା ପ୍ରତିନିଧି ଦଳ ଡିଜିପିଙ୍କୁ ଦେଇଛି। ଏଥିସହ କେନ୍ଦୁଝର ପୋଲିସ ଶାସକ ଦଳକୁ ସୁହାଇବା ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ଆଣିଛନ୍ତି। ଫଳରେ ପ୍ରମାଣ ନଷ୍ଟ ପାଇଁ ଅଭିଯୁକ୍ତମାନେ ଖୁଲମ୍‌ଖୁଲା ବୁଲି ଧମକ ଦେଉଛନ୍ତି। ଆଗକୁ ନିର୍ବାଚନ ଥିବାରୁ ଅନେକ ସ୍ଥାନରେ ଏମାନେ ଗୁଣ୍ଡାରାଜ କରିବେ। ତେଣୁ ପୋଲିସକୁ ସଜାଗ ରଖିବା ସହ ସମ୍ବେଦନଶୀଳ ବୁଥଗୁଡ଼ିକରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ ପାଇଁ ପାଇଁ ଭାଜପା ପ୍ରତିନିଧି ଦଳ ଡିଜିପିଙ୍କୁ ନିବେଦନ କରିଛି। ଏନେଇ ଡିଜିପି ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ଦଳରେ ଥିବା ଭାଜପା ରାଜ୍ୟ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ଯୁବମୋର୍ଚ୍ଚାର ରାଷ୍ଟ୍ରୀର ଉପସଭାପତି ଠାକୁର ରଞ୍ଜିତ ଦାସ, ଆଇନଜୀବୀ ଜୟନ୍ତ ଲେଙ୍କା, ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ଭାଜପାର ଏହି ଅଭିଯୋଗ ସଂକ୍ରାନ୍ତରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର କହିଛନ୍ତି, ହତ୍ୟାକାଣ୍ଡକୁ ନେଇ ବିରୋଧୀ ତୁଚ୍ଛା ରାଜନୀତି କରୁଛନ୍ତି। ଏଭଳି ଅଭିଯୋଗ କେବଳ ରାଜନୈତିକ ମାଇଲେଜ୍ ନେବା ପାଇଁ ବୋଲି ସେ କହିଛନ୍ତି।

# ମହାପ୍ରଭୁଙ୍କ ହେଲା ବନକଲାଗି

**ପୁରୀ ଅଫିସ,୨୮।୩:** ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ନ ୪ଟା ୩୦ରୁ ରାତି ୮ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରାଯାଇଥିଲା। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ଏହାକୁ ପ୍ରସ୍ତୁତ କରିଥିଲେ। ସନ୍ଧ୍ୟା ୭ଟା ୪୦ରେ ବନକ ଲାଗି ସରିବା ପରେ ଠାକୁରଙ୍କ ମହାସ୍ନାନ କରାଯାଇଥିଲା। ମହାସ୍ନାନ ସରିବା ପରେ ରାତି ୮ଟା ୪୫ରେ ଭକ୍ତମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଛଡାଯାଇଥିଲା ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନ ସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ରଙ୍କ ହତ୍ୟା ଘଟଣା

# ଆଉ ୨ ଅଭିଯୁକ୍ତ ଗିରଫ

**ଆନନ୍ଦପୁର, ୨୮।୩(ସ୍ୱ.ପ୍ର.)**

ଘସିପୁରା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ବେହେରାଙ୍କ ହତ୍ୟା ଘଟଣାରେ ପୋଲିସ ଗୁରୁବାର ଆଉ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଜଣ ହେଲେ ବଡ ଏକତାଳୀ ଗ୍ରାମର ପ୍ରମୋଦ ଦାସ ଏବଂ ଅରୁଣ ପୃଷ୍ଟି। ଘସିପୁରା ଥାନା ଅଧିକାରୀ ବିରଞ୍ଚି ବାଗ ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତ।

### ୪ ମୋବାଇଲ, ୩ ଭୁଜାଲି ସହ ଖଣ୍ଡା ଜବତ

ପୋଲିସ ୪ ମୋବାଇଲ୍ ଓ ୩ ଭୁଜାଲି ଓ ଖଣ୍ଡା ଜବତ କରିଛି। ପୂର୍ବରୁ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ବଡ ଏକତାଳୀ ଗ୍ରାମର ଅଜିତ୍ ପୃଷ୍ଟି, ସଞ୍ଜୀବ ପୃଷ୍ଟି ଓ ପୂର୍ଣ୍ଣଚନ୍ଦ୍ର ବୋଇତେଇ। ଏହି ହତ୍ୟା ଘଟଣାରେ ମୋଟ ୫ ଜଣ ଗିରଫ ହୋଇଛନ୍ତି। ରାମଚନ୍ଦ୍ରଙ୍କ ଝିଅ ମୀନାରାଣୀଙ୍କ ଅଭିଯୋଗ କ୍ରମେ ଘଟଣାରେ ୧୧ ଜଣ ସମ୍ପୃକ୍ତ ଥିବା ଜଣାପଡିଛି।

## ନିରଞ୍ଜନଙ୍କୁ ବଦ୍ରିଙ୍କ ଚ୍ୟାଲେଞ୍ଜ

# ଦମ୍ ଅଛି ତ ଲଢ଼

**ଭୁବନେଶ୍ୱର,୨୮।୩(ବ୍ୟୁରୋ)**

ବିଜେଡି ନେତା ତଥା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମ୍ପର୍କ କାହାକୁ ଅଛପା ନାହିଁ। ନିର୍ବାଚନ ଆସିଲେ ଉଭୟଙ୍କ ବାକ୍‌ଯୁଦ୍ଧ ବୃଦ୍ଧି ପାଇଥାଏ। ଚଳିତଥର ମଧ୍ୟ ଏହା ଦେଖାଦେଇଛି। ମନ୍ତ୍ରୀ ପାତ୍ର ପିସିସି ସଭାପତି ନିରଞ୍ଜନଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଯଦି ନିରଞ୍ଜନଙ୍କ ଦମ୍ ଅଛି, ତେବେ ତାଙ୍କ ସହ ଲଢ଼ନ୍ତୁ ବୋଲି ବଦ୍ରି ଗୁରୁବାର ଗଣମାଧ୍ୟମରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବଦ୍ରିଙ୍କ ଏପରି ବୟାନ ପରେ ରାଜ୍ୟ ରାଜନୀତି ସରଗରମ ହେବାରେ ଲାଗିଛି।

ଘସିପୁରା ବିଧାନସଭା ପାଇଁ ବିଜେଡି ପକ୍ଷରୁ ବଦ୍ରି ନାରାୟଣ ପାତ୍ରଙ୍କ ନାଁ ଘୋଷଣା କରାଯାଇଛି। ବଦ୍ରି ଯଦି ପ୍ରାର୍ଥୀ ହୁଅନ୍ତି ତେବେ ତାଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେବେ ବୋଲି ନିରଞ୍ଜନ କିଛିଦିନ ତଳେ ମତ ରଖିଥିଲେ। ତେଣୁ ସେହି କଥା ମନେ ପକାଇ ବଦ୍ରି ନିରଞ୍ଜନଙ୍କୁ ଆହ୍ୱାନ ଦେଇଛନ୍ତି। ବଦ୍ରି କହିଛନ୍ତି ଯେ, ନିରଞ୍ଜନ ବାବୁଙ୍କର ଖଣି ଖାଦାନ, ଟିଭି, ଖବରକାଗଜ ଏବଂ ଅର୍ଥବଳ ଇତ୍ୟାଦି ରହିଛି। ତଥାପି ସେ ତାଙ୍କୁ ଚ୍ୟାଲେଞ୍ଜ କରୁଛନ୍ତି। ଯଦି ଦମ୍ ଅଛି, ତାଙ୍କ ବିରୋଧରେ ଚଳିତ ନିର୍ବାଚନରେ ଘସିପୁରାରେ ପ୍ରାର୍ଥୀ ହୋଇ ଲଢ଼ନ୍ତୁ ବୋଲି ପାତ୍ର କହିଛନ୍ତି। ବଦ୍ରିଙ୍କ ଏପରି ଦୃଢ଼ୋକ୍ତିର ଜବାବ ରଖିଛନ୍ତି ନିରଞ୍ଜନ। ସେ କହିଛନ୍ତି ଯେ, ବଦ୍ରିବାକୁ ବରିଷ୍ଠ ମନ୍ତ୍ରୀ, ସରକାରରେ ଅଛନ୍ତି। ତେଣୁ ସେ ଯାହା ଚାହିଁବେ କହିପାରିବେ। ଦଳ ଯଦି ନିଷ୍ପତ୍ତି ନେବ, ତେବେ ସେ ନିଶ୍ଚୟ ଲଢ଼ିବେ ବୋଲି ନିରଞ୍ଜନ କହିଛନ୍ତି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ନିରଞ୍ଜନ ଘସିପୁରାରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ଆସନରୁ ଲଢ଼ିବା ପାଇଁ ଯୋଜନା କରୁଛନ୍ତି। ତେଣୁ କଂଗ୍ରେସର ଶେଷ ପର୍ଯ୍ୟାୟ ତାଲିକା ଆସିବା ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

## ପ୍ରଥମ ପୃଷ୍ଠାର ଅବିଶିଷ୍ଟାଂଶ...

### କଟକରେ ଚାହୁଁନାହାନ୍ତି...

ବାର୍ତ୍ତା ଯିବା କଥା ତାହା ଚାଲିଗଲାଣି। ତେବେ ମହତାବଙ୍କ ବଦଳରେ ବିଜେଡି ଏଠି କାହାକୁ ପ୍ରାର୍ଥୀ କରୁଛି ତାହା ଜାଣିବାକୁ ଆମ ପାଖରେ କୌଣସି ବାଟ ନ ଥିବା ସହଯୋଗୀ ଜଣକ କହିଥିଲେ।

ସୂଚନାଥାଉ କି, ରାଜ୍ୟର ମୋଟ ୨୧ଟି ଲୋକ ସଭା ଆସନ ମଧ୍ୟରୁ ବିଜେଡି ୨ଟି ପର୍ଯ୍ୟାୟରେ ୧୮ଟି ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ମାର୍ଚ୍ଚ ୧୮ରେ ୯ ଜଣ ଓ ମାର୍ଚ୍ଚ ୨୭ରେ ଆଉ ୯ଜଣ ଏମ୍‌ପି ପ୍ରାର୍ଥୀଙ୍କ ନାମକୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏହି ୧୮ ଆସନ ମଧ୍ୟରୁ ମାତ୍ର ୩ ଜଣ ପୁରୁଣା ଏମ୍‌ପି ପୁନର୍ବାର ପ୍ରାର୍ଥିତ୍ୱ ଲାଭ କରିଥିଲେ। ସେମାନେ ହେଲେ ପୁରୀରୁ ପିନାକୀ ମିଶ୍ର, ବାଲେଶ୍ୱରରୁ ରବୀନ୍ଦ୍ର ଜେନା ଏବଂ ବଲାଙ୍ଗୀରରୁ କଳିକେଶ ନାରାୟଣ ସିଂଦେଓ। ବାକି ୧୫ ଆସନରେ ଦଳ ନୂଆ ମୁହଁ ଦେଇଛି। ଅନ୍ୟପକ୍ଷରେ ୧୪୭ଟି ବିଧାନସଭା ଆସନ ମଧ୍ୟରୁ ୪୬ ଆସନରେ ମଧ୍ୟ ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। ବିଗତ ନିର୍ବାଚନଗୁଡ଼ିକରେ ବିଜେଡି ଯେଭଳି ଭାବେ ନିର୍ବାଚନ ପରିଚାଳନା କରୁଥିଲା ସେଭଳି ପାରଦର୍ଶିତା ୨୦୧୯ରେ ଦେଖିବାକୁ ମିଳୁ ନ ଥିବା ରାଜନୈତିକ ସମୀକ୍ଷକମାନେ ମତଦେଉଛନ୍ତି। ଯାହା ଉଭୟ ନେତା ଏବଂ କର୍ମୀଙ୍କ ମଧ୍ୟରେ ନୈରାଶ୍ୟଭାବ ସୃଷ୍ଟି କରିଛି। ବିଶେଷକରି ରାଜ୍ୟରେ ଭାଜପା ଏବେ ବିଜେଡିକୁ କଡ଼ା ଚ୍ୟାଲେଞ୍ଜ ଦେବା ଭଳି ସ୍ଥିତିରେ ପହଞ୍ଚିଥିବା ବେଳେ ବିଜେଡିରେ ପ୍ରାର୍ଥୀ ଚୟନ ଅଡୁଆ ନ ତୁଟିବା ୧୯୯୫ ବିଜୁ ପଟ୍ଟନାୟକଙ୍କ ଅମଳରେ ଉପୁଜିଥିବା ସ୍ଥିତିକୁ ଦୋହରାଇବ ବୋଲି ମଧ୍ୟ ଆଲୋଚନା ହେଉଛି। ସବୁଠୁ ହାସ୍ୟାସ୍ପଦ ପରିସ୍ଥିତି ହେଉଛି ଯେ, ଦୀର୍ଘଦିନ ଧରି ଦଳ ପକ୍ଷରୁ ବିଭିନ୍ନ ସଂସ୍ଥାମାନଙ୍କ ଦ୍ୱାରା ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ନେତା ଓ ନିର୍ବାଚନମଣ୍ଡଳୀଗୁଡ଼ିକର ସର୍ଭେ କରାଯାଇଥିଲା। ଏହା ସତ୍ତ୍ୱେ ବିଜେଡିର ଅପ୍ରସ୍ତୁତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

### ଆଜି ଜୟପୁର...

ସିଆରପିଏଫ୍, କୋବ୍ରା ବାହିନୀ ସମେତ ରାଜ୍ୟ ପୋଲିସର ଏସ୍‌ଓଜି, ଡିଭିଏଫ୍ ଏବଂ ଜିଲା ପୋଲିସର ପ୍ରାୟ ୧୨୦୦ ଜଣ ସଶସ୍ତ୍ର ଯବାନ ସଭାସ୍ଥଳ ଓ ଜୟପୁର ସହରରେ ମୁତୟନ ହୋଇଛନ୍ତି। ଏସ୍‌ପିଜିର ଜଣେ ଆଇଜି, ଏସ୍‌ପି, ଏଏସ୍‌ପିଙ୍କ ସମେତ ଦକ୍ଷିଣ ପଶ୍ଚିମାଞ୍ଚଳର ଡିଆଇଜି ହିମାଂଶୁ ଲାଲ, କୋରାପୁଟ ଏସ୍‌ପି କନୱର ବିଶାଲ ସିଂ, ନବରଙ୍ଗପୁର ଏସ୍‌ପି ନିତିନ କୁଶଲକର ଢୁଗୁଡ, ନୂଆପଡ଼ା ଏସ୍‌ପି ପରମାର ସୁମିତ ପୁରୁଷୋତ୍ତମ ଦାଶ, ରାୟଗଡ଼ା ଏସ୍‌ପି ଶ୍ରବଣ ବିବେକ ଏମ୍. ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ୬ଜଣ ଅତିରିକ୍ତ ଏସ୍‌ପି, ୧୨ଜଣ ଡିଏସ୍‌ପି ମଧ୍ୟ ନିୟୋଜିତ ରହିଛନ୍ତି। ସେହିପରି ଦିଲ୍ଲୀରୁ ବୋମା ଓ ବୁଲେଟ୍ ନିରୋଧୀ ୪ଟି କାର୍ ବ୍ୟବସ୍ଥା କରାଯାଇଥିବା ବେଳେ ରାଜ୍ୟ ଗୋଇନ୍ଦା ବିଭାଗର ୨୦୦ ଜଣ ଅଧିକାରୀ ଓ କର୍ମଚାରୀ ସାଧା ପୋଷାକରେ ଜୟପୁର ସହର ଓ ଆଖପାଖ ଅଞ୍ଚଳରେ ନିୟୋଜିତ ହୋଇଥିବା ଜଣାପଡ଼ିଛି। ସଭାସ୍ଥଳ ନିକଟରେ ଜରୁରିକାଳୀନ ଭାବେ ୩ଟି ହେଲିପ୍ୟାଡ କରାଯାଇଛି।

### ଆଧାର-ପାନ ସଂଯୋଗ...

ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। ଆୟକର ବିଭାଗ ପୂର୍ବରୁ ପାନ-ଆଧାର ସଂଯୋଗ ଲାଗି ୨୦୧୮ ଜୁନ ୩୦ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରିଥିଲେ ଯାହାକୁ ପରେ ଚଳିତ ବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ପାନ୍ କାର୍ଡ ଅଚଳ ହୋଇଗଲେ ଆୟକରଦାତା ଆଉ ବର୍ତ୍ତମାନର ପାନ କାର୍ଡ ଜରିଆରେ ଆୟକର ରିଟର୍ନ ଦାଖଲ କରିପାରିବେ ନାହିଁ ବୋଲି ଫାଇନାନ୍ସିଆଲ ଏକ୍ସପର୍ଟ ରାଜେଶ କୁମାର ଝା ପ୍ରକାଶ କରିଛନ୍ତି। ଆୟକର ଆଇନ ୧୯୬୧ର ଧାରା ୧୩୯ଏଏ ଅନୁଯାୟୀ ଆଧାର ସହ ପାନ ସଂଯୋଗ ହୋଇ ନ ଥିଲେ ଟିକସଦାତାଙ୍କ ନିକଟରେ ଥିବା ପାନ ବୈଧ ନୁହେଁ ବୋଲି ଆୟକର ବିଭାଗ ମନେ କରିବ।

### ସମ୍ବେଦନଶୀଳ ମତଦାନ...

ବୁଥ୍‌ରେ ପୋଲିସ କର୍ମଚାରୀ ନିୟୋଜିତ ହେବେ। ଆବଶ୍ୟକ ପଡ଼ିଲେ ଅତିରିକ୍ତ ଫୋର୍ସ ମଧ୍ୟ ନିୟୋଜିତ ହେବେ। ସିଆର୍‌ପିଏଫ୍, ଆଇଆର୍‌ବିକୁ ମଧ୍ୟ ନିର୍ବାଚନରେ ନିୟୋଜନ କରାଯିବ। ଉତ୍ତରାଞ୍ଚଳ ପୋଲିସ ରେଞ୍ଜ୍ ଅଧୀନ ୫ ଜିଲାରେ ୨ ପର୍ଯ୍ୟାୟରେ ମତଦାନ ହେଉଛି। ଏଥିରେ ୧୮ ବିଧାନସଭା କ୍ଷେତ୍ର ରହିଛି। ଜିଲା ୱାରି ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଡିଜିପି ଶର୍ମା କହିଥିଲେ।

ବୈଠକରେ ଏସ୍‌ଡିଜି ସୁନୀଲ କୁମାର ରାୟ, ଏଡିଜି ଆର୍.ପି. କୋଚେ, ଏଡିଜି ସଞ୍ଜୀବ ପଣ୍ଡା, ଏଡିଜି ଘନଶ୍ୟାମ ଉପାଧ୍ୟାୟ, ଏସ୍‌ଆଇ/ଜିଡି ଆର୍ ଶିଆଲ, ସିଆର୍‌ପିଏଫ୍ ଆଇଜି ଭିଟ୍ଟଲ କୁମାର, ସିଆର୍‌ପିଏଫ୍ ଅଧିକାରୀ ମୌଲିମୋହନ କୁମାର, ଉପେନ୍ଦ୍ର ପ୍ରଧାନ, ଡି.ପି. ମହାନ୍ତି, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରାଙ୍କ ସମେତ ୫ ଜିଲାର ଏସ୍‌ପିମାନେ ଉପସ୍ଥିତ ଥିଲେ।



ସମ୍ବଲପୁରରେ ବରିଷ୍ଠ ଅଧିକାରୀମାନଙ୍କ ସହ ଡିଜିପି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ମଙ୍ଗଳଙ୍କ ଗୁରୁଦୃଷ୍ଟିରୁ ଉଦ୍ୟମ ଅବ୍ୟାହତ ରଖିଲେ ସଫଳତା ପାଇବେ। କଡ଼ା କଥା କହିଲେ ସମ୍ପର୍କ ବଦଳିଯିବା ସହ ଶତ୍ରୁତା ଅବଶ୍ୟମ୍ଭାବୀ। ସମସ୍ୟାଗୁଡିକ ଆପଣଙ୍କୁ ଅନେକ ଆଶା ଓ ଆଶଙ୍କା ମଧ୍ୟରେ ବ୍ୟସ୍ତତା ସୃଷ୍ଟି କରାଇବେ। ପାରସ୍ପରିକ ଆଲୋଚନା ଭିତରେ ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରି ଆସିବ।

**ବୃଷ**
ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ମନମୁଖୀ ଶାସନ ଓ ସ୍ୱାଧୀନ ମତବ୍ୟକ୍ତ ଘରୋଇ କଳହକୁ ଜନ୍ମ ଦେଇପାରେ। ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ, କଳା, କ୍ରୀଡ଼ା, ଚଳଚ୍ଚିତ୍ର ସାହିତ୍ୟ କ୍ଷେତ୍ର ପୂର୍ବପରି ଚାଲୁ ରହିବ। ସାଙ୍ଗସାଥୀ କିମ୍ବା ବନ୍ଧୁବାନ୍ଧବ ହୁଅନ୍ତୁ, ସେମାନେ କହିବେ ବହୁତ କିନ୍ତୁ କାମ କଲା ବେଳକୁ ଦେଖା ମିଳିବ ନାହିଁ।

**ମିଥୁନ**
ରାହୁଙ୍କ ରାଶ୍ୟାବସ୍ଥାନ କୌଶଳରେ କାର୍ଯ୍ୟହାସଲ ପାଇଁ ଅନୁପ୍ରେରିତ କରିବ। ପରିବାରରେ ଭୁଲ୍ ବୁଝାମଣା ହେତୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଟଙ୍କା ପଇସା ସମ୍ପର୍କିତ ଝାମେଲାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ବିଷୟରେ ସନ୍ତୋଷଜନକ ଫଳ ପାଇବେ।

**କର୍କଟ**
ରାଶ୍ୟାଧିପ ଚନ୍ଦ୍ର ପାପଗ୍ରହ ଶନି ଓ କେତୁ ଯୁକ୍ତ କାରଣରୁ ଆପଣଙ୍କ ଦୋଷଦର୍ଶୀତା ପ୍ରତ୍ୟେକ ଅନର୍ଥର କାରଣ ହୋଇପାରେ। ଧନାଧିପ ରବିଙ୍କ ସୁପ୍ରଭାବରେ ବନ୍ଧୁମାନଙ୍କ ନିକଟରୁ ଅର୍ଥ ପାଇବେ ସତ କିନ୍ତୁ ଏଥିପାଇଁ ବିତର୍କର ସାମନା କରିବାକୁ ପଡିପାରେ। ପ୍ରଶାସନିକ କ୍ଷେତ୍ରରେ, ସଭାସମିତିରେ ସଠିକ୍ ସିଦ୍ଧାନ୍ତ ନେବାରେ ଦ୍ୱନ୍ଦ୍ୱରେ ପଡିବେ।

**ସିଂହ**
ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ରବି ଯୋଗୁ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶରେ କିଛି ଗଡବଡ ସୃଷ୍ଟି ହୋଇପାରେ। ଶନିକ୍ଷେତ୍ରସ୍ଥ ବୁଧ ଓ ଶୁକ୍ରଙ୍କ ସମ୍ବନ୍ଧରୁ ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସାମାନ୍ୟ ବିଳମ୍ବରେ ପାଇଯିବେ। କର୍ମ କ୍ଷେତ୍ରରେ ବାଧା ଉପୁଜିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ଖର୍ଚ୍ଚପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହି ନ ପାରେ।

**କନ୍ୟା**
ଶନି ଦୃଷ୍ଟ ବୁଧ ହେତୁ ଆଜି ଆପଣଙ୍କ ଚେଷ୍ଟା ନିଷ୍ଫଳ ନ ହେଲେ ମଧ୍ୟ ସୁବିଧାରେ ହେବା କଷ୍ଟକର ହୋଇପାରେ। ଦିନଚର୍ଯ୍ୟା ମଧ୍ୟରେ ଯାହା କହିବେ କିମ୍ବା କରିବେ ସବୁ ଭାବିଚିନ୍ତା କରିବା ଭଲ ହେବ। ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ମାତ୍ର ଏହା ସଙ୍ଗକୁ ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ବାଣିଜ୍ୟର ପ୍ରତିବନ୍ଧକ ଓ ଯାତ୍ରାରେ ଦୁଃଚିନ୍ତା ବଢିପାରେ।

**ତୁଳା**
ଆପଣଙ୍କ ଆଶା ବାସ୍ତବତାରେ ପରିଣତ ହେବା ସହ ଯାହା ପାଇବା କଥା ତାହା ନିଶ୍ଚିତ ପାଇବେ। ଶନି ଓ ଚନ୍ଦ୍ରଙ୍କ ସମ୍ବନ୍ଧରୁ ପ୍ରତ୍ୟେକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ସଙ୍ଗକୁ କାଳ କ୍ଷେପଣ ନୀତି ସମସ୍ୟା ଓ ବିଳମ୍ବତା ସୃଷ୍ଟି କରିବ। ପାପଗ୍ରହ ଦୃଷ୍ଟ ତୃତୀୟଭାବ ହେତୁ ଅତି ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ପାରନ୍ତି।

**ବିଛା**
କୌଣସି ଅସୁବିଧା ନ ଥିଲେ ମଧ୍ୟ ଚନ୍ଦ୍ରଙ୍କ କଳୁଷତା ହେତୁ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କରେ ବାଧା ସୃଷ୍ଟି ହେବ। ବିନା କାରଣରେ ଝଗଡା ସଙ୍ଗକୁ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି କରାଇପାରେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। କଳା, କ୍ରୀଡା,ସାମ୍ବାଦିକତା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ପାପଗ୍ରହ ରାଶିରେ ରହିଥିବାରୁ କୌଣସି କାମକୁ ଖୋଲା ମନରେ ଗ୍ରହଣ କରିପାରିବେ ନାହିଁ। ଆକସ୍ମିକ ବିବାଦ କାରଣରୁ ଉନ୍ନୟନ ମୂଳକ କାମ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ ଏବଂ ପାରିବାରିକ,ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର**
ମୁଖଭାବରେ ଶୁକ୍ର ଆପଣଙ୍କ କଥାରେ ଲାଳିତ୍ୟ ଫୁଟାଉଥିଲେ ମଧ୍ୟ ଅନ୍ତର୍ନିହିତ ମନୋବ୍ୟଥାରେ ଦୁଃଶ୍ଚିନ୍ତାଗ୍ରସ୍ତ ରହିବେ। କର୍ମକ୍ଷେତ୍ରରେ ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟିହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେନି।

**କୁମ୍ଭ**
ଶୁଭଗ୍ରହ ପ୍ରଭାବରୁ ଦୈହିକ ସୁସ୍ଥତା ସଙ୍ଗକୁ ମାନସିକ ପ୍ରଫୁଲ୍ଲତା କାର୍ଯ୍ୟସିଦ୍ଧି ପାଇଁ ମନୋବଳ ସୃଷ୍ଟି କରିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହ ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିବେ। ବିଳାସବ୍ୟସନ, ଆନୁଷ୍ଠାନିକ କାମ,ଯାନାବାହନାଦି ଲାଭ ଯୋଗ ମଧ୍ୟ ରହିଛି।

**ମୀନ**
ରବିଙ୍କ ଯୋଗୁ ଆପଣଙ୍କ ପ୍ରତିଷ୍ଠା ଓ ଲୋକ ସମ୍ପର୍କକୁ ନିଜ ଲୋକମାନେ ଭଲ ଦୃଷ୍ଟିରେ ଦେଖି ନ ପାରନ୍ତି। ବାରମ୍ବାର ଚେଷ୍ଟା କରି ଆସୁଥିବା କାମଗୁଡ଼ିକ ଆଜି ଅପରାହ୍ନେ ଠିକ୍ ଭାବରେ ସମ୍ପନ୍ନ ହେବ।ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

ଆଜି ଚୈତ୍ର କୃଷ୍ଣ ନବମୀ ଶୁକ୍ରବାର, ମାର୍ଚ୍ଚ ୨୯ ତାରିଖ, ଶ୍ରୀମାଙ୍କ ପ୍ରଥମ ପଣ୍ଡିଚେରୀ ଆଗମନ ଦିବସ,ରାଶି ନକ୍ଷତ୍ର-ଦିବା ଘ୧।୨୦ମି. ପର୍ଯ୍ୟନ୍ତ ପୂର୍ବାଷାଢ଼ା/ଧନୁ, ସିଂହ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, (ଆଜି ବୃହସ୍ପତି ମୂଳା ନକ୍ଷତ୍ର ଧନୁ ରାଶିକୁ ଗମନ କରିବେ। ମେଷ, ସିଂହ,ବିଛା ଓ କୁମ୍ଭ ରାଶି ପାଇଁ ଅତି ଶୁଭଫଳ ପ୍ରଦାନ କରିବେ। କିନ୍ତୁ ମିଥୁନ ରାଶିପାଇଁ ମଧ୍ୟମ ଫଳ, କର୍କଟ, ତୁଳା, ମକର, ମୀନ ସକାଶେ ସମଫଳ, ମାତ୍ର ବୃଷ, କନ୍ୟା, ଧନୁ ରାଶି ପାଇଁ ଗୋଚରେ ଓ ଚନ୍ଦ୍ର ଅଶୁଭ ହେତୁ ଅଶୁଭଫଳ ପ୍ରଦାନ କରିବେ) ଦିବା ଘ୭।୧୫ମି. ମଧ୍ୟେ ଘ୪।୨୫ମି. ଗତେ, ଘ୫।୫୬ମି. ମଧ୍ୟେ ଅମୃତବେଳା।

SpiceJet
Red. Hot. Spicy.

## ଆରମ୍ଭ କରୁଛନ୍ତି ଦୈନିକ ସିଧାସଳଖ ବିମାନ ସେବା

# ଝାରସୁଗୁଡ଼ାରୁ ଦିଲ୍ଲୀ, ହାଇଦ୍ରାବାଦ ଏବଂ କୋଲକାତା ।





ଝାରସୁଗୁଡ଼ା ବିମାନ ବନ୍ଦର ପାଖାପାଖି ଶିଳ୍ପ ବହୁଳ ସହର
ରାଉରକେଲା, ଦେଓଗଡ଼, ସମ୍ବଲପୁର ଏବଂ ସୁନ୍ଦରଗଡ଼କୁ ସଂଯୁକ୍ତ କରିବ ।

| ବିମାନଗୁଡ଼ିକ* | ପ୍ରସ୍ଥାନ | ଆଗମନ | ଭଡ଼ା# |
|---|---|---|---|
| ଝାରସୁଗୁଡ଼ା - ଦିଲ୍ଲୀ | 15:40 | 17:35 | ₹3399 |
| ଦିଲ୍ଲୀ - ଝାରସୁଗୁଡ଼ା | 13:15 | 15:10 | ₹3399 |
| ଝାରସୁଗୁଡ଼ା - ହାଇଦ୍ରାବାଦ | 16:10 | 18:00 | ₹3701 |
| ହାଇଦ୍ରାବାଦ - ଝାରସୁଗୁଡ଼ା | 18:30 | 20:20 | ₹3701 |
| ଝାରସୁଗୁଡ଼ା - କୋଲକାତା | 20:40 | 22:00 | ₹2560 |
| କୋଲକାତା - ଝାରସୁଗୁଡ଼ା | 14:25 | 15:50 | ₹2560 |

*31 ମାର୍ଚ୍ଚ, 2019ରୁ ଆରମ୍ଭ ହେଉଛି ।

₹799**ରୁ ଆରମ୍ଭ ସମ୍ପୂର୍ଣ୍ଣ ନୂଆ ସ୍ପାଇସମ୍ୟାକ୍ସର ଅନୁଭୂତି ଉପଭୋଗ କରନ୍ତୁ

- ଅତିରିକ୍ତ ଲେଗ୍ ରୁମ୍ ସହ ଏର୍ଗୋନୋମିକ ସିଟ୍
- ସଦିଚ୍ଛାମୂଳକ ଭୋଜନ ଏବଂ ପାନୀୟ
- ଅଗ୍ରାଧିକାର ଭିତ୍ତିରେ ଚେକିଂ
- ଅଗ୍ରାଧିକାର ଭିତ୍ତିରେ ବୋର୍ଡିଂ†
- ଅଗ୍ରାଧିକାର ଭିତ୍ତିରେ ବ୍ୟାଗ୍ ଆଉଟ୍

†ଏରୋବ୍ରିଜ୍ ଗେଟ୍‌ଗୁଡିକ ଉପଲବ୍ଧ । **ସର୍ତ୍ତ ଓ ନିୟମାବଳି ପ୍ରଯୁଜ୍ୟ ।

ଶ୍ରେଷ୍ଠ ଭଡ଼ା ଓ ଆକର୍ଷଣୀୟ ଅଫର୍ ପାଇଁ ଲଗ୍ ଅନ୍ କରନ୍ତୁ
www.spicejet.com କିମ୍ବା କଲ୍ କରନ୍ତୁ +91 9871803333ରେ କିମ୍ବା
ଡାଉନଲୋଡ୍ କରନ୍ତୁ ସ୍ପାଇସ୍‌ଜେଟ୍ ମୋବାଇଲ୍ ଆପ୍ ।

*ଉଡାଣ ସୂଚୀ ନିୟାମକ ଅନୁମୋଦନ ଓ ପରିବର୍ତ୍ତନ ଅନୁଯାୟୀ ହୋଇଥାଏ । #ଭଡ଼ାରେ ସମସ୍ତ ଶୁଳ୍କ ଅନ୍ତର୍ଭୁକ୍ତ । */#ସର୍ତ୍ତ ଓ ନିୟମାବଳି ପ୍ରଯୁଜ୍ୟ ।

ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର– ସେ ଯେପରି ତୁମର ଅନ୍ତର୍ଯାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। –ଶ୍ରୀଅରବିନ୍ଦ



# ରାଜନୈତିକ ଗୁଗ୍‌ଲି

ସାଧାରଣ ନିର୍ବାଚନ ଆଉ ମାତ୍ର ଦୁଇ ସପ୍ତାହ ବାକି ଥିବା ବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କ୍ଷମତାକୁ ଆସିଲେ ୫୦ ନିୟୁତ ଗରିବ ପରିବାରକୁ ମାସିକ ୬ ହଜାର ଟଙ୍କା ଲେଖାଏ ଦେବାକୁ ଘୋଷଣା କରି ଏକ ରାଜନୈତିକ ଗୁଗ୍‌ଲି ମାରିଛନ୍ତି। ଆଜିଯାଏ ଭାରତରେ ରାଜନୈତିକ ଦଳଗୁଡ଼ିକ ଯେତେସବୁ ବଡ଼ ବଡ଼ ଘୋଷଣା କରିଛନ୍ତି, ଏହା ସେ ସବୁକୁ ବଳିଗଲା। ଉକ୍ତ ପ୍ରସ୍ତାବିତ ନ୍ୟୂନତମ ଆୟ ଯୋଜନା (ଏନ୍‌ୱାଇଏୱାଇ)ର ଲକ୍ଷ୍ୟ ହେଉଛି ଦେଶର ଦରିଦ୍ର ପରିବାରଗୁଡ଼ିକ ମଧ୍ୟରୁ ୨୦ ପ୍ରତିଶତ ଦରିଦ୍ରତମ ପରିବାରକୁ ବାର୍ଷିକ ୭୨,୦୦୦ ଟଙ୍କା ଲେଖାଏ ଦିଆଯିବ। ଏହା ଏକ ଜନାକର୍ଷଣକାରୀ ଯୋଜନା ଏବଂ ଯଦି ରାହୁଲ ଜିତନ୍ତି ଓ ଏ ଯୋଜନା କାର୍ଯ୍ୟକାରୀ କରନ୍ତି ତେବେ ବାର୍ଷିକ ଏ ବାବଦରେ ୩.୬ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ, ଯାହା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ)ରେ ଯେତିକି ଖର୍ଚ୍ଚ ହେଉଛି ତା'ର ପ୍ରାୟ ଛଅଗୁଣ। ପୁଣି ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ଏହି ଘୋଷଣା ଏକ ମୋଡ଼ ପରିବର୍ତ୍ତନକାରୀ ବିନ୍ଦୁରେ ପରିଣତ ହେବାକୁ ଯାଉଛି। ଅନ୍ୟ ରାଜନୈତିକ ଦଳ ବିଶେଷତଃ ଭାରତୀୟ ଜନତା ପାର୍ଟି କଂଗ୍ରେସର ଏହି ଘୋଷଣାକୁ ପ୍ରତିହତ କରିବା ପାଇଁ ତୁରନ୍ତ ଏକ ଅନୁରୂପ ବା ବଡ଼ ଯୋଜନା ଘୋଷଣା କରିପାରେ। ଆଶା କରାଯାଉଥିଲା ବୁଧବାର ମଧ୍ୟାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଯେଉଁ ଉଦ୍‌ବୋଧନ ଦେବାର ଥିଲା, ସେଥିରେ ସେ ଏହିପରି କିଛି ବା ତା'ଠାରୁ ବଡ଼ କିଛି ଘୋଷଣା କରିବେ। ମାତ୍ର ସେ ତାହା କରିନାହାନ୍ତି। ଯେଉଁ ରାଜନୈତିକ ଦଳ ନିର୍ବାଚନରେ ଜିତିବା ନେଇ ସନ୍ଦିହାନ ଅଛନ୍ତି ବା ଜିତିବାର ଆଶା ହରାଇ ସାରିଛନ୍ତି ସେମାନେ ହିଁ କେବଳ ଏପରି ପପୁଲିଷ୍ଟ (ଜନାକର୍ଷକ) ଘୋଷଣା କରିପାରନ୍ତି।

ପିଏମ୍–କିଷାନ ଯୋଜନାରେ ଏନ୍‌ଡିଏ ସରକାର ପ୍ରତି ହିତାଧିକାରୀଙ୍କୁ ବାର୍ଷିକ ୬୦୦୦ ଟଙ୍କା ଦେବା ଆରମ୍ଭ କରିସାରିଛନ୍ତି। କିନ୍ତୁ ଏ ଯୋଜନା ପ୍ରତି ଦେଶରେ ବିଶେଷତଃ ଓଡ଼ିଶା ଓ ତେଲେଙ୍ଗାନା ପରି ରାଜ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିନାହିଁ କାରଣ ଉକ୍ତ ରାଜ୍ୟଗୁଡ଼ିକରେ ରାଜ୍ୟ ସରକାର ଏହାଠାରୁ ଭଲ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କୃଷିଋଣ ଛାଡ଼ ଘୋଷଣା କରି କଂଗ୍ରେସ ଛତିଶଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ବିଜୟ ହାସଲ କରିପାରିଛି। ସାରା ଦେଶରେ ନିର୍ବାଚନ ଜିତିବା ପାଇଁ ଦଳ ଏବେ ଏହାକୁ ଆୟୁଧ କରିବାକୁ ଆରମ୍ଭ କରିଛି। ଦଳ ଏ ପର୍ଯ୍ୟନ୍ତ ଏ ଯୋଜନା ବାବଦରେ ସବିଶେଷ ଘୋଷଣା କରିନାହିଁ। ଦେଶର ଦରିଦ୍ରତମ ପରିବାରଗୁଡ଼ିକୁ ବାର୍ଷିକ ଯେଉଁ ୩.୬ ଲକ୍ଷ କୋଟି ଟଙ୍କା ଦେବାକୁ ଘୋଷଣା କରିଛି ତାହା ୨୦୧୯–୨୦ କେନ୍ଦ୍ର ବଜେଟରେ ଖାଦ୍ୟ ସୁରକ୍ଷା ଯୋଜନାରେ ଆକଳିତ ଖର୍ଚ୍ଚର ପ୍ରାୟ ଦୁଇଗୁଣ ଏବଂ ସାର ସବ୍‌ସିଡିର ପ୍ରାୟ ୫ ଗୁଣ ହେବ। କଂଗ୍ରେସ ଏତେ ଟଙ୍କା କେଉଁଠୁ ଆଣି ଗରିବ ଲୋକଙ୍କୁ ବାଣ୍ଟିବ, ସେ ବାବଦରେ କିଛି କହିନାହିଁ। ଏହା କ'ଣ ପ୍ରଚଳିତ କିଛି ଯୋଜନାକୁ ବନ୍ଦ କରି ସେ ବାବଦ ଅର୍ଥକୁ ଏନ୍‌ୱାଇଏୱାଇରେ ଖର୍ଚ୍ଚ କରିବ ? ଆଉ ଏକ ସମସ୍ୟା ହେଉଛି ଏହା କିପରି ହିତାଧିକାରୀ ଚୟନ କରିବ। ଦାନରାଶିର ପରିମାଣ ଅତି ବିଶାଳ ହୋଇଥିବାରୁ ଏଥିରେ ସାମାନ୍ୟତମ ବ୍ୟତିକ୍ରମ ଘଟିଲେ ତାହା ଏକ ବିରାଟ ସାମାଜିକ ଓ ରାଜନୈତିକ ପ୍ରତିକ୍ରିୟା ସୃଷ୍ଟିର କାରଣ ହେବ।

## ଆଜିର ଅର୍ଥନୀତି

କୁହାଯାଉଛି ଯେ ଏ ଏନ୍‌ୱାଇଏୱାଇ ପଛରେ ଥିବା ଚିନ୍ତାଧାରାର ନିଶ୍ଚୟ କିଛି ମେରିଟ୍ ରହିଛି। ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ୍ ଏ ଯୋଜନାକୁ ସମର୍ଥନ କରିଛନ୍ତି। ତେଲେଙ୍ଗାନା ଓ ଓଡ଼ିଶା ପରି ରାଜ୍ୟରେ କୃଷକମାନଙ୍କ ଆୟ ବୃଦ୍ଧି ପାଇଁ ଯେଉଁ ଅର୍ଥରାଶି ଦିଆଯାଉଛି ତାହା ସେମାନଙ୍କ ଦୁଃଖ ଦୂର କରିବାରେ ଅନେକାଂଶରେ ସାହାଯ୍ୟ କରିଛି। ସୁତରାଂ ଯଦି ଏନ୍‌ୱାଇଏୱାଇ ଠିକ୍‌ଭାବେ କାର୍ଯ୍ୟକାରୀ କରାଯାଏ, ତା'ହେଲେ ଗ୍ରାମୀଣ ଅଞ୍ଚଳରେ ଜୀବିକା ବୃଦ୍ଧିପାଇବ। ଗରିବ ପରିବାରଟିଏ ଯଦି ୭୨,୦୦୦ ଟଙ୍କା ପାଏ, ତେବେ ତାଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ଓ ଋଣ ପରି କେତେକ ମୌଳିକ ସମସ୍ୟାର ସମାଧାନ ହୋଇପାରିବ। ଗ୍ରାମୀଣ ଅଞ୍ଚଳରେ ଲୋକଙ୍କ ପାଖରେ ଅଧିକ ଟଙ୍କା ରହିବାରୁ ଚାହିଦା ବୃଦ୍ଧିପାଇବ, ଯାହାଦ୍ୱାରା ଆର୍ଥିକ ଅଭିବୃଦ୍ଧି ଘଟିବ। ଅନ୍ୟପକ୍ଷରେ ଶ୍ରମ ବଜାର ସଙ୍କୁଚିତ ହୋଇଯିବ। ଟଙ୍କିକିଆ ଚାଉଳ ଯୋଜନା ଆରମ୍ଭ ହେବା ପରେ ଯେମିତି କୃଷିକ୍ଷେତ୍ରରେ କାମକରିବା ପାଇଁ ଶ୍ରମିକଙ୍କ ଅଭାବ ଦେଖାଦେଲା, ଠିକ୍ ସେମିତି ମାଗଣାରେ ଏପରି ବିପୁଳ ଅର୍ଥ ପାଇବା ପରେ ଆହୁରି ଅନେକ ଶ୍ରମିକ ଆଉ ବିଲରେ ବା ଅନ୍ୟ ଶ୍ରମମୂଳକ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଅନିଚ୍ଛା ପ୍ରକାଶ କରିବେ। ଶ୍ରମିକ ନ ମିଳିଲେ ଗ୍ରାମାଞ୍ଚଳରେ ମଜୁରି ବୃଦ୍ଧି ପାଇବ, ଯାହା ଦେଶର କୃଷକମାନଙ୍କ ପାଇଁ ଏକ ଦୁଇଧାର ବିଶିଷ୍ଟ ଖଣ୍ଡା ପରି ହେବ। ଏ ଯୋଜନା ହୁଏତ ଏବେ କଳ୍ପନା ସ୍ତରରେ ରହିଛି, ମାତ୍ର ରାହୁଲ ଗାନ୍ଧୀଙ୍କର ଏ ରାଜନୈତିକ ଗୁଗ୍‌ଲି ଏବେ ବାଲାକୋଟ ଘଟଣା ପରେ ବାହାବା ନେଇ ଜାତୀୟ ମନସ୍ତତ୍ତ୍ୱକୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ କରୁଥିବା ଏନ୍‌ଡିଏ ମେଣ୍ଟକୁ ଅଡୁଆରେ ପକାଇଦେଇଛି। ଯାହା କୁହାଯାଉ ବା କରାଯାଉ ନା କାହିଁକି ସରକାରୀ ସହାୟତା କେବଳ ସହାୟତା ମାତ୍ର। ଦେଶର ଦାରିଦ୍ର୍ୟ ସହ ଲଢ଼ିବା ପାଇଁ ତାହାକୁ କେବେହେଲେ ରଜତ ଗୁଳି ଭାବେ ବ୍ୟବହାର କରାଯାଇପାରିବ ନାହିଁ।



ଶରତ ଚନ୍ଦ୍ର ମିଶ୍ର

# ଜନସଂଖ୍ୟା ତତ୍ତ୍ୱ ଓ ପୂର୍ବ ଭାରତ

ସ୍ୱାଧୀନତା ପରଠାରୁ ଓ ବିଶେଷତଃ ବାଂଲାଦେଶ ସୃଷ୍ଟି ହେବା (୧୯୭୧) ପରଠାରୁ ଉଭୟ ପଶ୍ଚିମବଙ୍ଗ ଓ ଆସାମରେ ଆନୁପାତିକ ଭାବେ ମୁସଲମାନଙ୍କ ସଂଖ୍ୟା ବୃଦ୍ଧି ପାଇଚାଲିଛି। ଏହି ଧାରା ଅପରିବର୍ତ୍ତିତ ରହିଲେ, ଆଗାମୀ କେତେବର୍ଷରେ ଏହି ଦୁଇ ରାଜ୍ୟରେ ମୁସଲମାନମାନେ ସଂଖ୍ୟାଧିକ ହୋଇଯିବାର ଆଶଙ୍କା ଅଛି ଓ ସେପରି ଏକ ସ୍ଥିତିରେ ସଂଖ୍ୟାଧିକ ମୁସଲମାନ ରାଜ୍ୟଗୁଡ଼ିକ ପଡ଼ୋଶୀ ମୁସଲମାନ ସଂଖ୍ୟାଧିକ ଦେଶ ବାଂଲାଦେଶ ସହିତ ମିଶି ଏକ ବୃହତ୍ତର ମୁସଲିମ୍ ବଙ୍ଗ ଦେଶ ନିମନ୍ତେ ଆନ୍ଦୋଳନ କରିବା ସମ୍ଭବପର।

ସ୍ୱାଧୀନତା ପୂର୍ବରୁ ବଙ୍ଗପ୍ରଦେଶ ଅବିଭକ୍ତ ଭାରତର ସବୁଠାରୁ ଜନବହୁଳ ପ୍ରଦେଶ ଥିଲା ଓ ସେ ପ୍ରଦେଶରେ ୧୯୦୧ ଜନଗଣନା ସମୟରୁ ମୁସଲମାନମାନେ ସଂଖ୍ୟାଧିକ ଥିଲେ। ବିଶେଷତଃ ପୂର୍ବବଙ୍ଗ ଅଞ୍ଚଳରେ ଊନବିଂଶ ଶତାବ୍ଦୀରେ ନମଃଶୂଦ୍ର ଓ ବୌଦ୍ଧ ଧର୍ମାବଲମ୍ବୀଙ୍କର ଇସଲାମକୁ ବ୍ୟାପକ ଧର୍ମାନ୍ତରୀକରଣ ହେତୁ ଏ ପରିବର୍ତ୍ତନ ଘଟିଲା। ଦେଶ ବିଭାଜନ ସମୟରେ ତତ୍କାଳୀନ ବଙ୍ଗ ପ୍ରଦେଶର ପ୍ରଧାନମନ୍ତ୍ରୀ ସୁରାୱାର୍ଦ୍ଦି ଓ କଂଗ୍ରେସ ନେତା ଶରତ ଚନ୍ଦ୍ର ବୋଷ (ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ବଡ଼ଭାଇ) ବଙ୍ଗପ୍ରଦେଶର ବିଭାଜନ ନ କରି ଏହାକୁ ଏକ ସ୍ୱତନ୍ତ୍ର ଦେଶ କରିବା ନିମନ୍ତେ ତତ୍କାଳୀନ ବଡ଼ଲାଟ ମାଉଣ୍ଟ ବେଟେନଙ୍କ ପାଖରେ ଦାବି କରିଥିଲେ। ଏ ଦାବି କଂଗ୍ରେସ ନେତା ଓ ମୁସଲିମ ନେତା ଜିନ୍ନାଙ୍କ ପାଖରେ ଗ୍ରହଣୀୟ ନ ହେବାରୁ ବଙ୍ଗପ୍ରଦେଶର ବିଭାଜନ ହେଲା। ବିଭାଜନ ସମୟରୁ ଆଜି ପର୍ଯ୍ୟନ୍ତ ରାଜନୈତିକ ଓ ସାମାଜିକ ଚାପ ସହ୍ୟ କରି ନ ପାରି ହିନ୍ଦୁମାନେ ପୂର୍ବବଙ୍ଗ (ବର୍ତ୍ତମାନର ବାଂଲାଦେଶ) ଛାଡି ଭାରତ ଚାଲି ଆସୁଛନ୍ତି ଓ ସ୍ୱାଧୀନତା ସମୟରେ ପୂର୍ବବଙ୍ଗ ଅଞ୍ଚଳରେ ହିନ୍ଦୁମାନେ ପ୍ରାୟ ୩୦% ଥିଲାବେଳେ, ବର୍ତ୍ତମାନ ବାଂଲାଦେଶରେ ଏହା ୮.୫%କୁ ଖସିଆସିଲାଣି। ଏହି ଦେଶତ୍ୟାଗୀ ହିନ୍ଦୁମାନଙ୍କୁ ୧୯୭୧ ପର୍ଯ୍ୟନ୍ତ ଶରଣାର୍ଥୀ ଭାବେ ଭାରତ ଗ୍ରହଣ କରୁଥିଲା। ବାଂଲାଦେଶ ସୃଷ୍ଟି ହେଲା ପରେ ଆଉ ସେମାନଙ୍କୁ ଶରଣାର୍ଥୀର ମାନ୍ୟତା ପ୍ରଦାନ କରାଯାଉନାହିଁ।

ଏ ଦେଶତ୍ୟାଗର ଧାରା ୧୯୭୧ ପରେ ବଦଳିଯାଇଛି। ହିନ୍ଦୁମାନେ ବାଂଲାଦେଶ ତ୍ୟାଗ କରିବାର ଧାରା ଅବ୍ୟାହତ ରହିବା ସହିତ ବାଂଲାଦେଶୀ ମୁସଲମାନମାନେ ମଧ୍ୟ ବାଂଲାଦେଶ ଛାଡି ଆସି ପଶ୍ଚିମବଙ୍ଗ ଓ ଆସାମରେ ବସବାସ କରୁଛନ୍ତି। ବାଂଲାଦେଶ ପୃଥିବୀର ସବୁଠାରୁ ଜନାକୀର୍ଣ୍ଣ ଦେଶ ଓ ଦେଶର ଜନସଂଖ୍ୟା ବୃଦ୍ଧି ଅନୁପାତ ମଧ୍ୟ ଅଧିକ। ତେଣୁ ରାଜନୈତିକ ଦଳମାନେ ଓ ସରକାର, ମୁସଲମାନ ନାଗରିକମାନଙ୍କୁ ପଡ଼ୋଶୀ ଭାରତ ଓ ବିଦେଶକୁ ଗମନ କରିବା ନିମନ୍ତେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉତ୍ସାହିତ କରନ୍ତି। ବାଂଲାଦେଶୀ ମୁସଲମାନମାନେ ବର୍ତ୍ତମାନ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଆସାମର ନିଜ ଧର୍ମାବଲମ୍ବୀଙ୍କଠାରୁ ଚୋରାରେ ଭାରତ ଆସି ବସବାସ କରିବାକୁ ସାହାଯ୍ୟପ୍ରାପ୍ତ ହେଉଛନ୍ତି। ଭୋଟ ଆଶାୟୀ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କୁ ନାଗରିକତ୍ୱ, ଭୋଟର ପରିଚୟପତ୍ର, ରାଶନ କାର୍ଡ ଆଦି ପାଇବାରେ ସାହାଯ୍ୟ କରୁଛନ୍ତି। ପଶ୍ଚିମବଙ୍ଗରେ ଉଭୟ ସିପିଏମ୍ ଓ ତୃଣମୂଳ କଂଗ୍ରେସ ସଂଖ୍ୟାଲଘୁ ଭୋଟ ପ୍ରାପ୍ତି ଆଶାରେ ଏଇ ବେଆଇନ ପ୍ରବେଶକାରୀଙ୍କୁ ସୁରକ୍ଷା ପ୍ରଦାନ କରନ୍ତି। କଂଗ୍ରେସ ବହୁକାଳ (୧୯୭୭) ପଶ୍ଚିମବଙ୍ଗରେ କ୍ଷମତାରେ ନ ଥିବାରୁ ଏଇ ବେଆଇନ ପ୍ରବେଶକାରୀମାନେ କଂଗ୍ରେସ ସହିତ ସମ୍ପର୍କ ସ୍ଥାପନରେ ଆଗ୍ରହୀ ନୁହନ୍ତି। ସରକାରୀ ଗଣନା ଅନୁଯାୟୀ, ପ୍ରାୟ ୬୭୪ଜଣ ବାଂଲାଦେଶୀ ପ୍ରତିଦିନ ଭାରତରେ ଅନୁପ୍ରବେଶ କରୁଛନ୍ତି। ସେମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଇସଲାମ ଧର୍ମାବଲମ୍ବୀ।

ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କ ହେତୁ ଏହା ବର୍ତ୍ତମାନ ଭାରତର ସବୁଠାରୁ ଜନାକୀର୍ଣ୍ଣ ରାଜ୍ୟ। ପ୍ରତି ବର୍ଗ କିଲୋମିଟରରେ ୧୦୨୯ ଜଣ ଲୋକ ବାସ କରୁଛନ୍ତି। ପଶ୍ଚିମବଙ୍ଗ ଦେଶର ଭୂଭାଗର ମାତ୍ର ୨.୨୭ ଭାଗ ଅଧିକାର କରୁଥିବା ସ୍ଥଳେ, ଦେଶର ଶତକଡା ୮ ଭାଗ ଲୋକ ଏଠାରେ ବାସକରୁଛନ୍ତି। ବିଗତ ଷାଠିଏ ବର୍ଷରେ (୧୯୫୧–୨୦୧୧) ପଶ୍ଚିମବଙ୍ଗରେ ହିନ୍ଦୁ ଜନସଂଖ୍ୟା ୨.୩ ଗୁଣ ବୃଦ୍ଧି ପାଇଛି। ପକ୍ଷାନ୍ତରେ ମୁସଲମାନ ସଂଖ୍ୟା ୪ ଗୁଣ ବୃଦ୍ଧି ପାଇଛି। ଫଳତଃ ପଶ୍ଚିମବଙ୍ଗରେ ୧୯୫୧ରେ ହିନ୍ଦୁମାନଙ୍କ ସଂଖ୍ୟା ୭୮.୪୫% ଥିଲାବେଳେ ୨୦୧୧ରେ ଏହା ୭୦.୫୪%କୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ମୁସଲମାନ ସଂଖ୍ୟା ୧୯୫୧ରେ ୧୯.୮୫%ରୁ ୨୦୧୧ରେ ୨୭.୦୧%କୁ ବୃଦ୍ଧିପାଇଛି। ମୁସଲମାନମାନେ ଜନ୍ମ ନିୟନ୍ତ୍ରଣ ପାଳନ ନ କରିବା ଅନ୍ୟ ଏକ କାରଣ। ବହୁସଂଖ୍ୟାରେ ହିନ୍ଦୁ, ପୂର୍ବବଙ୍ଗ ଛାଡି ପଶ୍ଚିମବଙ୍ଗକୁ ଆସିବା ସତ୍ତ୍ୱେ ହିନ୍ଦୁ ଜନସଂଖ୍ୟା ପ୍ରାୟ ଶତକଡା ୭ ଭାଗ ହ୍ରାସ ପାଇବା ଉଦ୍‌ବେଗଜନକ।

ଆସାମରେ ମୁସଲମାନମାନଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ବାଂଲାଦେଶ ସୃଷ୍ଟି (୧୯୭୧) ହେଲା ପରେ, ଏ ଧାରା ଅତିମାତ୍ରାରେ ବୃଦ୍ଧିପ୍ରାପ୍ତ ହୋଇଛି। ଆସାମରେ ୧୯୭୧ ରେ ହିନ୍ଦୁଙ୍କ ସଂଖ୍ୟା ୭୨.୮୩% ଥିଲାବେଳେ, ୨୦୧୧ରେ ଏହା ୬୧.୪୭% କୁ ହ୍ରାସ ପାଇଛି। ପକ୍ଷାନ୍ତରେ ମୁସଲମାନଙ୍କ ସଂଖ୍ୟା ୧୯୭୧ ମସିହାରେ ୨୪.୫୬% ଥିଲା ବେଳେ ୨୦୧୧ରେ ଏହା ୩୪.୨୨%କୁ ବୃଦ୍ଧି ପାଇଛି। ବର୍ତ୍ତମାନ ଇସଲାମଧର୍ମୀମାନେ ଆସାମ ଜନସଂଖ୍ୟାର ଏକ ତୃତୀୟାଂଶରୁ ଅଧିକ। ବିଗତ ୪୦ ବର୍ଷ (୧୯୭୧–୨୦୧୧) ମଧ୍ୟରେ ୯ଟି ଜିଲାରେ ମୁସଲମାନମାନେ ସଂଖ୍ୟାଧିକ, ଯଦିଓ ୧୯୭୧ରେ କୌଣସି ଜିଲାରେ ସେମାନେ ସଂଖ୍ୟାଧିକ ନ ଥିଲେ। ସେଇ ଜିଲାଗୁଡିକ ହେଲା ଧୁବ୍ରୀ (୮୦%), ଗୋଆଲପଡ଼ା (୫୮%), ବାରପେଟା (୭୧%), ମୋରିଗାଁଉ (୫୩%), ନୂଆଗାଁଉ (୫୫%), କରିମଗଞ୍ଜ (୫୬%), ହାଇଲାକାଣ୍ଡି (୬୧%), ଦରାଙ୍ଗ (୬୪%) ଓ ବଙ୍ଗାଇଗାଁଉ (୫୧%)। ଏଇ ମୁସଲମାନ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସମସ୍ୟା ଉଦ୍‌ବେଗଜନକ ବୋଲି ଆସାମର ତତ୍କାଳୀନ ରାଜ୍ୟପାଳ ଜେନେରାଲ ଏସ୍.କେ. ସିହ୍ନା କେନ୍ଦ୍ର ସରକାରଙ୍କର ଦୃଷ୍ଟିଆକର୍ଷଣ କରି ପ୍ରତିକାର କରିବା ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ। ଆସାମର ଭୂମିଧାରୀମାନେ ଗରିବ ମୁସଲମାନମାନଙ୍କୁ କୃଷିଶ୍ରମିକ ଭାବେ ନିଯୁକ୍ତି ପ୍ରଦାନ କରନ୍ତି। ଏଇ ଶ୍ରମିକମାନଙ୍କୁ ଆସାମରେ ମଇମନସିଂଘା ବୋଲି କୁହାଯାଏ। ଏମାନେ କିଛିକାଳ ମଧ୍ୟରେ ଆସାମରେ ସ୍ଥାୟୀ ବାସିନ୍ଦା ହୋଇଯାଆନ୍ତି।

ଆସାମରେ ବହିରାଗତଙ୍କ ବିରୋଧରେ ଗଣଆନ୍ଦୋଳନ ଓ ବ୍ୟାପକ ହିଂସାକାଣ୍ଡ କିଛିବର୍ଷ ତଳେ ହୋଇଥିଲା। ଟ୍ରିବ୍ୟୁନାଲ ଗଠନ କରି, ବେଆଇନ ବହିରାଗତମାନଙ୍କୁ ଚିହ୍ନଟ କରି, ତାଙ୍କ ଦେଶକୁ ଫେରାଇଦେବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହା କିନ୍ତୁ ଫଳପ୍ରଦ ହେଲାନାହିଁ। ବାଂଲାଦେଶରୁ ବେଆଇନ ଭାବେ ଲୋକ ଭାରତରେ ପ୍ରବେଶ କରୁଛନ୍ତି ବୋଲି ବାଂଲାଦେଶ ସରକାର ସ୍ୱୀକାର କରେନାହିଁ ଓ ଆଇନଗତ ଭାବେ ବେଆଇନ ପ୍ରବେଶକାରୀ ବୋଲି ଘୋଷିତ ହେଲେ ମଧ୍ୟ ସେମାନଙ୍କୁ ଫେରାଇ ନେବା ନିମନ୍ତେ ରାଜି ହୁଏନାହିଁ।

ବର୍ତ୍ତମାନ କେନ୍ଦ୍ର ସରକାରଙ୍କର ନୂତନ ନାଗରିକ ଆଇନ(୨୦୧୬)କୁଆସାମରେବିରୋଧକରାଯାଉଛି। ଆସାମବାସୀଙ୍କର ଆଶଙ୍କା ଯେ, ଏତଦ୍ୱାରା ଅଧିକ ବଙ୍ଗାଳୀ ହିନ୍ଦୁ ଆସାମରେ ନାଗରିକତ୍ୱ ପ୍ରାପ୍ତ ହେବେ। ବଙ୍ଗାଳୀ ହିନ୍ଦୁମାନେ ଆସାମରେ ଅଲୋଡ଼ା।

ବର୍ତ୍ତମାନର ପଶ୍ଚିମବଙ୍ଗ ସରକାର ମୁସଲମାନ ସଂଖ୍ୟା ବୃଦ୍ଧି, ଭାରତର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ପ୍ରତି ବିଶେଷ ସଚେତନ ନୁହନ୍ତି। ବର୍ତ୍ତମାନର ସରକାରୀ ଦଳ ମୁସଲମାନମାନଙ୍କୁ ଭୋଟ ବ୍ୟାଙ୍କ କରିବାରେ ଅଧିକ ପ୍ରୟାସୀ। ଆସାମରେ ମୁସଲମାନ ଅପେକ୍ଷା ବଙ୍ଗାଳୀ ବିରୋଧୀ ମନୋଭାବ ଅଧିକ। ଦୁଇ ରାଜ୍ୟ ସରକାର ଅଦୂରଦର୍ଶୀ ଦୃଷ୍ଟିକୋଣ ପରିହାର କରି ଭବିଷ୍ୟତ ନିମନ୍ତେ ସଜାଗ ରହିବା ଆବଶ୍ୟକ।

ମୋ–୯୯୩୭୪୨୨୫୨୧



ସଂଗ୍ରାମ କେଶରୀ ପୃଷ୍ଟି

# କୁହୁ କୁହୁ କୋଇଲି

କୁହୁ କୁହୁ– ଯାହାର ଏ ମଧୁର କୂଜନ ପ୍ରତିଟି ପ୍ରାଣକୁ କରେ ଉଲ୍ଲସିତ, ହୃଦୟରେ ଭରିଦିଏ ସ୍ପନ୍ଦନ, ଦେହରେ ଭରିଦିଏ ରୋମାଞ୍ଚ– ସେ ଏ ସଂସାରର ମଧୁରକଣ୍ଠୀ କୋଇଲି ଛଡ଼ା ଆଉ କିଏ ହୋଇପାରେ। କଳାରୂପର ଆବରଣ ତଳେ ତା'ର ଏ ଅସାମାନ୍ୟ ଅଦୃଶ୍ୟ ସୌନ୍ଦର୍ଯ୍ୟ ହିଁ ତା ବୈଚିତ୍ର୍ୟ। ସେଥିପାଇଁ ତ ପକ୍ଷୀ ଜଗତରେ ତା' ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ। ପିକ, କୋକିଳ, କଳକଣ୍ଠ ଆଦି ନାମରେ ପରିଚିତ କୋଇଲିର ଭିନ୍ନ ଏକ ବିଶେଷତା ହେଲା, ସେ କେବଳ ଋତୁରାଜ ବସନ୍ତରେ ହିଁ କୁହୁତାନ କରିଥାଏ। ବସନ୍ତ ଓ ମଳୟ ସହିତ ତା'ର ଏକ ଆତ୍ମୀୟତା ଓ ନିବିଡ଼ତା ସମସ୍ତଙ୍କୁ କରିଥାଏ ମନ୍ତ୍ରମୁଗ୍ଧ। ତମାମ ବର୍ଷ ନୀରବିଯାଇଥିବା ତା' ସ୍ୱର କେବଳ ବସନ୍ତରେ ଝଂକୃତ ହେବା ବିଚିତ୍ର ନୁହେଁ ତ ଆଉ କ'ଣ। କୋଇଲିର ରାବ ମଣିଷ ପାଇଁ ସଙ୍ଗୀତଟିଏ। କୁହୁ କୁହୁ ହେଉଛି ତା' ସଙ୍ଗୀତର ଧୂନ୍। ସେଥିପାଇଁ ତ କୁହାଯାଏ– କଳା କୋଇଲିର ଗୀତ ମିଠା।

ବସନ୍ତ ସହିତ କୋଇଲିର କାହିଁକି ଏ ଆତ୍ମୀୟତା ! କାହିଁକି ମଳୟ ଛୁଆଁରେ ସେ ହୋଇଯାଏ ଆନମନା। କେଉଁ ଭରସାରେ ତା' ପାଖରେ ବଖାଣିବସେ ନିଜ ମନକଥା। କାହା ପାଇଁ ତା'ର ଏ ମଧୁର ମୂର୍ଚ୍ଛନା। ସମ୍ଭବତଃ ବନ୍ଧୁପଣିଆ ପାଇଁ ସିନା। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭାଷାରେ:

''ବନ୍ଧୁ ନିକଟରେ ମନ କଥା ପରା କହିବାକୁ ଲାଗେ ସୁଖ,
ତହିଁ ପାଇଁ ସିନା ବସନ୍ତ ନିକଟେ ପିକ ହୁଏ ବାଦଦୂକ।''

ପକ୍ଷୀ ଜଗତର ଅନନ୍ୟ ଶିଳ୍ପୀଟିଏ, ମଧୁମୟ ଛନ୍ଦଟିଏ– କୋଇଲି। ତା'ର ଅନନ୍ୟ ଆକର୍ଷଣ କାରଣରୁ ସାହିତ୍ୟ, ସଙ୍ଗୀତ ଓ ସଂସ୍କୃତି ଆଦିରେ ତାକୁ ଏକ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି। ସୁନ୍ଦର କଣ୍ଠଥିବା ନାରୀଙ୍କୁ କୋକିଳକଣ୍ଠୀ ଓ ପୁରୁଷଙ୍କୁ କୋକିଳକଣ୍ଠର ଆଖ୍ୟା ଦିଆଯାଏ। ଏ ପ୍ରସଙ୍ଗରେ ମନକୁ ଆସେ ସରୋଜିନୀ ନାଇଡୁଙ୍କ କଥା। ମଧୁର ସ୍ୱର ବିଶିଷ୍ଟ ନାରୀ 'କୋକିଳଭାଷିଣୀ' ଭାବରେ ପରିଚିତ ହୋଇଥାନ୍ତି। ସେହିପରି ସାହିତ୍ୟରେ ଯଶୋଦାଙ୍କ ମନର ବ୍ୟଥାକୁ କୋଇଲି ଆଗରେ ପ୍ରକାଶ କରିବାକୁ ଯାଇ କବି ମାର୍କଣ୍ଡ ଦାସ ଲେଖିଛନ୍ତି:

''କୋଇଲି ଲୋ କେଶବ ଯେ ମଥୁରାକୁ ଗଲା,
କାହା ବୋଲେ ଗଲାପୁତ୍ର ବାହୁଡ଼ି ନଇଲା ଲୋ କୋଇଲି...।''

ନିଜମନରବ୍ୟଥା, ବେଦନା, ଆବେଗ, ଅନୁରାଗ ପ୍ରକାଶ କରିବାର ମାଧ୍ୟମ ଭାବରେ କୋଇଲିକୁ ଗ୍ରହଣ କରିବା ହିଁ ତାକୁ କରିଛି ଗୌରବାନ୍ୱିତ।

ବହୁଚର୍ଚ୍ଚିତ କୋଇଲିକୁ ପ୍ରାଣୀ ବିଜ୍ଞାନରେ ୟୁଡିନାମିସ ସ୍କୋଲୋପ୍ସାମିଆ ବୋଲି କୁହାଯାଏ। ୩୯ରୁ ୪୬ ସେଣ୍ଟିମିଟର ଲମ୍ବ ବିଶିଷ୍ଟ ଏହି ଛୋଟ ପକ୍ଷୀଟିର ଲାଞ୍ଜ ଲମ୍ବା ହୋଇଥିବା ବେଳେ ପରରେ ସାମାନ୍ୟ ଚିହ୍ନ ଦେଖିବାକୁ ମିଳିଥାଏ। ତା' ଛୋଟ ଓ ମୁନିଆ ଥଣ୍ଟ ବେଶ୍ ଆକର୍ଷଣୀୟ। ଅଣ୍ଡିରା କୋଇଲି ଗାଢ଼ କଳା ହୋଇଥିବା ବେଳେ ମାଈ କୋଇଲି ଗାଢ଼ ଧୂସର ରଙ୍ଗବିଶିଷ୍ଟ ହୋଇଥାଏ।

ମାଈ କୋଇଲିର ଥଣ୍ଟ ସବୁଜ ଓ ଆଖି ଲାଲ। ଭାରତ, ଏସିଆ ଓ କେତେକ ୟୁରୋପୀୟ ଦେଶରେ ପ୍ରାୟ ୫୩ ପ୍ରଜାତିର କୋଇଲି କୁକୁଲିନେ ଭାବେ ପରିଚିତ। ମୁଖ୍ୟତଃ କଳା କୋଇଲି, ଭାରତୀୟ କୋଇଲି, ଆଫ୍ରିକୀୟ ଏବଂ ହିମାଳୟ କୋଇଲି, ପ୍ରାଚ୍ୟ କୋଇଲି, ସୁଦାନ ଓ ମାଡାଗାସ୍କାର କୋଇଲି ଏହି ଜାତିର ଅନ୍ତର୍ଭୁକ୍ତ।

ମାତା ଯଶୋଦା, କୌଶଲ୍ୟା ଓ ସୀତା ଅନୁଭବୀ କୋଇଲି ପାଖରେ ନିଜର ଦୁଃଖ ବ୍ୟକ୍ତ କରିଛନ୍ତି, ଯାହା ଓଡ଼ିଆ ସାହିତ୍ୟକୁ କରିଛି ଋଦ୍ଧିମନ୍ତ। କବି ଶଙ୍କର ଦାସ କୌଶଲ୍ୟାଙ୍କ ପୁତ୍ରବିଚ୍ଛେଦ ଶୋକ ବ୍ୟକ୍ତ କରିବାକୁ ଯାଇ 'ବାରମାସୀ କୋଇଲି' ପୁସ୍ତକରେ ବର୍ଣ୍ଣନା କରିଛନ୍ତି:

''କୋଇଲି ଶୁଣ ଲୋ ! ବଇଶାଖୀ ଖରା ଚାହିଁ
ବାହାରକୁ ଯାଏ ନୋହି।
କେଉଁ ବୃକ୍ଷ ମୂଳେ ଜୀବନ ବିକଳେ ଥିବ ମୋର
ପୁତ୍ର ରହି ଲୋ...।''

କୋଇଲିର ସ୍ୱଭାବ ଓ ଆକର୍ଷଣୀୟ ତାନ କାରଣରୁ ସାହିତ୍ୟରେ କୋଇଲି, ଜଗନ୍ନାଥ ସଂସ୍କୃତିରେ କୋଇଲି ବୈକୁଣ୍ଠ, ଆମ୍ବ ଭିତରର ଧଳା କୋଇଲି ମଧ୍ୟ ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରିଛି। ଧଳା କୋଇଲି ସହ ଜନ୍ମଜନ୍ମାନ୍ତରର ସମ୍ପର୍କ କାରଣରୁ ସମ୍ଭବତଃ କୋଇଲି ଆମ୍ରବୃକ୍ଷର ମାୟା ଛାଡ଼ି ନ ପାରି ସେଠି ବସି କୂଜନ କରୁଛି। ଏ ଆତ୍ମୀୟତା କାରଣରୁ ଆମ୍ବଗଛର ଅନ୍ୟନାମ ହେଉଛି–କୋକିଳାବାସ। ସେହିପରି କୋଇଲିବାଇ ଏକ ଜାତୀୟ ଧାନର ନାମ। ବିବାହ ଦିବସର ପ୍ରତ୍ୟୁଷରେ କନ୍ୟାର ସ୍ନାନକୁ କୋଇଲି ବୁଡ଼ କୁହାଯାଏ।

ଏସବୁ ସଫଳତା ସତ୍ତ୍ୱେ କୋଇଲିକୁ ସହିବାକୁ ପଡ଼େ ଅପନିନ୍ଦା। କାହିଁକିନା ସେ କାଉବସାରେ ଅଣ୍ଡା ଦିଏ। ସେଇଠି ହିଁ ଅଣ୍ଡାରୁ ଛୁଆ ଫୁଟେ। କାଉ ଏହା ଜାଣି ନ ପାରି କୋଇଲି ଶାବକକୁ ଲାଳନ ପାଳନ କରେ। ହେଲେ ଛୁଆ ବଡ଼ ହେଲେ ଫୁରର୍ କିନା ଉଡ଼ି ଚାଲିଯାଏ। ଏ ବୈଚିତ୍ର୍ୟ କ୍ରମରେ କାଉ ପ୍ରତି କୋଇଲିର ବିଶ୍ୱସନୀୟତା, ସମର୍ପଣ ଭାବ ଓ ସାହସିକତାକୁ କିଏ ଭଲା ଅସ୍ୱୀକାର କରିପାରିବ ! ସବୁଠୁ ବିସ୍ମୟକର ପ୍ରସଙ୍ଗ ହେଲା ମାଈ କୋଇଲିର ଏ କାର୍ଯ୍ୟ ପରିପ୍ରେକ୍ଷୀରେ ପୁରୁଷ କୋଇଲି ବିଅଙ୍କ ଥାଏ।

ନିନ୍ଦା, ଅପବାଦ, ପ୍ରଶଂସା ସବୁକୁ ପଛରେ ପକାଇ ଚିରାଚରିତ ଢଙ୍ଗରେ କୋଇଲି ରାବେ। ଆଉ ଏହାର ଆକର୍ଷଣରେ ହିଁ ବସନ୍ତ ଆସେ। ବିଳାପର ଦୂତ ହେଉ ଅବା ପୂଜାର୍ଚ୍ଚନାର ମାଧ୍ୟମଟିଏ, ଭାବପ୍ରବଣତାର ସ୍ପନ୍ଦନ ହେଉ ବା ହୃଦୟର ମୂର୍ଚ୍ଛନା ଅଥବା ହେଉ ବିଶ୍ୱାସର ସେତୁଟିଏ–ସବୁରି ମନକୁ ଆବୋରି ବସିଥିବା ମଧୁମୟ ଚରିତ୍ରଟିଏ କୋଇଲି। ତା' କୁହୁ କୁହୁ ତାନ ହିଁ ତା' ପାଇଁ ପାଲଟିଯାଇଛି ଶ୍ରେଷ୍ଠ ପରିଚୟ। ପକ୍ଷୀରାଣୀର ସ୍ୱନ କାନରେ ବାଜିଲାକ୍ଷଣି ମୁହଁରୁ ସ୍ୱତଃପ୍ରବୃତ୍ତ ଭାବରେ ଝରିପଡ଼େ– ମାହେନ୍ଦ୍ରବେଳା ଆସିଗଲା। ସମ୍ପ୍ରତି ଦ୍ରୁତ ଜଙ୍ଗଲ ନଷ୍ଟ, ଗାଁଆମ୍ବତୋଟାର ବିନାଶ କାରଣରୁ ବାସ ହରାଇବାକୁ ବସିଛି ଏହି ନିରୀହ ପକ୍ଷୀଟି। ଯଦି ଏ କ୍ଷେତ୍ରରେ ସାବଧାନତା ଅବଲମ୍ବନ କରା ନ ଯାଏ, ତା' ହେଲେ କୋକିଳର କୂଜନ ଆମ ପାଇଁ ସ୍ୱପ୍ନ ପାଲଟିଯିବ।

ରାଜକିଶୋର ନଗର, ଅନୁଗୋଳ,
ମୋ–୯୪୩୭୫୪୭୧୪୬

## ଏଇ ଭାରତରେ

ଗୁଜରାଟର ଆନନ୍ଦ ଜିଲାର ସୋଜିତ୍ରା ତହସିଲ୍‌ର ମାଲାତାଜ୍ ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ବାବୁଭାଇ ପର୍ମାର ନାମକ ଜଣେ ଚାଷୀଙ୍କ ଘରକୁ ରାତିରେ ଏକ ୮ ଫୁଟ ଲମ୍ବର କୁମ୍ଭୀର ପଶିଆସି ଖଟ ତଳେ ରହିଯାଇଥିଲା। ଗୁହାଳେ ଗାଈଙ୍କ ହମ୍ବାରଡ଼ିରେ ବାବୁଭାଇଙ୍କ ନିଦ ଭାଙ୍ଗି ଯାଇଥିଲା। ସେ ମଶାରି ଉଠାଇ ଖଟ ତଳେ ବିରାଟକାୟ କୁମ୍ଭୀର ଦେଖି ଭୟଭୀତ ହୋଇ ଗାଁ ଲୋକଙ୍କୁ ଡାକିଥିଲେ। ଏହାପରେ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ ବିଭାଗ ପକ୍ଷରୁ କୁମ୍ଭୀର ଉଦ୍ଧାରକାରୀ ସଦସ୍ୟ ନୀତେଶ ଚୌହାନ ଗର୍ଭବତୀ କୁମ୍ଭୀରକୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡ଼ିଥିଲେ। ବର୍ତ୍ତମାନ କୁମ୍ଭୀରଙ୍କ ଅଣ୍ଡା ଦେବା ସମୟ ଥିବାରୁ କୁମ୍ଭୀରଟି ସ୍ଥାନୀୟ ମାଲାତାଜ୍ ହ୍ରଦରୁ ବାହାରି ଉକ୍ତ ବ୍ୟକ୍ତିଙ୍କ ଘରେ ପଶିଯାଇଥିବା ଅନୁମାନ କରାଯାଉଛି। ତେବେ ତାଙ୍କ ଶୋଇବା ଘରକୁ କୁମ୍ଭୀର ପଶିଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ କୋକୁଆଭୟ ସୃଷ୍ଟି କରିଛି। ଆଉ କେତେବେଳେ କାହା ଘର ପାଖକୁ କୁମ୍ଭୀର ଚାଲିଆସିବ ସେଥିପାଇଁ ସମସ୍ତେ ଭୟଭୀତ ଅଛନ୍ତି। ଏଥିପାଇଁ ବନବିଭାଗ ସଜାଗ ରହିଥିବା ସୂଚନା ମିଳିଛି। ମାଲାତାଜ୍ ହ୍ରଦ ନିକଟରେ ମାଲାତାଜ୍, ଦେୱା ଏବଂ ପେଟିଲି ଆଦି ଗାଁ ରହିଛି। ତେଣୁ ଲୋକଙ୍କୁ ଖୁବ୍ ସତର୍କ ହୋଇ ଚଳିବାକୁ ପଡୁଛି।

## ଚିରନ୍ତନୀ

ଆଶ୍ରୟହୀନ ସୀମାହୀନ ମହାମରୁ
ମଧ୍ୟେ କେବଳ ଉଭା ଏକ ବଟ ତରୁ
ଏକାକୀ ପଥିକ ବିଶ୍ରାମ ନେବା ଆଶେ
ବହୁ ଦୂର ପଥୁଁ ଆସିଲି ତାହାରି ପାଶେ।
ଦେଖିଲି ବୃଦ୍ଧା ଏକାକିନୀ ତରୁ ତଳେ
ଛିନ୍ନ ବସନ ନ ପାରେ ବେଢ଼ାଇ ଗଳେ,
ନିଭିଛି ଆଲୋକ ପଳିତ ନୟନ ପତା,
ନ ଚଳେ ଚରଣ ସକଳ ଅଙ୍ଗେ ବ୍ୟଥା।
ପାଶେ ଆସି ତା'ର ପୁଛିଲଇଁ ପରିଚୟ,
ନିରେଖି ସେ ମୁଖ ଉପୁଜିଲା ଘୋର ଭୟ–
ଦଶନବିହୀନ ଅଧରେ ଉଠିଲା ହସି
କପୋଳୁଁ ରକତ ଶୁଖିଛି, ରହିଛି ମସୀ !

(ଜୀବନର ସ୍ୱର୍ଣ୍ଣ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | 8 | | | 7 | | | | | B | A | | | |
| | | | 3 | 1 | | | | | 7 | 0 | | 8 | | |
| | | | | D | | | 4 | 3 | | 5 | 6 | | | |
| | | | | | | E | 8 | | 4 | | | 9 | | 2 |
| | 7 | | E | | 6 | 1 | | 2 | | | | 5 | | |
| | 5 | 4 | C | | | 7 | B | | | 2 | 1 | | | |
| | | | | | | | | | | C | 8 | | | 3 |
| 6 | | | | B | | | 0 | 1 | | 7 | | | | |
| | D | B | | | 1 | C | | 9 | 0 | | | | | 4 |
| 1 | | | | | 0 | 4 | A | 6 | | | 9 | D | | |
| | | | A | 7 | | | | 4 | | 6 | E | | 0 | 8 |
| 2 | 4 | D | | 8 | | | | B | | 3 | | 6 | | |
| | | | | | | | | 0 | | | | | C | |
| | C | 1 | | 5 | 4 | 3 | | D | | | | | | |
| 9 | A | 6 | | 3 | | | | | | | 0 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 1 | 5 | 0 | 8 | C | E | B | 4 | 2 | D | 9 | 6 | A | 3 |
| B | D | A | 6 | 2 | 3 | 5 | C | 7 | 8 | 0 | E | 9 | 1 | 4 |
| 4 | 9 | C | 1 | A | E | 3 | 0 | 8 | B | 6 | 7 | 2 | 5 | D |
| 8 | 6 | 2 | B | 7 | 5 | D | 9 | A | 4 | 3 | 1 | 0 | E | C |
| 3 | E | 0 | 4 | D | 9 | 2 | 1 | 6 | C | A | 5 | 7 | B | 8 |
| C | 0 | 9 | D | 3 | 8 | B | 4 | 1 | E | 2 | 6 | 5 | 7 | A |
| 6 | A | 4 | E | C | B | 8 | 2 | 5 | 9 | 7 | 0 | D | 3 | 1 |
| 5 | 3 | 1 | 2 | 0 | 4 | 7 | A | 9 | D | B | C | 8 | 6 | E |
| D | 2 | 7 | 9 | 5 | 1 | 6 | E | 3 | A | 4 | 8 | B | C | 0 |
| E | 8 | B | 7 | 6 | A | 0 | D | C | 5 | 1 | 3 | 4 | 9 | 2 |
| A | 5 | 6 | 8 | 4 | 0 | C | 7 | D | 1 | E | B | 3 | 2 | 9 |
| 1 | 4 | D | C | E | 7 | 9 | 5 | B | 3 | 8 | 2 | A | 0 | 6 |
| 0 | 7 | 8 | 5 | 1 | 2 | 4 | 3 | E | 6 | 9 | A | C | D | B |
| 9 | C | 3 | A | B | 6 | 1 | 8 | 2 | 0 | 5 | D | E | 4 | 7 |
| 2 | B | E | 3 | 9 | D | A | 6 | 0 | 7 | C | 4 | 1 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଶନ କାର୍ଡରୁ ଝିଅଙ୍କ ନାମ ବାଦ୍

ମହାଶୟ,

ପୁରୀ ଜିଲା ସଦର ବ୍ଲକର ଭାଇଲିପୁର ଗ୍ରାମପଞ୍ଚାୟତର ସମସ୍ତ ପରିବାରର ରାଶନ କାର୍ଡରୁ ନାବାଳିକା ଏବଂ ସାବାଳିକା ସମସ୍ତ ଝିଅଙ୍କ ନାମକୁ ପଞ୍ଚାୟତର ସରପଞ୍ଚ ଏବଂ ପୁରୀ ସଦର ବ୍ଲକ କର୍ମଚାରୀ ଓ ଖାଦ୍ୟ ଯୋଗାଣ ବିଭାଗ ଅଧିକାରୀମାନେ କାଟିଦେଇଛନ୍ତି। ଫଳରେ ପଞ୍ଚାୟତର କୌଣସି ଝିଅ ରାଶନ କାର୍ଡରେ ଆସୁଥିବା ଚାଉଳ, ଗହମ, କିରୋସିନ ପାଇପାରୁ ନାହାନ୍ତି। ଏହା ୨୦୧୬ ମସିହାରୁ କାଟି ଦିଆଯାଇଛି। ପଞ୍ଚାୟତର ସରପଞ୍ଚଙ୍କ ସହ କୁଜି ନେତାମାନେ କୁହନ୍ତି ଯେ, ଝିଅମାନେ ତ ବାହା ହୋଇଯିବେ, ସେମାନଙ୍କର ରାଶନ କାର୍ଡରେ ନାମ ରହିବା ଆବଶ୍ୟକ ନାହିଁ। ସବୁ ଝିଅଙ୍କ ନାମ କାଟି ଭାଇଲିପୁର ପଞ୍ଚାୟତରେ ୪ ଚକିଆ ଯାନ, ବହୁ ସମ୍ପତ୍ତିର ମାଲିକ ଥିବା ଏପିଏଲ ବର୍ଗଙ୍କୁ ନୂଆ ରାଶନ କାର୍ଡ ଯୋଗାଇ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ବେଟି ପଢାଓ ବେଟି ବଚାଓ ଏଠି କ୍ଷୁଣ୍ଣ। ବେଟିମାନେ ତ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ, ପଢିବେ କିପରି ? ରାଜ୍ୟର ମହିଳା କମିଶନ ତଥା ସରକାରୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

ସଂଗ୍ରାମ ସେନାପତି, ଆରିହଁ, କଣାସ, ପୁରୀ

### ସୌଭାଗ୍ୟ ବନାମ ଦୁର୍ଭାଗ୍ୟ

ମନୁଷ୍ୟ ଜନ୍ମ ପାଇବା ଏକ ସୌଭାଗ୍ୟ। ଏହା ଉତ୍ତମ କର୍ମର ଫଳ। ଈଶ୍ୱର ଦେଉଥିବା ସୁଯୋଗର ସଦୁପଯୋଗରେ ହିଁ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଈଶ୍ୱରପ୍ରଦତ୍ତ ସୁଯୋଗର ଦୁରୁପଯୋଗରେ ଦୁର୍ଭାଗ୍ୟ ପ୍ରାପ୍ତି ହୁଏ। ସତ୍‌କର୍ମ କରି ଯେଉଁ ସଫଳତା, ସୁଖ ଓ ଶାନ୍ତି ମିଳେ ତାହା ସୌଭାଗ୍ୟ। ଖରାପ କର୍ମ କରି ଯେଉଁ ଦୁଃଖ ମିଳେ ତାହା ଦୁର୍ଭାଗ୍ୟ। ମନୁଷ୍ୟ ପରମାତ୍ମାଙ୍କ ସହ ସମ୍ପର୍କ ରଖି ଯେଉଁ କର୍ମ କରେ ସେଥିରୁ ଆପେ ଆପେ ସୌଭାଗ୍ୟ ମିଳିଥାଏ। ଉଭୟ ସୌଭାଗ୍ୟ ଓ ଦୁର୍ଭାଗ୍ୟ ଚିରସ୍ଥାୟୀ ନୁହେଁ। ଆଜିର ସୌଭାଗ୍ୟ କାଲି ଦୁର୍ଭାଗ୍ୟରେ ପରିଣତ ହୋଇପାରେ। ସେହିପରି ଆଜିର ଦୁର୍ଭାଗ୍ୟ କାଲି ସୌଭାଗ୍ୟରେ ପରିଣତ ହୋଇପାରେ। ବୁଦ୍ଧିମାନ ଓ ଉଦାର ଲୋକ କର୍ମର ଉପାସନା କଲାବେଳେ କାପୁରୁଷମାନେ ଭାଗ୍ୟ ଉପରେ ନିର୍ଭର କରନ୍ତି। ପ୍ରକୃତରେ ଆମର କର୍ମ ଆମ ଭବିଷ୍ୟତ ଓ ଭାଗ୍ୟକୁ ନିୟନ୍ତ୍ରଣ କରେ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା

**ସଂକ୍ଷେପରେ**

## ବିଜେଡି ସାଧାରଣ ସମ୍ପାଦକ ହେଲେ ସୁବାସ ଚୌହାନ

କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର ସହପର୍ଯ୍ୟବେକ୍ଷକ ନିଯୁକ୍ତ



**ଭୁବନେଶ୍ୱର,୨୮।୩(ବ୍ୟୁରୋ):** ବିଜେଡିରେ ଯୋଗଦେବାର ଗୋଟିଏ ଦିନ ପରେ ସୁବାସ ଚୌହାନଙ୍କୁ ଦଳୀୟ ଦାୟିତ୍ୱ ପ୍ରଦାନ କରାଯାଇଛି। ସୁବାସଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ କରାଯିବା ସହ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଏବଂ ସମ୍ବଲପୁର ଜିଲାର ସହପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କିତ ନିଷ୍ପତ୍ତିକୁ ଗୁରୁବାର ଅନୁମୋଦନ କରିଛନ୍ତି। ସୁବାସ ୨୦୧୪ରେ ବରଗଡ଼ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହେବା ସହ ଅଳ୍ପ ବ୍ୟବଧାନରେ ପରାସ୍ତ ହୋଇଥିଲେ। ତାଙ୍କୁ ଭାଜପା ଚଳିତଥର ପ୍ରାର୍ଥୀ ନ କରି ସୁରେଶ ପୂଜାରୀଙ୍କୁ ବରଗଡ଼ରେ ପ୍ରାର୍ଥୀ କରିଛି। ଦଳର ଏହି ନିଷ୍ପତ୍ତିକୁ ବିରୋଧ କରି ମଙ୍ଗଳବାର ସୁବାସ ଭାଜପା ଛାଡିଥିଲେ। ଦଳ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମାଲୋଚନା କରିବା ସହ ବୁଧବାର ବିଜେଡିରେ ସାମିଲ ହୋଇଥିଲେ। ବିଜେଡିରେ ତାଙ୍କୁ ଉପଯୁକ୍ତ ପଦପଦବୀ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମିଶ୍ରଣ ପର୍ବ ପରେ ସୂଚନା ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍ଏସ୍) ସଦସ୍ୟ ଥିବା ସୁବାସ ଜଣେ ଉତ୍ତମ ସଙ୍ଗଠକ। ତେଣୁ ନିର୍ବାଚନ ସମୟରେ ତାଙ୍କ ସାଙ୍ଗଠନିକ ଦକ୍ଷତା ବିଜେଡିକୁ ସହାୟକ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।




# ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାକୁ ମାଧୁରୀଙ୍କ ଖଣ୍ଡନ



**ମୁମ୍ବାଇ:** ଆସନ୍ତା ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଖବରକୁ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଖଣ୍ଡନ କରିଛନ୍ତି। ଭାରତୀୟ ଜନତା ପାର୍ଟି (ଭାଜପା)ରୁ ପ୍ରାର୍ଥୀ ହୋଇ ପୁନେ ଲୋକ ସଭା ଆସନରୁ ମାଧୁରୀ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ବୋଲି ପ୍ରଚାର ହେଉଥିଲା। କିନ୍ତୁ କୌଣସି ଦଳରେ ସମ୍ପୃକ୍ତ ନ ଥିବା ମାଧୁରୀ ସ୍ପଷ୍ଟ କରିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, ଏହା ଏକ ଗୁଜବ ମାତ୍ର। ମୁଁ କୌଣସି ରାଜନୈତିକ ଦଳରୁ ପ୍ରାର୍ଥୀ ହେଉନାହିଁ। ମାଧୁରୀ ୧୯୮୪ରେ 'ଅବୋଧ'ରେ ଅଭିନୟ କରି ବଲିଉଡରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ତେବେ ସେ ଭାରତୀୟ ସିନେମା ଶିଳ୍ପରେ ଖୁବ୍ ଆକର୍ଷଣୀୟ କଳାକାର ଭାବେ ବେଶ୍ ଭଲ ଭାବରେ ପରିଚିତ। 'ତେଜାବ', 'ରାମ ଲଖନ୍', 'ଦିଲ୍', 'ବେଟା', 'ହମ୍ ଆପ୍‌କେ ହେଁ କୌନ୍', 'ଅଞ୍ଜାମ୍', 'ମୃତ୍ୟୁଦଣ୍ଡ', 'ପୁକାର', 'ଦିଲ ତୋ ପାଗଲ ହେଁ' ଏବଂ 'ଦେବଦାସ' ଭଳି ଫିଲ୍ମରେ ଅଭିନୟ କରି ମାଧୁରୀ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି। ସେ 'ଗୁଲାବି ଗ୍ୟାଙ୍ଗ୍'ରେ ମଧ୍ୟ ନିଜ କଳାନୈପୁଣ୍ୟର ପରାକାଷ୍ଠା ପ୍ରତିପାଦନ କରିପାରିଛନ୍ତି। ବର୍ତ୍ତମାନ ମାଧୁରୀଙ୍କ ମରାଠୀ ଫିଲ୍ମ '୧୫ ଅଗଷ୍ଟ' ମାର୍ଚ୍ଚ ୨୯ରେ ରିଲିଜ୍ ହେବାକୁ ଯାଉଛି। ତାଙ୍କୁ ମଧ୍ୟ 'କଲଙ୍କ'ରେ ଦେଖିବାକୁ ମିଳିବ।

# ଅର୍ଥନୈତିକ ବିକାଶରେ ମହିଳାଙ୍କୁ ଅଣଦେଖା

- କୃଷିକ୍ଷେତ୍ର ସଙ୍କୁଚିତ ହେବା ଯୋଗୁ ମହିଳା ଶ୍ରମଜୀବୀଙ୍କ ଭାଗିଦାରୀ କମୁଛି
- ଗ୍ରାମାଞ୍ଚଳ ଶ୍ରମବଜାର ଲିଙ୍ଗ, ଜାତି, ଶ୍ରେଣୀ ଆଧାରରେ ନିୟନ୍ତ୍ରିତ
- କାମ କରିବାକୁ ଆଗ୍ରହୀ ହେଉଛନ୍ତି ମହିଳା
- ପାରିଶ୍ରମିକରେ ଅସମାନତା ସାଜୁଛି ପ୍ରତିବନ୍ଧକ

**ଭୁବନେଶ୍ୱର,୨୮।୩(ବ୍ୟୁରୋ)**

ଗ୍ରାମାଞ୍ଚଳରେ ଚାକିରିରେ ହ୍ରାସ, ଦ୍ରୁତ ସହରୀକରଣ, ଅସମାନ ଦରମା, ଅଣପାରିଶ୍ରମିକ ପାରିବାରିକ କାର୍ଯ୍ୟର ବୋଝ ଏବଂ ପ୍ରତିଗାମୀ ସାମାଜିକ ମାନଦଣ୍ଡ ଯୋଗୁ ଦିନକୁ ଦିନ କର୍ମକ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରୀ ହ୍ରାସ ପାଉଛି। ଗୁଣାତ୍ମକ ଚାକିରିର ଅଭାବ ଏବଂ ମଜୁରୀ କ୍ଷେତ୍ରରେ ବ୍ୟାପକ ପାତରଅନ୍ତର ଯୋଗୁ ଭାରତୀୟ ଶ୍ରମବଜାରରେ କମ୍ ମହିଳାଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। କର୍ମକ୍ଷେତ୍ରର ଅଭିବୃଦ୍ଧି ତଥା ଲିଙ୍ଗଭେଦ ଦୂର କେବଳ ଭାଷଣରେ ସୀମିତ ରହିଯାଇଥିବା ବେଳେ ଭାରତର ଅର୍ଥନୈତିକ ବିକାଶରେ ମହିଳାମାନଙ୍କୁ ପଛରେ ଛାଡ଼ି ଦିଆଯାଇଛି। ଭାରତ ବିଗତ ଦୁଇଦଶନ୍ଧି ହେଲା ୭ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରୁଛି, କିନ୍ତୁ ଏହି ଅର୍ଥନୈତିକ ଅଭିବୃଦ୍ଧିରେ କର୍ମନିଯୁକ୍ତି କ୍ଷେତ୍ରର ଅଭିବୃଦ୍ଧି ତାଳଦେଇ ପାରିନାହିଁ। ଅଣସଙ୍ଗଠିତ କ୍ଷେତ୍ର ହେଉ ବା ଔପଚାରିକ କ୍ଷେତ୍ରର ସାମୟିକ ଅଥବା ଠିକା ଶ୍ରମିକ ଭାବେ ଅଧିକାଂଶ କର୍ମନିଯୁକ୍ତି ସୃଷ୍ଟି ହେଉଛି। ଏହିଭଳି ଅବସ୍ଥା ଜାରି ରହିବା ହେତୁ ଭାରତୀୟ ଶ୍ରମଜୀବୀଙ୍କ ଆଗକୁ ବଢ଼ିବାର ଧାରାରେ ପ୍ରତିବନ୍ଧକ ଲାଗୁଛି। ସେମାନେ ବାଧ ହୋଇ କମ୍ ଦରମାରେ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଛନ୍ତି।

ଅକ୍ସଫାମ୍ ଇଣ୍ଡିଆ ଦ୍ୱାରା ପ୍ରକାଶିତ 'ଭାରତରେ କର୍ମନିଯୁକ୍ତି କ୍ଷେତ୍ରର ସ୍ଥିତି' ରିପୋର୍ଟରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହି ଜାତୀୟସ୍ତରୀୟ ରିପୋର୍ଟ ଗୁରୁବାର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହାର ତଥ୍ୟ ମୁତାବକ, ୨୦୦୧ରୁ ୨୦୧୧ ଭିତରେ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ମହିଳାଙ୍କ ମଧ୍ୟରେ ଜୀବିକା ଗ୍ରହଣ କରିବାର ପ୍ରବୃତ୍ତି ବୃଦ୍ଧି ପାଇଛି। ହେଲେ ପୁରୁଷଙ୍କ ଭଳି ସମାନ ଯୋଗ୍ୟତା ଥାଇ ମଧ୍ୟ ସମାନ କାମରେ ନିଯୁକ୍ତ ମହିଳା ଶ୍ରମିକ ୩୪ ପ୍ରତିଶତ କମ୍ ଦରମା ପାଉଛନ୍ତି। ୨୦୧୫ ମସିହାର ଏକ ପରିସଂଖ୍ୟାନ ଅନୁସାରେ ୯୨ ପ୍ରତିଶତ ମହିଳା ଏବଂ ୮୨ ପ୍ରତିଶତ ପୁରୁଷ ମାସକୁ ୧୦ହଜାର ଟଙ୍କାରୁ କମ୍ ଆୟ କରୁଛନ୍ତି। ୨୦୧୩ ମସିହାରେ ସପ୍ତମ ବେତନ କମିଶନ ସର୍ବନିମ୍ନ ମାସିକ ଦରମା ୧୮ ହଜାର ଟଙ୍କା ସୁପାରିସ କରିଥିବା ବେଳେ ଏହା ତା'ଠାରୁ ଯଥେଷ୍ଟ କମ୍।

ଅନ୍ୟପକ୍ଷରେ ପରିବାରରେ ପୁରୁଷ ସଦସ୍ୟ ଅଣଚାଷ କାର୍ଯ୍ୟ ଆଡ଼କୁ ମୁହାଁଇବା ତଥା ଜୀବିକା ସନ୍ଧାନରେ ବାହାରକୁ ଯିବା ଦ୍ୱାରା କୃଷି କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ ବୃଦ୍ଧି ପାଇଛି। ପାଖାପାଖି ୭୫ ପ୍ରତିଶତ ଗ୍ରାମୀଣ ମହିଳା କୃଷି କ୍ଷେତ୍ରରେ ନିଯୁକ୍ତ ହୋଇଛନ୍ତି। କିନ୍ତୁ ସେମାନେ କମ୍ ପାରିଶ୍ରମିକ ନିଯୁକ୍ତି ଯେପରି ତଳି ରୋଇବା, ଶସ୍ୟ ସ୍ଥାନାନ୍ତର କରିବା ଆଦି କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଦିନକୁ ଦିନ କୃଷି କ୍ଷେତ୍ର ସଙ୍କୁଚିତ ହେବା ଦ୍ୱାରା ମହିଳା ଶ୍ରମଜୀବୀଙ୍କ ଭାଗିଦାରୀ ହାର କମୁଛି। ନିର୍ମାଣ ଓ ସେବା କ୍ଷେତ୍ର ତଥା ଆବର୍ଜନା ସଂଗ୍ରହ କ୍ଷେତ୍ରରେ ଅନୁସୂଚିତ ବର୍ଗର ମହିଳା ଏବଂ ସାଧାରଣ ବର୍ଗର ମହିଳାମାନେ ପାଠ ପଢ଼ାଇବା ବା ସ୍ୱାସ୍ଥ୍ୟସେବା ଭଳି କାର୍ଯ୍ୟରେ ଅଧିକ ଯୋଗଦେଇଥାଆନ୍ତି। ପାଖାପାଖି ୪୯.୫ ପ୍ରତିଶତ କର୍ମଜୀବୀ ମହିଳାଙ୍କୁ ତାଙ୍କ ସ୍ୱାମୀ ଯେଉଁ କ୍ଷେତ୍ରରେ କାମ କରନ୍ତି, ସେହିଠାରେ କାମ କରୁଥିବା ଦେଖିବାକୁ ମିଳେ। ଗ୍ରାମାଞ୍ଚଳ ଶ୍ରମବଜାର ମୁଖ୍ୟତଃ ଲିଙ୍ଗ, ଜାତି ଏବଂ ଶ୍ରେଣୀ ଆଧାରରେ ନିୟନ୍ତ୍ରିତ ହେଉଥିବା ବେଳେ ଜାତି ଆଧାରରେ ପାରମ୍ପରିକ ଜୀବିକା ଗ୍ରହଣ ପ୍ରଥା ଆଜି ବି ଭାରତରେ ପ୍ରଚଳିତ ବୋଲି ଏହି ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଏହି ରିପୋର୍ଟ ଉନ୍ମୋଚନ ସଭାରେ ଅର୍ଥନୈତିକ ବିଶ୍ଳେଷକ ଦିଲୀପ ଶତପଥୀ ଓ ପ୍ରିୟରଞ୍ଜନ ସାହୁ ଯୋଗଦେଇ ସରକାର ଦେଶରେ ଅସମାନତା ଦୂର ପାଇଁ ନିଯୁକ୍ତି କ୍ଷେତ୍ରରେ ଯଥେଷ୍ଟ ପଦକ୍ଷେପ ନେବାକୁ ମତ ଦେଇଥିଲେ। ଅକ୍ସଫାମ୍ ଇଣ୍ଡିଆର କାର୍ଯ୍ୟକ୍ରମ ସଂଯୋଜକ ଡ. ପ୍ରଭାସ ରଞ୍ଜନ ମିଶ୍ର ଏହି ରିପୋର୍ଟକୁ ଉପସ୍ଥାପନା କରିଥିବା ବେଳେ କ୍ଷେତ୍ରୀୟ ପ୍ରବନ୍ଧକ ଅକ୍ଷୟ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରଞ୍ଜୀବ ଏଆଇସିସି ମୁଖପାତ୍ର



**ଭୁବନେଶ୍ୱର,୨୮।୩(ବ୍ୟୁରୋ)**

ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କୁ ଏଆଇସିସି ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅନୁମୋଦନ ପରେ ଏ ସମ୍ପର୍କିତ ଏକ ବିଜ୍ଞପ୍ତି ଦଳ ପକ୍ଷରୁ ଗୁରୁବାର ପ୍ରକାଶ ପାଇଛି। ରଞ୍ଜୀବ ପୂର୍ବରୁ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀରୁ ୧୯୯୬ ଏବଂ ୧୯୯୮ରେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ୨୦୧୪ରୁ ରାଜ୍ୟ ସଭା ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୦ ଏପ୍ରିଲରେ ସମାପ୍ତ ହେବାକୁ ଯାଉଛି।

**ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ**

# ୭ ଲକ୍ଷ ୧୧ ହଜାର ପୋଷ୍ଟର, ହୋର୍ଡିଂ ହଟାଇଲେ ନିର୍ବାଚନ କମିଶନ

ଭୁବନେଶ୍ୱର,୨୮।୩(ବ୍ୟୁରୋ) -ରାଜ୍ୟରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ତେବେ ରାଜନୈତିକ ଦଳଗୁଡ଼ିକ ପ୍ରଚାର ପାଇଁ ଖୋଲାଖୋଲି ଆଚରଣ ବିଧି ଉଲ୍ଲଂଘନ କରିବାକୁ ପଛାଉନାହାନ୍ତି। ଏବେ ସୁଦ୍ଧା ସର୍ବସାଧାରଣ ସ୍ଥାନରେ ଲାଗିଥିବା ୭ ଲକ୍ଷ ୧୧ ହଜାର ୭୩୮ ହୋର୍ଡିଂ ଏବଂ ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନରେ ବେଆଇନ ଭାବେ ଲାଗିଥିବା ୭୦ ହଜାର ୩୯୩ ହୋର୍ଡିଂ, ପୋଷ୍ଟର ଆଦିକୁ ମଧ୍ୟ ବାହାର କରି ଦିଆଯାଇଛି।

NATION TAX MARKET
GST

ଫୋନ୍: ୦୬୭୪-୨୫୮ ୯୯୩୫, ୨୫୮ ୮୬୭୨
ଫାକ୍ସ: ୦୬୭୪-୨୫୮ ୯୯୩୮
ଇମେଲ୍: ccbbsr@rediffmail.com/ ccu-exbbr@nic.in

ମୁଖ୍ୟ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଜିଏସ୍‌ଟି ଏବଂ ସୀମା ଶୁଳ୍କ, ଭୁବନେଶ୍ୱର ଜୋନ୍
OFFICE OF THE CHIEF COMMISSIONER, CGST, CX & CUSTOMS, BHUBANESWAR ZONE
କେନ୍ଦ୍ରୀୟ ରାଜସ୍ୱ ଭବନ, ରାଜସ୍ୱ ବିହାର, ଭୁବନେଶ୍ୱର - ୭୫୧୦୦୭, ଓଡ଼ିଶା
C.R. BUILDING, RAJASWA VIHAR, BHUBANESWAR-751007, ODISHA

**ବିଜ୍ଞପ୍ତି**

ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ଅନ୍ୟାନ୍ୟ ନ୍ୟାୟାଳୟରେ ଅପ୍ରତ୍ୟକ୍ଷ ଟିକସ ସମ୍ପର୍କିତ ମକଦ୍ଦମାଗୁଡ଼ିକର ପ୍ରବନ୍ଧନ ପାଇଁ ବରିଷ୍ଠ/କନିଷ୍ଠ ଓକିଲଙ୍କ ନିଯୁକ୍ତି ସମ୍ପର୍କରେ ଏହି କାର୍ଯ୍ୟାଳୟର ତା୨୫।୦୨।୨୦୧୯ରିଖର ପୂର୍ବବର୍ତ୍ତୀ ବିଜ୍ଞାପନର ଆଂଶିକ ସଂଶୋଧନ କରାଯାଇଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖକୁ ଏତଦ୍ୱାରା ତା୧୧।୦୩।୨୦୧୯ରିଖରୁ ତା୦୪।୦୪।୨୦୧୯ରିଖକୁ ବୃଦ୍ଧି କରାଯାଇଛି। ତା୦୪।୦୪।୨୦୧୯ରିଖ ପରେ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ପ୍ରଶ୍ରୟ ଦିଆଯିବ ନାହିଁ।

ସ୍ୱା./- (ବି.କେ. ନାୟକ),
ସହକାରୀ ଆୟୁକ୍ତ (ସିସିଓ),
ସିଜିଏସ୍‌ଟି, ସି.ଏକ୍ସ ଏବଂ ସୀମା ଶୁଳ୍କ,
ଭୁବନେଶ୍ୱର ଜୋନ୍

**ରେକର୍ଡ଼ସଂଖ୍ୟକ ୯୦ରୁ ଉର୍ଦ୍ଧ୍ୱ ସିନେମା ହଲ୍‌ରେ ଆଜି ଶୁଭମୁକ୍ତି**

ଶ୍ରୀୟା-ଆଇନକ୍ସ ଭବାନୀ-ସିନେପୋଲିସ୍-ଆଇନକ୍ସ ରେଗାଲିଆ-ରବି (ଭୁବନେଶ୍ୱର)
ବୃନ୍ଦାବନ-ସମ୍ରାଟ୍-ଆଇନକ୍ସ (କଟକ) ପାୟଲ୍-ଶିବା (ବ୍ରହ୍ମପୁର) ଶ୍ରୀକୃଷ୍ଣ (ପୁରୀ)
ମୁଭି ଏକ୍ସ-ଓଡ଼ିଏନ୍ (ବାଲେଶ୍ୱର) ମାଧବ (ଭଦ୍ରକ) ରକ୍ସି (ବାରିପଦା) ସରସ୍ୱତୀ-ଜଗନ୍ନାଥ (ଯାଜପୁର ରୋଡ଼୍)
ତ୍ରିମୂର୍ତ୍ତି-ଦୁର୍ଗା (ଯାଜପୁର ଟାଉନ୍) ସିନେପ୍ଲେକ୍ସ-ଦିବ୍ୟଜ୍ୟୋତି (ଅନୁଗୁଳ) ପିଏସ୍ଆର୍ (ଢେଙ୍କାନାଳ)
ଉମା-ସିନେପ୍ଲେକ୍ସ (ରାଉରକେଲା) ସେଲିବ୍ରେସନ୍-ଭାସ୍କର (ଜୟପୁର) ରାଧିକା-ରଶ୍ମି (ଜଗତସିଂହପୁର)
ଆଇଲେକ୍ସ (ସମ୍ବଲପୁର) ରୁକ୍ମିଣୀ (ବରଗଡ଼) ଶିବା-ଆଇଲେକ୍ସ (ଝାରସୁଗୁଡ଼ା) ଜୟାମହଲ (ପାରଳାଖେମୁଣ୍ଡି)
ଗଣେଶ (ତାଳଚେର) କମଳା (ପାରାଦୀପ) ସୁଭଦ୍ରା (କୁଜଙ୍ଗ) ବୀଣା (ଜଟଣୀ) ରାଧାକୃଷ୍ଣ (ନୟାଗଡ଼) ପ୍ରିୟା (ଖୋର୍ଦ୍ଧା)
ତାରିଣୀ (କେନ୍ଦ୍ରାପଡ଼ା) ବି.କେ. (ସାଲେପୁର) ରମାଇ-ବ୍ଲୁ ଲାଗୁନ୍ (ବଲାଙ୍ଗୀର) ନିୟୁ ଷ୍ଟାର୍ (ଭବାନୀପାଟଣା)
ସିନେପ୍ଲେକ୍ସ-ପିଏସ୍ଆର୍ (କେନ୍ଦୁଝର) ପିଜେ (ବଡ଼ବିଲ୍) ତାରିଣୀ (ଯୋଡ଼ା) ସିନେପ୍ଲେକ୍ସ (ବ୍ରଜରାଜନଗର)
ଅଶୋକା (ଆସ୍କା) ଶ୍ରୀଲକ୍ଷ୍ମୀ (ବେଗୁନିଆପଡ଼ା) ନିୟୁ ଗ୍ୟାଲେକ୍ସି-ଚିରଞ୍ଜିବୀ (କେସିଙ୍ଗା) ଶ୍ରୀରାମା (ରାୟଗଡ଼ା)
ଲୋକନାଥ-କେ ଓ୍ୱାନ୍ (ଜାରକା) ଜୟଶ୍ରୀ (ନିମାପଡ଼ା) ବିଜୟଶ୍ରୀ (ପିପିଲି) ଶ୍ରୀଲକ୍ଷ୍ମୀ (କାକଟପୁର)
ଅପ୍‌ସରା (ନୟାହାଟ) ଆଶା (ବଅଁରପାଳ) ଜଗନ୍ନାଥ (କୋରାପୁଟ) କରୋସୁଧା (ବୋରିଗୁମା)
ଶ୍ରୀଲକ୍ଷ୍ମୀ (ଆନନ୍ଦପୁର) ଗଣେଶ (ଜଳେଶ୍ୱର) ପାର୍ଥସାରଥୀ (ସୋର) ତ୍ରିଶକ୍ତି (ଉଦଳା) ଗଣେଶ (ଆଠଗଡ଼)
ଦୁର୍ଗା (ବାଙ୍କୀ) ମିଲନ୍ (ରାଜଗାଙ୍ଗପୁର) ହାଲ୍ (ସୁନାବେଡ଼ା) ସମଲାଇ (ସୋନପୁର) ପଦ୍ମାଳୟା (ମୁନିଗୁଡ଼ା)
ଶ୍ରୀଲକ୍ଷ୍ମୀ (ନବରଙ୍ଗପୁର) ବିଜି (ଚାନ୍ଦବାଲି) ଶ୍ରଦ୍ଧାଞ୍ଜଳି (ଫୁଲବାଣୀ) ଗ୍ୟାଲେକ୍ସି (ସିମିଳିଗୁଡ଼ା)
ସୁଦର୍ଶନ (ଲଙ୍ଗଳେଶ୍ୱର) ନବୀନ (କୋଟପାଡ଼) ସାଇ (ଭୁବନ) ଅନ୍ନପୂର୍ଣ୍ଣା (ବାଲିଆପାଳ)




# ତୃତୀୟ ପର୍ଯ୍ୟାୟରେ ମତଦାନ ପାଇଁ ବିଜ୍ଞପ୍ତି ଜାରି

- ଏପ୍ରିଲ ୪ ନାମାଙ୍କନ ପତ୍ର ଦାଖଲ ଶେଷ
- ୨୩ରେ ଭୋଟ୍

**ଭୁବନେଶ୍ୱର, ୨୮।୩(ବ୍ୟୁରୋ)**

ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ୪୨ଟି ବିଧାନସଭା ଓ ୬ଟି ଲୋକ ସଭା ଆସନ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ଗୁରୁବାର ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏପ୍ରିଲ ୪ ତାରିଖରେ ନାମାଙ୍କନ ପତ୍ର ଦାଖଲ ଶେଷ ହେବ। ୫ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ୮ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିବସ ଧାର୍ଯ୍ୟ କରାଯାଇଛି। ସେହିଦିନ ଅପରାହ୍ନରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ଏପ୍ରିଲ ୨୩ରେ ସମ୍ବଲପୁର(ସାଧାରଣ) ଲୋକ ସଭା ଅଧୀନରେ ଥିବା ସମ୍ବଲପୁର, କୁଚିଣ୍ଡା, ଆଠମଲ୍ଲିକ, ରେଙ୍ଗାଲି, ରେଢ଼ାଖୋଲ, ଦେବଗଡ଼ ଏବଂ ଛେଣ୍ଡିପଦା ବିଧାନସଭା, କେନ୍ଦୁଝର(ଏସ୍‌ଟି) ଲୋକ ସଭା ଅଧୀନରେ ଥିବା ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚମ୍ପୁଆ ଏବଂ କରଞ୍ଜିଆ ବିଧାନସଭା, ଢେଙ୍କାନାଳ(ସାଧାରଣ) ଲୋକ ସଭା ଅଧୀନରେ ଥିବା ପରଜଙ୍ଗ, ଢେଙ୍କାନାଳ, ପାଲଲହଡ଼ା, ହିନ୍ଦୋଳ, କାମାକ୍ଷାନଗର, ତାଳଚେର ଏବଂ ଅନୁଗୋଳ ବିଧାନସଭା, କଟକ(ସାଧାରଣ) ଲୋକ ସଭା ଅଧୀନରେ ଥିବା କଟକ-ଚୌଦ୍ୱାର, କଟକ-ବାରବାଟୀ, କଟକ ସଦର, ବାଙ୍କୀ, ଆଠଗଡ଼, ବଡମ୍ବା ଏବଂ ଖଣ୍ଡପଡ଼ା ବିଧାନସଭା, ପୁରୀ (ସାଧାରଣ) ଲୋକ ସଭା ଅଧୀନରେ ଥିବା ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି, ପୁରୀ, ଚିଲିକା, ରଣପୁର ଏବଂ ନୟାଗଡ଼, ବିଧାନସଭା ଏବଂ ଭୁବନେଶ୍ୱର(ସାଧାରଣ) ଲୋକ ସଭା ଅଧୀନରେ ଥିବା ବେଗୁନିଆ, ଖୋର୍ଦ୍ଧା, ଭୁବନେଶ୍ୱର ଏକାମ୍ର, ଭୁବନେଶ୍ୱର ମଧ୍ୟମ, ଭୁବନେଶ୍ୱର ଉତ୍ତର, ଜୟଦେବ ଏବଂ ଜଟଣୀ ବିଧାନସଭା ଆସନରେ ଭୋଟ ଗ୍ରହଣ କରାଯିବ। ପ୍ରଥମ ଦିବସରେ ଲୋକ ସଭା ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ବେଳେ ଆଠମଲ୍ଲିକ, ପିପିଲି ଏବଂ ଭୁବନେଶ୍ୱର(ଉତ୍ତର) ବିଧାନସଭା ପାଇଁ ଜଣେ ଲେଖାଏ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
ଆଞ୍ଚଳିକ କାର୍ଯ୍ୟାଳୟ: ଢେଙ୍କାନାଳ, ସା/ପୋ/ଜିଲ୍ଲା : ଢେଙ୍କାନାଳ, ପିନ୍-୭୫୯୦୦୧, ଫୋନ୍-୦୬୭୬୨-୨୨୩୩୬୫

**ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦା ଟେଣ୍ଡର ସହ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ''ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ '' ନିମ୍ନଲିଖିତ ସମ୍ପୃକ୍ତ ଶାଖାରେ (ନିମ୍ନ ଦର୍ଶିତ ସାରଣୀ ଅନୁସାରେ) ତା.୧୭.୦୪.୨୦୧୯ରିଖ ଅପରାହ୍ନ ୨.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ।

| କ୍ର. ନଂ. | ଶାଖା / ଫୋନ୍ ନଂ. / ଆକାଉଣ୍ଟ ନଂ. / ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିର ମଡ଼େଲ / ଗାଡି ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି | ନିଲାମ ତାରିଖ / ସମୟ / ସ୍ଥାନ | ପାର୍କିଂ ସ୍ଥାନ |
|---|---|---|---|---|---|
| ୧. | ବଅଁରପାଳ ଶାଖା / ଫୋନ୍ ନଂ.: ୯୧୩୧୩୮୨୬୩୫(ମୋ)/ ୦୫୫୬୦୩୧୬୧୧୦୦୦୧୪ / ପ୍ରକାଶ ନାୟକ | Mahindra Maxino Van OR 19M 1567 | ଟ.୫୫,୦୦୦/- / ଟ. ୧୦,୦୦୦/- | ୧୭.୦୪.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ବଅଁରପାଳ ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୨. | ବଅଁରପାଳ ଶାଖା / ଫୋନ୍ ନଂ.: ୯୧୩୧୩୮୨୬୩୫ (ମୋ)/ ୦୫୫୬୦୩୦୭୦୨୦୦୦୨୨ / ମଙ୍ଗରାଜ ଦାସ | Mahindra Maxino Van/ OR 19P 1399 | ଟ. ୫୧,୦୦୦/- / ଟ. ୧୦,୦୦୦/- | ୧୭.୦୪.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ବଅଁରପାଳ ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୩. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୦୪ / ଜିତେନ୍ଦ୍ର ମହନ୍ତ | Mahindra Sonalika Tractor and Trolly NR | ଟ. ୯୦,୦୦୦/- / ଟ. ୧୦,୦୦୦/- | ୧୭.୦୪.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ଚଷାଗୁରୁଜଙ୍ଗ ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୪. | ଖିଣ୍ଡା ଶାଖା / ଫୋନ୍ ନଂ.: ୯୪୩୭୦୩୭୧୯୩(ମୋ)/ ୦୫୨୯୦୩୧୭୧୨୦୦୦୦୭ / ପୁଷ୍ପକ ସାହୁ | Messy Ferguson Tractor NR | ଟ. ୮୦,୦୦୦/- / ଟ. ୧୦,୦୦୦/- | ୧୭.୦୪.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ଖିଣ୍ଡା ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୫. | ଖିଣ୍ଡା ଶାଖା / ଫୋନ୍ ନଂ.: ୯୪୩୭୦୩୭୧୯୩(ମୋ)/ ୦୫୨୯୦୩୧୭୧୨୦୦୦୩୨/ ଭାସ୍କର ପ୍ରଧାନ | Mahindra 275 DI Tractor & Trolly OD 19 0143/44 | ଟ. ୧,୦୫,୦୦୦/- / ଟ. ୧୦,୦୦୦/- | ୧୭.୦୪.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ଖିଣ୍ଡା ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୬. | ରାଇଝରଣ ଶାଖା / ଫୋନ୍ ନଂ.: ୯୪୩୭୩୩୨୭୨୮ (ମୋ)/ ୦୫୫୫୦୩୧୭୧୨୦୦୦୦୭ / ସନ୍ତୋଷ କୁମାର ସାହୁ | Messy Ferguson Tractor NR | ଟ. ୭୦,୦୦୦/- / ଟ. ୧୦,୦୦୦/- | ୧୭.୦୪.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ରାଇଝରଣ ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୭. | ତାଳଚେର ଶାଖା / ଫୋନ୍ ନଂ.: ୯୪୩୭୩୩୩୪୩୮ (ମୋ)/ ୦୫୪୯୦୩୨୭୧୦୦୦୦୨୮ / ପ୍ରକାଶ ସାମଲ | Sonalika Tractor NR | ଟ. ୮୦,୦୦୦/- / ଟ. ୧୦,୦୦୦/- | ୧୭.୦୪.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |

ଆଗ୍ରହୀ ନିଲାମଧାରୀମାନେ ନିର୍ଦ୍ଦିଷ୍ଟ ଗାଡି ନିମିତ୍ତ ଶାଖାରେ ତା.୧୭.୦୪.୨୦୧୯ରିଖ ଅପରାହ୍ନ ୨ ଘଟିକା ସମୟ ମଧ୍ୟରେ ଅମାନତ ରାଶି ସେହି ଶାଖାକୁ ଦେୟ ଦର୍ଶାଇ ପୈଠ କରିବାକୁ ପଡିବ। ଆଗ୍ରହୀ ନିଲାମଧାରୀମାନେ ପଠାଇଥିବା ଜଉମୁଦା ଟେଣ୍ଡର ଲଫାପାଗୁଡ଼ିକ **ତା୧୭.୦୪.୨୦୧୯ରିଖ (ଉପର ଦର୍ଶିତ ସାରଣୀ ଅନୁସାରେ) ଅପରାହ୍ନ ୩.୦୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତିରେ ଉପର ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଥିବା ସ୍ଥାନରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରି ଗାଡିଗୁଡିକ ପାର୍କିଂୟାର୍ଡରେ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନଲାମରାଶି ୧୦% ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ ଆବଶ୍ୟକ ଜିଏସ୍‌ଟି ସହିତ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) ୭ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କରସ୍ ଚେକ୍ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ ଏବଂ ଉପର ଦର୍ଶିତ ସ୍ତମ୍ଭରେ ଦର୍ଶିତ ପୈଠ ସ୍ଥାନକୁ ପୈଡ ଦର୍ଶାଇ ଜମାକରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନକଲେ ନିଲାମଧାରୀମାନେ ଜମା କରିଥିବା ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଗାଡ଼ିକୁ ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ / ବୈଧାନିକ ଦେୟ / ଅନ୍ୟାନ ଆନୁସାଙ୍ଗିକ ଖର୍ଚ୍ଚ ଯାହା ଦରକାର ତାହା ନିଲାମଧାରୀ ବହନ କରିବେ। ଗାଡ଼ିଟି **"ଯାହା ଯେପରି ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ସ୍ଥାନ: ଢେଙ୍କାନାଳ
ତାରିଖ: ୨୮.୦୩.୨୦୧୯

ଆଞ୍ଚଳିକ ପ୍ରବନ୍ଧକ
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଢେଙ୍କାନାଳ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୯ ମାର୍ଚ୍ଚ, ୨୦୧୯



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବସ୍ ଧକ୍କାରେ ଯୁବକ ଗୁରୁତର

ଝାରବନ୍ଧ, ୨୮।୩ (ଡି.ଏନ.ଏ)
ଝାରବନ୍ଧ ଥାନା ଅନ୍ତର୍ଗତ କୋତନା ଗ୍ରାମ ନିକଟରେ ଗୁରୁବାର ବସ୍ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ହେଲେ କୋତନା ଗ୍ରାମର ଶ୍ୟାମସୁନ୍ଦର ପୋଡ଼ଙ୍କ ପୁଅ ରଞ୍ଜନ ପୋଡ଼ (୨୫)। କୁର୍ଲୁପାଲି ଠାରୁ ପଦ୍ମପୁର ଚାଲୁଥିବା ଦୀପା ବସ୍ ଅପରାହ୍ନ ପ୍ରାୟ ୨ରେ ପଦ୍ମପୁରରୁ କୁର୍ଲୁପାଲିକୁ ଫେରୁଥିଲା। ଏହି ସମୟରେ ରଞ୍ଜନ ବିପରିତ ଦିଗରୁ ଗୋଟିଏ ବାଇକରେ ଦ୍ରୁତଗତିରେ ଆସି ବସ୍‌ର ସମା୍ନାରେ ପିଟି ହୋଇଥିଲେ । ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ପଠାଇଥିଲେ ।

### କଂଗ୍ରେସ କାର୍ଯ୍ୟକାରୀ ସଭାପତି ପଦରୁ ଇସ୍ତଫା

ପାଇକମାଲ,୨୮।୩ (ଡି.ଏନ.ଏ.)- ବରଗଡ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଓ ପ୍ରାଥମିକ ସଦସ୍ୟତାରୁ ଗୁରୁବାର ଇସ୍ତଫା ଦେଇଛନ୍ତି ବିଜୟ ସ୍ୱାଇଁ । ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି । ସେ ତାଙ୍କ ଇସ୍ତଫାପତ୍ର ମେଲ୍ ଜରିଆରେ ପିସିସିକୁ ପଠାଇଛନ୍ତି । ସ୍ୱାଇଁ ପାଇକମାଲ ବ୍ଲକ ଝିଁଟିକି ପଞ୍ଚାୟତ ସମିତି ସଭ୍ୟ ଅଛନ୍ତି ।

# ରୟତଙ୍କ ଜମିରେ ଚାଲିଛି ରେଳଲାଇନ କାର୍ଯ୍ୟ

## ■ କୋର୍ଟ କଚେରି ଦ୍ୱାରସ୍ଥ ହୋଇ ନିରାଶ

ଯାଜପୁର ଅଫିସ,୨୮।୩

ନୀତିନିୟମ ଉଲ୍ଲଘନ ସତ୍ତ୍ୱେ ଶିଳ୍ପ କଳ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତି ସରକାର ଯେ, ସହାନୁଭୂତିଶୀଳ ଏକଥା ଟାଟା ଷ୍ଟିଲ କମ୍ପାନୀର କାର୍ଯ୍ୟଧାରାରୁ ପ୍ରମାଣିତ ହୋଇଯାଉଛି। କମ୍ପାନୀ ଇଙ୍ଗିତରେ ଠିକାସଂସ୍ଥା, ପ୍ରଶାସନ ଓ ପୋଲିସ ବଳପ୍ରୟୋଗ କରି ୩ଜଣ ପ୍ରଜାଙ୍କ ରୟତ ଜମିରେ ଟାଟା ଷ୍ଟିଲର ଦକ୍ଷିଣ ପାର୍ଶ୍ୱ ରେଳଲାଇନ କାର୍ଯ୍ୟ ଜୋର ଜବରଦସ୍ତ ଆରମ୍ଭ କରିଛି। ଏଠାରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଟାଟା ଷ୍ଟିଲ୍ କର୍ତ୍ତୃପକ୍ଷ ରୟତି ଜମି ଉପରେ ସେମାନଙ୍କ ଦାଉ ସାଧି ଜମିର ହିଡ଼ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସାଧାରଣ ରୟତ ଏହାର ବିରୋଧ କଲେ ସୁଦ୍ଧା ତାଙ୍କ କଥା କେହି ଶୁଣୁନାହାନ୍ତି। ଏହିକ୍ରମରେ ଯାଜପୁର ଜିଲା ଦାନଗଦୀ ତହସିଲ ମାନତିରା ମୌଜାର ରୟତ ସଂଯୁକ୍ତା ପରିଡା ତହସିଲଦାରଙ୍କ ଦ୍ୱାରସ୍ଥ ହେବା ସହିତ ଯଖପୁରା ଥାନାରେ ଏକ ମାମଲା ଦାୟର କରିଛନ୍ତି। କେବଳ ସଂଯୁକ୍ତା ନୁହନ୍ତି କେନ୍ଦୁଡିପି ଗ୍ରାମର ମଦନ ବାରିକ, ମାନତିରା ଗ୍ରାମର ଶିବସ୍ୱ ସାମଲ ପ୍ରମୁଖଙ୍କ ଜମିର ଉପଯୁକ୍ତ ମୂଲ୍ୟ ନ ଦେଇ ଟାଟା କମ୍ପାନୀ ଦଖଲ କରିବାକୁ ଉଦ୍ୟମ କରୁଥିବା ସୂଚନା ମିଳିଛି।

**କଳିଙ୍ଗନଗର ଟାଟା ଷ୍ଟିଲ**



ପ୍ରକାଶ ଯେ, ଟାଟା ଷ୍ଟିଲ କାରଖାନାର ସ୍ୱତନ୍ତ୍ର ରେଳଲାଇନ ରାବଣା ଓ ମାନତିରା ଗ୍ରାମଦେଇ ଯାଜପୁର-କେନ୍ଦୁଝରରୋଡ-କଟକ ମୁଖ୍ୟ ରେଳାଇନରେ ଦାମୋଦରପୁର ଗ୍ରାମ ନିକଟରେ ମିଶୁଛି। ଏଥିପାଇଁ କିଛି ରୟତଙ୍କ ଜମି ସହିତ ଗ୍ରାମର ସର୍ବସାଧାରଣଙ୍କ ବ୍ୟବହୃତ ରାସ୍ତା ମଧ ଦଖଲ କରାଯାଇଛି। ଦାମୋଦରପୁର ଗ୍ରାମର ବିଧବା ଅସହାୟ ମହିଳା ସଂଯୁକ୍ତା ତାଙ୍କ ସ୍ୱାମୀ ସହଦେବ ପରିଡା ଅନ୍ୟ ଅଂଶୀଦାରଙ୍କ ସହ ୧୯୮୦ ମସିହାରେ ମାନତିରା ମୌଜାର ୯୨ ଖାତା ନମ୍ବର, ୧୫୩୯ ପ୍ଲଟ ନମ୍ବରରେ ଏ୦.୩୦ ଡିସିମିଲ ଜମି କ୍ରୟ କରିଥିଲେ। ଏବେ ସଂଯୁକ୍ତା ଓ ଅନ୍ୟମାନେ ଉକ୍ତ ଜମି ଦଖଲଦାର ଅଛନ୍ତି। ଏହି ଜମିର ଖଜଣା ପାଉତି ସେ ନିୟମିତ ଭାବେ ଦେଇ ଆସୁଛନ୍ତି। ମାତ୍ର ଦଲିଲରେ ଭୁଲକ୍ରମେ ୯୫୬ ପ୍ଲଟ ନମ୍ବର ହୋଇଥିବାବେଳେ ଚଉଭେଦି ଠିକ୍ ରହିଥିବା ଜଣାପଡିଛି। ଏନେଇ ଅଭିଯୋଗ ହେବା ପରେ ସଂପୃକ୍ତ ରାଜସ୍ୱ ନୀରିକ୍ଷକ ଏହାର ତଦନ୍ତ କରିଥିଲେ। କିନ୍ତୁ ତଦନ୍ତରେ ପ୍ରଜାଙ୍କୁ କୌଣସି ନ୍ୟାୟ ନ ଦେଇ କମ୍ପାନୀବାଲାଙ୍କ ସପକ୍ଷରେ ରିପୋର୍ଟ ଦେଇଥିଲେ। ଆଜକୁ ୪୦ବର୍ଷ ହେବ ଏହାର ସଂଶୋଧନ କରିବାକୁ ସେ ନିବେଦନ କରି ଆସୁଛନ୍ତି। ହେଲେ କିଛି ସୁଫଳ ମିଳିନାହିଁ। ଶେଷରେ ଯାଜପୁରରୋଡ ସିଭିଲ ଜଜ୍‌ଙ୍କ ଅଦାଲତରେ ୨୯୨/୨୦୧୫ରେ ଏକ ମାମଲା ରୁଜୁ କରାଯାଇଛି, ଯାହାକି ବିଚରାଧୀନ ରହିଛି। କିନ୍ତୁ ଗତ ୨୩।୧।୨୦୧୯ ତାରିଖରେ ଗୁଣ୍ଡା ଶ୍ରେଣୀର ଲୋକ ଜୋର ଜବରଦସ୍ତ ତାଙ୍କ ଜମିର ହିଡ଼ ଭାଙ୍ଗି ଦେଇଥିଲେ। ଏହାକୁ ସଂଯୁକ୍ତା ବିରୋଧ କରିବାରୁ ତାଙ୍କୁ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଯଖପୁରା ଥାନାରେ ଅଭିଯୋଗ ହୋଇଛି। ଏନେଇ ଯଖପୁରା ଥାନାରେ ଆଇପିସି ଦଫା ୪୪୭/୨୯୪/୫୦୬/୩୪ ରେ ୪ଜଣଙ୍କ ନାମରେ ଏକ ମାମଲା(ନମ୍ବର-୬/୨୦୧୯) ରୁଜୁ ହୋଇଛି । ହେଲେ ସଂପୃକ୍ତ ଅଭିଯୁକ୍ତମାନେ ରାଜନୈତିକ ଛତ୍ରଛାୟା ତଳେ ରହିଥିବାରୁ ଥାନା କର୍ତ୍ତୃପକ୍ଷ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଟାଟା କମ୍ପାନୀ ପ୍ରୋସାହନରେ ଏପରି କରାଯାଉଥିବା ସଂଯୁକ୍ତା ଓ ତାଙ୍କ ପରିବାରବର୍ଗ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ତୁରନ୍ତ ନ୍ୟାୟ ନ ମିଳିଲେ ପ୍ରଶାସନ ନିକଟରେ ଆତ୍ମାହୁତି ଦେବେ। ଅପରପକ୍ଷରେ ଶ୍ରୀବତ୍ସ ଓ ମଦନଙ୍କ ଜମିର ଉଭୟ ପାର୍ଶ୍ୱରେ ଟାଟା କମ୍ପାନୀର ରେଳଲାଇନ ବିଛା ଯାଉଥିବାରୁ ସେମାନେ ଚାଷ କାର୍ଯ୍ୟ କରିପାରୁ ନାହାନ୍ତି ବୋଲି କହିଛନ୍ତି। ଶାଗମାଛ ଦରରେ କ୍ଷତିପୂରଣ ଦେଇ ସେହି ଜମିକୁ ହଡ଼ପ କରିବାକୁ କମ୍ପାନୀ ମସୁଧା କରୁଥିବା ସେମାନେ ସୂଚନା ଦେଇଛନ୍ତି। ଟାଟା କମ୍ପାନୀ ବାର୍ଷିକ ୩ ରୁ ୮ ନିୟୁତ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଜାରି ରଖିଛି। କିନ୍ତୁ କ୍ଷତିଗ୍ରସ୍ତ ପ୍ରଜାଙ୍କୁ କ୍ଷତିପୂରଣ ଓ ନିଯୁକ୍ତି ଦେବାକୁ କୌଣସି ଆଗ୍ରହ ପ୍ରକାଶ କରୁନାହିଁ। ବିସ୍ଥାପନ ପ୍ରକ୍ରିୟା ଓ ବିସ୍ଥାପିତଙ୍କୁ ଶିଳ୍ପାୟନ ଦ୍ୱାରା ଲାଭାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ଘୋଷିତ ଥଇଥାନ ନୀତି ଓ ପାରିପାର୍ଶ୍ୱିକ ଉନ୍ନୟନକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଅସହାୟ କ୍ଷତିଗ୍ରସ୍ତଙ୍କୁ ଉପେକ୍ଷା କରିବା ଶିଳ୍ପାୟନ ପ୍ରତି ପ୍ରତିକୂଳ ମତର ମୁଖ୍ୟ କାରଣ ହୋଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଟାଟା ଷ୍ଟିଲର ଜେନେରାଲ ମ୍ୟାନେଜର ପ୍ରଶାନ୍ତ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଜମି ମାଲିକାନାକୁ ନେଇ ବିବାଦ ଥିବାରୁ କମ୍ପାନୀ କାହାଠାରୁ ଜମି କିଣିବ ସେନେଇ ନିଷ୍ପତ୍ତି ନିଆଯାଇ ପାରି ନାହିଁ। ଏପରିକି ଉକ୍ତ ଜମି ବିବାଦକୁ ନେଇ କୋର୍ଟରେ ମାମଲା ବିଚାରାଧୀନ ଥିବାରୁ କାମକୁ ବନ୍ଦ କରାଯାଇଛି। ଅପରପକ୍ଷରେ ମଦନ ବାରିକ ଓ ଶ୍ରୀବତ୍ସ ସାମଲଙ୍କ ଠାରୁ କମ୍ପାନୀ ଜମି କିଣିବାକୁ ଚାହୁଁଥିଲେ ସୁଦ୍ଧା ସେମାନେ ସହଯୋଗ କରୁ ନ ଥିବା ମଲ୍ଲିକ କହିଛନ୍ତି।

## ଚନ୍ଦନମେଳା ପ୍ରସ୍ତୁତି ବୈଠକ

ଦେବଗଡ଼,୨୮।୩(ସ୍ୱ.ପ୍ର.)
ବାରକୋଟ ବ୍ଲକ ଅଧୀନ କଲା ଗ୍ରାମରେ ହେବାକୁ ଥିବା ପ୍ରସିଦ୍ଧ ଚନ୍ଦନ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ କଲା ହାଇସ୍କୁଲ ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମେଳାକୁ କିପରି ଜାକଜମକରେ ପାଳନ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଅରୁଣ କୁମାର ସାହୁ, ଉପସଭାପତି ମିତ୍ରଭାନୁ ସାହୁ, ସମ୍ପାଦକ ରବୀନ୍ଦ୍ରନାଥ ବେହେରା, ସହ ସମ୍ପାଦକ ଡିଲେଶ୍ୱର ନାଏକ, ଗୁଲଜାରୀଲାଲ ସାହୁ, କୋଷାଧକ୍ଷ ପ୍ରଫୁଲ୍ଲ ସାହୁଙ୍କୁ ମନୋନୀତ କରାଯାଇଥିଲା। ଚଳିତ ବର୍ଷ ଯାତ୍ରାକୁ ଆକର୍ଷଣୀୟ କରାଯିବ ବୋଲି ସଭାପତି ସାହୁ କହିଛନ୍ତି।

## ଅଚ୍ୟୁତ, ମହୀଧରଙ୍କ ପଦଯାତ୍ରା

ମନମୁଣ୍ଡା/ଘଣ୍ଟାପଡା, ୨୮।୩ (ଡି.ଏନ.ଏ)
ବିଜେଡିର କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ଏବଂ କଣ୍ଟାମାଳ ବିଜେଡି ବିଧାୟକ ପ୍ରାର୍ଥୀ ମହିଧର ରଣା ଗୁରୁବାର ମଧାହ୍ନରେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ସାହାଜପାଲ, ବାଡ଼ିଶୁଣୀ, ମନମୁଣ୍ଡା, କଣ୍ଟାମାଳ, ଘଣ୍ଟାପଡା, ଆମ୍ବଗାଁ, ଖୁଣ୍ଟିଗୋରା ଆଦି ଅଞ୍ଚଳରେ ପଦଯାତ୍ରା କରି ଭୋଟ୍ ପ୍ରଚାର କରିଥିଲେ । ଉଭୟେ ଏଠାରେ ପହଞ୍ଚିବା ପରେ ଶିଳ୍ପପତି ପ୍ରକାଶ ମେହେର, ବିଜେଡି ଯୁବ ନେତା ରବିନାରାୟଣ ପଣ୍ଡା, ଚାଷୀ ମିଳନ କୁମାର ସାହୁ, ବ୍ରାହ୍ମଣ ସମାଜର ରୋହିତ ହୋତା ପ୍ରମୁଖ ଉଭୟଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସ୍ଥାନୀୟ ଡାକ ବଙ୍ଗଳାରୁ ଉଭୟ ନେତାଙ୍କୁ ଶୋଭାଯାତ୍ରାରେ ବାସୁଦେବପାଲି, ଡାକ୍ତରଖାନା ଛକ, ବସଷ୍ଟାଣ୍ଡ, ସୁବର୍ଣ୍ଣପାଲି, ଗାନ୍ଧୀଛକ ଦେଇ ଦେଉଳି ପର୍ଯ୍ୟନ୍ତ ନିଆଯାଇଥିଲା । କର୍ମୀମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସମ୍ପାଦକ ଶମ୍ଭୁପ୍ରସାଦ ସାହୁ, ବ୍ଲକ ସଭାପତି ବିପିନ ଭୋଇ, ଯୁବ ବିଜେଡି ନେତା ସୁଧାଂଶୁ ରଣା, ପ୍ରେମରାଜ ରଣା, ଶରତ ରଣା, କଣ୍ଟାମାଳ ସରପଞ୍ଚ ପରମେଶ୍ୱର ଖଟୁଆ, ମିଡିଆ ସେଲ୍‌ର ସମ୍ପାଦକ ପ୍ରଶାନ୍ତ ରଣା, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ମଲିକଙ୍କ ସମେତ ବହୁ ବିଜେଡି କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ ।



ଅଚ୍ୟୁତ ସାମନ୍ତ ଓ ମହୀଧର ରଣା ବିଜେଡି କର୍ମୀମାନଙ୍କ ସହ ପ୍ରଚାର ଅଭିଯାନରେ ବାହାରିଛନ୍ତି ।

## ସରକାର ଗଠନରେ ଏସ୍‌ପି, ବିଏସ୍‌ପି, ଟିଏମ୍‌ସି ନେବେ ପ୍ରମୁଖ ଭୂମିକା

ଭୁବନେଶ୍ୱର,୨୮।୩(ବ୍ୟୁରୋ)
କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇବ ନାହିଁ। ବିରୋଧୀ ଉପା ମଧ ସରକାର ଗଠନ ଭଳି ସଂଖ୍ୟା ହାତେଇ ପାରିବ ନାହିଁ। ଏଭଳି ପରିସ୍ଥିତିରେ କେତେକ ଶକ୍ତିଶାଳୀ ଆଞ୍ଚଳିକ ରାଜନୈତିକ ସାମ୍ମୁଖ୍ୟ ହିଁ କେନ୍ଦ୍ରରେ ସରକାର ଗଠନରେ ମୁଖ୍ୟ ଭୂମିକା ନେବେ। ତେଣୁ ରାଜ୍ୟରେ ବିଜେଡି-ଭାଜପା-କଂଗ୍ରେସ ମଧ୍ୟରେ ଲୋକସଭା ଲଢ଼େଇର କୌଣସି ଆଧାର ନାହିଁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ସେ ଏ କଥାକୁ ଚମତ୍କାର ଢଙ୍ଗରେ ଏକ କାର୍ଟୁନ ମାଧମରେ ପ୍ରକାଶ କରିଛନ୍ତି, ଯାହାକୁ ସେ ସାମାଜିକ ନ୍ୟାୟ ସଂଗଠନ ଫେସ୍‌ବୁକ୍ ପୃଷ୍ଠାରେ ପୋଷ୍ଟ କରିଛନ୍ତି। ତାଙ୍କର ଏହି କାର୍ଟୁନ ରାଜ୍ୟ ରାଜନୀତିକୁ ସରଗରମ କରିଛି।

ଶ୍ରୀକାନ୍ତଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା କାର୍ଟୁନରେ ୪ଟି ଟ୍ରେନ୍ ରହିଛି। ଗୋଟିଏ ଟ୍ରେନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅନ୍ୟ ଏକରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ, ତୃତୀୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଚତୁର୍ଥରେ ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ-ଅଖିଳେଶ ଯାଦବ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଫଟୋ ରହିଛି। ନବୀନ ଥିବା ଟ୍ରେନ୍‌ଟି ଓଡ଼ିଶା-ବଙ୍ଗ ସୀମାନ୍ତ ଦାନ୍ତୁନରେ ଅଟକି ଯାଉଥିବା ଏଥିରେ ଦର୍ଶାଯାଇଛି। ସେହିପରି ରାହୁଲଙ୍କ ଟ୍ରେନ୍‌ଟି ଦିଲ୍ଲୀରେ ପହଞ୍ଚିବାକୁ ଅସମର୍ଥ ହେଉଥିବା କାର୍ଟୁନରେ ପ୍ରଦର୍ଶନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଟ୍ରେନ୍ ୟୁପି ରାଜଧାନୀ ଲକ୍ଷ୍ନୌ ଷ୍ଟେଶନରେ ଅଟକି ଯାଇଛି। ଟ୍ରେନ୍ ଲାଇନ ଉପରେ ଏକାଧିକ ହାତୀ ବିଚରଣ କରୁଥିବା ଦର୍ଶାଯାଇଛି। ଭାଜପା ବିଜୟ ରଥକୁ ୟୁପିରେ ବିଏସ୍‌ପି ରୋକିବା ସମ୍ଭାବନାକୁ ଏଥିରେ ଦର୍ଶାଯାଇଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ସେହିଭଳି ମାୟାବତୀ-ଅଖିଳେଶ-ମମତା ନେତୃତ୍ୱ ନେଉଥିବା ଟ୍ରେନ୍‌ଟି ଦିଲ୍ଲୀରେ ପହଞ୍ଚୁଥିବା କାର୍ଟୁନ ଦ୍ୱାରା ପ୍ରଦର୍ଶିତ କରାଯାଇଛି। ତେଣୁ ଏସ୍‌ପି-ବିଏସ୍‌ପି-ଟିଏମ୍‌ସି ସମର୍ଥନ ହିଁ କେନ୍ଦ୍ରରେ ସରକାର ଗଢିବ ବୋଲି ଶ୍ରୀକାନ୍ତ ପରୋକ୍ଷରେ ସୂଚନା ଦେଉଥିବା କୁହାଯାଉଛି। ତେଣୁ ଶ୍ରୀକାନ୍ତଙ୍କ ଏପରି ଆକଳନ କେତେମାତ୍ରାରେ ବାସ୍ତବତାରେ ପ୍ରତିଫଳିତ ହେଉଛି, ତାହା ନିର୍ବାଚନ ଫଳାଫଳ ପରେ ଜଣାପଡିବ। ପ୍ରକାଶ ଯେ, ଚଳିତ ନିର୍ବାଚନରେ ଶ୍ରୀକାନ୍ତ ନିର୍ବାଚନ ଲଢୁନାହାନ୍ତି। ହେଲେ ରାଜ୍ୟରେ ଆମ୍ ଆଦ୍‌ମୀ ପାର୍ଟି ବା ଏଏପି-ଏସ୍‌ପି-ବିଏସ୍‌ପି ଦ୍ୱାରା ହୋଇଥିବା କ୍ଷୁଦ୍ର ରାଜନୈତିକ ମେଣ୍ଟର ସଂଯୋଜକ ଭାବେ ସେ କାର୍ଯ୍ୟ କରୁଛନ୍ତି।

**କାର୍ଟୁନ ମାଧମରେ ଶ୍ରୀକାନ୍ତଙ୍କ ସଙ୍କେତ**



## ବିଧାୟକ ପଦବୀରୁ ଇସ୍ତଫା ଦେଲେ ଜାକବ ପ୍ରଧାନ



ଜାକବ ପ୍ରଧାନ ବାଚସ୍ପତି ପ୍ରଦୀପ ଅମାତଙ୍କୁ ଇସ୍ତଫାପତ୍ର ଦେଉଛନ୍ତି ।

ବୌଦ୍ଧ,୨୮।୩ (ସ୍ୱ.ପ୍ର.)
କନ୍ଧମାଳ ଜିଲା ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ଜାକବ ପ୍ରଧାନ ଗୁରୁବାର ବିଧାୟକ ପଦବୀରୁ ଇସ୍ତଫା ଦେଇଛନ୍ତି । ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ପକ୍ଷରୁ ଶ୍ୟାମଘନ ପ୍ରଧାନଙ୍କୁ ଟିକେଟ ପ୍ରଦାନ କରାଯାଇଥିବାରୁ ବିଧାୟକ ପ୍ରଧାନ ଅସନ୍ତୋଷ ପ୍ରକାଶ କରି ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଯେଉଁମାନେ କଂଗ୍ରେସ ଦଳର ହୋଇଥିବେ ଓ ଦଳୀୟ ନିଷ୍ପତ୍ତି ବିରୋଧରେ ନାମାଙ୍କନ ଦାଖଲ କରିଥିବେ ସେମାନଙ୍କ ପ୍ରତି ଦଳ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଘୋଷଣା କରାଯିବା ପରେ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟରୁ ସେ ଇସ୍ତଫା ଦେଇଥିଲେ। ନିର୍ବାଚନ ପାଇଁ ବାଚସ୍ପତି ପ୍ରଦୀପ କୁମାର ଅମାତ ବୌଦ୍ଧରେ ଥିବାରୁ ପ୍ରଧାନ ଗୁରୁବାର ବୌଦ୍ଧ ଆସି ଅମାତଙ୍କୁ ତାଙ୍କ ବାସଭବନରେ ଇସ୍ତଫାପତ୍ର ପ୍ରଦାନ କରିଥିଲେ ।

## ଭାଜପାରେ ମିଶିଲେ ୩୦ ଯୁବକ

କୁଚିଣ୍ଡା,୨୮।୩ (ଡି.ଏନ୍.ଏ.)
ସମ୍ବଲପୁର ଜିଲା କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ୩୦ରୁ ଉର୍ଦ୍ଧ୍ୱ ବିଜୁ ଛାତ୍ର ଜନତା ଦଳ କର୍ମୀ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। କୁଚିଣ୍ଡା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ନଗର ସଭାପତି ସୁଶିଲ କରଙ୍କ ଅଧକ୍ଷତାରେ ବୁଲବୁଲ ଏସ୍. କୁମାର ହୋତାଙ୍କ ନେତୃତ୍ୱରେ ଏହି ଯୁବକମାନେ ଭାଜପାରେ ସାମିଲ ହୋଇଥିଲେ। ବିଧାୟକ ରବିନାରାୟଣ ନାଏକ, ଜିଲା ଉପସଭାପତି ବିରଞ୍ଚି ଦର୍ଜା, ନଗର ସାଧାରଣ ସମ୍ପାଦକ ରାଣା ପ୍ରତାପ ସିଂ, ନୃପଚରଣ ପଲେଇ, କୁମାରେଶ ଦଶଭାୟା ପ୍ରମୁଖ ନୂଆ କର୍ମୀମାନଙ୍କୁ ଫୁଲମାଳ, ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସ୍ୱାଗତ କରିଥିଲେ। ଭାଜପାର ନୀତି ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ସମର୍ଥନ କରି ଏମାନେ ଦଳରେ ଯୋଗଦେଇଥିବା କହିଛନ୍ତି।



ଭାଜପାରେ ସାମିଲ ହୋଇଥିବା ଯୁବକ।

## ବିଭିନ୍ନ ସମସ୍ୟାର ସମାଧାନ ଦାବି



ସଭାନେତ୍ରୀ ମିନତି ନାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଦେବଗଡ଼,୨୮।୩(ସ୍ୱ.ପ୍ର)
ତିଲେଇବଣି ବ୍ଲକ ବଣିଆକିଲିଣ୍ଡା ଗ୍ରାମରେ ମହିଳା ସୁରକ୍ଷା ସମିତି ସଭାପତି ମିନତି ନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗ୍ରାମର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା କରାଯାଇଥିଲା। ଗ୍ରାମରେ ଦୀର୍ଘ ୧୦ ଦିନ ହେଲା ବିଦ୍ୟୁତ୍ ସେବା ବ୍ୟାହତ ହୋଇପଡିଛି। ଏନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବା ବୈଠକରେ ଅଭିଯୋଗ ହୋଇଥିଲା। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଥିଲା। ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଥିଲେ। ଏହି ଅବସରରେ ଗ୍ରାମବାସୀ ମହିଳା ସୁରକ୍ଷା ସମିତି ସଭାପତି ମିନତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ବରପାଲି ଭାଜପାରେ ବିଦ୍ରୋହ: ମେଳି କଲେ ଅସନ୍ତୁଷ୍ଟ କର୍ମୀ

ବରପାଲି, ୨୮।୩ (ଡି.ଏନ.ଏ)
ବହୁ ଚର୍ଚ୍ଚିତ ବିଜେପୁର ବିଧାନସଭା ଆସନ ପାଇଁ ଭାଜପା ପକ୍ଷରୁ ସନତ ଗଡତିଆଙ୍କ ନାମ ଘୋଷଣା ହେବା ପରେ ବିଜେପୁର ଭାଜପାରେ ବିଦ୍ରୋହ ଦେଖାଦେଇଛି । ସନତ ପ୍ରାର୍ଥୀ ହେବା ପରେ ବିଜେପୁର ଅଞ୍ଚଳରେ ଖୁସି ଓ ବରପାଲି ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଫଳରେ ଭାଜପା ଟିକେଟ ବଣ୍ଟନକୁ ନେଇ ଦଳୀୟ କନ୍ଦଳ ପଦାରେ ପଡିଛି । ଗତ ବିଜେପୁର ଉପନିର୍ବାଚନରେ ଭାଜପାରୁ ଅଶୋକ ପାଣିଗ୍ରାହୀ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ । ମାତ୍ର ତାଙ୍କୁ ପୁଣି ୨୦୧୯ ନିର୍ବାଚନରେ ଟିକେଟ ଦିଆଯିବ ବୋଲି କୁଆଡେ ପ୍ରତିଶ୍ରୁତି ଦିଆଯାଇଥିଲା। ଏ ନେଇ ଗୁରୁବାର ବରପାଲି ଅନ୍ତର୍ଗତ ବାରଙ୍ଗପାଲିଠାରେ ଭାଜପାର ଅସନ୍ତୁଷ୍ଟ କର୍ମୀମାନଙ୍କୁ ନେଇ ଏକ ବୈଠକ କଳାକାହ୍ନୁ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଶୋକ ପାଣିଗ୍ରାହୀ ସମେତ ସମସ୍ତ ଭାଜପା କର୍ମୀ ଉପସ୍ଥିତ ଥିଲେ । ଏଥିରେ ଅଶୋକ ଭାଜପାରେ ରହିବେ କି ଛାଡିବେ ସେ ନେଇ ଆଲୋଚନା ହୋଇଥିଲା । ତେବେ ବୈଠକରେ କିଛି ନିଷ୍ପତ୍ତି ହୋଇ ନ ପାରିବାରୁ ଆଗାମୀ ଦିନରେ କର୍ମୀ ସମ୍ମିଳନୀ ଡାକିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।



ବରପାଲିରେ ଅସନ୍ତୁଷ୍ଟ ଭାଜପା କର୍ମୀମାନଙ୍କ ବୈଠକ ଚାଲିଛି ।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ। ସ୍ଥାନ-ଅଇଁଠାପାଲି ନିକଟ ଅନୁଷ୍ଠାନ ପରିସର। ସମୟ-ପୂର୍ବାହ୍ନ ସାଢ଼େ ୯ଟା
- ଜିଲାସ୍ତରୀୟ ନକ୍‌ଆଉଟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ସ୍ଥାନ-ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ। ସମୟ-ସକାଳ ୮ଟା

# ଲଗାତର ବିରୋଧ ସତ୍ତ୍ୱେ କୁଚିଣ୍ଡାରୁ କିଶୋରଙ୍କୁ ପ୍ରାର୍ଥୀ କଲା ବିଜେଡି

କୁଚିଣ୍ଡା,୨୮।୩ (ଡି.ଏନ୍.ଏ.)

ସମସ୍ତ ପ୍ରକାରର ବିରୋଧ ଏବଂ ମତାମତକୁ ବେଖାତିର କରି ବିଜେଡି ଶେଷରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ କିଶୋର ନାୟକଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ବୁଧବାର ରାତିରେ ନବୀନ ନିବାସଠାରେ ଦଳ ସଭାପତି ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଗତ ୯ ତାରିଖରେ ପୂର୍ବତନ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ତଥା ଭାଜପା ନେତା କିଶୋର ନାୟକ ପୂର୍ବତନ ଝାରସୁଗୁଡ଼ା ବିଧାୟକ ନବ ଦାସଙ୍କ ନେତୃତ୍ୱରେ ଭୁବନେଶ୍ୱରଠାରେ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ମିଶିଥିଲେ। ସେହିଦିନଠାରୁ ବିଜେଡି ତାଙ୍କୁ ପ୍ରାର୍ଥୀ କରିବ ବୋଲି କଳ୍ପନାଜଳ୍ପନା ଲାଗି ରହିଥିଲା। ଏହାକୁ ପ୍ରଥମ ଦିନରୁ ହିଁ ଅନ୍ୟ ୬ ଟିକେଟ ଆଶାୟୀ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ମଧ୍ୟ ଲଗାତର କିଶୋରଙ୍କ ପ୍ରାର୍ଥିତ୍ୱକୁ ନେଇ ପୁରୁଣା ବିଜେଡି କର୍ମୀମାନେ ବିରୋଧ ପ୍ରଦର୍ଶନ କରି ଆସୁଥିଲେ। ଏପରି କି କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ ବ୍ଲକ ବାମରା, ଜମନକିରା ଏବଂ କୁଚିଣ୍ଡାର ବ୍ଲକ ଅଧ୍ୟକ୍ଷ ଏବଂ ବ୍ଲକ ସଭାପତିମାନେ କିଶୋରଙ୍କୁ ପ୍ରାର୍ଥୀ ନ କରି ଦଳର ପୁରୁଣା କର୍ମୀମାନଙ୍କ ମଧ୍ୟରୁ ଜଣଙ୍କୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱରଠାରେ ତାଙ୍କ ବ୍ୟକ୍ତିଗତ ସଚିବ ଗୋପବନ୍ଧୁ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଏ ସବୁର କୌଣସି ପ୍ରଭାବ ଦଳର ନେତୃତ୍ୱ ଉପରେ ପଡ଼ିନାହିଁ। ଶେଷରେ କିଶୋରଙ୍କୁ ହିଁ ଦଳର ପ୍ରାର୍ଥୀ କରାଯାଇଛି। ତେବେ କିଶୋରଙ୍କୁ ବିରୋଧ କରୁଥିବା ବିଜେଡି କର୍ମୀମାନେ ଏହାକୁ ଗ୍ରହଣ କରିବେ ନା ଅନ୍ୟ କୌଣସି ପଦକ୍ଷେପ ନେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏଣେ ବୁଧବାର କିଶୋରଙ୍କ ପ୍ରାର୍ଥିତ୍ୱ ଘୋଷଣା ହେଉ ହେଉ ଗୁରୁବାର ଛାତ୍ର ବିଜେଡି ଏବଂ କୁଚିଣ୍ଡା ବିଜୁ ଯୁବ ବାହିନୀର ପ୍ରାୟ ୩୦ ସଦସ୍ୟ ଭାଜପାରେ ସାମିଲ ହେବାକୁ ନେଇ ରାଜନୈତିକ ମହଲରେ ଆଲୋଡନ ସୃଷ୍ଟି ହୋଇଛି।

ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ

# ପ୍ରଥମ ଦିନରେ ଦାଖଲ ହେଲାନି ପ୍ରାର୍ଥିପତ୍ର

ରେଢ଼ାଖୋଲ,୨୮।୩ (ଡି.ଏନ୍.ଏ.)

ଆସନ୍ତା ଏପ୍ରିଲ ୨୩ରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିପାରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଗୁରୁବାର ପ୍ରାର୍ଥିପତ୍ର ଦାଖଲର ପ୍ରଥମ ଦିନରେ ରେଢ଼ାଖୋଲ ବିଧାନସଭା ଆସନ ପାଇଁ କେହି ଜଣେ ମଧ୍ୟ ନାମାଙ୍କନ ଭରି ନ ଥିବା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ବିଶିକେଶନ ଦେହୁରୀ ଜଣାଇଛନ୍ତି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଏପ୍ରିଲ ୪ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରାଯିବ। ୫ରେ ସେଗୁଡ଼ିକ ଯାଞ୍ଚ କରାଯିବ। ୮ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥି ତାଲିକା ପ୍ରକାଶ କରାଯିବ। ସୂଚନାଯୋଗ୍ୟ, ରେଢ଼ାଖୋଲ ବିଧାନସଭା ଆସନ ପାଇଁ ୩ପ୍ରମୁଖ ରାଜନୈତିକ ଦଳ ସମେତ ଅନ୍ୟାନ୍ୟ ଦଳର ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। କଂଗ୍ରେସରୁ ଆସଫ ଅଲ୍ଲି ଖାନ, ବିଜେଡିରୁ ଇଂ. ରୋହିତ ପୂଜାରୀ, ଭାଜପାରୁ ଦେବେନ୍ଦ୍ର ମହାପାତ୍ର ଓ ଆମ୍ ଆଦମୀ ପାର୍ଟିରୁ ଆନନ୍ଦ କୁମାର ସାମଲ ପ୍ରାର୍ଥୀ ହୋଇଛନ୍ତି।

## ସଂକ୍ଷେପରେ



### ଦେଶୀ ବନ୍ଧୁକ ଜବତ, ଯୁବକ ଗିରଫ

ରେଙ୍ଗାଲି,୨୮।୩ (ଡି.ଏନ୍.ଏ.)- ଦେଶୀ ବନ୍ଧୁକ କାରବାର ଅଭିଯୋଗରେ କତରବଗା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କତରବଗା ଥାନା ଅନ୍ତର୍ଗତ ଖୁଣ୍ଟାପଡ଼ା ଗ୍ରାମର କୈଳାସ ଷଣ (୪୦)। ଗୁରୁବାର କୌଣସି ସୂତ୍ରରୁ ଖବର ପାଇ ପୋଲିସ କୈଳାସଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତାଙ୍କ ଘରୁ ଏକ ଦେଶୀ ବନ୍ଧୁକ ମିଳିଥିଲା। କୈଳାସ ବନ୍ଧୁକକର ଲାଇସେନ୍ସ ଦେଖାଇ ନ ପାରିବାରୁ ପୋଲିସ ତାଙ୍କୁ ଗିରଫ କରିଛି।



### ବୁଢ଼ାରଜା ପାହାଡ଼ରେ ନିଆଁ

ସମ୍ବଲପୁର,୨୮।୩ (ବ୍ୟୁରୋ)- ସମ୍ବଲପୁର ବୁଢ଼ାରଜା ପାହାଡ଼ରେ ଗୁରୁବାର ନିଆଁ ଲାଗିଯାଇଥିଲା। ଅଗ୍ନିଶ୍ରମ ବିଭାଗର ଏକ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶୁଖିଲା ପତ୍ର ଥିବାରୁ ନିଆଁ ଖୁବ୍‌ଶୀଘ୍ର ବ୍ୟାପିଯାଇଥିଲା। କୌଣସି ଦୁର୍ବୃତ୍ତ ଜଙ୍ଗଲରେ ବିଡି କିମ୍ବା ସିଗାରେଟ ଜଳାଇବା ସମୟରେ ନିଆଁ ଲାଗିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏଥିରେ ବହୁ ଛୋଟବଡ଼ ଗଛ ପୋଡ଼ିଯାଇଛି।

### ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି ପୋଲିସ

ସମ୍ବଲପୁର,୨୮।୩ (ବ୍ୟୁରୋ)- ସମ୍ବଲପୁର ଜିଲା ସଦରଥାନା କୋଲପାଲି ଗ୍ରାମର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ ମାମଲାରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଗୁରୁବାର ଏ ନେଇ ପୀଡ଼ିତା ମହିଳା ପଶ୍ଚିମ ଓଡ଼ିଶା ମହିଳା ସୁରକ୍ଷା ସମିତି ସଦସ୍ୟାଙ୍କ ସହ ଆସି ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ମାର୍ଚ୍ଚ ୭ ତାରିଖରେ ପ୍ରମୋଦ ପ୍ରଧାନ ମହିଳାଙ୍କୁ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ମହିଳା ଜଣକ ଥାନରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଓଲଟା ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି। ପୋଲିସ ବଳରେ ପ୍ରମୋଦ ଏବେ ମଧ୍ୟ ମହିଳାଙ୍କୁ ଗାଳିଗୁଲଜ କରୁଛନ୍ତି। ତେଣୁ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳାମାନେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ସୁତପା ମିତ୍ର, ସୁବାସିନୀ ମୁଣ୍ଡା, ମମତା କରାଲି, ଦୁଃଖ ଗର୍ଡିଆ, ଶୁଭ୍ରମଲି ରନବିଡ଼ା, ପୁଷ୍ପାଞ୍ଜଳି ସୁନା ପୀଡ଼ିତାଙ୍କ ସହ ଏସ୍‌ପି ଅଫିସକୁ ଆସିଥିଲେ।

### ଗଞ୍ଜେଇ ଜବତ ୧ ଗିରଫ

ସମ୍ବଲପୁର,୨୮।୩(ବ୍ୟୁରୋ)- ଗଞ୍ଜେଇ ଚୋରା ଚାଲାଣ କରୁଥିବା ସମୟରେ ସମ୍ବଲପୁର ଜିଲା ଯୁଯୁମୁରା ଥାନା ପୋଲିସ ମୁଣ୍ଡେର ଗ୍ରାମର ଗଜେନ୍ଦ୍ର ଦେହୁରୀଙ୍କୁ ଗିରଫ କରିଛି। ଗଜେନ୍ଦ୍ରଙ୍କ ନିକଟରୁ ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏନେଇ ଏକ ମାମଲା (ନଂ.୪୫/୧୯) ରୁଜୁ ହୋଇଛି।

# ଛାତ୍ରୀଛାତ୍ର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ପାଠ ପଢ଼ନ୍ତୁ




ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ରେଢ଼ାଖୋଲ,୨୮।୩ (ଡି.ଏନ୍.ଏ.)

ଛାତ୍ରୀଛାତ୍ର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଅଧ୍ୟୟନ କରନ୍ତୁ। କଠିନ ପରିଶ୍ରମ ସହ ମନଯୋଗ ଦେଇ ପାଠ ପଢ଼ିଲେ ସଫଳତା ସହଜରେ ମିଳିବ। ପାଠ ପଢ଼ିବା ସହ ଲେଖିବା ଅଭ୍ୟାସ ରଖିବା ଉଚିତ ବୋଲି ଗୁରୁବାର ସନ୍ଧ୍ୟାରେ ରାଜବାଟୀସ୍ଥିତ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଏକ ମନୋରମ ପରିବେଶରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ସଭାପତିତ୍ୱରେ ଅନଷ୍ଠିତ ସଭାରେ ଭୀମ ଭୋଇ କଲେଜ ଅଧ୍ୟକ୍ଷ ଡ. ହରପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

ଭୁବନେଶ୍ୱର ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷ ନାରାୟଣ ସ୍ୱାମୀ ପ୍ରସାଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରେଢ଼ାଖୋଲ ସ୍କୁଲ ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଇନ୍ଦିରା ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଓ ସ୍ୱାମୀ ଶଙ୍କରାନନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଗୌରଚନ୍ଦ୍ର ହାଇସ୍କୁଲର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ମଙ୍ଗୁଲୁ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଫଟୋରେ ଖବର




ମାର୍ଚ୍ଚ ୨୮ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଲୋକ ସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ ସମୟ ଧାର୍ଯ୍ୟ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ମୁଖ୍ୟ ଫାଟକରେ ପୋଲିସ ମୁତୟନ କରାଯାଇଛି।




ବିଧାନସଭା ଟିକେଟ ଧରି ବିଜେଡି ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀ ଭୁବନେଶ୍ୱରରୁ ଫେରିଛନ୍ତି। ଗୁରୁବାର ସକାଳ ୫ଟାରେ ସମ୍ବଲପୁର ରେଲୱେ ଷ୍ଟେଶନରେ କର୍ମୀ ଓ ନେତାମାନେ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ସମାଜବାଦୀ ପାର୍ଟିରୁ ଆତ୍ମାରାମଙ୍କ ଇସ୍ତଫା

ସମ୍ବଲପୁର,୨୮।୩ (ବ୍ୟୁରୋ)

ସମାଜବାଦୀ ପାର୍ଟି (ଏସ୍‌ପି)ରୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଆତ୍ମାରାମ ସୁପକାର ଗୁରୁବାର ଇସ୍ତଫା ଦେଇଛନ୍ତି। ରାଜ୍ୟ ସଭାପତି ରବୀନ୍ଦ୍ର ନାଥ ବେହେରାଙ୍କୁ ଏ ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଚଳିତ ନିର୍ବାଚନରେ ଦଳ ସମ୍ବଲପୁର ଲୋକ ସଭା ଓ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ଦେବାକୁ ମନା କରିଛି। ଏଥିପାଇଁ ସେ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ୧୧ ବର୍ଷର ପ୍ରେମ ପରେ ପ୍ରତାରଣା, ଜେଲ ଗଲେ ଯୁବକ

ବାମରା,୨୮।୩ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଗୋବିନ୍ଦପୁର ପଞ୍ଚାୟତ ପଣ୍ଡରିପଥର ଗ୍ରାମର ମୁନୁ ବାଗ (୨୯) ସେହି ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କ ସହ ଦୀର୍ଘ ୧୧ ବର୍ଷ ପ୍ରେମ ସମ୍ପର୍କ ରଖି ଶେଷରେ ପ୍ରତାରଣା ଓ ମାରପିଟ କରିବା ଅଭିଯୋଗରେ ଜେଲ ଯାଇଛନ୍ତି। ଅଭିଯୋଗ ଅନୁସାରେ, ମୁନୁ ୨୦୦୮ ମସିହାରୁ ସମ୍ପୃକ୍ତା ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଗତ କିଛିଦିନ ତଳେ ମୁନୁଙ୍କ ବିବାହ ଅନ୍ୟ ସ୍ଥାନରେ ସ୍ଥିର ହୋଇଥିବା ଖବର ପାଇ ଯୁବତୀ ଜଣକ ତାଙ୍କ ଘରକୁ ଯାଇ ଏହାକୁ ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ମୁନୁ ତାଙ୍କୁ ମାରପିଟ କରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଦଫା ୪୧୭, ୪୯୩, ୫୦୬, ୩୨୩ ଓ ୫୦୯ରେ ଏକ ମାମଲା (ନଂ.୪୨/୧୯) ରୁଜୁ କରି ଗୁରୁବାର ମୁନୁଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

# ମାଗଣା ବହି ପାଇଲେ ଘରୋଇ ବିଦ୍ୟାଳୟ ଛାତ୍ରୀ

ବାମରା,୨୮।୩ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ ଅଞ୍ଚଳରେ ଥିବା ଘରୋଇ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଅଧିକାର ଅଧିନିୟମ ଅନ୍ତର୍ଗତ ମାଗଣା ଶିକ୍ଷା ପାଉଥିବ ଛାତ୍ରୀଛାତ୍ରଙ୍କଠାରୁ ବହି କିଣିବା ନାଁରେ ଟଙ୍କା ଦାବି ନେଇ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ଛାତ୍ରୀଙ୍କୁ ମାଗଣାରେ ବହି ଯୋଗାଇ ଦିଆଯାଇଛି। ବାମରାସ୍ଥିତ ସନ୍‌ରାଇଜ ସ୍କୋଶାଲ ଏକାଡେମୀରେ ଶିକ୍ଷା ଅଧିକାର ଅଧିନିୟମ ଅନ୍ତର୍ଗତ ମାଗଣା ଶିକ୍ଷା ପାଉଥିବା ତୃତୀୟ ଶ୍ରେଣୀର ୨ ଛାତ୍ରୀଙ୍କଠାରୁ ବହି ବାବଦ ୩୫୭୦ ଟଙ୍କା ଲେଖାଏଁ ଦାବି କରାଯାଇଥିଲା। ଏ ନେଇ ଅଭିଯୋଗ ପରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏ ନେଇ ବାମରା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବାବେଳେ ଏବିଇଓ ରମାକାନ୍ତ ମହାନନ୍ଦିଆ ଏହାର ତଦନ୍ତ କରି ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ନିୟମାବଳୀ ପାଳନ କରିବାକୁ ତାଗିଦ୍ କରିଥିଲେ। ଗୁରୁବାର ୨ ଛାତ୍ରୀଙ୍କୁ ବହି ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବାମରା ବ୍ଲକ ଅନ୍ତର୍ଗତ ଅନେକ ଘରୋଇ ବିଦ୍ୟାଳୟ ଶିକ୍ଷା ଅଧିକାର ଅଧିନିୟମ-୨୦୦୯ ସହ ସ୍ୱୀକୃତି ପ୍ରମାଣପତ୍ର ପାଇବା ପାଇଁ ରହିଥିବା ନିୟମାବଳୀ ପାଳନ କରୁନାହାନ୍ତି। ଯାହା ଦ୍ୱାରା ବିଭିନ୍ନ ସମୟରେ ଛାତ୍ରୀଛାତ୍ର ଓ ଅଭିଭାବକ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ପୂର୍ବରୁ ନଜିର ରହିଛି। ସେହିପରି ସିବିଏସ୍‌ଇ ପାଠ୍ୟକ୍ରମ ପାଇଁ ଯୋଗାଇ ଦିଆଯାଉଥିବା ବହିଗୁଡ଼ିକ ପାଇଁ ମଧ୍ୟ ବଜାର ଦରଠାରୁ ୩୦୦ ପ୍ରତିଶତ ଅଧିକ ଦର ନିଆଯାଇ ଅଭିଭାବକଙ୍କୁ ଶୋଷଣ କରାଯାଉଥିବା ଅନେକ ସମୟରେ ଅଭିଯୋଗ ହୋଇଆସୁଛି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ ହେଲେ ସାମସ୍ୟାର ସାମୟିକ ସମାଧାନ କରାଯାଉଥିବା ବେଳେ ପରବର୍ତ୍ତୀ ସମୟରେ ପୁଣି ଅବସ୍ଥା ଯାହାକୁ ତାହା। ଘରୋଇ ବିଦ୍ୟାଳୟଗୁଡ଼ିକୁ ସ୍ୱୀକୃତି ପ୍ରମାଣପତ୍ର ଦେବା ଆଗରୁ ବିଭିନ୍ନ ଦିଗ ନେଇ ଉଚ୍ଚସ୍ତରୀୟ ଯାଞ୍ଚ କରାଯିବାକୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ତାଲିମ

ସମ୍ବଲପୁର,୨୮।୩ (ବ୍ୟୁରୋ)

ସମ୍ବଲପୁର ଡିଆର୍‌ଡିଏ ସମ୍ମଳନୀ କକ୍ଷରେ ଗୁରୁବାର ମାଇକ୍ରୋ ପର୍ଯ୍ୟବେକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ସ୍ୱତନ୍ତ୍ର ନିର୍ବାଚନ ଅଧିକାରୀ ଏସ୍. ଭୀରାମୁଥା ତାଲିମ ପ୍ରଦାନ କରିଥିଲେ। ପ୍ରାର୍ଥୀମାନଙ୍କ ଖର୍ଚ୍ଚର ହିସାବ ଉପରେ କିଭଳି ନଜର ରଖାଯିବ ସେ ଉପରେ ଆଲୋଚନା ହୋଇଥିଲା। ପ୍ରାର୍ଥୀମାନେ ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଖର୍ଚ୍ଚ କରିପାରିବେ। ସେମାନେ ଦେଇଥିବା ସମ୍ପତ୍ତି, ବ୍ୟାଙ୍କ ଆକାଉଣ୍ଟ, ଆୟ ଉପରେ ଯାଞ୍ଚ କରାଯିବ ବୋଲି ଆଲୋଚନା ହୋଇଥିଲା। ଏଥିରେ



ସମ୍ବଲପୁର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ମାଇକ୍ରୋ ପର୍ଯ୍ୟବେକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଉଛି।

ବିଭିନ୍ନ ବିଭାଗର ୧୦୬ ଅଧିକାରୀ ଉପସ୍ଥିତ ଥିଲେ। ସମ୍ବଲପୁର ଲୋକ ସଭା ଓ ଏହା ଅଧୀନ ରେଢ଼ାଖୋଲ, ସମ୍ବଲପୁର, ରେଙ୍ଗାଲି, କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଏହି ମାଇକ୍ରୋ ପର୍ଯ୍ୟବେକ୍ଷକମାନେ କାମ କରିବେ।

# ତ୍ରିଦିବସୀୟ ସତ୍‌ସଙ୍ଗ କାର୍ଯ୍ୟକ୍ରମ

ପଢ଼ିଆବାହାଲ,୨୮।୩ (ଡି.ଏନ୍.ଏ.)

ଯୁଯୁମୁରା ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତ ପଟୁଆବାହାଲସ୍ଥିତ କ୍ଷୀତିଜ୍ୟୋତି ଆଶ୍ରମରେ ତ୍ରିଦିବସୀୟ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର କଳସ ଶୋଭାଯାତ୍ରା, ଅଧିବାସ କର୍ମ ଆରମ୍ଭ ହୋଇ ବୁଧବାରଠାରୁ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଚାଲୁ ରହିଛି। ବିସ୍ମୟ ବାଳକ ସତ୍ୟଚୈତନ୍ୟ ଦାସ (ସୁନିଲ ବାବା) ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ପ୍ରଦାନ କରିବା ସହ ଭୋର୍ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ବେଦପାଠ, ମଙ୍ଗଳଆଳତି, ପ୍ରାତଃ ସତ୍‌ସଙ୍ଗ ମହାମନ୍ତ୍ର ସଂକୀର୍ତ୍ତନ, ଚରମ ପାରାୟଣ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଭବାନୀଶଙ୍କର କିଷାନ ଓ ଗୋବିନ୍ଦ ମିର୍ଦ୍ଧା କାର୍ଯ୍ୟକ୍ରମ ସଂଯୋଜନା କରୁଥିବାବେଳେ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ, ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ ସମ୍ବଲପୁର ଜିଲା ଆବାହକ ରବିନାରାୟଣ ମିର୍ଦ୍ଧା, ନିତ୍ୟାନନ୍ଦ ସିଂ, କୈଳାସ ଚନ୍ଦ୍ର ମହାନ୍ତି, ମାଣିକ ମେହେର ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି। ସ୍ୱର୍ଗତ ଧନପତି ମିର୍ଦ୍ଧାଙ୍କ ପୁଅ ଜୟ ସିଂ ଓ ପଦ୍ମନାଭ ମିର୍ଦ୍ଧାଙ୍କ ଜମିରେ ନିର୍ମିତ ହୋଇଥିବା ପଟୁଆବାହାଲ କ୍ଷୀତିଜ୍ୟୋତି ଆଶ୍ରମ ପରିସରରେ ପ୍ରତ୍ୟହ ଶହ ଶହ ଲୋକଙ୍କ ସମାଗମ ହେଉଛି। ଶୁକ୍ରବାର ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ।

## ସଂକ୍ଷେପରେ



### ନାବାଳିକାଙ୍କୁ ପ୍ରତାରଣା, ଯୁବକ ଗିରଫ

ନାକଟିଦେଉଳ,୨୮।୩(ଡି.ଏନ୍.ଏ.)
ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅଞ୍ଚଳର ଜଣେ ୧୬ବର୍ଷୀୟ ନବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଦେବଗଡ଼ ଜିଲା ନଳବନ୍ଧ ଗ୍ରାମର ମୁନା କିଷାନ (୧୯)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ନାବାଳିକା ଜଣକ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ଗତ ଦୁଇମାସରୁ ଅଧିକ ସମୟ ହେବ ଉଭୟେ ପରସ୍ପରକୁ ପ୍ରେମ କରୁଥିଲେ। ଗତ ମହାଶିବରାତ୍ରି ଦିନ ରାତିରେ ନାବାଳିକା ଜଣକ ମୁନାଙ୍କୁ କୁଞ୍ଜାମୁରା ଶିବମନ୍ଦିରକୁ ଡକାଇଥିଲେ। ତେବେ ନାବାଳିକାଙ୍କ ସମ୍ପର୍କୀୟ ଭିଣୋଇ ଏବଂ ଭଉଣୀ ଉକ୍ତ ରାତିରେ ନିକଟସ୍ଥ ଟିକିରା ନଦୀ ନିକଟରେ ଉଭୟଙ୍କୁ ଆପତ୍ତିଜନକ ଅବସ୍ଥାରେ ଦେଖିଥିଲେ। ସେମାନେ ତୁରନ୍ତ ଉଭୟଙ୍କୁ ନେଇ ନାବାଳିକାଙ୍କ ଘରକୁ ଯାଇ ମା'ବାପାଙ୍କ ଜିମା ଦେବା ସହ ଘଟଣା ସମ୍ପର୍କରେ କହିଥିଲେ। ଏହା ପରେ ମୁନା ସମ୍ପୃକ୍ତ ନାବାଳିକାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ସେଠାରେ ରହିଥିଲେ। ତେବେ କିଛିଦିନ ପରେ ଗତ ୨୨ ତାରିଖରେ ମୁନା କୌଶଳକ୍ରମେ ଫେରାର ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଗତ ୨୫ ତାରିଖରେ ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୩/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ବୁଧବାର ମୁନାଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ଡାକ୍ତରୀମାଇନା ପରେ ଗୁରୁବାର ମୁନାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଇସ୍ମାଇଲ ଏକ୍କା ପ୍ରକାଶ କରିଛନ୍ତି।

# ଝିଅପୁଅଙ୍କ ଗଳା କାଟି ମା'ର ଆତ୍ମହତ୍ୟା ଉଦ୍ୟମ

ମାଲକାନଗିରି/କାଲିମେଳା, ୨୮।୩ (ଡି.ଏନ.ଏ.)
ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ସିନ୍ଧିଗୁଡ଼ା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ନିଜ ଝିଅପୁଅଙ୍କ ଗଳାକାଟି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ପରେ ସେ ନିଜେ ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସିନ୍ଧିଗୁଡ଼ା ଗ୍ରାମର ଦେବା କବାସୀ, ସ୍ତ୍ରୀ ଦାଙ୍ଗି ଓ ଝିଅପୁଅଙ୍କୁ ନେଇ ତାଙ୍କର ଛୋଟ ପରିବାର। ହେଲେ ଏହି ପରିବାର ଭିତରେ ଅନ୍ୟ ଜଣେ ମହିଳା ପ୍ରବେଶ କରିବାରୁ ବିବାଦ ସୃଷ୍ଟି ହୋଇଥିଲା। ସଂପୃକ୍ତ ମହିଳାଙ୍କୁ ଦେବା ଦ୍ୱିତୀୟ ବିବାହ କରିବାକୁ କହିବାରୁ ଦାଙ୍ଗି ଏଥିରେ ଭାଙ୍ଗି ପଡିଥିଲେ। ଏହି ଘଟଣାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଦାଙ୍ଗି ମାନସିକ ଭାରସାମ୍ୟ ହରାଇ ଝିଅ ପୂଜା ଓ ପୁଅ ବିକାଶଙ୍କ ଗଳାକୁ ଏକ ଧାରୁଆ ଅସ୍ତ୍ରରେ କାଟି ହତ୍ୟା ଉଦ୍ୟମ କରିଥିଲେ। ପରେ ସେ ନିଜେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସେମାନଙ୍କୁ ଦେବା ଓ ଗ୍ରାମବାସୀ ତୁରନ୍ତ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୂଜା ଓ ଦାଙ୍ଗିଙ୍କ ଅବସ୍ଥା ସ୍ଥିର ଥିବା ବେଳେ ପୁଅ ବିକାଶ ଗୁରୁତର ଥିବା ଜଣାପଡ଼ିଛି। ଏ ସମ୍ପର୍କରେ କେହି କାଲିମେଳା ଥାନାରେ ଅଭିଯୋଗ କରି ନ ଥିବା ଭାରପ୍ରାପ୍ତ ନିରୀକ୍ଷକ ଚନ୍ଦ୍ର ଶେଖର ଶବର କହିଛନ୍ତି। ଶୁକ୍ରବାର ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ନଳିନୀଙ୍କୁ ଟିକେଟ ମିଳିବା ଦୁର୍ଭାଗ୍ୟଜନକ

# ବିଜେଡିକୁ କଂଗ୍ରେସର ସମାଲୋଚନା

ଭୁବନେଶ୍ୱର,୨୮।୩ (ବ୍ୟୁରୋ)
ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନଙ୍କ କାର୍ଯ୍ୟକାଳ ସମୟରେ ନାନା ଦୁର୍ନୀତି ଓ ଲାଞ୍ଚ କାରବାରର ହୋଇଥିବା ବହୁ ଅଭିଯୋଗ ହୋଇଥିଲା। ମାତ୍ର ତାଙ୍କୁ ବିଜେଡି ପକ୍ଷରୁ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ଭାବେ ଟିକେଟ୍ ଦିଆଯାଇଛି। ଏହା ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛତାକୁ ପ୍ରମାଣିତ କରୁଛି ବୋଲି କଟାକ୍ଷ କରିଛି କଂଗ୍ରେସ।

ଗୁରୁବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟ ପ୍ରକାଶ ନାୟକ କହିଛନ୍ତି, ଯେଉଁ ବ୍ୟକ୍ତିଙ୍କ କାର୍ଯ୍ୟକାଳ ଅବଧି ଭିତରେ କୋଟି କୋଟି ଟଙ୍କାର ଦୁର୍ନୀତି ଓ ପିସି କାରବାରର ଅଭିଯୋଗ ଥିଲା ସେହି ବ୍ୟକ୍ତିଙ୍କୁ ସମ୍ବଲପୁର ଲୋକ ସଭା ପାଇଁ ଟିକେଟ ଦେଇ ବିଜେଡି ପୁରସ୍କୃତ କରିବା ଦୁର୍ଭାଗ୍ୟଜନକ। ଚାକିରିରେ ଥିବାବେଳେ ସରକାରଙ୍କୁ ଅନୁଗୃହୀତ କରିବା ଭଳି ନିଷ୍ପତ୍ତି ନେଉଥିବା ଏହି ତୋଷାମଦକାରୀଙ୍କ ଅସଲ ମୁଖା ଏବେ ଲୋକଙ୍କ ସାମ୍ନାକୁ ଆସିଛି। ଏହି ବ୍ୟକ୍ତିଙ୍କ କାର୍ଯ୍ୟକାଳ ମଧ୍ୟରେ ଦେଢ ହଜାର କୋଟି ଟଙ୍କାର ଇ-ଟେଣ୍ଡର କରାଗଲା ନାହିଁ। ଯାହା ରାଜ୍ୟ ରାଜକୋଷକୁ କ୍ଷତି ପହଞ୍ଚାଇବା ସହିତ ଏକ ବଡ ଦୁର୍ନୀତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅନେକ ପ୍ରୋଜେକ୍ଟର ମୂଲ୍ୟ ବୃଦ୍ଧି କରିବାରେ ମଧ ଏହି ବ୍ୟକ୍ତିଙ୍କ ହାତ ଥିବା ଅଭିଯୋଗ ଅଛି। ଯାହା ପ୍ରକାରାନ୍ତରେ ବିଜେଡିକୁ ନିର୍ବାଚନୀ ପାଣ୍ଠି ଯୋଗାଇବାରେ ମାଧ୍ୟମ ସାଜିଛି। ଏହାର ଏକ ଜ୍ୱଳନ୍ତ ନମୁନା ହେଉଛି ଗୁରୁପ୍ରିୟା ସେତୁ, ଯାହାର ଅତିରିକ୍ତ ବ୍ୟୟ ୩୪କୋଟି ବୃଦ୍ଧି କରାଯାଇଥିଲା। ଖୋଦ୍ ଏ.ଜି. ତାଙ୍କ ରିପୋର୍ଟରେ ଏହା ଦର୍ଶାଇବା ସହିତ ଏନେଇ ପ୍ରଶ୍ନ ଉଠାଇଥିଲେ। ଦୁର୍ନୀତିଗ୍ରସ୍ତଙ୍କୁ ଟିକେଟ୍ ଦେଇଥିବା ମୁଖ୍ୟମନ୍ତ୍ରୀ କେତେ ସ୍ୱଚ୍ଛ ଏବଂ ନିର୍ମଳ ଏଥିରୁ ବୁଝାପଡୁଛି ବୋଲି ସତ୍ୟ କହିଛନ୍ତି।

## ସେଲ୍ଫି କର୍ଣ୍ଣର



@ ରାଧେଶ୍ୟାମ



@ ଜ୍ୟୋତି

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ପ୍ରଚାର ଗାଡ଼ି, ନିର୍ବାଚନୀ ଗୀତର ଶୁଭାରମ୍ଭ କଲା ଭାଜପା

ଭୁବନେଶ୍ୱର,୨୮।୩ (ବ୍ୟୁରୋ)
୨୦୧୯ ସାଧାରଣ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ଗୁରୁବାର ପ୍ରଚାର ଗାଡି, ନିର୍ବାଚନୀ ପ୍ରଚାର ସଙ୍ଗୀତ ଏବଂ ନିର୍ବାଚନୀ ପୋଷ୍ଟର ଶୁଭାରମ୍ଭ କରାଯାଇଛି । ରାଜ୍ୟ କାର୍ଯ୍ୟାଳୟରେ ନିର୍ବାଚନୀ ସଙ୍ଗୀତର ଅଡିଓ ଏବଂ ଭିଡିଓ ସିଡୀ, ପୋଷ୍ଟର ରିଲିଜ ସହ ପ୍ରଚାର ଗାଡିର ଶୁଭାରମ୍ଭ କରାଯାଇଛି । ଫିର ଏକ ବାର ମୋଦି ସରକାର ଏବଂ ରାଜ୍ୟରେ ସରକାର ବଦଳିବା ଦରକାର ନାରାରେ ମ୍ୟୁଜିକ ଭିଡିଓ ରିଲିଜ ହୋଇଛି। 'ମୋଦି ରଙ୍ଗ ଲାଗିଲା ବିକାଶର ରଙ୍ଗ ଲାଗିଲା', 'ନୂଆ ଆଶା ପୂରା ଭରସା ମୋଦିଙ୍କ ସାଥେ ନୂଆ ଓଡିଶା', 'ଭୋଟ ଦେମା ଆମେ ପଦମ ଫୁଲେ' ଆଦି ଏକାଧିକ ନିର୍ବାଚନ ସଙ୍ଗୀତ ଭିଡିଓକୁ ଉନ୍ମୋଚନ କରାଯାଇ ପ୍ରଦର୍ଶିତ କରାଯାଇଥିଲା। ନିର୍ବାଚନୀ ଡିଜିଟାଲ ପ୍ରଚାର ଗାଡିର ମଧ ଶୁଭାରମ୍ଭ କରାଯାଇଛି। ଏହି ପ୍ରଚାର ଗାଡି ରାଜ୍ୟର ସମସ୍ତ ଲୋକ ସଭା ଏବଂ ବିଧାନସଭା ନିର୍ବାଚନମଣ୍ଡଳୀରେ ବୁଲି ଲୋକମାନଙ୍କୁ ସଚେତନ କରାଇବା ସହ ଦେଶରେ ଆଉଥରେ ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରାଇବା ପାଇଁ ପ୍ରଚାର କରିବ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ଅରୁଣ ସିଂ, ବିଜୟ ମହାପାତ୍ର ପ୍ରମୁଖ ନିର୍ବାଚନୀ ସଙ୍ଗୀତ ଅଡିଓ, ଭିଡିଓ ସିଡୀ ଓ ପୋଷ୍ଟର ରିଲିଜ କରିଥିଲେ। ସମସ୍ତେ ପ୍ରଚାର ଗାଡିକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।

### ୨ଜଣଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କଲା ଭାଜପା

ଭୁବନେଶ୍ୱର,୨୮।୩ (ବ୍ୟୁରୋ)
ଭାଜପା ଗୁରୁବାର ୨ଜଣଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରିଛି। ବିଶୃଙ୍ଖଳା ଆଚରଣ କାରଣରୁ ଦଳରୁ ନିଲମ୍ବିତ ହୋଇଥିବା ରାୟଗଡା ଜିଲା ଗୁଣପୁରର ତ୍ରିନାଥ ପଣ୍ଡା ଏବଂ ବଲାଙ୍ଗିର ଜିଲାର ରାକେଶ କୁମାର ମିଶ୍ରଙ୍କୁ ନିଲମ୍ବନ କରାଯାଇଥିଲା। ଏହାପରେ ନିଜ ଭୁଲର ପରିତାପ କରିବା ସହ ପୁର୍ନବାର ଦଳରେ ଶୃଙ୍ଖଳିତଭାବେ କାର୍ଯ୍ୟ କରିଥିବାରୁ ଏମାନଙ୍କ ଉପରୁ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ଏନେଇ ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

### ବିଜେଡିର ଏକାଧିକ ପ୍ରାର୍ଥୀ ଭୁଲ୍ ତଥ୍ୟ ଦେଇଛନ୍ତି: ଭାଜପା

ଭୁବନେଶ୍ୱର,୨୮।୩ (ବ୍ୟୁରୋ)
ବିଜେଡି କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ୨ଟି ଭିନ୍ନ ଭିନ୍ନ ଭୋଟର ପରିଚୟପତ୍ର ଅଛି। ଗୋଟେ କଟକ ସଦର ନିର୍ବାଚନମଣ୍ଡଳୀରେ ଥିବାବେଳେ ଅନ୍ୟଟି ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ଅଛି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମାଙ୍କନ ପତ୍ରରେ ମଧ ୨ଟି ତ୍ରୁଟି ରହିଛି। ପ୍ରଥମଟି ହେଉଛି ମୁଖ୍ୟମନ୍ତ୍ରୀ ସତ୍ୟପାଠରେ ଯେଉଁ ସ୍ଥାନରେ ଦସ୍ତଖତ କରିବା କଥା କରିନାହାନ୍ତି । ଅନ୍ୟପଟେ କୋଇଲା ଦୁର୍ନୀତିରେ ସିବିଆଇ ମୁଖ୍ୟମନ୍ତ୍ରୀଙ୍କୁ ୨୫ ନଭେମ୍ବର ୨୦୧୭ରେ ଜେରା କରିବା କଥା ସେ ପ୍ରାର୍ଥିପତ୍ରରେ ଦର୍ଶାଇ ନାହାନ୍ତି । ରାଉରକେଲାରେ ବିଜେଡିର ବିଧାୟକ ପ୍ରାର୍ଥୀ ସାରଦା ନାୟକ ନିଜ ନାମାଙ୍କନରେ ୨୦୧୮-୧୯ର ଯେଉଁ ଆୟକର ତଥ୍ୟ ଦେଇଛନ୍ତି ତାହା ଭୁଲ ଅଛି। ସେହିପରି ବିଜେଡି ଆସ୍କା ଲୋକ ସଭା ପ୍ରାର୍ଥୀ ପ୍ରମିଳା ବିଶୋଇଙ୍କ ଶିକ୍ଷାଗତ ଯୋଗ୍ୟତା ବାବଦରେ ଦେଇଥିବା ତଥ୍ୟ ଭୁଲ ଥିବା ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ବିଜେଡି ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ କଳିକେଶ ସିଂଦେଓଙ୍କ ମଧ ଦୁଇଟି ଭୋଟର ପରିଚୟ ପତ୍ର ଅଛି। ଦଶପଲ୍ଲାର ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ଅନୁସୂଚିତ ଜାତି ବର୍ଗର ନୁହନ୍ତି । ହେଲେ ସେ ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇ ନିର୍ବାଚନ ଲଢୁଛନ୍ତି । ଏ ସମସ୍ତ ପ୍ରାର୍ଥୀ ବିଜେଡିର ହୋଇଥିବାରୁ ସମ୍ପୃକ୍ତ ନିର୍ବାଚନ ରିଟର୍ନିଂ ଅଫିସରମାନେ ସେମାନଙ୍କ ପାର୍ଥିପତ୍ର ନାକଚ କରିନାହାନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ମଧ ଅଭିଯୋଗ କଲା ପରେ ସେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତଇଲ ନାଇବ ଢେବା ଗେବା**
**ଭାତ ଖାଇବ ଆଗା ।**
**ଚିତ୍ ହୋଇ ଶୋଇ ପଡ଼ିଥିବ**
**ମାଡ଼ି ବସିଥିବ ଜାଗା ।**

ବହୁ ଲୋକଙ୍କ ମେଳରେ ରହୁଥିବା ବ୍ୟକ୍ତି ଗାଧୋଇବା, ଖାଇବା ତଥା ଶୋଇବାରେ ଯଥାସମ୍ଭବ ଚଞ୍ଚଳତା ଦେଖାଇଥାନ୍ତି। କାରଣ ଏପରି ନ ହେଲେ କାଳେ ପଛରେ ରହିଗଲେ ସୁବିଧା ହାତଛଡ଼ା ହୋଇଯିବ ସେହି ଆଶଙ୍କାରେ ଆଗତୁରା ନିଜ ନିଜର କାର୍ଯ୍ୟ କରାଇ ନେବାକୁ ଉଚିତ ମଣିଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ପ୍ରବୃତ୍ତି ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ତେଲ ହଳଦୀ ସରିବ ନାହିଁ**
**ପୁଅକୁ ନୁଖୁରା ରଖିବ ନାହିଁ।**

ଉଭୟଙ୍କ ପ୍ରତି ଲୋଭ। ଘଡ଼ାରୁ ତେଲ ହଳଦୀ ସରିବନି ଏଣେ ପୁଅ ମୁଣ୍ଡ ବି ନୁଖୁରା ହେବନି। କିଛି ଖର୍ଚ୍ଚ ହେବନି, କିନ୍ତୁ ଈପ୍‌ସିତ କାର୍ଯ୍ୟ ଆରାମରେ ବା ସୁରୁଖୁରୁରେ ହୋଇଯିବ। ଏପରି ଭାବନା କେବଳ କୃପଣ ବ୍ୟକ୍ତିଙ୍କଠାରେ ଦେଖିବାକୁ ମିଳିଥାଏ। କାରଣ ଧନ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଥାଏ। ଦୁଇପଟକୁ ଅନେଇ କାହାକୁ ସାହାଯ୍ୟ କରି ନ ପାରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଧରାପଡ଼ିଲେ ୨ କୁଖ୍ୟାତ ଅପରାଧୀ

## ଦେଶୀ ବନ୍ଧୁକ, ୨ ଗୁଳି, ୨ ମୋବାଇଲ ଫୋନ୍ ଜବତ

ଚିପିଲିମା,୨୮।୩(ଡି.ଏନ୍.ଏ.)
ବୁର୍ଲା ପୋଲିସ ହାତରେ ଧରାପଡ଼ିଛନ୍ତି ଦୁଇଜଣ କୁଖ୍ୟାତ ଅପରାଧୀ। କୌଣସି ଅପରାଧ ଘଟାଇବା ଉଦ୍ଦେଶ୍ୟରେ ଏମାନେ ବୁଲୁଥିବାବେଳେ ସୂଚନା ପାଇ ପୋଲିସ ଏମାନଙ୍କୁ ଗିରଫ କରିଥିବା ବୁର୍ଲା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୁର୍ଲା ଏସ୍‌ଡିପିଓ ଶିଶୁରଞ୍ଜନ ମହାପାତ୍ର କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସମ୍ବଲପୁର ଖେତରାଜପୁର ଥାନା ବଡ଼ବଜାର ପଠାନପଡ଼ାର ନାରାୟଣ ସାହୁଙ୍କ ପୁଅ ଅମିତ ସାହୁ (୩୦) ଓ ରେଙ୍ଗାଲି ଥାନା ରେଙ୍ଗାଲି ପୁରୁଣାବସ୍ତିର ଭାରତ ମିଶ୍ରଙ୍କ ପୁଅ ନମିଶ ମିଶ୍ର (୧୯)। ବୁଧବାର ରାତି ସାଢ଼େ ୮ରେ ଏମାନେ ଗୋଶାଳା ଫାଣ୍ଡି ଅନ୍ତର୍ଗତ ବଉଜାମୁଣ୍ଡା ଛକରେ ବୁଲୁଥିବା ଫାଣ୍ଡି ଅଧିକାରୀ ଅଜିତ ଧଳସାମନ୍ତଙ୍କୁ ସୂଚନା ମିଳିଥିଲା। ବୁର୍ଲା ଥାନା ପୋଲିସ, ଫ୍ଲାଇଁ ସ୍କ୍ୱାଡ୍ ଓ ଗୋଶାଳା ପୋଲିସ ମିଳିତଭାବେ ସେଠାରେ ଚଢ଼ାଉ କରି ଏମାନଙ୍କୁ କାବୁ କରିଥିଲେ। ପୋଲିସ ଏମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଗୁଳି ଓ ଦୁଇଟି ମୋବାଇଲ ଫୋନ୍ ଜବତ କରିଛି। ଅମିତ ସାହୁଙ୍କ ନାମରେ ବୁର୍ଲା ଥାନା କେସ୍ ନଂ.୫୬/୨୦୧୯ରେ ୱାଣ୍ଟେଟ ରହିଥିବା ଏସ୍‌ଡିପିଓ ମହାପାତ୍ର କହିଛନ୍ତି। ସେହିପରି ସମ୍ବଲପୁର ଏବଂ ବରଗଡ଼ ଜିଲାର ବିଭିନ୍ନ ଥାନାରେ ଉଭୟଙ୍କ ନାମରେ ଏକାଧିକ ମାମଲା ଥିବା ସେ କହିଛନ୍ତି। ଡକାୟତି, ରାହାଜାନି, ଅପହରଣ, ଲୁଟ୍ ଭଳି ମାମଲାରେ ଏମାନେ ପୂର୍ବରୁ ଜଡ଼ିତ ଥିବା ଜଣାପଡ଼ିଛି। ନମିଶ ମିଶ୍ରଙ୍କ ନାଁରେ ସମ୍ବଲପୁର ଜିଲା ଅଇଁଠାପାଲି ଥାନାରେ ଗୋଟିଏ, ରେଙ୍ଗାଲି ଥାନାରେ ୪ଟି, ଶାସନ ଥାନାରେ ଗୋଟିଏ ଓ ବରଗଡ଼ ଜିଲା ବରପାଲି ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ଅମିତଙ୍କ ନାଁରେ ସମ୍ବଲପୁର ଜିଲା ଖେତରାଜପୁର ଥାନାରେ ୫ଟି, ବୁର୍ଲା ଥାନାରେ ଗୋଟିଏ ଓ ବରଗଡ଼ ଜିଲା ବରପାଲି ଥାନାରେ ଗୋଟିଏ ମାମଲା ରହିଥିବା ମହାପାତ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ବୁର୍ଲା ଥାନା ଆଇଆଇସି ବିଭୂତି ଭୂଷଣ ଭୋଇ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

### ପୂର୍ବତନ ସମବାୟ ସମିତି ସଭାପତିଙ୍କୁ ୨ ବର୍ଷ ଜେଲ

ଫୁଲବାଣୀ ଅଫିସ, ୨୮।୩
ଏକ ଲାଞ୍ଚ କାରବାର ମାମଲାର ବିଚାର କରି ଗୁରୁବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସଙ୍କୁଲେଇ ସର୍ଭିସ କୋଅପରେଟିଭ ସୋସାଇଟି (ସମବାୟ ସମିତି)ର ପୂର୍ବତନ ସଭାପତି ଅନ୍ତର୍ଯ୍ୟାମୀ ଚାଉଳିଆ। ମିଳିଥିବା ସୂଚନା ଅନୁସାରେ, ଏହି ସମବାୟ ସମିତି ସମ୍ପାଦକ ସଞ୍ଜୟ କୁମାର ଗାଇଗଉଡିଆଙ୍କୁ କୌଣସି କାରଣରୁ ନେଇ ୨୦୧୫ ଜୁନ ୧୨ରେ ନିଲମ୍ବିତ କରାଯାଇଥିଲା। ତାଙ୍କୁ ପୁନଃନିଯୁକ୍ତ ପାଇଁ ସଭାପତି ଅନ୍ତର୍ଯ୍ୟାମୀଙ୍କୁ ଭେଟିବାରୁ ସେ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଏତେ ଟଙ୍କା ଦେଇ ପାରିବି ନାହିଁ ବୋଲି ସଞ୍ଜୟ କହିବାରୁ ୮୦ ହଜାର ଟଙ୍କା ଦେବାକୁ ପଡିବ ବୋଲି କହିଥିଲେ। ପ୍ରଥମ କିସ୍ତିରେ ୫୦ ହଜାରରେ କଥା ଛିଡିଥିଲା। ଏ ନେଇ ସଞ୍ଜୟ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ୨୦୧୬ ଜୁନ ୧ରେ ଫୁଲବାଣୀ ସହର ଖଲିଆବନ୍ଧ ନିକଟ ଶନିମନ୍ଦିର ପାଖରେ ଅନ୍ତର୍ଯ୍ୟାମୀ ୫୦ ହଜାର ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ଗିରଫ କରିଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପିପି ସୁରେଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add.: T-51, Gali No. 8, Gautampuri, Delhi

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!!ଭଟକିବାରୁ ବଞ୍ଚନ୍ତୁ!!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office
G-79 Aadrsh Nagar Karol Bagh
Mob.: 8676907143, 9348274623

LOAN
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

FINANCE
ଜଗନ୍ନାଥ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No - 428/457, Netaji Road, Bangalore
7609025435

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ।
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବିଜେଡିରୁ ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ଇସ୍ତଫା

ଭୁବନେଶ୍ୱର, ୨୮।୩ (ବ୍ୟୁରୋ)



ପୂର୍ବତନ ଏମ୍‌ପି ତଥା ବରିଷ୍ଠ ନେତା ମୋହନ ଜେନା ଗୁରୁବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ମୋହନ ୨୦୦୪, ୨୦୦୯ରେ ବିଜେଡି ପ୍ରାର୍ଥୀ ଭାବେ ଯାଜପୁର ଲୋକ ସଭା ଆସନରୁ ବିଜୟୀ ହୋଇଥିଲେ। ୨୦୧୪ରେ ତାଙ୍କ ଟିକେଟ କଟାଯାଇ ରୀତା ତରାଇଙ୍କୁ ଦିଆଯାଇଥିଲା। ଚଳିତଥର ମୋହନ ନିଜ ପ୍ରାର୍ଥିତ୍ୱକୁ ନେଇ ଆଶାବାଦୀ ଥିଲେ, ମାତ୍ର ଦଳ ପକ୍ଷରୁ ପୂର୍ବତନ ପ୍ରଶାସିକା ଶର୍ମିଷ୍ଠା ସେଠୀଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ବିଜେଡିରେ ତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରି ସେ ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ଇସ୍ତଫାପତ୍ରରେ ମୋହନ ଦଳୀୟ କାର୍ଯ୍ୟଶୈଳୀକୁ ନେଇ ଅଙ୍ଗୁଳି ଉଠାଇଛନ୍ତି। ଚିଠି ମାଧ୍ୟମରେ ସେ କହିଛନ୍ତି ଯେ, ବିଜୁ ଜନତା ଦଳର ସମ୍ବିଧାନ ଏକ ଗୋପନୀୟ ଦଲିଲ ହୋଇଛି। ରାଜନୈତିକ ଦଳର ମୌଳିକ ଚରିତ୍ର ହରାଇ ବିଜେଡି ଏକ ପ୍ରାଇଭେଟ ଲିଃ କମ୍ପାନୀରେ ପରିଣତ ହୋଇଛି। ଜନୈକ ଆଇଏଏସ୍ ଅଧିକାରୀ ଏବଂ କିଛି ବୋଲକରା ଅଧିକାରୀ ଦଳକୁ ମେରୀ ରାୟ ନୀତିରେ ପରିଚାଳନା କରୁଛନ୍ତି। ଦଳରେ ସର୍ବନିମ୍ନ ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ। ବହୁ ବରିଷ୍ଠ ନେତା ଦଳ ପରିଚାଳନା କରୁଥିବା କର୍ମକର୍ତ୍ତାଙ୍କ ନିକଟରେ ଭିକ୍ଷାପ୍ରାର୍ଥୀ ହୋଇ ଛିଡ଼ା ହେଉଥିବା ମୋହନ କହିଛନ୍ତି। ସେହିପରି ରାଜ୍ୟର ପ୍ରାୟ ୪୦ ପ୍ରତିଶତ ଭୋଟର ହେଉଛନ୍ତି ଏସ୍‌ସି/ଏସ୍‌ଟି। ସେମାନଙ୍କ ଭୋଟରେ ବିଜେଡି ଶାସନ କରୁଛି, ହେଲେ ତାଙ୍କ ଉନ୍ନତି ବିରୋଧୀ କାର୍ଯ୍ୟ କରୁଛି। ବାବା ସାହେବ ଆମ୍ବେଦ୍‌କରଙ୍କୁ ଶ୍ରଦ୍ଧା କରୁଥିବା ବ୍ୟକ୍ତିମାନଙ୍କୁ ବିଜେଡିରେ ଘୃଣା କରାଯାଏ। ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଏ ନାହିଁ। ବିଜେଡି ନେତୃତ୍ୱ ସାମାଜିକ ନ୍ୟାୟ ବିରୋଧୀ ବୋଲି ମୋହନ ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ମୋହନଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ, ସେନେଇ କୌଣସି ସୂଚନା ମିଳିପାରିନାହିଁ।

## ବିଜେଡି ଛାଡ଼ିଲେ ଜୟନ୍ତ

ପୁରୀ ଅଫିସ, ୨୮।୩

- ମହେଶ୍ୱରଙ୍କ କାର୍ଯ୍ୟଶୈଳୀ ଅସହ୍ୟ ହେଲା
- ଭାଜପାରେ ମିଶିବା ଚର୍ଚ୍ଚା

ପୁରୀ ପୌରସଂସ୍ଥାର ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ବିଜେଡି ଛାଡ଼ିଛନ୍ତି। ଗୁରୁବାର ସେ ତାଙ୍କ ଇସ୍ତଫା ପତ୍ର ବିଜେଡି ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ନେଇ ସେ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ଆଶା ରଖିଥିଲେ ଜୟନ୍ତ। କିନ୍ତୁ ଏଠାରୁ ଉମାକାନ୍ତ ସାମନ୍ତରାୟଙ୍କୁ ପ୍ରାର୍ଥୀ ଘୋଷଣା କରିଛି ଦଳ। ତେଣୁ ତାଙ୍କୁ ଦଳ ଗୁରୁତ୍ୱ ଦେଉ ନ ଥିବା ହୃଦ୍‌ବୋଧ ହେବାରୁ ସେ ବିଜେଡି ଛାଡ଼ିଥିବା କହିଛନ୍ତି। ତେବେ ଜୟନ୍ତ ଭାଜପାରେ ମିଶି ପୁରୀରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଇସ୍ତଫା ସମ୍ପର୍କରେ ସୂଚନା ଦେଇ ଜୟନ୍ତ କହିଛନ୍ତି, ବିଜେଡି ପ୍ରତିଷ୍ଠା ହେବା ପରଠାରୁ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାମ କରିଆସୁଥିଲି। ଗତ ୫ ବର୍ଷ ପୁରୀ ପୌରସଂସ୍ଥାର ନଗରପାଳ ଦାୟିତ୍ୱରେ ରହିଥିଲି। ପ୍ରାୟ ୩୦ ବର୍ଷ ଜନତା ଦଳ ଏବଂ ବିଜୁ ଜନତା ଦଳରେ ରହିବା ପରେ ଆଜି ଦଳ ଛାଡ଼ିବାକୁ ଏକପ୍ରକାର ବାଧ୍ୟ ହୋଇଛି। ସତ୍ୟବାଦୀରେ ବିଜୁ ଜନତା ଦଳ ଭୁଶୁଡ଼ି ପଡ଼ିଥିବାବେଳେ ମୋତେ ଦାୟିତ୍ୱ ଦିଆଯାଇଥିଲା। ମୁଁ ସେଠାରେ ଦଳର ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିଥିଲି। ହେଲେ ଏଥର ନିର୍ବାଚନ ପାଇଁ ମୋ କଥା ବିଚାରକୁ ନିଆଗଲା ନାହିଁ। ସେହିପରି ପୁରୀରେ ନିଜକୁ ଅସୁରକ୍ଷିତ ମନେ କଲି। ମୋ ପ୍ରତି ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ରାଜନୈତିକ କାର୍ଯ୍ୟଶୈଳୀ ବହୁତ ଅସହ୍ୟ ହୋଇପଡ଼ିଲା। ବିରୋଧୀ କଂଗ୍ରେସ କିମ୍ବା ଭାଜପା କେବେ ବି ମୋତେ ଭୁଲ୍ ବୁଝିନାହାନ୍ତି। କିନ୍ତୁ ନିଜ ଦଳୀୟ ଲୋକେ ମୋତେ ବହୁତ କଷ୍ଟ ଦେଇଛନ୍ତି ଏବଂ ବିକାଶରେ ବାଧା ଉପୁଜାଇଛନ୍ତି। ଏମିତି ବି ଯେତେବେଳେ ବିଧାୟକଙ୍କ ଉପରେ ଆକ୍ରମଣ ହୋଇଛି ସେଥିରେ ମୋ ନାଁ ଯୋଡ଼ାଯାଇଛି। କେବଳ ଏତିକି ନୁହେଁ, ମଝିରେ ଥରେ ମୋତେ ମାରିବାକୁ ଚକ୍ରାନ୍ତ ବି ହୋଇଥିଲା। ଏହା ମୋତେ ବହୁତ ବାଧିଥିଲା, ଯେଉଁଥି ପାଇଁ ଏଭଳି ଏକ କଠୋର ନିଷ୍ପତ୍ତି ନେବାକୁ ପଡ଼ିଲା। ଲୋକମାନଙ୍କ ପାଇଁ କାମ କରିବାକୁ ହେଲେ ଏକ ରାଜନୈତିକ ଦଳରେ ରହିବା ଦରକାର। କିନ୍ତୁ ଏବେ ସୁଦ୍ଧା କେଉଁ ଦଳକୁ ଯିବି ତାହା ଭାବିନାହିଁ। ମୋର ସମର୍ଥକ, ଶୁଭେଚ୍ଛୁଙ୍କ ମତାମତ ନେଇ ପରବର୍ତ୍ତୀ ନିଷ୍ପତ୍ତି ନେବି। ଭାଜପାରେ ମିଶିବା ନେଇ ହେଉଥିବା ଚର୍ଚ୍ଚାକୁ ସେ ଏଡାଇ ଯାଇ ଖୁବ୍‌ଶୀଘ୍ର ଚିତ୍ର ସ୍ପଷ୍ଟ ହେବ ବୋଲି ଜୟନ୍ତ କହିଛନ୍ତି।

ଏ ସଂକ୍ରାନ୍ତରେ ମନ୍ତ୍ରୀ ମହେଶ୍ୱର କହିଛନ୍ତି, ଜୟନ୍ତ କଥାରୁ ତାଙ୍କର ଭାଜପା ଏବଂ କଂଗ୍ରେସ ସହିତ କେତେ ନିବିଡ଼ତା ତାହା ସ୍ପଷ୍ଟ ବୁଝାପଡୁଛି। ତେଣୁ ଗୋଟିଏ ଦଳରେ ରହି ଅନ୍ୟ ଦଳ ପ୍ରତି ଆନୁଗତ୍ୟ ରଖିଥିବା ବ୍ୟକ୍ତି ଯଦି କୌଣସି ଅଭିଯୋଗ କରନ୍ତି ତାହାର ସତ୍ୟତା କେତେ ତାହା ପୁରୀବାସୀ ହିଁ ନିଷ୍ପତ୍ତି ନେବେ। ତାଙ୍କ ଅଭିଯୋଗ ଉପରେ ମୋର ଅଧିକ କିଛି କହିବାର ନାହିଁ।

## ପୁରୁଣା କଥା ଭୁଲି ଭାଜପାକୁ ଫେରିଲେ ବିଜୟ




ଭାଜପା ନେତୃବୃନ୍ଦଙ୍କ ସହ ବିଜୟ ମହାପାତ୍ର।

ଭୁବନେଶ୍ୱର, ୨୮।୩ (ବ୍ୟୁରୋ)

ପୁରୁଣା କଥାକୁ ଭୁଲି ନୂଆ ଅଭିଯାନ ଆରମ୍ଭ କରିବେ ବୋଲି କହି ବରିଷ୍ଠ ନେତା ବିଜୟ ମହାପାତ୍ର ଗୁରୁବାର ଭାଜପାକୁ ଫେରିଛନ୍ତି। ଗତ ନଭେମ୍ବର ୩୦ରେ ସେ ଦଳରୁ ଇସ୍ତଫା ଦେବା ସହ ଭାଜପାର ମନ୍ଦିର ବଡ, ମୁଖଶାଳା ଛୋଟ ବୋଲି କହି ଅଭିଯୋଗ ଆଣିଥିଲେ। ଏହା ବ୍ୟତୀତ ଦଳର କେନ୍ଦ୍ରୀୟ ନେତାମାନଙ୍କ ବିରୋଧରେ ବହୁ ଗୁରୁତର ଅଭିଯୋଗ ମଧ୍ୟ ଉଠାଇଥିଲେ। ଇସ୍ତଫା ଦେବା ପରଠାରୁ ସେ ତାଙ୍କ ପରବର୍ତ୍ତୀ ନିଷ୍ପତ୍ତି ଖୁବ୍‌ଶୀଘ୍ର ନେବେ ବୋଲି କହି କିଛି ସ୍ପଷ୍ଟ କରୁ ନ ଥିଲେ। ଦୀର୍ଘଦିନ ପର୍ଯ୍ୟନ୍ତ ବିଜୟ ବିଜେଡିରେ ଯୋଗଦେବେ ବୋଲି ଚର୍ଚ୍ଚା ମଧ୍ୟ ଲାଗି ରହିଥିଲା। କିନ୍ତୁ ଶେଷରେ ବିଜୟଙ୍କୁ ନେଇ ଲାଗି ରହିଥିବା ସବୁ ଚର୍ଚ୍ଚାର ଅନ୍ତ ଘଟିଛି। ତାଙ୍କୁ ମନାଇବାରେ ଭାଜପା ନେତୃବୃନ୍ଦ ସଫଳ ହୋଇଛନ୍ତି। ପୂର୍ବରୁ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ଏବଂ ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ବିଜୟଙ୍କ ଘରକୁ ଯାଇ ଆଲୋଚନା କରିଥିଲେ। ସେହିଦିନ ହିଁ ସେମାନଙ୍କ ଭିତରେ ସବୁକିଛି ସ୍ଥିର ହୋଇଯାଇଥିଲା। ଗୁରୁବାର ଭାଜପାର ନିର୍ବାଚନୀ ପୋଷ୍ଟର ଏବଂ ଗୀତ ଉନ୍ମୋଚନ ହେବା ପୂର୍ବରୁ ବୈଜୟନ୍ତ ଏବଂ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ ବିଜୟଙ୍କୁ ମନାଇ ସାଙ୍ଗରେ ନେଇଥିଲେ। ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୟଙ୍କୁ ସାମିଲ କରି ସବୁ ସମସ୍ୟାର ଅନ୍ତ ଘଟାଇଛନ୍ତି। ମାତ୍ର ଏତେସବୁ ପରେ ବିଜୟଙ୍କ ସହ ଭାଜପାରୁ ଇସ୍ତଫା ଦେଇଥିବା ବରିଷ୍ଠ ନେତା ଦିଲୀପ ରାୟଙ୍କ ଭାଜପା ଫେରିବା ନେଇ କିଛି ଜଣାପଡି ନାହିଁ। କିଛିଦିନ ତଳେ ଅରୁଣ ସିଂ ଓଡିଶା ଗସ୍ତରେ ଆସି ଦିଲୀପ ଓ ବିଜୟଙ୍କ କଥାରେ ଉତ୍ତର ଦେଇ କହିଥିଲେ, ଆମକୁ କେହି ଛାଡିକି ଯାଇନାହାନ୍ତି। ଆଗକୁ ବହୁ ଭଲ ଖବର ଆସିବ। ସେବେଠାରୁ ହିଁ ଦୁଇ ନେତାଙ୍କ ଘର ବାହୁଡା ନେଇ ସାମାନ୍ୟ ସୂଚନା ମିଳିଥିଲା।

ଏହି ଅବସରରେ ବିଜୟ କହିଛନ୍ତି, ଦଳର ବହୁ ବରିଷ୍ଠ କେନ୍ଦ୍ରୀୟ ନେତା ମୋ ସହ ଆଲୋଚନା କରିଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଧ୍ୟ ଟେଲିଫୋନ୍ କରି କଥା ହୋଇଛନ୍ତି। ଯେହେତୁ ନିର୍ବାଚନ ପାଖେଇ ଆସିଲାଣି ଓଡିଶାରେ ଏକ ପରିବର୍ତ୍ତନ ଆଣିବା ପାଇଁ ଆମେ ଏକାଠି ହୋଇ ନୂଆ ଅଭିଯାନ ଆରମ୍ଭ କରିବୁ। ନିର୍ବାଚନ କେଉଁଠାରୁ ଲଢ଼ିବି ସେକଥା ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ଅରୁଣ ସିଂ କହିଛନ୍ତି, ଦଳର ବରିଷ୍ଠ ନେତା ବିଜୟ ମହାପାତ୍ର ବର୍ତ୍ତମାନଠାରୁ ଆମ ସହ ଦଳୀୟ କାର୍ଯ୍ୟାଳୟ ଯାଉଛନ୍ତି। କେନ୍ଦ୍ରୀୟ ନେତାଙ୍କ ସହ ତାଙ୍କର ସବୁ ପ୍ରକାର ଆଲୋଚନା ହୋଇଛି। ଆମ ସମସ୍ତଙ୍କର ଲକ୍ଷ୍ୟ କେନ୍ଦ୍ରରେ ପୁଣି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୁଅନ୍ତୁ। ସେଥିଲାଗି ଆମେ ସବୁ ମିଳିତ ଭାବେ କାର୍ଯ୍ୟ କରିବୁ। କେନ୍ଦ୍ରାପଡାରେ ଦଳ ବହୁତ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି।

ବୈଜୟନ୍ତ ପଣ୍ଡା କହିଛନ୍ତି ଯେ, ବିଜୟ ବାବୁ ଦଳର ଜଣେ ବରିଷ୍ଠ ନେତା। ନରେନ୍ଦ୍ର ମୋଦିଙ୍କୁ ଦ୍ୱିତୀୟ ଥର ଲାଗି ପ୍ରଧାନମନ୍ତ୍ରୀ କରିବାକୁ ପ୍ରଚାର କରିବେ। ଓଡିଶାରେ ଯେଉଁ ପରିବର୍ତ୍ତନର ନାରା ଆରମ୍ଭ ହୋଇଛି ତାହାକୁ ସଫଳ କରିବୁ। ଆମେ ସବୁ ମିଶିକି କାମ ଆରମ୍ଭ କରିବୁ। ସେ କେଉଁଠାରୁ ନିର୍ବାଚନ ଲଢ଼ିବେ ସେ କଥା କେନ୍ଦ୍ରୀୟ ନିର୍ବାଚନ କମିଟି ନିଷ୍ପତ୍ତି ନେବ। ତାଙ୍କର ଯେଉଁ ଅସୁବିଧା ଥିଲା ସେ ନେଇ ପୂରା ଆଲୋଚନା ହୋଇଛି, ଆମ ଅନୁରୋଧ ରକ୍ଷା କରି ସେ ଫେରିଛନ୍ତି। ସେ ଯେଉଁ ଇସ୍ତଫା ଦେଇଥିଲେ ତାହା ଗ୍ରହଣ କରାଯାଇ ନ ଥିଲା। ଦଳ ଛାଡିଥିବା ସବୁ ବରିଷ୍ଠ ନେତାଙ୍କ ସହ ଆମେ ଆଲୋଚନା କରୁଛୁ ବୋଲି ବୈଜୟନ୍ତ କହିଛନ୍ତି।

## ନବୀନ ନିବାସରେ ଭିଡ଼



ନବୀନ ନିବାସରେ ଗୁରୁବାର ଟିକେଟ୍ ପାଇଥିବା ଓ ଦଳୀୟ ନେତାଙ୍କ ଭିଡ଼।

## ମୁଖ୍ୟମନ୍ତ୍ରୀଙ୍କୁ ୩ଟି ପ୍ରଶ୍ନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୮।୩ (ବ୍ୟୁରୋ)

କୋଲ୍ ବ୍ଲକ ଆବଣ୍ଟନ ମାମଲାରେ ନାଗପୁରର ଜି.ଡି. ଡାଗା କିଏ। ୨୦୧୭ ନଭେମ୍ବର ୨୫ରେ ସିବିଆଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜେରା କରିଥିଲା କି ନାହିଁ। ନବୀନବାବୁ ଏ କଥା ଜାଣି ମଧ୍ୟ କାହିଁକି ସତ୍ୟପାଠରେ ଉଲ୍ଲେଖ କରି ନାହାନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଏହି ୩ଟି ପ୍ରଶ୍ନର ଉତ୍ତର ସାଢେ ୪କୋଟି ଓଡିଆ ଜାଣିବାକୁ ଚାହୁଁଛନ୍ତି। ମୁଖ୍ୟମନ୍ତ୍ରୀ ଏ ପର୍ଯ୍ୟନ୍ତ ଏହି ପ୍ରଶ୍ନର ଉତ୍ତର ଦେଇନାହାନ୍ତି। ଭାଜପା ପକ୍ଷରୁ ବିଭିନ୍ନ ଜାଗାରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ତିନୋଟି ପ୍ରଶ୍ନ ପଚରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, କେନ୍ଦ୍ରରେ କୋଇଲା ବିଭାଗରେ କିଛି ଦିନ ପାଇଁ ନବୀନ ବାବୁ ମନ୍ତ୍ରୀ ଥିଲେ। ମନ୍ତ୍ରୀ ଥିବା ସମୟରେ ୧୯୯୮ ଏପ୍ରିଲ ୩ରେ ନବୀନ ବାବୁ ନାଗପୁରର ଜି.ଡି. ଡାଗାଙ୍କ ଗୋଟିଏ ଭୂତ କମ୍ପାନୀକୁ କୋଇଲା ଖଣି ଆବଣ୍ଟନ କଲେ। ସରକାରୀ ନିୟମ ମୁତାବକ ଗୋଟିଏ କମ୍ପାନୀକୁ ପ୍ରଥମେ ପଞ୍ଜୀକରଣ କରିବାକୁ ପଡିବ। ମାତ୍ର ମୁଖ୍ୟମନ୍ତ୍ରୀ କୋଇଲା ଖଣି ଦେଇଥିବା କମ୍ପାନୀଟି ୧୯୯୯ ଜାନୁୟାରୀରେ ପଞ୍ଜୀକରଣ ହୋଇଛି। ପରବର୍ତ୍ତୀ ଅବସ୍ଥାରେ ୨୦୧୪ ମାର୍ଚ୍ଚ ମାସରେ ଏହି କେସ ଦାଏର ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହୋଇଛି। ଭାଜପା ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଏନେଇ ଅଭିଯୋଗ କରାଯାଇଥିଲେ ହେଁ ନିର୍ବାଚନ ଅଧିକାରୀ ଏହାର ଅସ୍ପଷ୍ଟ ଉତ୍ତର ଦେଇଛନ୍ତି। ସେହିପରି ବିଜେଡି ମଧ୍ୟ ଏହି ମାମଲାରେ ମୂଳ ପ୍ରସଙ୍ଗରୁ ମୁହଁ ଲୁଚାଉଛି। ବିଜେଡି ଏମ୍‌ପି ପିନାକୀ ମିଶ୍ର ଏହି ମାମଲା ୨୧ ବର୍ଷ ତଳର କଥା ବୋଲି କହୁଛନ୍ତି। ବହୁତ ବର୍ଷ ତଳର ଦୁର୍ନୀତି ହୋଇଥିଲେ ମଧ୍ୟ ଏହା କ'ଣ ଅପରାଧ ନୁହେଁ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। କେଉଁ ସ୍ୱାର୍ଥରେ ନବୀନ ବାବୁ ଭୂତ କମ୍ପାନୀକୁ ୧୯୯୮ରେ ବିନା ପଞ୍ଜୀକରଣରେ କୋଲ୍ ବ୍ଲକ ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ସତ କହିଲେ ମୁଖ୍ୟମନ୍ତ୍ରୀଙ୍କୁ କଷ୍ଟ ହେଉଛି। ଓଡିଶା ଡିଜି ଆଇନଶୃଙ୍ଖଳା ରକ୍ଷା କରିବା ପରିବର୍ତ୍ତେ ବିଜେଡି ସଭାପତିଙ୍କ ପାଖରେ ନିଷ୍ଠା ଦେଖାଉଛନ୍ତି। ଓଡିଶାର ଡିଜି ଓ ପୋଲିସ କମିଶନର ସର୍ବଭାରତୀୟ ସେବାର ଅଧିକାରୀ, ରାଜନୈତିକ ଦଳର କର୍ମକର୍ତ୍ତା ନୁହନ୍ତି। ରାଜ୍ୟରେ ରାଜନୈତିକ ହିଂସା ବଢ଼ିବାରେ ଲାଗିଛି। କିନ୍ତୁ ପୋଲିସ ରାଜନୈତିକ କାମରେ ଲାଗିଥିବାରୁ ଶାସକ ଦଳର ଅପରାଧୀମାନେ ରକ୍ତମୁଖା ହୋଇ ପ୍ରତିପକ୍ଷକୁ ହତ୍ୟା କରିବାକୁ ପଛାଉନାହାନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଭାଜପାରେ ଯୋଗଦେଲେ ବିଦ୍ୟୁସ୍ମିତା

ଭୁବନେଶ୍ୱର, ୨୮।୩ (ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ସରକାରୀ କର୍ମଚାରୀ, ସିନେ ତାରକା ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ମହାକାଳପଡାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପଦ୍ମନାଭ ଚୌଧୁରୀ, ସିନେ ଅଭିନେତା ଅଖିଳ ପଟ୍ଟନାୟକ ଏବଂ ଅଭିନେତ୍ରୀ ବିଦ୍ୟୁସ୍ମିତା ମନ୍ତ୍ରୀ ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ ହେବ ବୋଲି ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି।

ଓଡ଼ିଶା ଚେସ୍‌ର ତରୁଣ ତାରକା (ଭାଗ-୩)

# ପ୍ରତିଶ୍ରୁତିବଦ୍ଧ ପ୍ରତିଭା

ଓଡ଼ିଶା ଚେସ୍‌ର ବିକାଶ ଧାରାକୁ ଯେଉଁ କେତେଜଣ ତରୁଣ ତାରକା ନିଜ ପ୍ରତିଭା ଦ୍ୱାରା ଆଗେଇ ନେବାକୁ ପ୍ରତିଶ୍ରୁତିବଦ୍ଧ ସେମାନଙ୍କ ମଧ୍ୟରେ ରହିଛନ୍ତି ଅନ୍ୱେଷା ମିଶ୍ର, ସ୍ମାରକୀ ମହାନ୍ତି, ଅପରାଜିତା ଗୋଚ୍ଛିକାର, ରାକେଶ ନାୟକ, ଆଦ୍ୟାଶା ମହାପାତ୍ର, ରୁଦ୍ରାକ୍ଷ ପରିଡ଼ା, ଶୂନ୍ୟସକ୍ତା ଶତପଥୀ, ମହମ୍ମଦ ଅଶରଫଙ୍କ ପରି ଅନେକ ଖେଳାଳି...

-ସତ୍ୟ ରଞ୍ଜନ ପଟ୍ଟନାୟକ


ଅନ୍ୱେଷା

## ଅନ୍ୱେଷାଙ୍କ ଅନ୍ୱେଷଣ

ମହିଳା ଫିଡେ ମାଷ୍ଟର ଅନ୍ୱେଷା ମିଶ୍ର। ତାଙ୍କର ପ୍ରଥମ ଜାତୀୟ ସଫଳତା ଥିଲା ୨୦୧୧ ଜାତୀୟ ୯ ବର୍ଷରୁ କମ୍ ବାଳିକା ଚେସ୍‌ରେ। ଏଥିରେ ରୌପ୍ୟପଦକ ଜିଣିଥିବା ଅନ୍ୱେଷା ପରେ ଶ୍ରୀଲଙ୍କାରେ ଏସୀୟ ଯୁବ ଚେସ୍ ଓ ସ୍ଲୋଭାନିଆଠାରେ ବିଶ୍ୱ ଯୁବଚେସ୍‌ରେ ୧୦ ବର୍ଷରୁ କମ୍ ବାଳିକା ବର୍ଗରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ । ଏହି ପ୍ରତିଭାମୟୀ ତରୁଣୀ ୨୦୧୩ରେ ଜାତୀୟ ୧୧ ବର୍ଷରୁ କମ୍ ବାଳିକା ଚେସ୍‌ରେ ୩ୟ ସ୍ଥାନ ହାସଲ କରି ନିଜର ଚେସ୍ କ୍ୟାରିୟରକୁ ଉଜ୍ଜୀବିତ ରଖିଛନ୍ତି । ଏସୀୟ ଯୁବ ଚେସ୍‌ରେ ୧୪ ବର୍ଷରୁ କମ୍ ବିଭାଗରେ ସ୍ୱର୍ଣ୍ଣ (ମାଙ୍ଗୋଲିଆ ୨୦୧୬) ଏବଂ ୧୩ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ୨୦୧୫ ରୌପ୍ୟପଦକ ଜିଣିବା ଅନ୍ୱେଷାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା ।


ସ୍ମାରକୀ

## ଗ୍ଲାମର ଗର୍ଲ ସ୍ମାରକୀ

ଓଡ଼ିଆ ଚେସ୍‌ର ଗ୍ଲାମର ଗର୍ଲ ସ୍ମାରକୀ ମହାନ୍ତି। ମହିଳା ବିଭାଗର ବିଭିନ୍ନ ବୟସ ବର୍ଗରେ ସର୍ବାଧିକ ୨୫ଥର ରାଜ୍ୟ ଚେସ୍ ଚାମ୍ପିୟନ ହେବାର ଗୌରବ ରେକର୍ଡ ସମ୍ଭବତଃ ତାଙ୍କ ପାଖରେ । ୨୦୧୦ ଓ ୨୦୧୧ରେ ଏସୀୟ ସ୍କୁଲ ଚେସ୍‌ରେ ୧୩ ବର୍ଷରୁ କମ୍ ବିଭାଗରେ ଶ୍ରୀଲଙ୍କା ଓ ନୂଆଦିଲ୍ଲୀଠାରେ ୨ ଥର ସ୍ୱର୍ଣ୍ଣ ଓ ୨୦୧୨ରେ ୧୫ ବର୍ଷରୁ କମ୍ ବିଭାଗରେ ରୌପ୍ୟ ପଦକ ସହ ଜାତୀୟ ଚେସ୍‌ରେ ଏକ ଚର୍ଚ୍ଚିତ ଖେଳାଳିଭାବେ ନିଜକୁ ସାମିଲ କରିଥିଲେ । ୨୦୧୨ରେ ରୋମାନିଆରେ ଅନୁଷ୍ଠିତ ବିଶ୍ୱ ସ୍କୁଲ ଚେସ୍‌ରେ ଏକମାତ୍ର ଓଡ଼ିଆ ଭାବେ ଯୋଗଦେଇ ଓଡ଼ିଶାର ଗୌରବ ବଢ଼ାଇଥିଲେ । ୨୦୧୩ରେ ୟୁଏଇଠାରେ ଅନୁଷ୍ଠିତ ବିଶ୍ୱ ଯୁବଚେସ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ । ରାଜ୍ୟଗୋଷ୍ଠୀ ଚେସ୍‌ର ୧୮ ବର୍ଷରୁ କମ୍ ବିଭାଗରେ ସ୍ୱର୍ଣ୍ଣ ପଦକ ଜିଣିବା ସହ ଜାତୀୟ ଆମେଚର ଚେସ୍‌ରେ ୨୩୦୦ ଏଲୋରେଟିଂରୁ କମ୍ ବିଭାଗରେ ସ୍ୱର୍ଣ୍ଣ ପଦକ ଜିଣି ନିଜର ଦବ୍‌ଦବା ଜାହିର କରିଥିଲେ । କିଟ୍ ଦଳର କ୍ୟାପ୍‌ଟେନ ଭାବେ ବହୁବାର ବିଶ୍ୱବିଦ୍ୟାଳୟ ଚେସ୍‌ରେ ପ୍ରତିନିଧିତ୍ୱ କରି ଚାମ୍ପିୟନ କରାଇଛନ୍ତି। ସେ ୭ ଥର ରାଜ୍ୟ ମହିଳା ଚାମ୍ପିୟନ।


ଅପରାଜିତା

## ଗୋଲ୍ଡେନ ଗର୍ଲ ଅପରାଜିତା

ଯାତ୍ରା ତାଙ୍କର ପୁରୀ ହରଚଣ୍ଡୀ ସାହିରୁ ଜୋହାନ୍ସବର୍ଗ । ଗୋଲଡେନ ଗର୍ଲ ଅପରାଜିତା ଗୋଚ୍ଛିକାର ହେଉଛନ୍ତି ପଦ୍ମିନୀ ଓ କିରଣଙ୍କ ପରେ ଓଡ଼ିଶା ଚେସ୍‌ର ଅପ୍ରତିଦ୍ୱନ୍ଦ୍ୱୀ ମହିଳା ଖେଳାଳି। ରାଜ୍ୟସ୍ତରରେ ବହୁବାର ଚାମ୍ପିୟନ ହୋଇ ଜାତୀୟ ସିନିୟର ମହିଳା (ଏ)ରେ ଓଡ଼ିଶାର ପ୍ରତିନିଧିତ୍ୱ କରି ସେ ବେଶ୍ ସଫଳତା ପାଇଛନ୍ତି । ସିଙ୍ଗାପୁରରେ ଅନୁଷ୍ଠିତ ବିଶ୍ୱ ଆମେଚର ଚେସ୍‌ରେ ଭାରତ ସିନିୟର ମହିଳା ଦଳରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ଗୌରବ ବଢ଼ାଇଛନ୍ତି। ଚେନ୍ନାଇଠାରେ ୨୦୧୨ରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ରୌପ୍ୟ ପଦକ, ୨୦୧୧ରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଚେସ୍‌ରେ ସ୍ୱର୍ଣ୍ଣପଦକ ଏବଂ ଗ୍ରୀସ୍‌ରେ ଅନୁଷ୍ଠିତ ବିଶ୍ୱ ଆମେଚର ଚେସ୍‌ରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ଅପରାଜିତା ଜାତୀୟ ମହିଳା ଦଳର କୋଚ୍ ହେବା ସହ କ୍ୟାଣ୍ଡିଡେଟ୍ ମାଷ୍ଟର (ସିଏମ୍) ଟାଇଟଲ୍ ହାସଲ କରି ଓଡ଼ିଶା ଚେସ୍ ମହିଳାମାନଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି । ୨୦୧୭ରେ ସେ ଏସିଆନ ୟୁଥ୍‌ରେ ସର୍ବକନିଷ୍ଠ କୋଚ୍ ଭାବେ ଭାରତୀୟ ଦଳ ସହିତ ଉଜ୍‌ବେକିସ୍ତାନ ଯାତ୍ରା କରିଥିଲେ। ସେ ଏକାଧାରରେ ଜଣେ ଅନ୍ତର୍ଜାତୀୟ ଖେଳାଳି, ଫିଡେ ଇନ୍‌ଷ୍ଟ୍ରକ୍ଟର ଓ ଫିଡେ ଆର୍ବିଟର। ବ୍ରାଜିଲରେ ଅନୁଷ୍ଠିତ ବିଶ୍ୱ ଯୁବ ଚେସ୍‌ରେ ସେ ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୮, ୧୦ ଓ ୧୨ରେ ସେ ରାଜ୍ୟ ସିନିୟର ମହିଳା ଚାମ୍ପିୟନ। ଏସିଆନ ଆମେଚର ଚେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଅପରାଜିତା ତିରୁପତିରେ ସ୍କୁଲ ଫେଡେରେଶନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ମହିଳା ଦଳଗତ ସ୍ୱର୍ଣ୍ଣ ଜିତିଥିଲେ। ୨୦୧୮ରେ ସେ ରାଜ୍ୟଗୋଷ୍ଠୀ ଚେସ୍(୧୮ ବର୍ଷରୁ କମ୍)ରେ ସ୍ୱର୍ଣ୍ଣ ଓ ରାଜ୍ୟଗୋଷ୍ଠୀ(୨୦ ବର୍ଷରୁ କମ୍)ରେ ରୌପ୍ୟ ପଦକ ପାଇଥିଲେ। ବିଶ୍ୱ କ୍ୟାଡେଟ ଚେସ୍‌ରେ ସେ ପ୍ରତିନିଧିତ୍ୱ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ସ୍ପୋର୍ଟ୍ସ ଅଫିସର ଭାବରେ ମଧ୍ୟ କାର୍ଯ୍ୟରତ ।


ରାକେଶ

## ରାକେଶ ନାୟକ

୨୦୦୬ରୁ ୨୦୧୨ ମଧ୍ୟରେ ରାଜ୍ୟସ୍ତରୀୟ ଏବଂ ସର୍ବଭାରତୀୟ ଚେସ୍‌ରେ ବହୁବାର ଚାମ୍ପିୟନ ରାକେଶ ନାୟକ ୨୦୧୦ରେ ପଣ୍ଡିଚେରୀଠାରେ ଅନୁଷ୍ଠିତ ଜାତୀୟ ୧୩ ବର୍ଷରୁ କମ୍ ଚେସ୍‌ରେ ବ୍ରୋଞ୍ଜ ପଦକ ଜିଣି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହା ବ୍ୟତୀତ ସେ ୨୦୧୧ରେ ୧୪ ବର୍ଷରୁ କମ୍ ଏସୀୟ ଯୁବଚେସ୍, ୨୦୧୪ରେ ବିଶ୍ୱ ଜୁନିୟର ଚେସ୍, ୨୦୧୫ରେ ରାଜ୍ୟଗୋଷ୍ଠୀ ଚେସ୍, ୨୦୧୬ରେ ଏସିଆନ ଜୁନିୟର ଚେସ୍, ୨୦୧୭ରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। କ୍ୟାରିୟରରେ ସେ ଗ୍ରାଣ୍ଡମାଷ୍ଟର ଜିଆତଡିନୋଭ ରାସେଟ, ଅନ୍ତର୍ଜାତୀୟ ମାଷ୍ଟର କୋଶି ଭର୍ଗିସେ, ପଦ୍ମିନୀ ରାଉତ ଓ କ୍ରିଷ୍ଣା ସିଆରଜି ପ୍ରମୁଖ ଖେଳାଳିଙ୍କୁ ହରାଇ ସେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି।


ଆଦ୍ୟାଶା

## ନୟାପଲ୍ଲୀରୁ ନୂଆଦିଲ୍ଲୀ

ରାଜ୍ୟ ସ୍ତରରେ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରିଣୀ ଆଦ୍ୟାଶା ମହାପାତ୍ର। ଓଡ଼ିଶା ଚେସ୍‌ର ଏହି ଚର୍ଚ୍ଚିତ ଖେଳାଳିଙ୍କ ସଫଳତା ନୟାପଲ୍ଲୀରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଲମ୍ବିଥିଲା ।୨୦୧୦ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ମର୍ଯ୍ୟାଦାଜନକ ରାଜଗୋଷ୍ଠୀ ଚେସ୍‌ର ୮ ବର୍ଷରୁ କମ୍ ବାଳିକା ବିଭାଗରେ ରୌପ୍ୟପଦକ ଓ ସେଠାରେ ଏସୀୟ ସ୍କୁଲ ଚେସ୍‌ରେ ବ୍ରୋଞ୍ଜ ପଦକ ଜିଣି ପଦ୍ମିନୀଙ୍କ ପରେ ନିଜର ସ୍ଥାନକୁ ରାଜ୍ୟ ଓ ଜାତୀୟ ଚେସ୍‌ରେ ଦୃଢ଼ କରିଥିଲେ। ୨୦୦୯ରେ ଆଦ୍ୟାଶା ଅହମ୍ମଦାବାଦଠାରେ ଅନୁଷ୍ଠିତ ଜାତୀୟ ଶିଶୁ ଚେସ୍‌ରେ ୧୧ ରାଉଣ୍ଡରୁ ୧୦.୫ ପଏଣ୍ଟ ହାସଲ କରି ପ୍ରଥମ ଓଡ଼ିଆ ବାଳିକା ଭାବରେ ଚାମ୍ପିୟନ୍ ହୋଇଥିଲେ। ବାଳକରେ ରୁଦ୍ରାକ୍ଷ ପରିଡ଼ା ଚାମ୍ପିୟନ ହୋଇଥିବାରୁ ଓଡ଼ିଶା ଚେସ୍‌କୁ ଏକ ବିରଳ ସଫଳତା ମିଳିଥିଲା। ୨୦୧୦ରେ ବିଶ୍ୱ ଯୁବ ଚେସ୍ (ଗ୍ରୀସ୍) ଓ ଏସୀୟ ଯୁବ ଚେସ (ଚୀନ)ରେ ଭାରତରୁ ପ୍ରତିନିଧିତ୍ୱ କରି ଅନେକ ସଫଳତା ପାଇବା ସହ ରାଜ୍ୟ ସ୍ତରରେ ଚାମ୍ପିୟନ ଗ୍ଲାମର ଖେଳାଳିର ମାନ୍ୟତା ଅର୍ଜନ କରିଥିଲେ । ସେ ଏସୀୟ ଚେସ୍‌ରେ ଦଳଗତ ରୌପ୍ୟ ପଦକ ମଧ୍ୟ ପାଇଥିଲେ। ୨୦୧୩ରେ ରାଜ୍ୟ ୧୧ ବର୍ଷରୁ କମ୍ ବାଳିକା ଚାମ୍ପିୟନ୍ ଆଦ୍ୟାଶା ବର୍ତ୍ତମାନ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ଅଧ୍ୟୟନରତ ।

*(ଓଡ଼ିଶା ଚେସ୍‌ର ତରୁଣ ତାରକାର ୪ର୍ଥ ଭାଗରେ ସମ୍ବିତ ପଣ୍ଡା, ଦୃଷ୍ଟିହୀନ ଚେସ୍ ତାରକା ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ପ୍ରଧାନଙ୍କ ସମ୍ପର୍କରେ ପ୍ରକାଶ ପାଇବ)*

## ମହମ୍ମଦ ଅଶରଫ୍



ପଢ଼ାରେ କିଟ୍ ବିଶ୍ୱବିଦ୍ୟାଳୟ ଟପ୍ପର୍ ଥିବା ଅଶରଫ୍ ଏକ ଅଗ୍ରୀଣୀ ନାମ । ୨୦୧୧ରେ ହେଷ୍ଟିଙ୍ଗ୍‌ସରେ ଆୟୋଜିତ ଲଣ୍ଡନ କ୍ଲାସିକ ଚେସ୍‌ର ଜୁନିୟର ବର୍ଗରେ ପ୍ରଥମ ସ୍ଥାନ ହାସଲ କରି ଓଡ଼ିଶାର ଗର୍ବ ବଢ଼ାଇଥିଲେ । ୨୦୧୦ ରାଜ୍ୟ ସିନିୟର ଚେସ୍‌ରେ ରନର୍ସଅପ୍ ଅଶରଫ୍ ଅନେକ ଅନ୍ତର୍ଜାତୀୟ ମାଷ୍ଟରଙ୍କୁ ପରାସ୍ତ କରି ଆଗାମୀ ଓଡ଼ିଶାର ଜଣେ ତରୁଣ ଚେସ ତାରକା ଭାବେ ଉଭା ହୋଇଛନ୍ତି। ୨୦୧୨ରେ ତାଙ୍କର ସର୍ବୋଚ୍ଚ ରେଟିଂ ଥିଲା ୨୨୩୩। ସେ ବିଶ୍ୱ ଜୁନିୟର ଚେସ୍ ଖେଳିଥିଲେ।

## ପରିଶ୍ରମୀ ଶୂନ୍ୟସକ୍ତା



୨୦୧୦ରେ ନାଗପୁରଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍‌ର ୧୨ ବର୍ଷରୁ କମ୍ ବିଭାଗରେ ଶୂନ୍ୟସକ୍ତା ଶତପଥୀ ବ୍ରୋଞ୍ଜ ପଦକ ଜିତିଥିଲେ । ପରିଶ୍ରମୀ ଶୂନ୍ୟସକ୍ତା ରାଜ୍ୟସ୍ତରରେ ବହୁବାର ଚମ୍ପିୟନ ହେବା ସହ ଓଡ଼ିଶାର ପ୍ରଥମ ମହିଳା ଭାବେ କଲମ୍ବୋରେ ୨୦୦୮ ଓ ୨୦୦୯ରେ ଏସୀୟ ସ୍କୁଲ ଚେସ ଚାମ୍ପିୟନ ହେବାପରେ ୧୨ ବର୍ଷରୁ କମ୍ ବିଭାଗରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ସ୍ୱର୍ଣ୍ଣ ତାଙ୍କୁ ଆଣି ଦେଇଥିଲା ଅନେକ ସମ୍ମାନ । ୨୦୧୨ରେ ମୁମ୍ବାଇଠାରେ ଜାତୀୟ ସବ୍‌ଜୁନିୟରରେ ବ୍ରୋଞ୍ଜ ପଦକ ଜିତି ଭାରତ ତରଫରୁ ବିଶ୍ୱ ଓ ଏସୀୟ ଯୁବଚେସ୍ ପାଇଁ ମନୋନୀତ ହୋଇଥିଲେ । ୨୦୦୮ରେ ଭିଏତନାମ୍‌ଠାରେ ଅନୁଷ୍ଠିତ ବିଶ୍ୱ ଯୁବଚେସ୍‌ର ୧୦ ବର୍ଷରୁ କମ୍ ଚେସ ବିଭାଗରେ ଦଳଗତ ସ୍ୱର୍ଣ୍ଣ ଶୂନ୍ୟସକ୍ତାଙ୍କୁ ମିଳିଥିଲା। ମେଧାବୀ ଛାତ୍ରୀ ଶୂନ୍ୟସକ୍ତା ସମ୍ପ୍ରତି ୟୁକ୍ରେନ୍‌ରେ ଡାକ୍ତରୀ ପଢ଼ାରେ ମଗ୍ନ ଅଛନ୍ତି ।

## ରାଜକୁମାର ରୁଦ୍ରାକ୍ଷ



୨୦୦୯ରେ ରାଜ୍ୟ ଗଣମାଧ୍ୟମ ଗୁଡ଼ିକର ପୃଷ୍ଠା ମଣ୍ଡନ କରିଥିଲା ରୁଦ୍ରାକ୍ଷ ପରିଡାଙ୍କ ନାମ। ଏହି କୁନି ଚେସ୍ ପ୍ରତିଭା ଅହମ୍ମଦାବାଦଠାରେ ଅନୁଷ୍ଠିତ ୭ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ପ୍ରଥମ ସ୍ଥାନ ଲାଭ କରି ସ୍ୱର୍ଣ୍ଣ ପଦକ ଧରି ଓଡ଼ିଶା ଫେରିଥିଲେ । ଏତେ କମ୍ ବୟସରୁ ଅନାଲୋଚିତ ରୁଦ୍ରାକ୍ଷଙ୍କ ପ୍ରତିଭା ଏବଂ ବଡ ପ୍ରତିଯୋଗିତାର ନାମୀ ଦାମୀ ଖେଳାଳିଙ୍କୁ ଧୂଳି ଚଟାଇ ପୂରା ୧୧ ରାଉଣ୍ଡର ସାଢ଼େ ୧୦ ପଏଣ୍ଟ ହାସଲ କରିବାରେ ଦକ୍ଷତା ସମସ୍ତଙ୍କର ଦୃଷ୍ଟିଗୋଚର ହୋଇଥିଲା । ଏହି ସଫଳତା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ୨୦୧୦ ଅକ୍ଟୋବର ଶେଷ ସପ୍ତାହରେ ଗ୍ରୀସ୍‌ରେ ଅନୁଷ୍ଠିତ ବିଶ୍ୱ ଚେସ୍‌ରେ ପ୍ରଥମ ଓଡ଼ିଆ ଭାବେ ୮ ବର୍ଷରୁ କମ୍ ବିଭାଗରେ ରୁଷ ଓ ଚାଇନାର ବହୁ ଟାଣୁଆ ଖେଳାଳିଙ୍କୁ ଚକ୍‌ମା ଦେବା ସହ ୧୧ ରାଉଣ୍ଡରୁ ୯ ପଏଣ୍ଟ ହାସଲ୍ କରି ରୌପ୍ୟ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିଲେ । ଏକ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଅନେକ ଖେଳାଳିଙ୍କ ପାଇଁ ସ୍ୱପ୍ନ ହୋଇଥିବାବେଳେ ଓଡ଼ିଶାର ଏହି ମଗଧ ରାଇଜର ରାଜକୁମାର ତାହା କରି ଦେଖାଇଛନ୍ତି, ଏଥି ପୂର୍ବରୁ ଓଡ଼ିଶାରେ କୌଣସି ବାଳକ ଖେଳାଳି ରୌପ୍ୟ ପଦକ ଜିଣିବାରେ ସଫଳ ହୋଇ ନ ଥିଲେ । ୨୦୧୦ ବେଜିଂରେ ଆୟୋଜିତ ଏସୀୟ ଯୁବଚେସ୍‌ରେ ରୌପ୍ୟ ପଦକ ଜିଣି ରାଜ୍ୟର ଚେସ୍ ବିଶେଷଜ୍ଞଙ୍କୁ ଚକିତ କରିଥିଲେ । ୨୦୧୦ରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ସଫଳତା ଓ ଜାତୀୟ ୯ ବର୍ଷରୁ କମ୍ ବିଭାଗରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ଜିଣି ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ ମଧ୍ୟ ବିଭିନ୍ନ କାରଣ ଯୋଗୁ ଭାଗ ନେଇପାରିନାହାନ୍ତି । ୨ ଥର ରାଜ୍ୟ ୯ ବର୍ଷରୁ କମ ଓ ଥରେ ୧୧ ବର୍ଷରୁ କମ ବାଳକ ବିଭିଗରେ ରାଜ୍ୟ ଚମ୍ପିୟନ ହୋଇଥିବା ରୁଦ୍ରାକ୍ଷ ଜଣେ ମେଧାବୀ ଛାତ୍ର ଭାବେ ଗତ ବୋର୍ଡ଼ ପରୀକ୍ଷାରେ ୯୭.୦୬% ନମ୍ବର ରଖି ନିଜର ଦକ୍ଷତାର ପରିଚୟ ଦେଇଛନ୍ତି ।

# ଖେଲୋ ଇଣ୍ଡିଆ

ଭାରତ ସରକାରଙ୍କ ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ସମଗ୍ର ଦେଶରୁ ତୃଣମୂଳସ୍ତରରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସର ଶୁଭାରମ୍ଭ କରାଯାଇଛି। ୨୦୧୮ରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଦ୍ୱିତୀୟ ସଂସ୍କରଣର ପରିସମାପ୍ତି ଘଟିଛି। ବିଭିନ୍ନ କ୍ରୀଡ଼ା ଇଭେଣ୍ଟରେ ପାରଦର୍ଶିତା ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଚିହ୍ନଟକରି ସେମାନଙ୍କୁ ଅନ୍ତର୍ଜାତୀୟ ସ୍ତରର ସଫଳ କ୍ରୀଡାବିତ୍ ରୂପେ ଗଢ଼ି ତୋଳିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଏତେ ବଡ଼ ଦେଶରେ ମାତ୍ର କେତେଜଣ ହାତଗଣତି ସଫଳ କ୍ରୀଡ଼ାବିତ୍ ରହିଛନ୍ତି। ଏହି କ୍ରୀଡ଼ାବିତ୍‌ମାନଙ୍କ ଉତ୍ତରାଧିକାରୀ ସୃଷ୍ଟିକରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଏଥିସହିତ ଭବିଷ୍ୟତରେ ଏହି କ୍ରୀଡ଼ାବିତ୍‌ମାନେ ଏସିଆନ୍ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା, ବିଶ୍ୱ ଦୌଡ଼କୁଦ ଏବଂ ଅଲିମ୍ପିକ୍ସ ପରି ଶ୍ରେଷ୍ଠ ପ୍ରତିଯୋଗିତାରେ କିପରି ପଦକ ହାସଲ କରି ଦେଶ ପାଇଁ ସୁନାମ ଆଣିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି।

ଏହାର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ ହୋଇଥିବା ବେଳେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଡାଇରେକ୍ଟର ଜେନେରାଲ ରୂପେ ନିଲମ କପୁର କାର୍ଯ୍ୟରତ। ୨୦୧୮ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ପ୍ରତିବର୍ଷ ଜାନୁୟାରୀ କିମ୍ବା ଫେବୃୟାରୀରେ ଅନୁଷ୍ଠିତ ହୋଇଆସୁଛି। ବିଭିନ୍ନ କ୍ରୀଡ଼ା ଇଭେଣ୍ଟରେ ପାରଦର୍ଶିତା ପ୍ରଦର୍ଶନ କରୁଥିବା ୧୭ବର୍ଷରୁ କମ୍ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଏବଂ ୨୧ବର୍ଷରୁ କମ୍ କଲେଜ ଶିକ୍ଷାର୍ଥୀମାନଙ୍କ ଚୟନ କରାଯାଉଛି। ସମଗ୍ର ଦେଶରୁ ଏଭଳି ୧୦୦୦ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ଚୟନ କରାଯାଇ ପ୍ରତିବର୍ଷ ସେମାନଙ୍କୁ ୫ଲକ୍ଷ ଟଙ୍କା ଦେବା ସହ ୮ ବର୍ଷ ପାଇଁ ତାଲିମ ପ୍ରଦାନ କରାଯାଉଛି। ଏହାର ସଫଳ ରୂପାୟନ ପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରମାନେ ସେମାନଙ୍କର କ୍ରୀଡ଼ା ବଜେଟ ବୃଦ୍ଧି କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ କ୍ରୀଡ଼ା ବଜେଟକୁ ୨୦୦ କୋଟି ଟଙ୍କା ବୃଦ୍ଧିକରି ୨୩୦୦ କୋଟି ଟଙ୍କା ରଖିଛନ୍ତି। ମାତ୍ର ବିଶ୍ୱର ଅନ୍ୟ ଅଗ୍ରଣୀ ତଥା ଶ୍ରେଷ୍ଠ କ୍ରୀଡ଼ା ରାଷ୍ଟ୍ରରୂପେ ପରିଚିତ ଅଷ୍ଟ୍ରେଲିଆ, ଜାପାନ, ଇଂଲଣ୍ଡ, ଆମେରିକା, ଚାଇନା, କୋରିଆ ପରି ଦେଶଙ୍କ ତୁଳନାରେ ଏହା ଯଥେଷ୍ଟ କମ୍ ରହିଛି। ତେଣୁ ଏଥିପ୍ରତି ଦୃଷ୍ଟି ଦିଆଯିବାର ସମୟ ଆସିଛି।

ଖେଲୋ ଇଣ୍ଡିଆ ମାଧ୍ୟମରେ ବ୍ୟକ୍ତିଗତ ଏବଂ ଦଳଗତ ଇଭେଣ୍ଟଗୁଡ଼ିକ ମଧ୍ୟରେ ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ୍, ବକ୍ସିଂ, ଜିମ୍ନାଷ୍ଟିକ, ଜୁଡୋ, କବାଡ଼ି, ଭଲିବଲ, ସୁଇମିଂ, ଶୁଟିଂ, ଆର୍ଚେରି, ଫୁଟବଲ, ହକି, ଖୋଖୋ ପରି ଖେଳରୁ ଶ୍ରେଷ୍ଠ କ୍ରୀଡ଼ା ପ୍ରତିଭା ଚୟନ କରାଯାଇଥାଏ। ବ୍ୟକ୍ତିଗତ ଇଭେଣ୍ଟ ସ୍କୁଲ ଗେମ୍ସ ଫେଡେରେଶନରୁ ୪, ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନରୁ ଜଣେ, ଆୟୋଜକ ରାଜ୍ୟରୁ ୧ଜଣ ଏବଂ ୨ଜଣ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମାଧ୍ୟମରେ ମନୋନୀତ କରାଯାଇଥାଏ। ସେହିପରି ଦଳଗତ ଇଭେଣ୍ଟରୁ ଏହି ପ୍ରକ୍ରିୟା ମାଧ୍ୟମରେ ୮ଜଣଙ୍କୁ ମନୋନୀତ କରାଯାଇଥାଏ। ଏଥିପାଇଁ ସମଗ୍ର ଦେଶରୁ ବିଭିନ୍ନ କ୍ରୀଡ଼ାର ଶ୍ରେଷ୍ଠ ୧୬୦ ଟ୍ରେନରଙ୍କୁ ୪ଟି ପର୍ଯ୍ୟାୟରେ ଟ୍ରେନିଂ ଦିଆଯିବା କାର୍ଯ୍ୟକ୍ରମ ରହିଛି।

୨୦୧୮ ପ୍ରଥମ ସଂସ୍କରଣ ଦିଲ୍ଲୀଠାରେ ଜାନୁୟାରୀ ୩୧ତାରିଖରୁ ୮ ଫେବୃୟାରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସମଗ୍ର ଦେଶରୁ ୧୬ଟି ସ୍ପୋର୍ଟ୍ସ ଇଭେଣ୍ଟରେ ପାଖାପାଖି ୬୦୦୦ କ୍ରୀଡ଼ାବିତ୍ ଏବଂ ଅଫିସିଆଲ ଯୋଗଦେଇଥିବା ବେଳେ ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ ଜବାହରଲାଲ ନେହେରୁ ଷ୍ଟାଡିୟମରେ ୨୦୯ଟି ସ୍ୱର୍ଣ୍ଣ ପଦକ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିବର୍ଷ ସ୍ପୋର୍ଟ୍ସ ପାୱାର ହାଉସ୍ ରୂପେ ହରିୟାଣା ୩୮ ସ୍ୱର୍ଣ୍ଣ, ୨୬ ରୌପ୍ୟ ଏବଂ ୩୮ ବ୍ରୋଞ୍ଜ ପଦକ ସହ ୧୦୨ଟି ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି ମହାରାଷ୍ଟ୍ର ମୋଟ ୧୧୧ ପଦକ (୩୬ ସ୍ୱର୍ଣ୍ଣ, ୩୨ ରୌପ୍ୟ, ୪୩ ବ୍ରୋଞ୍ଜ) ସହ ଦ୍ୱିତୀୟ ଏବଂ ଦିଲ୍ଲୀ ମୋଟ ୯୪ଟି ପଦକ (୨୫ ସ୍ୱର୍ଣ୍ଣ, ୨୯ ରୌପ୍ୟ, ୪୦ ବ୍ରୋଞ୍ଜ) ସହ ତୃତୀୟ ସ୍ଥାନ ଅଧିକାର କରିଥିଲା। ପଦକ ତାଲିକାରେ ଓଡ଼ିଶା ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୫ ବ୍ରୋଞ୍ଜ ସହ ମୋଟ ୯ଟି ପଦକ ହାସଲ କରିବା ସହ ମେଡାଲ ତାଲିକାରେ ୧୫ତମ ସ୍ଥାନ ଅଧିକାର କରିଥିଲା।

ଇତିମଧ୍ୟରେ ୨୦୧୯ର ଦ୍ୱିତୀୟ ସଂସ୍କରଣ ମହାରାଷ୍ଟ୍ରର ପୁଣେଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀ ୯ରୁ ଆରମ୍ଭ ହୋଇ ୨୦ରେ ସମାପ୍ତ ହୋଇଥିବା ଏହି ମେଗା ପ୍ରତିଯୋଗିତାରେ ମୋଟ ୧୮ଟି ସ୍ପୋର୍ଟ୍ସ ଇଭେଣ୍ଟରେ ୪୦୩ଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ହରିୟାଣାକୁ ପଛରେ ପକାଇ ମହାରାଷ୍ଟ୍ର ଦଳଗତ ଚାମ୍ପିୟନ ହୋଇଛି।

ପଦକ ତାଲିକାରେ ଓଡ଼ିଶା ଯଦିଓ ୧୮ତମ ସ୍ଥାନରେ ରହିଥିଲା ତଥାପି ପଦକ ସଂଖ୍ୟା ୧୫କୁ ବୃଦ୍ଧି କରିବା ସହିତ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଏବଂ ୬ ବ୍ରୋଞ୍ଜ ପଦକ ହାସଲ କରିଛି। ୧୨ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଆ ଝିଅମାନଙ୍କ ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିଥିଲା ଓ ଏହା ବେଶ୍ ପ୍ରଶଂସନୀୟ। ଭାରୋତ୍ତୋଳନ, ସନ୍ତରଣ, ଦୌଡ଼, ବାଳିକା ଫୁଟବଲ, ହକିରେ ଓଡ଼ିଶା ଦଳ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଦେବକୀ ଖିଲାର, ପ୍ରଜ୍ଞାନ ସାହୁ, ପ୍ରତ୍ୟାଶା ରାୟ, ପୁଙ୍ଗା ରୋସେନ୍, ଭକ୍ତିରାମ ଦେହୁରି ସଫଳ ପ୍ରଦର୍ଶନକରି ରାଜ୍ୟ ପାଇଁ ସୁନାମ ଆଣିଥିଲେ।

ମାତ୍ର ଏପରି ଏକ ମେଗା ପ୍ରତିଯୋଗିତା ପ୍ରତିବର୍ଷ ଆୟୋଜିତ ହେବା ଏବଂ ସମଗ୍ର ଦେଶରୁ ତୃଣମୂଳ ସ୍ତରରୁ ଠିକ୍ ପ୍ରତିଭା ଚୟନକରି ସେମାନଙ୍କୁ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀ ରୂପେ ଗଢ଼ି ତୋଳିବା ଏକ ବଡ଼ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ତରଫରୁ ସୁଚିନ୍ତିତ ଯୋଜନା ମାଧ୍ୟମରେ ଭାରତବର୍ଷକୁ ସମଗ୍ର ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ାରାଷ୍ଟ୍ରର ମାନ୍ୟତା ଦେବା ମୁଖ୍ୟ ଉଦ୍ଦେଶ୍ୟ ରହିଛି। ବିଭିନ୍ନ ଫେଡେରେଶନ ତରଫରୁ ପ୍ରତିନିଧିତ୍ୱ କରି ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ନିଜକୁ ପ୍ରତିଷ୍ଠିତ କରି ସାରିଥିବା ପ୍ରତିଯୋଗୀମାନଙ୍କୁ ମନୋନୀତ କରିବାର ଆବଶ୍ୟକତା କେତେଦୂର ଗ୍ରହଣୀୟ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ମଧ୍ୟ ସବୁକ୍ଷେତ୍ରରୁ ସମାଲୋଚନା କରାଯାଇଛି। ଆମ ରାଜ୍ୟ ବିଭିନ୍ନ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିବାରେ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏବେ ସ୍କୁଲ ସ୍ପୋର୍ଟ୍ସ ପ୍ରତି ଗୁରୁତ୍ୱଦେବାର ସମୟ ଉପନୀତ ହୋଇଛି। ଏଥିପାଇଁ ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକ ତରଫରୁ ବ୍ୟାପକ ପ୍ରସ୍ତୁତି ହେବା ଆବଶ୍ୟକ। କେବଳ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଆୟୋଜନ କରିଦେଲେ ଚଳିବ ନାହିଁ, ଆଗକୁ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀ ସୃଷ୍ଟି କରିପାରିଲେ ଆମ ରାଜ୍ୟର ସୁନାମ ଦ୍ୱିଗୁଣିତ ହେବ। ଖେଲୋ ଇଣ୍ଡିଆ ପାଇଁ ସ୍କୁଲ ଏବଂ କଲେଜସ୍ତରରୁ ପ୍ରତିଭା ଚୟନ କ୍ଷେତ୍ରରେ ସ୍ୱଚ୍ଛତା ରହିଲେ ଏହାର ପ୍ରକୃତ ଲକ୍ଷ୍ୟ ସାଧିତ ହେବ।

– ନିର୍ମଳ କୁମାର ମିଶ୍ର

## ଆଇପିଏଲ୍

ବିଶ୍ୱର ସବୁଠୁ ବିତ୍ତଶାଳୀ ଲିଗ୍
ଆରମ୍ଭ ହେଲାଣି ଘନ
ଆଇପିଏଲର ବାର ସଂସ୍କରଣ
କମ୍ପେ କ୍ରୀଡ଼ା ମଇଦାନ
ଫୋର ଥାଉଜାଣ୍ଡ ରନ୍
ଦ୍ରୁତତମ ବ୍ୟାଟ୍ସମ୍ୟାନ ହୋଇ ଗେଲ୍
ଟପିଲା ମାଇଲ ଷ୍ଟୋନ
ପ୍ରସାରଣକାରୀ ଚ୍ୟାନେଲ ଷ୍ଟାର
ଇଣ୍ଡିଆ ଗମ୍ଭିଲା ପାର୍ଟି
ବଲ୍ ପିଛା ପଚିଶ ଲକ୍ଷ ଖର୍ଚ୍ଚ କରେ
ଓଭରକୁ ଦେଢ଼ କୋଟି
ଟଙ୍କା ଏଠି ଗୋଡ଼ି ମାଟି
ଏ ଜୁଆ ଖେଳରେ ମତଲବ ନ ଥିବା
ଖଣ୍ଡିଆ ମରେ ଖଟି।
ଆଇପିଏଲରେ ମଙ୍କଡିଙ୍ଗ୍ ଆଉଟ
ବ୍ୟାଟ୍ସମ୍ୟାନ ବଟଲର



ବୁଢ଼ା ହୋଇବାରୁ ନିଲାମ ହେଲାନି
ଲିରୋ ଯୁବରାଜ ଦର
ଆଇପିଏଲର କ୍ରଜ
ଆଣ୍ଡ୍ରଏଡ୍ ସେଟ୍‌ରେ
ଖେଳ ଦେଖି ସରେ
ଅମୂଲ୍ୟ ସମୟ କା'ର।

-ସୁବାସ ଚନ୍ଦ୍ର ପ୍ରଧାନ

ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣ କରିବା ଲାଗି ବିଧିବଦ୍ଧ ଭାବେ ଏକ ବ୍ୟବସ୍ଥା ଆସିବାର ଆବଶ୍ୟକତା ରହିଛି।
–ଏନ୍.କେ.ସିଂ, ଅର୍ଥ ଆୟୋଗ ଅଧ୍ୟକ୍ଷ



ଗ୍ରାହକଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଆପାଚି ଆର୍‌ଟିଆର ବାଇକର ସବୁ ରେଞ୍ଜକୁ ଏବିଏସ୍ ଟେକ୍ନୋଲୋଜି ସହ ଯୋଡାଯାଇଛି।
– କେ.ଏନ୍.ରାଧାକ୍ରିଷ୍ଣନ, ସିଇଓ, ଟିଭିଏସ୍ ମୋଟର୍ସ



## ସଂକ୍ଷେପରେ

### ଏପ୍ରିଲ ପହିଲାରୁ ବଦଳିଯିବ ନ୍ୟାଶନାଲ ପେନ୍‌ସନ ସ୍କିମ୍

**ନୂଆଦିଲ୍ଲୀ,୨୮-୩:** ନୂଆ ଆର୍ଥିକ ବର୍ଷ ଅର୍ଥାତ୍ ଏପ୍ରିଲ ପହିଲାରୁ ନ୍ୟାଶନାଲ ପେନ୍‌ସନ ସ୍କିମ୍(ଏନ୍‌ପିଏସ୍)ରେ ବଡ଼ଧରଣର ପରିବର୍ତ୍ତନ ହେବାକୁ ଯାଉଛି। ଏହି ସ୍କିମ୍‌ର ଆକାଉଣ୍ଟଧାରୀଙ୍କୁ ଏଣିକି ଟିକସ ଛାଡ଼ ସୁବିଧା ମିଳିବ। ଏହାଛଡ଼ା ଏଥିରେ ଅଧିକ ନିବେଶ ସୁବିଧା ମିଳିବ। କେନ୍ଦ୍ର ସରକାର ଏନ୍‌ପିଏସ୍‌କୁ ପିପିଏଫ ଭଳି 'ଇଇଇ' ଅର୍ଥାତ୍ ଏକଜେମ୍ପଟ-ଏକଜେମ୍ପଟ-ଏକଜେମ୍ପଟ ମାନ୍ୟତା ପ୍ରଦାନ କରିଛନ୍ତି। ଏଥିସହିତ ଏନ୍‌ପିଏସ୍‌ରେ ସରକାରଙ୍କ ଯୋଗଦାନକୁ ୧୪%କୁ ବୃଦ୍ଧି କରାଯାଇଥିବା ବେଳେ କର୍ମଚାରୀଙ୍କ ପାଇଁ ପୂର୍ବଭଳି ୧୦% ଯୋଗଦାନ ବ୍ୟବସ୍ଥା ରହିବ। ସୂଚନାଥାଉ କି, ସରକାରୀ କର୍ମଚାରୀଙ୍କ ସମେତ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନେ ମଧ ନିଜ ମର୍ଜିରେ ଏହି ଯୋଜନାରେ ସାମିଲ ହୋଇପାରିବେ। ଅବସର ପରେ କର୍ମଚାରୀ ଏନ୍‌ପିଏସ୍‌ର ଏକ ଅଂଶବିଶେଷ ଉଠାଇପାରିବେ ଏବଂ ଅବଶିଷ୍ଟ ପାଣ୍ଠିରୁ ନିୟମିତ ଆୟ ଲାଗି ଆନୁୟିଟି ନେଇପାରିବେ।

### ପିଏନ୍‌ବି ମାମଲା ନେଇ ଚୋକ୍‌ସିଙ୍କ ସଫେଇ
### ମହାଠକେଇରେ ସାମିଲ କମ୍ପାନୀ ସହ ସମ୍ପର୍କ ନାହିଁ



**ନୂଆଦିଲ୍ଲୀ,୨୮-୩:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଠକେଇ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମେହୁଲ ଚୋକ୍‌ସିଙ୍କୁ ଜେଲ୍ ଯିବା ଭୟ ଘାରିଛି। ମହାଠକେଇରେ ଲିପ୍ତ ଥିବା କୌଣସି ଗୋଟିଏ କମ୍ପାନୀ ସହ ତାଙ୍କର ସମ୍ପର୍କ ନାହିଁ। ସେ ୨୦୦୦ରେ ଏହି ସମସ୍ତ କମ୍ପାନୀଠାରୁ ଦୂରେଇ ଯାଇଥିଲେ ବୋଲି ସେ କହିଛନ୍ତି। ନିଜ ଓକିଲଙ୍କ ମାଧମରେ ଏକ ବିବୃତିରେ ଜାରି କରି ଚୋକ୍‌ସି କହିଛନ୍ତି ଯେ, ଏକ ପୁରୁଣା ଦସ୍ତାବିଜ 'ନିଜ ଗ୍ରାହକଙ୍କୁ ଜାଣନ୍ତୁ(କେୱାଇସି)' ଆଧାରରେ ତାଙ୍କ ଘର, ଅଫିସ ଆଦିରେ ଚଢ଼ାଉ କରାଯାଇଛି। ସେ ଏହି କେୱାଇସିକୁ ୧୯୯୫ରେ ପିଏନ୍‌ବିକୁ ଦେଇଥିଲେ। ମହାଠକେଇରେ ସାମିଲ କମ୍ପାନୀ ସହ ତାଙ୍କର କୌଣସି ସମ୍ପର୍କ ନାହିଁ ଦର୍ଶାଇ ସେ ବହୁବାର କେୱାଇସିରେ ସଂଶୋଧନ କରିବାକୁ ପିଏନ୍‌ବିକୁ ଅନୁରୋଧ କରିଥିଲେ ସୁଦ୍ଧା ଏହା ଶୁଣାଯାଇନ ଥିଲା। ସମ୍ପତ୍ତି ଜବତ ହେବା କାରଣରୁ ସେ ଋଣ ଫେରାଇବା ସ୍ଥିତିରେ ନାହାନ୍ତି ବୋଲି ଏହି ହୀରା ବ୍ୟବସାୟୀ ସ୍ପଷ୍ଟ କରିଛନ୍ତି।

### ନୀତି ଆୟୋଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଲେ ୱାଇ. ଭି. ରେଡ୍ଡୀ



**ନୂଆଦିଲ୍ଲୀ,୨୮-୩:** ନୀତି ଆୟୋଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ୱାଇ.ଭି.ରେଡ୍ଡୀ। ସେ କହିଛନ୍ତି ଯେ,ନୀତି ଆୟୋଗ ବିସ୍ତାରିତ ଅଧିକାର ପାଇବା ଯୋଗୁ ଏହା ନିଜର ଲକ୍ଷ୍ୟ ହରାଇଛି। ନୀତି ଆୟୋଗରେ ଉନ୍ନତି ଆଣିବାକୁ ହେବ ଏବଂ କେନ୍ଦ୍ର ଓ ରାଜ୍ୟ ମଧରେ ସମନ୍ୱୟ ରକ୍ଷା କରିବା ଲାଗି ଏହାକୁ ଅଧିକ କ୍ଷମତା ଦେବାକୁ ପଡିବ ବୋଲି ସେ କହିଛନ୍ତି। ତାଙ୍କ କହିବାନୁଯାୟୀ, ବ୍ୟୟ ଦୃଷ୍ଟିରୁ ଏଥିରେ ଏବେ ସଂସ୍ଥାଗତ ଶୂନ୍ୟତା ସୃଷ୍ଟି ହୋଇଛି। ପ୍ରତ୍ୟେକ ମନ୍ତ୍ରଣାଳୟର ନିଜସ୍ୱ କେନ୍ଦ୍ର ପ୍ରାୟୋଜିତ ଯୋଜନା ରହିଛି। ଏହି କାରଣରୁ ଏବେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ମଧରେ ବିକାଶକୁ ଗତିଶୀଳ କରିବା ନେଇ ସମନ୍ୱୟ ରଖାଯାଉନାହିଁ।

## ■ ୨ ଲକ୍ଷ କୋଟି ଟିକସ ଆଦାୟ କମିଲା
# ଦେଶବ୍ୟାପୀ ହେବ ଜୋର୍‌ଦାର ଚଢ଼ାଉ





- ଆଦାୟ ହୋଇଛି ୧୦,୨୧,୨୫୧ କୋଟି
- ଧାର୍ଯ୍ୟ ଲକ୍ଷ୍ୟ ଥିଲା ୧୨ ଲକ୍ଷ କୋଟି
- ୧୫% ଆଦାୟ କମିଛି

**ନୂଆଦିଲ୍ଲୀ,୨୮-୩**

ଚଳିତ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା କମିଥିବାରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଏହାକୁ ନେଇ ଚିନ୍ତା ବ୍ୟକ୍ତ କରିଛି। ଟିକସ ଫାଙ୍କୁ ଥିବା ବ୍ୟକ୍ତିବିଶେଷ ଓ କର୍ପୋରେଟ ବିରୋଧରେ ସାରା ଦେଶରେ ଜୋର୍‌ଦାର ଚଢ଼ାଉ କରିବା ଲାଗି ଆୟକର ବିଭାଗକୁ ଏହା ନିର୍ଦ୍ଦେଶ ଦେଇଛି। ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ କେଇଟା ଦିନ ଥିବାରୁ ଟିକସ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ପୂରଣରୁ ୧୫% ଦୂରରେ ରହିଥିବାରୁ ଏନେଇ ସିବିଡିଟିର ଚିନ୍ତା ବଢ଼ିଯାଇଛି।

ସିବିଡିଟି ସଦସ୍ୟ(ରାଜସ୍ୱ) ନୀନା କୁମାର ଗତ ୨୬ରେ ଆୟକର ବିଭାଗର ଆଞ୍ଚଳିକ ମୁଖ୍ୟମାନଙ୍କ ନିକଟକୁ ଲେଖିଥିବା ପତ୍ରରେ ଟିକସ ସଂଗ୍ରହ ତଥ୍ୟର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଲେଖାଯାଇଛି ଯେ, ବଜେଟରେ ଟିକସ ସଂଗ୍ରହ ଲକ୍ଷ୍ୟ ୧୨ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରିଥିବା ବେଳେ ମାର୍ଚ୍ଚ ୨୩ ସୁଦ୍ଧା ୧୦,୨୧,୨୫୧ କୋଟି ଟଙ୍କା ସଂଗ୍ରହ ହୋଇଛି। ଯାହା ବଜେଟ ଲକ୍ଷ୍ୟର ୮୫.୧ ପ୍ରତିଶତ। ସାରା ଦେଶର ଆୟକର ବିଭାଗ ଦ୍ୱାରା ସଂଗ୍ରହ କରାଯାଉଥିବା ଟିକସ ଉପରେ ନଜର ରଖୁଥିବା ଅଧିକାରୀ ବ୍ୟକ୍ତିଗତ, କର୍ପୋରେଟ ଓ ଅଗ୍ରିମ ଟିକସ ଶ୍ରେଣୀରୁ ମିଳୁଥିବା ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ହ୍ରାସ ପାଇବା ବିଷୟକୁ ରେଖାଙ୍କିତ କରିଛନ୍ତି। କୁମାର ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ପ୍ରତ୍ୟେକ ଶ୍ରେଣୀରେ ଟିକସ ସଂଗ୍ରହ ହ୍ରାସ ପାଇଛି। ଗତ ସପ୍ତାହରେ ଏହା ୫.୨% ଥିବା ବେଳେ ଏବେ ବଢ଼ି ବଢ଼ି ୬.୯% ହେଲାଣି। ଏହା ଏକ ଚିନ୍ତାଜନକ ସ୍ଥିତି ହୋଇଥିବାରୁ ତୁରନ୍ତ ଏ ଦିଗରେ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି। ଏହାକୁ ନେଇ ସିବିଡିଟି ନୈରାଶ୍ୟ ପ୍ରକଟ କରିଥିବା ବେଳେ ଟିକସ ସଂଗ୍ରହ ବଢ଼ାଇବା ଲାଗି ଆୟକର ଅଧିକାରୀମାନେ ଅଣ୍ଟାଭିଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଲାଗି ସେମାନେ କୌଣସି ତ୍ରୁଟି ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସୂଚନାଥାଉ କି, ଆୟକର ବିଭାଗ ପାଇଁ ନୀତି ନିର୍ଦ୍ଧାରଣ କରୁଥିବା ସିବିଡିଟି ପକ୍ଷରୁ କୁମାର ପତ୍ରରେ ଲେଖିଛନ୍ତି ଯେ, ନିୟମିତ ଟିକସ ଆକଳନ ଲାଗି ପ୍ରଦର୍ଶନ ମାନଦଣ୍ଡ(ବେଞ୍ଚମାର୍କ) ରହିଛି। ଏହା ଟିକସ ଚାହିଦାର ଗୁଣବତ୍ତା ଉପରେ ଆଧାରିତ, ଯାହାକୁ ବାସ୍ତବିକ ସଂଗ୍ରହରେ ପରିବର୍ତ୍ତିତ କରାଯାଇଥାଏ। ଆୟକର ଅଧିକାରୀମାନଙ୍କ ସହ ବୋର୍ଡ ଏ ବିଷୟରେ ପୂର୍ବରୁ ଆଲୋଚନା କରିସାରିଛି। ଆଶାକରାଯାଉଥିଲା ଯେ, ଟିକସ ସଂଗ୍ରହରେ ସୁଧାର ଆସିବ। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ଦେଖାଯାଉନାହିଁ। ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଲାଗି ଆୟକର ବିଭାଗ ଯଥାସମ୍ଭବ ପଦକ୍ଷେପ ନେବାକୁ ଏବଂ ଚଢ଼ାଉକୁ ଜୋର୍‌ଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବଜାଜ ଆଣିଲା ଦେଶର ପ୍ରଥମ କ୍ୱାଡ୍ରି ସାଇକେଲ 'କ୍ୟୁଟ୍'





**ଭୁବନେଶ୍ୱର,୨୮-୩(ବ୍ୟୁରୋ)**

ପ୍ରମୁଖ ଦୁଇଚକିଆ ଏବଂ ତିନି ଚକିଆ ଯାନ ନିର୍ମାତା ବଜାଜ ଅଟୋ ପକ୍ଷରୁ ଦେଶର ପ୍ରଥମ କ୍ୱାଡ୍ରି ସାଇକେଲ 'କ୍ୟୁଟ୍' ବଜାରକୁ ଆସିଛି। କମ୍ପାନୀର ବିଜନେସ ପ୍ଲାନିଂ ଡିଜିଏମ୍ ପ୍ରଶାନ୍ତ ଅହିର ଏବଂ ଇଣ୍ଟ୍ରାସିଟି ବିଜନେସ ୟୁନିଟ ଡିଜିଏମ୍ ମୁକେଶ କୁମାର ତିୱାରୀ ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ନୂଆ ମଡେଲଟିକୁ ଓଡିଶା ବଜାରରେ ପ୍ରବେଶ କରାଇଛନ୍ତି। କ୍ୱାଡ୍ରି ସାଇକେଲ ଏକ କମ୍ ପାୱାର ବିଶିଷ୍ଟ ଏବଂ ପାରମ୍ପରିକ ଛୋଟ କାର୍‌ଠାରୁ କମ୍ ସର୍ବାଧିକ ସ୍ପିଡ୍ ଥିବା ଏକ ୪ ଚକିଆ ଯାନ। ଏହା ଗତ ୩ ଦଶନ୍ଧି ଧରି ୟୁରୋପରେ ପ୍ରଚଳିତ। ତେବେ ଭାରତରେ ନୂଆ କରି ଆସିଥିବା ଏହି ଯାନ ଆନ୍ତଃ ସହର ପରିବହନକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିବା ବଜାଜ ପକ୍ଷରୁ ସୂଚନା ରହିଛି। ଏହାର ଘଣ୍ଟା ପ୍ରତି ବେଗ ୭୦ କିମି ରହିଛି। ଏଥିରେ ଫୁଏଲ ଏଫିସିଏନ୍ସି, ସ୍ୱଳ୍ପ ରକ୍ଷଣାବେକ୍ଷଣ ଖର୍ଚ୍ଚ, ସବୁ ଋତୁରେ ସୁରକ୍ଷା ଏବଂ ସହଜ ଭାବେ ଚଳାଇବା ଭଳି ପ୍ରମୁଖ ସ୍ୱତନ୍ତ୍ରତା ଗ୍ରାହକମାନେ ଏଥିରେ ପାଇପାରିବେ। ଏହାର ସିଏନ୍‌ଜି ଭର୍ସନ ବଜାର ଦର ୨.୮୭ ଲକ୍ଷ ଟଙ୍କା ଏବଂ ପେଟ୍ରୋଲ ଭର୍ସନର ଦର ୨.୫୭ ଲକ୍ଷ ଟଙ୍କା ରହିଛି।

**ଯାନର ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ...**

- ୨୧୬ ସିସି ୪ ଭଲବ କ୍ୱାର୍ଟର କୁଲ୍‌ଡ ଡିଟିଏସ୍‌ଆଇ ଇଞ୍ଜିନ
- ସିଏନ୍‌ଜି କିଲୋ ପ୍ରତି ୪୩ କିମି ମାଇଲେଜ, ପେଟ୍ରୋଲରେ ଲିଟର ପ୍ରତି ୩୫ କିମି
- କ୍ରମିକ୍ ସିଫ୍ଟ ଗିୟର
- ୧୨ ଇଞ୍ଚ ଆଲଏ ହ୍ୱିଲ, ସହଜ ପାର୍କିଂ ସୁବିଧା
- ଉନ୍ନତ ଷ୍ଟୋରେଜ ସୁବିଧା
- ୬ ଟି ରଙ୍ଗରେ ଉପଲବ୍ଧ

## ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ: ପ୍ରଶାନ୍ତ ଅହିର

ଏକ ନୂଆ ବର୍ଗ ଭାବେ କ୍ୟୁଟକୁ ବଜାରକୁ ଆଣି ଅତ୍ୟନ୍ତ ଖୁସି ବୋଲି କାର୍ଯ୍ୟକ୍ରମ ଅବସରରେ ଡିଜିଏମ୍ ପ୍ରଶାନ୍ତ ଆର୍. ଅହିର କହିଛନ୍ତି। ବିଦେଶରେ ଏହି ପ୍ରଡକ୍ଟ ପ୍ରାୟ ୩୦ ଦେଶରେ ଉପଲବ୍ଧ କରାଯାଉଛି। ଦେଶର କେରଳ, ଜୟପୁର, ଅହମ୍ମଦାବାଦ ଏବଂ ଭୁବନେଶ୍ୱର ଭଳି ସହରରେ ଏହା ଉବଲବ୍ଧ ରହିଛି। ଏପ୍ରିଲ ମାସ ସୁଦ୍ଧା ଦେଶର ପ୍ରାୟ ୨୧ ବଡ ସହରରେ ଏହାର ଉନ୍ମୋଚନ କରାଯିବ। ପ୍ରଡକ୍ଟର ବିକାଶ ଲାଗି ୭୦୦ କୋଟି ଟଙ୍କା ନିବେଶ ହୋଇଥିବା ଅହିର ସୂଚନା ଦେଇଛନ୍ତି। ଔରଙ୍ଗାବାଦ ପ୍ଲାଣ୍ଟରେ ଏହି ମଡେଲ ମାନୁଫାକଚରିଂ ହେଉଛି। ବାର୍ଷିକ ୬୦,୦୦୦ ୟୁନିଟ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚାହିଦାକୁ ଦେଖି ଉତ୍ପାଦନ ବୃଦ୍ଧି ଦିଗରେ ପଦକ୍ଷେପ ନିଆଯିବ। ପ୍ରାଥମିକ ପର୍ଯ୍ୟାୟରେ ବଡ ସହର ପରେ ଟାୟାର ୨ ସହର ଏବଂ ପରିଶେଷରେ ଗ୍ରାମାଞ୍ଚଳରେ ଏହା ଉପଲବ୍ଧ ହେବ ବୋଲି ଅହିର କହିଛନ୍ତି। ଯାନ କ୍ରୟ ଲାଗି ସହଜ ଇଏମ୍‌ଆଇ ଉପରେ ମଧ ପଦକ୍ଷେପ ନିଆଯାଉଛି। ଏହି ପ୍ରଡକ୍ଟ ଦ୍ୱାରା ବ୍ୟବସାୟ ସମ୍ପ୍ରସାରଣ ଲକ୍ଷ୍ୟ ରହିଛି। ୩ ଚକିଆ ଯାନରୁ ୪ ଚକିଆ ଯାନକୁ ଅପଗ୍ରେଡ ହେଉଥିବା ଗ୍ରାହକଙ୍କୁ ଲକ୍ଷ୍ୟ ରଖି ଏହି ପ୍ରଡକ୍ଟ ପ୍ରସ୍ତୁତ ହୋଇଛି। ଏହା ଉଭୟ ବାଣିଜ୍ୟିକ ଏବଂ ବ୍ୟକ୍ତିଗତ ବ୍ୟବହାରରେ ଆସି ପାରିବ ବୋଲି ସେ କହିଛନ୍ତି।

## ■ ବିଓବି ସହ ବିଜୟା ବ୍ୟାଙ୍କ, ଦେନା ବ୍ୟାଙ୍କ ମିଶ୍ରଣ
# ରହିତାଦେଶ ଦେଲେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୮-୩**

ବ୍ୟାଙ୍କ ଅଫ୍ ବରୋଦା(ବିଓବି) ସହ ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ମିଶ୍ରଣ ପାଇଁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ଗୁରୁବାର ରହିତାଦେଶ ଦେବାକୁ ମନା କରିଦେଇଛନ୍ତି। ଏହି ମିଶ୍ରଣ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବାକୁ ଯାଉଥିବା ବେଳେ ଏକାଧିକ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ ପକ୍ଷରୁ ଆଗତ ମାମଲାକୁ ଜଷ୍ଟିସ ଆର.ଏଫ୍. ନରିମାନ ଓ ଜଷ୍ଟିସ ବିନୀତ ଶରଣଙ୍କୁ ନେଇ ଗଠିତ ଶୀର୍ଷ ଅଦାଲତ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

ବିଓବି ସହ ଉକ୍ତ ଦୁଇଟି ବ୍ୟାଙ୍କର ମିଶ୍ରଣ ପରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ପରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କକୁ ପଛରେ ପକାଇ ଏହା ଦ୍ୱିତୀୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହେବାକୁ ଯାଉଛି। ବ୍ୟାଙ୍କ ଅଫିସର୍ସ ଆସୋସିଏଶନ ପକ୍ଷରୁ ବରିଷ୍ଠ ଓକିଲ ଶ୍ୟାମ ଦିୱାନ ଯୁକ୍ତି ଦର୍ଶାଇ କହିଥିଲେ ଯେ, ଉକ୍ତ ମିଶ୍ରଣରେ ବହୁ ତ୍ରୁଟି ରହିଛି ଏବଂ ଏ ସଂକ୍ରାନ୍ତରେ ଭାରତୀୟ ରିଜର୍ଭ ବ୍ୟାଙ୍କ ସହ ଯଥାଯଥ ଆଲୋଚନା କରାଯାଇ ନାହିଁ। ଏପରିକି ମିଶ୍ରଣ ନେଇ ସମ୍ପୃକ୍ତ ବ୍ୟାଙ୍କ ବୋର୍ଡର ମତାମତ ନିଆଯାଇନାହିଁ। କିନ୍ତୁ ଜାନୁୟାରୀ ୨ରେ ସମସ୍ତ ନିଷ୍ପତ୍ତି ନିଆଗଲା। ସେ ଯୁକ୍ତି ଦର୍ଶାଇଛନ୍ତି ଯେ, କେନ୍ଦ୍ର କ୍ୟାବିନେଟ ଏହି ତାରିଖରେ ଉକ୍ତ ନିଷ୍ପତ୍ତି ନେଇଥିବା ବେଳେ ବ୍ୟାଙ୍କ ବୋର୍ଡ ନିର୍ଦ୍ଦେଶକମାନେ ମଧ ସେହିଦିନ ନିଷ୍ପତ୍ତି ନେଲେ ଓ ଉକ୍ତ ଦିନ ଗେଜେଟ ନୋଟିଫିକେଶନ ବାହାରିଲା। ଏହି ମିଶ୍ରଣ ଦ୍ୱାରା ସମ୍ପୃକ୍ତ ବ୍ୟାଙ୍କ କିପରି ପ୍ରଭାବିତ ହେବ ବୋଲି ଶୀର୍ଷ ଅଦାଲତ ପ୍ରଶ୍ନ କରିବାରୁ ଦିୱାନ କହିଥିଲେ ଯେ, ଏହାଦ୍ୱାରା କର୍ମଚାରୀ ପ୍ରଥମେ ପ୍ରଭାବିତ ହେବେ, କାରଣ କର୍ମଚାରୀ ସଂଖ୍ୟା ବୃଦ୍ଧି ପାଇବ ଏବଂ ଫଳସ୍ୱରୂପ ସେମାନେ ଛଟେଇର ସମ୍ମୁଖୀନ ହେବେ। ଅନ୍ୟପକ୍ଷରେ ବିଓବି ପକ୍ଷରୁ ବରିଷ୍ଠ ଓକିଲ ମୁକୁଲ ରୋହତଗୀ କହିଥିଲେ ଯେ, ସବୁକିଛି ନିୟମ ପାଳନ କରାଯିବା ପରେ ହିଁ ଏହି ମିଶ୍ରଣ ପର୍ବ ଆରମ୍ଭ ହୋଇଛି। କର୍ମଚାରୀଙ୍କ କ୍ଷେତ୍ରରେ ପୂର୍ବର ସର୍ତ୍ତାବଳୀ ଲାଗୁ ହେବ। ସେମାନେ ପ୍ରଭାବିତ ହେବେ ନାହିଁ।





### ମିଶ୍ରଣ ପୂର୍ବରୁ ବିଓବିକୁ ମିଳିବ ୫୦୪୨ କୋଟି

**ନୂଆଦିଲ୍ଲୀ,୨୮-୩**

କେନ୍ଦ୍ର ସରକାର ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କ ସହ ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ମିଶ୍ରଣ ପୂର୍ବରୁ ଏହାକୁ ୫୦୪୨ କୋଟି ଟଙ୍କା ପୁଞ୍ଜି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏପ୍ରିଲ ପହିଲାରୁ ଏହି ମିଶ୍ରଣ କାର୍ଯ୍ୟକାରୀ ହେବାକୁ ଯାଉଛି। ବିଓବି ପକ୍ଷରୁ କୁହାଯାଇଛି ଯେ, ବ୍ୟାଙ୍କର ଇକ୍ୟୁଟି ଶେୟାରକୁ ସ୍ୱତନ୍ତ୍ର ଆବଣ୍ଟନ ମାଧମରେ ଉକ୍ତ ପୁଞ୍ଜି ମିଳିବ। ଏହା ସରକାରଙ୍କ ପକ୍ଷରୁ ନିବେଶ ଭାବେ ଧରାଯିବ। ସୂଚନାଥାଉ କି, ବିଓବି ସହ ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ମିଶ୍ରଣ ପାଇଁ ଗତବର୍ଷ ସେପ୍ଟେମ୍ବରରେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଏହାଦ୍ୱାରା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ଆଇସିଆଇସିଆଇ ବ୍ୟାଙ୍କ ପରେ ଏହା ଦେଶର ତୃତୀୟ ସର୍ବବୃହତ ବ୍ୟାଙ୍କ ହେବ। ଦେଶକୁ କେତେକ ବଡ଼ ବ୍ୟାଙ୍କର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ପୂର୍ବରୁ କହିସାରିଛନ୍ତି। ତେବେ ଏହି ମିଶ୍ରଣ ପର୍ବ ଯୋଗୁ କୌଣସି କର୍ମଚାରୀଙ୍କ ଛଟେଇ କରାଯିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

### କ୍ୟାମ୍ପସରେ ସଫଳ ଛାତ୍ରୀଛାତ୍ରଙ୍କୁ ଡ୍ରିମ୍‌ସର ସମ୍ବର୍ଦ୍ଧନା

**କଟକ ୨୮-୩**

ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟରେ ଅନୁଷ୍ଠିତ କ୍ୟାମ୍ପସ ଚୟନରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ବି.ଟେକ୍ ୨୦୧୯ ବ୍ୟାଚ ବିଭିନ୍ନ ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଏକାଡେମିକ୍ ଭବନରେ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଏହି ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନର 'ବ୍ରାଣ୍ଡ ଆମ୍ବାସାଡର' ଭାବରେ ଅଭିହିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ ଓ ବିଭିନ୍ନ ବିଭାଗୀୟ ମୁଖ୍ୟ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଥିଲେ ।

# ଗ୍ରୀଷ୍ମ ଋତୁ ପାଇଁ ପୂର୍ବତଟ ରେଳପଥର ନିରାପତ୍ତା ବ୍ୟବସ୍ଥା

**ଭୁବନେଶ୍ୱର,୨୮-୩**

ଗ୍ରୀଷ୍ମ ସମୟର ମାତ୍ରାଧିକ ଗରମରେ ଟ୍ରେନଗୁଡିକର ନିରାପତ୍ତା ସହ ରେଳଧାରଣାର ରକ୍ଷଣାବେକ୍ଷଣ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହାର ପରିସୀମା ମଧରେ ବ୍ୟାପକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଟ୍ରେନଗୁଡିକର ଚଳାଚଳରେ ଯେପରି କୌଣସି ବାଧା ନ ଆସେ ସେଥିପ୍ରତି ରେଳବାଇ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଇଛି। ରେଳୱେ ପକ୍ଷରୁ ପାନୀୟ ଜଳ ବିତରଣ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ରେଳ ଚଳାଚଳରେ ଯେଭଳି ଭାବେ କୌଣସି ଅପ୍ରୀତିକର ପରିସ୍ଥିତି ନଉପୁଜେ ସେଥିପ୍ରତି ସଜାଗ ରହିବକୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ବିଦ୍ୟାଭୂଷଣ କର୍ମଚାରୀ ତଥା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଟ୍ରାକ ରକ୍ଷଣାବେକ୍ଷଣ, ଲାଷ୍ଟ ବ୍ୟବସ୍ଥା ଓ ରେଳଧାରଣା ବଙ୍କେଇଯିବା କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଛି। ଟ୍ରେନ ଗୁଡିକର ଲଗେଜ ଭ୍ୟାନ, ପ୍ୟାଣ୍ଟ୍ରି କାର ଓ କୋଚ ମଧରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ଗ୍ରୀଷ୍ମକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ କୁହାଯାଇଛି। ରେଳ ଷ୍ଟେଶନ, ଟ୍ରେନରେ ଅଗ୍ନିପ୍ରତିରୋଧକ ଦ୍ରବ୍ୟ ଓ ନିର୍ବାପକ ବ୍ୟାପକ ଭାବେ ଉପଲବ୍ଧ କରାଇବା, ଅଗ୍ନିଶମ ବିଭାଗ ସହିତ ସମନ୍ୱୟ ରକ୍ଷା ଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ଏ.କେ. ପୁରୱାର ହୋଇପାରନ୍ତି ଜେଟ୍ ଅନ୍ତରୀଣ ବୋର୍ଡ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୨୮-୩**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ପୂର୍ବତନ ଅଧ୍ୟକ୍ଷ ଅରୁଣ କୁମାର ପୁରୱାର ଜେଟ୍ ଏୟାରୱେଜର ଅନ୍ତରୀଣ ବୋର୍ଡର ମୁଖ୍ୟ ହୋଇପାରନ୍ତି। ତାଙ୍କ ନାମ ସମ୍ଭାବ୍ୟ ମୁଖ୍ୟଙ୍କ ତାଲିକାରେ ସର୍ବାଗ୍ରେ ରହିଛି। ଏହି ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ଜାନକୀ ବଲ୍ଲଭ ଓ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟଙ୍କ ନାମ ମଧ ସାମିଲ ରହିଛି। ଏମାନେ ଏସ୍‌ବିଆଇର ପୂର୍ବତନ ମୁଖ୍ୟ ରହିସାରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନାନୁଯାୟୀ, ପୁରୱାର ଅନ୍ତରୀଣ ବୋର୍ଡର ଅଧ୍ୟକ୍ଷ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ଜେଟ୍ ଏୟାରୱେଜ ବୋର୍ଡରେ ମନୋନୀତ ସଦସ୍ୟମାନଙ୍କ ମଧ୍ୟରେ ରହିପାରନ୍ତି।


## ନୋଟିସ
No. 113-T:-

**ସ୍ଥାୟୀ ଠିକଣା:**
ନାମ– ଶ୍ରୀ ଜଗନ୍ନାଥ ହାଁସଦା, ଦପ୍ତରୀ,
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଖଜଣା) ବିଭାଗ, ଭୁବନେଶ୍ୱର
ପିତା– ଶ୍ରୀ ବଗି ହାଁସଦା
ଗ୍ରାମ– କଳାୟମୁନା, ପୋଷ୍ଟ– ଟାଙ୍ଗଣା, ଥାନା– ଖୁଣ୍ଟା
ଜିଲ୍ଲା– ମୟୂରଭଞ୍ଜ

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ବିନା ଛୁଟି ଦରଖାସ୍ତ ଓ ବିନା ଅନୁମତିରେ ସରକାରୀ କାର୍ଯ୍ୟରେ ଗତ ତା୨୭।୧୦।୨୦୧୬ରିଖଠାରୁ ତା୦୪।୧୨।୨୦୧୬ରିଖ ଏବଂ ତା୦୯।୦୧।୨୦୧୭ରିଖଠାରୁ ଅଦ୍ୟାବଧି ଅନୁପସ୍ଥିତ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଆପଣ ସରକାରୀ ପତ୍ର ମାଧମରେ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆପଣଙ୍କୁ ସରକାରୀ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କିମ୍ବା କୌଣସି ଉତ୍ତର ରଖୁନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହେଉନାହିଁ। ସୁତରାଂ ଉକ୍ତ କାର୍ଯ୍ୟାଳୟ ବାଧହୋଇ ଆପଣଙ୍କ ବିରୁଦ୍ଧରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟବିଧି (Departmental Proceeding) କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୨୦୦, ତା୧୧।୦୧।୨୦୧୯ରିଖରେ ଗ୍ରହଣ କରାଯାଇ ସେଥିରେ ଆପଣଙ୍କୁ ୩୦ଦିନ ମଧରେ କୈଫିୟତ ତଲବ କରାଯାଇଥିଲା। ମାତ୍ର ଆପଣଙ୍କ ପାଖକୁ ପ୍ରେରିତ ଉକ୍ତ ସରକାରୀ ନିର୍ଦ୍ଦେଶନାମା ଆପଣଙ୍କ ସ୍ଥାୟୀ ଠିକଣାରେ ଡାକ ଯୋଗେ ପ୍ରେରିତ ହୋଇଥିଲେ ହେଁ ତାହା ଆପଣଙ୍କ ଅନୁପସ୍ଥିତି ହେତୁ ସମ୍ପ୍ରତି ଫେରସ୍ତ ଆସିଯାଇଅଛି।

ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି କି, ଏଇ ନୋଟିସ ଖବରକାଗଜରେ ପ୍ରକାଶିତ ହେବାର ୧୫ ଦିନ ମଧରେ ଆପଣ ନିଜ ଅଫିସରେ ଉପସ୍ଥିତ ହୋଇ ଶୃଙ୍ଖଳାଗତ କାର୍ଯ୍ୟବିଧିର ନକଲ ଗ୍ରହଣ କରି ତତ୍‌ପଶ୍ଚାତ ୩୦ ଦିନ ମଧରେ ତୁମର କୈଫିୟତ ଦାଖଲ କରିବେ, ନଚେତ ଧରାଯିବ ଯେ, ଆପଣଙ୍କର କିଛି କହିବାର ନାହିଁ ଓ ନିୟମ ଅନୁସାରେ ଆପଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଖଜଣା ଅଧିକାରୀ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଖଜଣା) ବିଭାଗ

09001/11/0028/1819



**STATE COUNCIL FOR TECHNICAL EDUCATION & VOCATIONAL TRAINING, ODISHA**
**ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା**
Notice No. 1241, Dated 27.03.2019

**Final Notice for Affiliation of Diploma Courses run by Polytechnics for the Academic Year 2019-20**

**No. KK-121:-** It is boserved that, in response to Notice No. 393, dt.18.01.2019 and subsequent notices on extension of dates, many Polytechnics affiliated to this council for the year 2018-19 have not applied for Affiliation for 2019-20 within due date.

All such institutions are hereby informed through this public notice, that the portal for online Affiliation shall be once again opened for submission of application for affiliation for 2019-20 from 29.03.2019 to 04.04.2019 as the last and final chance to apply, failing which their cases for affiliation shall not be considered for the year 2019-20. SCTE&VT, Odisha shall not be held responsible, if any defaulter institution becomes ineligible to participate in the admission process for the session 2019-20, due to want of affiliation.

44002/11/0021/1819 — *Sd./- Vice Chairman*



## ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ନୂଆପଡ଼ା
**ସର୍ବସାଧାରଣ ବିଜ୍ଞପ୍ତି**
୭୯୭/୨୮।୦୩।୨୦୧୯

ଏତଦ୍ୱାରା ନୂଆପଡ଼ା ଜିଲ୍ଲାର ଜନସାଧାରଣଙ୍କୁ ନିର୍ବାଚନ ପରିପ୍ରେକ୍ଷୀରେ ଏହି ସୂଚନା ଦିଆଯାଉଛି ଯେ, ଆସନ୍ତା ଲୋକସଭା/ବିଧାନସଭା ନିର୍ବାଚନ ସମୟରେ ଯେଉଁ ବ୍ୟକ୍ତିମାନେ ମଦ, ଅସ୍ତ୍ରଶସ୍ତ୍ର, ବହୁ ପରିମାଣର ଅର୍ଥରାଶି ଜରିଆରେ ଭୋଟରମାନଙ୍କୁ ପ୍ରଲୋଭନ ଦେଖାଇବାର ଦୃଷ୍ଟାନ୍ତ ଯଦି ଆପଣଙ୍କ ନଜରକୁ ଆସେ, ତାହା ହେଲେ ଆପଣ ଜିଲ୍ଲା ନିର୍ବାଚନ ଅଧିକାରୀ କିମ୍ବା ନିୟୋଜିତ ହୋଇଥିବା ବିଭିନ୍ନ ପଦାଧିକାରୀମାନଙ୍କୁ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବର ମାଧମରେ ଜଣାଇପାରିବେ। ସୂଚନା ଦେଇଥିବା ବ୍ୟକ୍ତିବିଶେଷଙ୍କ ନାମ ଗୋପନ ରଖାଯିବ ଓ ସେହି ବ୍ୟକ୍ତିଙ୍କୁ ମଧ ପୁରସ୍କାର ଦିଆଯିବାର ଘୋଷଣା କରାଯାଉଛି।

| | | |
|---|---|---|
| ୧. | ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ନୂଆପଡ଼ା | ୮୮୯୫୯୮୫୮୭୨ |
| ୨. | ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷ, ନୂଆପଡ଼ା | ୮୭୬୩୦୦୪୧୦୭ |
| ୩. | ଅତିରିକ୍ତ ଜିଲ୍ଲାପାଳ, ନୂଆପଡ଼ା | ୮୮୯୫୪୪୪୮୨୪ |
| ୪. | ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର.ଡି.ଏ., ନୂଆପଡ଼ା | ୯୯୩୮୩୫୦୩୯୫ |
| ୫. | ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର | ୯୪୩୮୨୪୦୪୨୭ |
| ୬. | ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ | ୯୩୯୮୫୦୨୪୭୭ |
| ୭. | ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ା | ୯୯୩୮୬୦୭୨୩୫ |
| ୮. | ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ | ୭୩୨୮୮୮୨୧୨୧ |
| ୯. | ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡା | ୯୯୩୭୨୨୩୧୮୧ |
| ୧୦. | ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋମନା | ୮୩୨୮୯୦୯୮୫୯ |
| ୧୧. | ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଡିଆଳ | ୮୬୫୮୪୯୩୪୯୭ |
| ୧୨. | ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୋଡେନ | ୯୯୩୮୯୭୮୭୯୯ |
| ୧୩. | ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସିନାପାଲୀ | ୯୪୩୭୫୬୨୪୪୫ |
| | କଣ୍ଟ୍ରୋଲ ରୁମ ୦୬୬୭୮–୨୨୫୪୬୨ | |

ସ୍ୱା./– ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ
ନୂଆପଡା

“ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମୁଁ ଶେଷ ପର୍ଯ୍ୟନ୍ତ ଫର୍ମ ବଜାୟ ରଖିବାକୁ ଚାହେଁ । ଏଥିପାଇଁ ମାନସିକ ଦୃଢ଼ତା ଆବଶ୍ୟକ ।
– ନୀତୀଶ ରାଣା, କୋଲକାତା ନାଇଟ୍ ରାଇଡର୍ସ ବ୍ୟାଟ୍ସମ୍ୟାନ



“ ଚଳିତ ଆଜଲାନ ଶାହ କପ୍ ହକିରେ ପ୍ରତିପକ୍ଷ ସର୍କଲରେ ବାରମ୍ବାର ପ୍ରବେଶ ସହ ଗୋଲ୍ ପୋଷ୍ଟକୁ ଟାର୍ଗେଟ୍ କରିବା ଉପରେ ଗୁରୁତ୍ୱ ଦେଉଛୁ ।
– ମନଦୀପ ସିଂ, ଭାରତୀୟ ହକି ଷ୍ଟ୍ରାଇକର



## ସଂକ୍ଷେପରେ

### ସିରିଜ କବ୍‌ଜା କଲା ଅଷ୍ଟ୍ରେଲିଆ

ଆବୁଧାବି, ୨୮ ।୩- ଘରୋଇ ପାକିସ୍ତାନ ବିପକ୍ଷରେ ବୁଧବାର ଏଠାରେ ଅନୁଷ୍ଠିତ ୩ୟ ଦିନିକିଆ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୮୦ ରନରେ ଜିତିନେଇଛି । ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ୍ ହରାଇ ୨୬୬ ରନ କରିଥିଲା । ଚମତ୍କାର ଫର୍ମରେ ଥିବା ଅଧିନାୟକ ଆରୋନ୍ ଫିଞ୍ଚ ଦଳ ପକ୍ଷରୁ ସର୍ବାଧିକ ୯୦ ରନ କରିଥିଲେ । ପୂର୍ବରୁ ପ୍ରଥମ ୨ଟି ଦିନିକିଆରେ ସେ ଯଥାକ୍ରମେ ୧୧୬ ଓ ୧୫୩ ରନର ଅପରାଜିତ ଇନିଂସ ଖେଳିଥିଲେ । ଫଳରେ ସେ ହ୍ୟାଟ୍ରିକ ଶତକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଗ୍ଲେନ ମ୍ୟାକ୍ସୱେଲ ୭୧, ପିଟର ହ୍ୟାଣ୍ଡ୍‌ସକମ୍ବ ୪୭, ଆଲେକ୍ସ କେରୀ ୨୫ ରନ କରିଥିଲେ । ଜବାବରେ ପାକିସ୍ତାନ ୪୪.୪ ଓଭରରେ ୧୮୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଓପନର ଇମାମ-ଉଲ୍-ହକ (୪୬), ଇମାଦ୍ ୱାସିମ (୪୩), ଅଧିନାୟକ ସୋଏବ ମଲିକ (୩୨) ପ୍ରମୁଖ ଉପଯୋଗୀ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ଜିତାଇ ପାରି ନ ଥିଲେ । ଏଥିସହ ଅଷ୍ଟ୍ରେଲିଆ ୩-୦ରେ ଅଗ୍ରଣୀ ରହି ୫ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେଇଛି । ସିରିଜର ୪ର୍ଥ ମ୍ୟାଚ୍ ୨୯ ଦୁବାଇରେ ଖେଳାଯିବ ।

### ମୁମ୍ବାଇ ଇଣ୍ଡିଆନ୍ସରେ ଜୋସେଫ୍ ସାମିଲ

ମୁମ୍ବାଇ, ୨୮ ।୩(ପି.ଟି.)- ତିନିଥର ଆଇପିଏଲ୍ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଆଲଜରୀ ଜୋସେଫଙ୍କ ସହ ଚୁକ୍ତି କରିଛି । ନ୍ୟୁଜିଲାଣ୍ଡର ଆଡାମ ମିଲନେ ଆହତ ହୋଇ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିବା ପରେ ମୁମ୍ବାଇ ତାଙ୍କ ସ୍ଥାନରେ ଜୋସେଫ୍‌ଙ୍କୁ ଦଳରେ ସାମିଲ କରିଛି ବୋଲି ଆଇପିଏଲ୍ ପକ୍ଷରୁ ଏକ ଷ୍ଟେଟ୍‌ମେଣ୍ଟରେ କୁହାଯାଇଛି । ୨୨ ବର୍ଷୀୟ ଡାହାଣହାତୀ ଦ୍ରୁତ ବୋଲର ଜୋସେଫ ୱେଷ୍ଟଇଣ୍ଡିଜ ପକ୍ଷରୁ ୯ ଟେଷ୍ଟ ଓ ୧୬ ଦିନିକିଆରେ ପ୍ରତିନିଧିତ୍ୱ କରି ଯଥାକ୍ରମେ ୨୫ ଓ ୨୪ଟି ଉଇକେଟ୍ ଅକ୍ତିଆର କରିଛନ୍ତି ।

# ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ବିଜୟ

ବେଙ୍ଗାଲୁରୁ, ୨୮ ।୩(ପି.ଟି.)

ଶେଷ ଓଭରରେ ବିଜୟ ପାଇଁ ୧୭ରନ ଆବଶ୍ୟକ ହେଉଥିବା ବେଳେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମାତ୍ର ୧୦ ରନ ସଂଗ୍ରହ କରିଥିଲା । ଫଳରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ୬ ରନରେ ବିଜୟୀ ହୋଇଥିଲା । ଏଥିସହ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମୁମ୍ବାଇ ପ୍ରଥମ ବିଜୟ ହାସଲ କରିଛି । ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଲିଗ୍‌ର ସପ୍ତମ ମ୍ୟାଚ୍‌ରେ ଟସ୍ ଜିତି ବାଙ୍ଗାଲୋର ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୮ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରିଥିଲା । ଜବାବରେ ବାଙ୍ଗାଲୋର ୨୦ ଓଭରରେ ୫ ଉଇକେଟ ହରାଇ ୧୮୧ ରନ କରି ମ୍ୟାଚ୍ ହାତଛଡ଼ା କରିଛି ।

୧୮୮ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ବାଙ୍ଗାଲୋର ପ୍ରଥମେ ମୋଇନ ଅଲିଙ୍କୁ ହରାଇଥିଲା । ମୋଇନ ୭ଟି ବଲ୍ ଖେଳି ୧ ଚୌକା, ୧ ଛକା ସହ ୧୩ ରନ କରିଥିବା ବେଳେ ରୋହିତ୍ ଶର୍ମାଙ୍କ ଡାଇରେକ୍ଟ ଥ୍ରୋ'ରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ । ଏହାପରେ ଓପନର ପାର୍ଥିବ ପଟେଲ ୨୨ ବଲରୁ ୪ ଚୌକା ୧ ଛକା ସହ ୩୧ ରନ କରି ଯୁବ ସ୍ପିନର ମୟଙ୍କ ମାର୍କଣ୍ଡେଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ । ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଅଧିନାୟକ ବିରାଟ କୋହଲି ଦ୍ୱିତୀୟ ଉଇକେଟ ପାର୍ଥିବଙ୍କ ସହ ୪୦ ରନ ସଂଗ୍ରହ କରିଥିଲେ । ୩୨ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ସହ କ୍ରିଜ୍‌ରେ ଜମିଆସୁଥିବା ବେଳେ କୋହଲି ବୁମ୍‌ରାଙ୍କ ଶର୍ଟ ବଲକୁ ମାରିବାକୁ ଯାଇଥିଲେ । ବଲ୍ ଓ ବ୍ୟାଟ୍‌ର ସଂଯୋଗ ନ ହେବାରୁ କୋହଲି ମିଡଉଇକେଟରେ ପାଣ୍ଡ୍ୟାଙ୍କ ହାତରେ ଧରାପଡିଥିଲେ । ଜୀବନଦାନ ପାଇଥବା ଏବି ଡିଭିଲର୍ସ ଏହାର ସୁଯୋଗ ନେଇ ଧୂଆଁଧାର ବ୍ୟାଟିଂ କରିଥିଲେ । ତୃତୀୟ ଉଇକେଟ ଯୋଡିରେ କୋହଲି ଓ ଡିଭିଲର୍ସ ୪୯ ରନ ସଂଗ୍ରହ କରିଥିଲେ । ୫ ରନ କରିଥିବା ବେଳେ ସିମରନ ହେଟମେୟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇ ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ଏହାପରେ କଲିନ୍ ଡି ଗ୍ରାଣ୍ଡହୋମ ୭ଟି ବଲ ଖେଳି ମାତ୍ର ୨ ରନ କରି ବୁମ୍‌ରାଙ୍କ ବଲ୍‌ରେ କ୍ରୁନାଲ ପାଣ୍ଡ୍ୟାଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ । ଡିଭିଲର୍ସ ୪୧ଟି ବଲ ଖେଳି ୪ ଚୌକା ଓ ୬ ଛକା ସହ ୭୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ ଦଳକୁ ଜିତାଇପାରି ନ ଥିଲେ । ଶିବମ୍ ଦୁବେ ୫ ବଲରୁ ୧ ଛକା ସହ ୯ ରନ କରି ଅପରାଜିତ ରହିଥିଲେ । ବୋଲିଂରେ ମୁମ୍ବାଇ ତରଫରୁ ବୁମ୍‌ରା ୩, ମୟଙ୍କ ମାର୍କଣ୍ଡେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ ।

**ଯୁବିଙ୍କ ହ୍ୟାଟ୍ରିକ ଛକା**

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଇନିଂସରେ ଯୁବରାଜ ସିଂଙ୍କ ହ୍ୟାଟ୍ରିକ ଛକା ମୁଖ୍ୟ ଘଟଣା ଥିଲା । ଦଳ ଆରମ୍ଭରୁ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲା । ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ କ୍ୱିଣ୍ଟନ ଡି କକ୍ ପ୍ରଥମ ଉଇକେଟରେ ୩୯ ବଲରୁ ୫୪ ରନ ସଂଗ୍ରହ କରିଥିଲେ । ତେବେ ଡି କକ୍ ୨୦ ବଲରୁ ୨ ଚୌକା ଓ ୧ ଛକା ସହ ୨୩ ରନ କରି ୟୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ । ରୋହିତ ୩୩ଟି ବଲ ଖେଳି ୮ ଚୌକା ଓ ୧ ଛକା ସହ ୪୮ ରନ କରିଥିବା ବେଳେ ଲମ୍ବା ଶଟ୍ ଖେଳିବାକୁ ଯାଇ ଲଙ୍ଗଅନ୍‌ରେ ମହମ୍ମଦ ସିରାଜଙ୍କ ହାତରେ ଧରାପଡିଥିଲେ । ଅଭିଜ୍ଞ ଯୁବରାଜ ସିଂ ମାତ୍ର ୧୨ ବଲରୁ କ୍ରମାଗତ ୩ଟି ଛକା ସହ ୨୩ ରନ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ । ୧୪ତମ ଓଭରରେ ଚହଲଙ୍କୁ ପ୍ରଥମ ୩ଟି ବଲ୍‌ରେ ଯୁବରାଜ କ୍ରମାଗତ ୩ଟି ଛକା ମାରି ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ । ହ୍ୟାଟ୍ରିକ ଛକା ଉପଭୋଗ କରିବା ସହ ଦର୍ଶକ ପୁରୁଣା ଯୁବିଙ୍କୁ ଦେଖିବାକୁ ପାଇଥିଲେ । ତେବେ ଚତୁର୍ଥ ବଲ୍‌ରେ ଚହଲଙ୍କ ଗୁଗ୍‌ଲିରେ ଯୁବି ପୁଣି ଛକା ମାରିବାକୁ ଯାଇ ଚକ୍‌ମା ଖାଇଥିଲେ ଓ ଲଙ୍ଗ୍ ଅଫ୍‌ରେ ସିରାଜ୍ ତାଙ୍କ କ୍ୟାଚ୍ ନେଇଥିଲେ । ଏହାପରେ ସୂର୍ଯ୍ୟକୁମାର ଯାଦବ ୨୪ ବଲରୁ ୪ ଚୌକା ଓ ୧ ଛକା ସହ ୩୮ ରନ କରି ଚହଲଙ୍କ ବଲ୍‌ରେ ମୋଇନ ଅଲିଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ । ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ପୁରୁଣା ଶୈଳୀରେ ବ୍ୟାଟିଂ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ । ସେ ୧୪ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୩ ଛକା ସହ ୩୨ ରନ କରି ଅପରାଜିତ ରହିବା ସହ ଦଳକୁ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ । ତେବେ ଅନ୍ୟମାନେ ବିଫଳ ହୋଇଥିଲେ । ଏହି କ୍ରମରେ କିରଣ ପୋଲାର୍ଡ ୫, କ୍ରୁନାଲ ପାଣ୍ଡ୍ୟା ୧, ମିଚେଲ ମ୍ୟାକକ୍ଲିନ୍‌ଘନ ୧, ମୟଙ୍କ ମାର୍କଣ୍ଡେ ୬ ରନ କରି ଆଉଟ ହୋଇଥିବା ବେଳେ ଯଶପ୍ରୀତ୍ ବୁମ୍‌ରା ବିନା ସ୍କୋରରେ ଅପରାଜିତ ରହିଥିଲେ । ବୋଲିଂରେ ବାଙ୍ଗାଲୋର ତରଫରୁ ଚହଲ ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ ।

**ସଂକ୍ଷିପ୍ତ ସ୍କୋର**

- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୭/୮ (ରୋହିତ- ୪୮, ସୂର୍ଯ୍ୟକୁମାର- ୩୮, ହାର୍ଦ୍ଦିକ- ୩୨*, ଯୁବରାଜ- ୨୩, ଡି କକ- ୨୩, ଚହଲ- ୪/୩୮, ଉମେଶ- ୨/୨୬, ସିରାଜ- ୨/୩୮ )।
- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୮୧/୫ (ଡିଭିଲର୍ସ- ୭୦*, କୋହଲି- ୪୬, ପାର୍ଥୀବ- ୩୧, ବୁମ୍‌ରା- ୩/୨୦)।



ବାଙ୍ଗାଲୁରୁଠାରେ ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ ମ୍ୟାଚ ବେଳେ ନୃତ୍ୟରତ ଚିୟରଲିଡର୍ସ ।

# ଇଣ୍ଡିଆ ଓପନ ବ୍ୟାଡମିଣ୍ଟନ: କ୍ୱାର୍ଟରରେ ପ୍ରଣୀଥ, କାଶ୍ୟପ



ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ.ଏସ. ପ୍ରଣୟ ଡେନମାର୍କର ଜାନ୍ ଓ' ଜୋର୍ଜେନସେନ୍‌ଙ୍କ ବିପକ୍ଷରେ ଏକ ଶଟ୍ ଖେଳୁଛନ୍ତି ।

ନୂଆଦିଲ୍ଲୀ, ୨୮ ।୩ (ପି.ଟି.)

ଏଠାରେ ଚାଲିଥିବା ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ବି ସାଇ ପ୍ରଣୀଥ ଓ ପାରୁପାଲ୍ଲି କଶ୍ୟପ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ଗୁରୁବାର ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ପ୍ରି- କ୍ୱାର୍ଟର ଫାଇନାଲରେ ମ୍ୟାଚ୍‌ରେ ବିଜୟୀ ହୋଇ ଏହି ଦୁଇ ଖେଳାଳି କ୍ୱାର୍ଟରକୁ ଉଠିଛନ୍ତି । ଚଳିତମାସରେ ସୁଇସ୍ ଓପନ୍ ଫାଇନାଲରେ ପ୍ରବେଶ କରିଥିବା ପ୍ରଣୀଥ ପ୍ରଥମ ଗେମ୍‌ରେ ପରାସ୍ତ ହୋଇ ପଛରେ ପଡିଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରିଥିଲେ ବାକି ଦୁଇଟି ଗେମ୍ ଜିତି ମ୍ୟାଚ୍ ହାତେଇ ନେଇଥିଲେ । ପ୍ରଣୀତ ନିଜ ଦେଶର ପଞ୍ଚମ ସିଡ ଖେଳାଳି ସମୀର ବର୍ମାଙ୍କୁ ୧୮-୨୧, ୨୧-୧୬, ୨୧-୧୫ରେ ହରାଇଛନ୍ତି । ସେହିପରି ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ କାଶ୍ୟପ ଥାଇଲାଣ୍ଡର ତାନୋଙ୍ଗସାକ ସାଏନସୋମବୁନ୍‌ସୁକଙ୍କୁ ୨୧-୧୧, ୨୧-୧୩ରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ପ୍ରଣୀତ ଏବେ ନିଜ ଦେଶର କିଦାମ୍ବୀ ଶ୍ରୀକାନ୍ତ କିମ୍ବା ଲୁ ଗୁଆଜୁଙ୍କୁ ଭେଟିବେ । ସେହିପରି କାଶ୍ୟପ ଶୁଭମ ଦେ କିମ୍ବା ଚାଇନିଜ ତାଇପେର ୱାଙ୍ଗ୍ ଜୁ ୱେଇଙ୍କୁ ଭେଟିବେ । ଅପରପକ୍ଷରେ ରିୟା ମୁଖାର୍ଜୀ ଜବରଦସ୍ତ ଲଢେଇ କରିଥିଲେ ମଧ୍ୟ ଅଷ୍ଟମ ସିଡ ଡେନମାର୍କର ମିଆ ବ୍ଲିଚଫେଲ୍ଡଙ୍କଠାରୁ ମହିଳା ସିଙ୍ଗଲ୍ସରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି ।

ମହିଳା ଡବଲ୍ସ ଯୋଡି ଅପର୍ଣ୍ଣା ବାଲାନ ଓ ଶ୍ରୁତି କେ.ପି. ପ୍ରତିପକ୍ଷ ହଂକଂ ଯୋଡି ୱିଙ୍ଗ୍ ୟୁଙ୍ଗ୍ ଓ ୟେୟୁଙ୍ଗ ଏନ୍‌ଗା ଟିଙ୍ଗଙ୍କୁ ୨୧-୧୯, ୭-୨୧, ୨୧-୧୭ରେ ହରାଇ ଅଗ୍ରଗତି କରିଛନ୍ତି । ସେହିପରି ପୁରୁଷ ଡବଲ୍ସ ଇଭେଣ୍ଟରେ ପ୍ରଣବ ଜେରୀ ଚୋପ୍ରା ଓ ଶିବମ୍ ଶର୍ମା ୨୧-୧୫, ୨୧-୧୧ରେ ନିଜ ଦେଶର ଅନିରୁଦ୍ଧ ମାୟେକର ଓ ବିନୟ କୁମାର ସିଂଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

# ପ୍ରଥମ ବିଜୟ ଲକ୍ଷ୍ୟରେ ରାଜସ୍ଥାନ, ହାଇଦ୍ରାବାଦ୍

ହାଇଦ୍ରାବାଦ, ୨୮ ।୩ (ପି.ଟି.)

ମାଙ୍କଡିଙ୍ଗ୍ ବିବାଦ ମଧ୍ୟରେ ନିଜର ପ୍ରାରମ୍ଭିକ ମୁକାବିଲାରେ ପରାଜୟବରଣ କରିଥିବା ରାଜସ୍ଥାନ ରୟାଲ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଶୁକ୍ରବାର ସନରାଇଜର୍ସ ହାଇଦ୍ରାବାଦକୁ ଭେଟିବ । ବିବାଦ ଓ ପରାଜୟକୁ ପଛରେ ପକାଇ କେନ ୱିଲିୟମସନଙ୍କ ନେତୃତ୍ୱାଧୀନ ରାଜସ୍ଥାନ ଏହି ମ୍ୟାଚ୍‌ରେ ହାଇଦ୍ରାବାଦକୁ ହରାଇ ପ୍ରଥମ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି । ପ୍ରଥମ ମ୍ୟାଚ୍‌ରେ ୧୮୫ ରନ ଟାର୍ଗେଟର ପିଛା କରି ରାଜସ୍ଥାନ ବେଶ୍ ଭଲ ସ୍ଥିତିରେ ରହିଥିଲା । ଜୋଶ ବଟଲର ୬୯ ରନ କରି ଦଳର ସ୍କୋରକୁ ଆଗେଇ ନେଉଥିବା ବେଳେ କିଙ୍ଗ୍ସ ଏକାଦଶ ପଞ୍ଜାବ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ବିବାଦୀୟ ଢଙ୍ଗରେ ରନ୍ ଆଉଟ (ମାଙ୍କଡିଙ୍ଗ୍) କରିଥିଲେ ଓ ଶେଷରେ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇ ରାଜସ୍ଥାନ ପରାସ୍ତ ହୋଇଥିଲା । ପୁଣି ବଲ୍ ଟ୍ୟାମ୍ପରିଂ ବିବାଦରେ ବାସନ୍ଦ ହୋଇ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବା ସହ ଅଷ୍ଟ୍ରେଲୀୟ ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ମଧ୍ୟ ଆଇପିଏଲ୍‌କୁ ଫେରିଛନ୍ତି । ବିଶ୍ୱକପ୍ ପୂର୍ବରୁ ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରି ସ୍ମିଥ୍ ଲୟକୁ ଫେରିବା ଓ ଅଷ୍ଟ୍ରେଲୀୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବା ଲକ୍ଷ୍ୟରେ ରହିଛନ୍ତି । ତେଣୁ ସେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ରହିବା ପାଇଁ ପ୍ରୟାସ କରିବେ । ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ରାଜସ୍ଥାନର ଧବଲ କୁଲକର୍ଣ୍ଣୀ ଓ ସ୍ପିନର କ୍ରିଷ୍ଣାପ୍ପା ଗୋଥାମ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ । ତେବେ ବେନ୍ ଷ୍ଟୋକ୍ସ ଓ ଜୟଦେବ ଉନାଡକଟ ଅଧିକ ରନ ବ୍ୟୟ କରିଥିଲେ । ଦ୍ରୁତ ବୋଲର ଜୋଫ୍ରା ଆର୍ଚର ୪ ଓଭର ବୋଲିଂ କରି ମାତ୍ର ୧୭ ରନ ବ୍ୟୟ କରି ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ ।।

ରାଜସ୍ଥାନ ଭଳି ହାଇଦ୍ରାବାଦ ମଧ ତା'ର ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା । ରାଜସ୍ଥାନ ୬ ଉଇକେଟରେ କୋଲକାତା ନାଇଟ ରାଇଡର୍ସଠାରୁ ହାରି ଏଥର ଆଇପିଏଲ ଅଭିଯାନ ଆରମ୍ଭ କରିଥିଲା । ଡେଭିଡ ୱାର୍ନରଙ୍କ ହାଇଦ୍ରାବାଦର ବ୍ୟାଟିଂ ବେଶ୍ ଦୃଢ ମନେ ହେଉଛି । ତେବେ ଡେଥ୍ ଓଭରରେ କୋଲକାତା ବିପକ୍ଷରେ ବୋଲିଂ ବିଫଳତା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା । ବଲ ଟ୍ୟାମ୍ପରିଂ ମାମଲାରେ ବାସନ୍ଦ ହୋଇ ସ୍ମିଥ୍‌ଙ୍କ ଭଳି ୱାର୍ନର ମଧ ଆଇପିଏଲକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସେ କୋଲକାତା ବିପକ୍ଷରେ ୫୩ ବଲରୁ ୮୫ ରନ ସଂଗ୍ରହ କରି ଦଳକୁ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ । ୱାର୍ନରଙ୍କ ଉପରେ ହାଇଦ୍ରାବାଦର ବ୍ୟାଟିଂ ନିର୍ଭର କରୁଛି । ଅବଶ୍ୟ ଦଳରେ ଅଧିନାୟକ କେନ୍ ୱିଲିୟମସନ, ଜନି ବେୟାରଷ୍ଟୋ, ବିଜୟ ଶଙ୍କର, ମନୀଷ ପାଣ୍ଡେ, ୟୁସୁଫ ପଠାନ ଓ ସାକିବ ଅଲ ହାସନଙ୍କ ଭଳି ଖେଳାଳି ରହିଛନ୍ତି । ଭୁବନେଶ୍ୱର କୁମାରଙ୍କ ନେତୃତ୍ୱରେ ସନରାଇଜର୍ସଙ୍କ ବୋଲିଂ ବେଶ୍ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଆନ୍ଦ୍ରେ ରସେଲ ଶେଷ ୩ ଓଭରରେ ଧୂଆଁଧାର ବ୍ୟାଟିଂ କରି ମ୍ୟାଚ୍ ଛଡାଇ ନେଇଥିଲେ । ତେଣୁ ଭୁବନେଶ୍ୱରଙ୍କ ସମେତ ତାରକା ସ୍ପିନର ରସିଦ ଖାଁ ଡେଥ୍ ବୋଲିଂରେ ସୁଧାର ଅଣିବାକୁ ପ୍ରୟାସ କରିବେ ବୋଲି ଆଶା କରାଯାଉଛି । ଉଭୟ ଦଳ ଆଇପିଏଲ୍ ପ୍ରଥମ ବିଜୟ ପାଇଁ ପ୍ରୟାସ କରିବେ । ଫଳରେ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି ।

**ଆଜିର ମ୍ୟାଚ**

ସନ୍‌ରାଇଜର୍ସ ହାଇଦ୍ରାବାଦ୍
ବନାମ
ରାଜସ୍ଥାନ ରୟାଲ୍ସ



ପ୍ରସାରଣ
ସ୍ଥାନ : ହାଇଦ୍ରାବାଦ
ସମୟ: ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ


## ଓଡ଼ିଶା ସରକାର
## ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No-129 dated 19.03.2019

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: **ଠକପାଲି (ଅତିରିକ୍ତ)**, ଥାନା: **ତରଭା**, ନଂ-**୬୫**, ତହସିଲ-**ତରଭା**, ଜିଲ୍ଲା- ସୁବର୍ଣ୍ଣପୁରରେ ନିମ୍ନ ତଫସିଲ ମତେ ପ୍ରାୟ **୧୦.୪୩୦** ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (R.F.C.T.L.A.R & R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳବାଇ, ବଲାଙ୍ଗୀର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂ.୧୮୬୬/R & DM ତା.୧୫।୦୧।୨୦୧୯ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ସୋନପୁର ।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁବର୍ଣ୍ଣପୁର | ତରଭା | ଠକପାଲି (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | | ୧୦.୪୩୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ବଲାଙ୍ଗୀର, କଦମପଡ଼ା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ସୁବର୍ଣ୍ଣପୁର**

**ଭୂମି ଅନୁସୂଚୀ**

ମୌଜା- ଠକପାଲି (ଅତିରିକ୍ତ), ଥାନା-ତରଭା ନଂ.୬୫, ତହସିଲ-ତରଭା, ଜିଲ୍ଲା-ସୋନପୁର

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିକୃତ ରକବା | କିସମ | ପ୍ରକାର ନାମ ଓ ବାସସ୍ଥାନ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୨ | ୭୧୯ | ୦.୬୦୦ | ୦.୬୦୦ | ଆଟ | ଶ୍ରୀ ସୁବର୍ଣ୍ଣମେରୁ ମହାପ୍ରଭୁ ବି.ଜେ.ସୋନପୁର, ମାର୍ଫତ ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ସୋନପୁର |
| | ୭୩୩ | ୦.୪୭୦ | ୦.୪୭୦ | ଆଟ | |
| | ୭୩୬ | ୦.୧୬୦ | ୦.୦୫୦ | ଆଟ | |
| | ୭୪୧ | ୦.୪୯୦ | ୦.୩୫୦ | ଆଟ | |
| ୮ | ୭୨୦ | ୦.୨୦୦ | ୦.୦୫୦ | ଆଟ | ଅମରସିଂହ କୁମ୍ଭାର, ଜୟସିଂହ କୁମ୍ଭାର, ରାଜୁ କୁମ୍ଭାର, ପି-ଯଦୁମଣୀ କୁମ୍ଭାର ଜା-ଗଣ୍ଡା ବା-ନିଜଗାଁ |
| | ୭୩୪ | ୦.୦୭୦ | ୦.୦୭୦ | ଆଟ | |
| | ୭୩୫ | ୨.୦୨୦ | ୧.୩୬୦ | ଆଟ | |
| | ୭୭୦ | ୧.୫୮୦ | ୦.୦୨୦ | ବାହାଲ ଅଣଜଳସେଚିତ | |
| ୭୧ | ୭୫୬ | ୦.୧୭୦ | ୦.୧୭୦ | ଆଟ | ପାଣ୍ଡବ କୁମ୍ଭାର, ବା-ନିଜଗାଁ, ଟିକେଟୁକେଲ କୁମ୍ଭାର, ବା-ଘାଟକଇତରା, ପି-ଦନାର ଗଣ୍ଡା, ଜା-ଗଣ୍ଡା |
| ୭୩ | ୬୯୩/୮୬୪ | ୦.୬୨୦ | ୦.୧୭୦ | ଆଟ | ବଂଶୀଧର ଶତପଥୀ, ପି- ଅଭିମନ୍ୟୁ ଶତପଥୀ, ଜା-ବ୍ରାହ୍ମଣ, ବା-ଠେଲକୋମୁଣ୍ଡା |
| | ୭୧୬/୮୭୬ | ୦.୪୮୦ | ୦.୦୫୦ | ଆଟ | |
| ୧୦୬ | ୭୫୪ | ୦.୯୨୦ | ୦.୯୨୦ | ବେର୍ଣ୍ଣା ଅଣଜଳସେଚିତ | ସଉମିତ୍ରୀ ଗଣ୍ଡା, ପି-ଦେବସନ ଗଣ୍ଡା, ଜା-ଗଣ୍ଡା, ବା-ନିଜଗାଁ |
| | ୭୫୫ | ୦.୫୨୦ | ୦.୫୨୦ | ମାଳ ଅଣଜଳସେଚିତ | |
| | ୭୫୯ | ୧.୧୨୦ | ୦.୫୦୦ | ଆଟ | |
| ୧୧୬ | ୭୫୩ | ୦.୦୬୦ | ୦.୦୬୦ | ଆଟ | ଶ୍ୟାମ ଗଣ୍ଡା, ପି-ଗିରିଧାରୀ ଗଣ୍ଡା, ଚାପଧାରୀ ଗଣ୍ଡା, ଲାଲବିହାରୀ ଗଣ୍ଡା, ବ୍ରଜ ଗଣ୍ଡା, ଉମେଶ୍ୱର ଗଣ୍ଡା, ରାମେଶ୍ୱର ଗଣ୍ଡା, ପି-ନୁରା ଗଣ୍ଡା, ଶୁକଦେବ ଗଣ୍ଡା, ମେଘନାଦ ଗଣ୍ଡା, ଜଗନ୍ନାଥ ଗଣ୍ଡା, ପ୍ରେମନାଥ ଗଣ୍ଡା, ବୈଦ୍ୟନାଥ ଗଣ୍ଡା, ପି-ଦଶରଥ ଗଣ୍ଡା, ଜା-ଗଣ୍ଡା, ବା-ନିଜଗାଁ |
| | ୭୫୭ | ୦.୨୫୦ | ୦.୨୫୦ | ଆଟ | |
| | ୭୫୮ | ୦.୨୦୦ | ୦.୨୦୦ | ମାଳ ଅଣଜଳସେଚିତ | |
| | ୭୬୦ | ୦.୩୩୦ | ୦.୩୩୦ | ଆଟ | |
| | ୭୬୩ | ୦.୪୨୦ | ୦.୧୮୦ | ମାଳ ଅଣଜଳସେଚିତ | |
| | ୭୬୪ | ୦.୪୨୦ | ୦.୧୨୦ | ବାହାଲ ଅଣଜଳସେଚିତ | |
| | ୭୬୬ | ୦.୧୭୦ | ୦.୦୨୦ | ଆଟ | |
| ୧୧୭ | ୪୧୨ | ୧.୯୦୦ | ୦.୪୦୦ | ବେର୍ଣ୍ଣାଅଣଜଳସେଚିତ | ଶ୍ୟାମ ଗଣ୍ଡା, ପି-ଗିରିଧାରୀ ଗଣ୍ଡା, ଚାପଧାରୀ ଗଣ୍ଡା, ଲାଲବିହାରୀ ଗଣ୍ଡା, ବ୍ରଜ ଗଣ୍ଡା, ଉମେଶ୍ୱର ଗଣ୍ଡା, ରାମେଶ୍ୱର ଗଣ୍ଡା, ପି-ନୁରା ଗଣ୍ଡା, ଜା-ଗଣ୍ଡା, ବା-ନିଜଗାଁ |
| ୧୨୫ | ୭୪୯ | ୦.୨୪୦ | ୦.୦୨୦ | ମାଳ ଅଣଜଳସେଚିତ | ହିମାଂଶୁ ହାତୀ, ନବୀନ ହାତୀ, ଅଶୋକ ହାତୀ, ସରୋଜ ହାତୀ, ସଞ୍ଜୁ ହାତୀ, ପି-ଚନ୍ଦ୍ରଶେଖର ହାତୀ, ତିଳତମା ହାତୀ, ସ୍ୱା-ଚନ୍ଦ୍ରଶେଖର ହାତୀ, ଗୋବିନ୍ଦ ହାତୀ, ରାଧାକାନ୍ତ ହାତୀ, ସୀତା ଷାଣ୍ଢ, ପି-ମକରଧ୍ୱଜ ହାତୀ, ଜା-ଗଉଡ, ବା-ନିଜଗାଁ |
| | ୭୫୧ | ୧.୪୮୦ | ୦.୫୦୦ | ବାହାଲ ଅଣଜଳସେଚିତ | |
| ୧୨୭ | ୭୪୩ | ୦.୨୧୦ | ୦.୦୨୦ | ଆଟ | ହିମାଂଶୁ ହାତୀ, ନବୀନ ହାତୀ, ଅଶୋକ ହାତୀ, ସରୋଜ ହାତୀ, ସଞ୍ଜୁ ହାତୀ, ପି-ଚନ୍ଦ୍ରଶେଖର ହାତୀ, ତିଳତମା ହାତୀ, ସ୍ୱା-ଚନ୍ଦ୍ରଶେଖର ହାତୀ, ଗୋବିନ୍ଦ ହାତୀ, ରାଧାକାନ୍ତ ହାତୀ, ସୀତା ଷାଣ୍ଢ, ପି-ମକରଧ୍ୱଜ ହାତୀ, ରୁକୁଣୀ ହାତୀ, ସ୍ୱା-ମକରଧ୍ୱଜ ହାତୀ, କୁଶଧ୍ୱଜ ହାତୀ, ପି-ସପ୍ତେଶ୍ୱର ହାତୀ, ଗଣେଶ୍ୱର ହାତୀ, ଚିରଞ୍ଜୀ ହାତୀ, ପି-ଦଶରଥ ହାତୀ, ସୁରୁ ହାତୀ, ପି-ଲୋକନାଥ ହାତୀ, ଜା-ଗଉଡ, ବା-ନିଜଗାଁ |
| | ୭୪୪ | ୦.୧୩୦ | ୦.୦୨୦ | ଆଟ | |
| | ୭୪୫ | ୧.୮୬୦ | ୧.୦୬୦ | ଆଟ | |
| | ୭୫୨ | ୦.୮୦୦ | ୦.୮୦୦ | ବେର୍ଣ୍ଣାଅଣଜଳସେଚିତ | |
| ୧୨୭/୧ | ୭୩୨ | ୧.୬୫୦ | ୦.୦୫୦ | ବାହାଲ ଅଣଜଳସେଚିତ | କଂସାରୀ କୁମ୍ଭାର, ସୁନାରୀ କୁମ୍ଭାର, ପି-ତୀର୍ଥ କୁମ୍ଭାର, ସୁରେଶ କୁମ୍ଭାର, ନରେନ୍ଦ୍ର କୁମ୍ଭାର, ପି-ହଜାରୁ କୁମ୍ଭାର, ଜା-ଗଣ୍ଡା, ବା-ନିଜଗାଁ (ଦଇତପୁର) |
| ୧୨୭/ | ୭୧୭ | ୧.୦୧୦ | ୦.୭୦୦ | ଆଟ | ଏଭାରେଷ୍ଟପ୍ଲାଏ ଏଣ୍ଡ ଭେରେର୍ସ ପ୍ରା.ଲି. କଲକତା ନଂ.୮ ଖେରୁ ପ୍ଲେସ ୪ର୍ଥ ଫ୍ଲୋର କଲକତା ଡାଇରେକଟର, ଅମନଗର୍ଗ, ପି-ରାମପ୍ରସାଦ ଗର୍ଗ, ଜା-ବଣିଆ |
| ୧୨ | ୭୧୫/୮୭୫ | ୦.୫୦୦ | ୦.୧୫୦ | ଆଟ | |
| ମୋଟ | | | ୧୦.୪୩୦ | | |

ସାଇନା ନେହ୍ୱାଲ ଜଣେ ଦୃଢ଼ମନା ଖେଳାଳି। କୌଣସି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବା ସାମର୍ଥ୍ୟ ତାଙ୍କ ନିକଟରେ ରହିଛି ।
– ରାଚାନୋକ୍ ଇନ୍ଥାନନ୍, ଥାଇଲାଣ୍ଡ ବ୍ୟାଡ୍‌ମିଣ୍ଟନ ଖେଳାଳି



ଚଳିତ ଆଇପିଏଲ୍‌ରେ ବ୍ୟାଟିଂକୁ ସୁହାଉଥିବା ଚିନ୍ନାସ୍ୱାମୀ ଭଳି ଛୋଟ ଗ୍ରାଉଣ୍ଡରେ ପ୍ରତ୍ୟେକ ବୋଲର ଚାପରେ ରହିବା ସ୍ୱାଭାବିକ ।
– ଏବି ଡି'ଭିଲର୍ସ, ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର



## ସଂକ୍ଷେପରେ

### ଟେନିସ ବଲ୍ କ୍ରିକେଟ ବିଦର୍ଭକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୨୮ ।୩(କ୍ରୀଡ଼ା ପ୍ରତିନିଧି)- ଉତ୍ତର ପ୍ରଦେଶରେ ଆରମ୍ଭ ହୋଇଥିବା ଫେଡେରେଶନ୍ କପ୍ ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପୁଲ୍ 'ବି'ର ଏହି ମ୍ୟାଚରେ ଓଡ଼ିଶା ୬ ଉଇକେଟରେ ବିଦର୍ଭକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ୮ ଓଭରରେ ୭ ଉଇକେଟ ହରାଇ ୪୫ ରନ କରିଥିଲା। ଓଡ଼ିଶା ପକ୍ଷରୁ ରାଜକୁମାର ୩ଟି, ସତୀଶ ୨ଟି ଏବଂ ଚନ୍ଦନ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ୬.୫ ଓଭରରେ ୨ ଉଇକେଟରେ ୪୬ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଏସ୍.କେ. ଘୋଷ ୨୦ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ନିଜ ପୁଲ୍‌ର ଦ୍ୱିତୀୟ ମ୍ୟାଚରେ କିନ୍ତୁ ଓଡ଼ିଶା ପ୍ରତିପକ୍ଷ ପଣ୍ଡିଚେରୀ ନିକଟରୁ ପରାଜିତ ହୋଇଛି। ଶୁକ୍ରବାର ତୃତୀୟ ତଥା ଅନ୍ତିମ ଲିଗ୍ ମ୍ୟାଚରେ ଦଳ ରାଜସ୍ଥାନକୁ ଭେଟିବ ବୋଲି ଓଡ଼ିଶା ଦଳର କୋଚ୍ ଚକ୍ରଧର ମାଝି ପ୍ରକାଶ କରିଛନ୍ତି।

### ଟୁରିନ ଫେରିଲେ ରୋନାଲ୍ଡୋ

ମିଲାନ,୨୮ ।୩(ଏଏଫ୍‌ପି)- କ୍ରିଷ୍ଟିଆନୋ ରୋନାଲ୍ଡୋ ଆହତ ସମସ୍ୟାର ସମ୍ପୂର୍ଣ୍ଣ ଯାଞ୍ଚ କରିବା ଲାଗି ଗୁରୁବାର ଟୁରିନରେ ପହଞ୍ଚିଛନ୍ତି। ଏଥିଯୋଗୁ ଆଜାକ୍ସ ବିପକ୍ଷ ଚାମ୍ପିୟନ୍ସ ଲିଗ୍ ମ୍ୟାଚ୍‌ରେ ସେ ନ ଖେଳି ପାରନ୍ତି। ଏକ ଅନ୍ତର୍ଜାତୀୟ ଅଭ୍ୟାସ ମ୍ୟାଚ୍‌ବେଳେ ପର୍ତ୍ତୁଗାଲ ଷ୍ଟାରଙ୍କ ଜଙ୍ଘରେ ଆଘାତ ଲାଗିଥିଲା। ମ୍ୟାଚ୍‌ର ପ୍ରଥମ ଅଧ ଘଣ୍ଟାର ଖେଳ ଶେଷ ହେବା ପରେ ୩୪ ବର୍ଷୀୟ ଷ୍ଟ୍ରାଇକର ପଡ଼ିଆ ଛାଡ଼ି ଦେଇଥିଲେ। ପ୍ରାଥମିକ ଯାଞ୍ଚରୁ ରୋନାଲ୍ଡୋଙ୍କ ଆହତ ସମସ୍ୟା ଗୁରୁତ୍ୱର ନ ଥିବା ଜଣାପଡ଼ିଛି।

ଏସିଆନ ଏୟାରଗନ ଚାମ୍ପିୟନଶିପ

### ଭାରତୀୟ ଶୁଟରଙ୍କୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ

ନୂଆଦିଲ୍ଲୀ,୨୮ ।୩(ପିଟି)- ତାଇପେର ତାଓୟୁବାନଠାରେ ଚାଲିଥିବା ୧୨ତମ ଏସିଆନ ଏୟାରଗନ ଚାମ୍ପିୟନଶିପ୍‌ରେ ଗୁରୁବାର ଭାରତୀୟ ଶୁଟରମାନେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି। ଏଥିଯୋଗୁ ଇଭେଣ୍ଟର ପଦକ ତାଲିକାରେ ଭାରତ ସର୍ବାଧିକ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ସହ ଶୀର୍ଷରେ ରହିଛି। ରବି କୁମାର ଓ ଇଲାଭେନିଲ ଭାଲରିଭାନ ୧୦ ମିଟର ଏୟାର ରାଇଫଲ ମିକ୍ସଡ୍ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ହାତେଇଛନ୍ତି। ଭାରତୀୟ ଯୋଡ଼ି ଯୋଗ୍ୟତା ପର୍ଯ୍ୟାୟରେ ସର୍ବାଧିକ ୮୩୭.୧ ସ୍କୋର କରିଥିଲେ। ହେଲେ ୫ ଦଳ ବିଶିଷ୍ଟ ଫାଇନାଲରେ କୋରିଆଠାରୁ ରବି ଓ ଇଲାଭେନିଲ ପରାସ୍ତ ହୋଇଥିଲେ। କୋରିଆର ପାର୍କ ସୁନମିନ ଓ ଶିନ ମିନ୍‌କି ୪୯୯.୬ ସ୍କୋର ସହ ସ୍ୱର୍ଣ୍ଣ ଜିତିଥିବାବେଳେ ଭାରତୀୟ ଶୁଟର ୪୯୮.୪ ସ୍କୋର କରିପାରିଥିଲେ। ଜୁନିୟର ୧୦ ମି. ଏୟାର ରାଇଫଲ ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଦୁଇ ଭାରତୀୟ ଦଳ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଛନ୍ତି। ଶ୍ରେୟାଶ ଅଗ୍ରୱାଲ ଓ ଯଶ ବର୍ଦ୍ଧନଙ୍କ ଯୋଡ଼ି ୦.୪ ବ୍ୟବଧାନରେ ଅନ୍ୟ ଭାରତୀୟ ଶୁଟର ମେହୁଲ ଘୋଷ ଓ କେବଲ ପ୍ରଜାପତିଙ୍କୁ ହରାଇ ଦେଇଛନ୍ତି।

### ରିଷଭ, ମନୁ, ରାଣୀ, ବଜରଙ୍ଗ ପୁରସ୍କୃତ

ନୂଆଦିଲ୍ଲୀ,୨୮ ।୩(ପିଟି)- ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ରେସଲର ବଜରଙ୍ଗ ପୁନିଆ, ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲ, ଟେଷ୍ଟ କ୍ରିକେଟର ରିଷଭ ପନ୍ତ ଓ ଯୁବା ଶୁଟର ମନୁ ଭାକରଙ୍କୁ ଚଳିତ ବର୍ଷର ଦିଲ୍ଲୀ କ୍ରୀଡ଼ା ସାମ୍ବାଦିକ ଆସୋସିଏଶନ (ଡିଏସ୍‌ଜେଏ) ଶ୍ରେଷ୍ଠ କ୍ରୀଡ଼ାବିତ ପୁରସ୍କାର ଦିଆଯାଇଛି। ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଓ ଫେଡେରେଶନ ଇଣ୍ଟରନ୍ୟାଶନାଲ ହକି (ଏଫ୍‌ଆଇଏଚ୍) ସଭାପତି ନରିନ୍ଦର ବାତ୍ରା ଏହି ପୁରସ୍କାର ପ୍ରଦାନ କରିଛନ୍ତି। ମନୁ ଏସିଆନ ଏୟାର ଗନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରୁଥିବାରୁ ତାଙ୍କ ବାପା ପୁରସ୍କାର ଗ୍ରହଣ କରିଥିଲେ। ଏହା ବ୍ୟତୀତ ଜଶପଲ ରାଣା (ଶୁଟିଂ) ଓ ତାରକ ସିହ୍ନା (କ୍ରିକେଟ)ଙ୍କୁ ଶ୍ରେଷ୍ଠ କୋଚ ପୁରସ୍କାର ଦିଆଯାଇଛି। ପନ୍ତ ନିଜ କୋଚ୍ ସିହ୍ନାଙ୍କ ପାଇଁ ପୁରସ୍କାର ଗ୍ରହଣ କରିଛନ୍ତି।

## ସୁପର କପ୍ ଫୁଟବଲ ମୁଖ୍ୟ ପର୍ଯ୍ୟାୟ ଆଜିଠାରୁ

# ଚେନ୍ନାଇନ୍ ବନାମ ମୁମ୍ବାଇ ସିଟି

ଭୁବନେଶ୍ୱର, ୨୮ ।୩(କ୍ରୀଡ଼ା ପ୍ରତିନିଧି)

ସୁପର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସଂସ୍କରଣର ମୁଖ୍ୟ ପର୍ଯ୍ୟାୟ ଶୁକ୍ରବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରଥମ ମ୍ୟାଚରେ ପରସ୍ପରର ସମ୍ମୁଖୀନ ହେବାକୁ ଯାଉଛନ୍ତି ଚେନ୍ନାଇନ୍ ଏଫସି ଓ ମୁମ୍ବାଇ ସିଟି। ନକ୍‌ଆଉଟ ଭିତ୍ତିରେ ଖେଳାଯାଉଥିବାରୁ ପ୍ରତିଯୋଗିତାର ପ୍ରତିଟି ମ୍ୟାଚ ଗୁରୁତ୍ୱ ବଢ଼ିଛି। ୨୦୧୮ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମୁମ୍ବାଇ ସିଟିର ଅଭିଯାନ ପ୍ରି-କ୍ୱାର୍ଟର ଫାଇନାଲରୁ ହିଁ ଶେଷ ହୋଇଯାଇଥିଲା। ଦଳ ସେତେବେଳେ ୧-୨ ଗୋଲରେ ଇଷ୍ଟବେଙ୍ଗଲ ନିକଟରୁ ପରାଜିତ ହୋଇଥିଲା। ମାତ୍ର ଦଳ ଏଥର ଆଇ-ଲିଗ୍ ଚାମ୍ପିୟନ ହେବାସହ ଚମତ୍କାର ଫର୍ମରେ ଥିବାରୁ ଚେନ୍ନାଇନ୍‌କୁ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ। ଚେନ୍ନାଇନ୍ ଏଫସି ମଧ୍ୟ ପ୍ରି-କ୍ୱାର୍ଟରରେ ପେନାଲ୍ଟି ଶୁଟ୍ ଆଉଟ୍ ୩-୫ ଗୋଲରେ ହାରି ବିଦାୟ ନେଇଥିଲା। ତେଣୁ ଏଥର ଦୁଇଦଳ ପାଇଁ ଆଗକୁ ବଢ଼ିବା ସୁଯୋଗ ରହିଛି।

ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ସହିତ ମନୋମାଳିନ୍ୟ ଯୋଗୁ ଚଳିତ ସଂସ୍କରଣର ଯୋଗ୍ୟତା ପର୍ଯ୍ୟାୟରେ ଆଇ-ଲିଗ୍‌ର ୩ ଦଳ ମିନର୍ଭା ପଞ୍ଜାବ, ଗୋକୁଲମ୍ କେରଳ ଓ ଆଇଜଲ ଏଫସି ଖେଳି ନ ଥିଲେ। ଫଳରେ ପୁଣେ ସିଟି, ଦିଲ୍ଲୀ ଡାଇନାମସ ଓ ଚେନ୍ନାଇନ୍ ୱାକଓଭର ପାଇ ମୁଖ୍ୟ ପର୍ଯ୍ୟାୟରେ ଅବତୀର୍ଣ୍ଣ ହୋଇଛନ୍ତି।



ଜନ ଗ୍ରେଗୋରୀ



ଜର୍ଜ କୋଷ୍ଟା

### ଆମେ ପ୍ରସ୍ତୁତ: ଗ୍ରେଗୋରି

''ଚଳିତ ବର୍ଷ ଆମର ଆଇଏସ୍‌ଏଲ୍ ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିଲା। ତେଣୁ ସୁପର କପ୍‌ରେ ଆମେ ଦକ୍ଷତାର ସହ ପ୍ରଦର୍ଶନ କରି ତାହାକୁ ଭୁଲି ଯିବାକୁ ଚାହୁଁଛୁ'' ବୋଲି କହିଛନ୍ତି ଚେନ୍ନାଇନ୍ ଏଫସି କୋଚ୍ ଜନ୍ ଗ୍ରେଗୋରି। ଗତବର୍ଷ ଆମେ ଆଇଏସଏଲ ଚାମ୍ପିୟନଭାବେ ସୁପର କପ୍ ଖେଳିବାକୁ ଆସିଥିଲୁ। ମାତ୍ର ସତ କହିବାକୁ ଗଲେ ଚଳିତ ସିଜନକୁ ଆମେ ମନଭରି ଉପଭୋଗ କରିପାରିନାହୁଁ। ଆମ ପାଇଁ ଏହା ଅତ୍ୟନ୍ତ କଷ୍ଟସାଧ୍ୟ ସିଜନ ଥିଲା। ପ୍ରଦର୍ଶନ ମାଧ୍ୟମରେ ଆମେ ଏହାକୁ ଭୁଲିଯିବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। ଚଳିତ ଆଇଏସ୍‌ଏଲ୍ ସିଜନରେ ଚେନ୍ନାଇନ୍ ୨ ଥରଯାକ ମୁମ୍ବାଇ ସିଟି ନିକଟରୁ ପରାଜିତ ହୋଇଥିଲା। ମାତ୍ର ଏହି ଇଂଲିଶ୍ କୋଚ୍ ଆଗାମୀ ମ୍ୟାଚରେ ଦଳର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। ମୁମ୍ବାଇ ସିଟି ପାଇଁ ଚଳିତ ସିଜନ ବହୁତ ଭଲ ରହିଛି। ତେଣୁ ଏହି ଦଳ ନିଶ୍ଚିତ ମନସ୍ତାତ୍ତ୍ୱିକ ଫାଇଦାରେ ରହିବ। ତେବେ ଆମେ ଶୁକ୍ରବାର ମ୍ୟାଚ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଗ୍ରେଗୋରି କହିଛନ୍ତି। ଏଏଫସି (ଏସିଆନ ଫୁଟବଲ କନ୍‌ଫେଡେରେଶନ) କପ୍ ଯୋଗ୍ୟତା ପର୍ଯ୍ୟାୟରେ କଲମ୍ବୋ ଏଫସିକୁ ହରାଇବାପରେ ଖେଳାଳିଙ୍କ ମନୋବଳ ଦୃଢ଼ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

**ସୁପର କପ୍ ଫୁଟବଲ**
**ଶୁକ୍ରବାର ମ୍ୟାଚ**
**ଚେନ୍ନାଇନ୍ ଏଫସି ବନାମ ମୁମ୍ବାଇ ସିଟି**
**ସ୍ଥାନ: କଳିଙ୍ଗ ଷ୍ଟାଡିୟମ,**
**ସମୟ: ରାତି ୮ଟା ୩୦**

### ମ୍ୟାଚ ସହଜ ହେବନି: କୋଷ୍ଟା

''ଆମେ ସୁପର କପ୍ ପ୍ରତିଯୋଗିତାକୁ ସମ୍ମାନ ଜଣାଉଛୁ। ଆଇଏସଏଲ ସିଜନରେ ଆମ ଦଳର ପ୍ରଦର୍ଶନ ଚମତ୍କାର ରହିଥିଲା। ତେଣୁ ଆମେ ସୁପର କପ୍‌କୁ ମଧ୍ୟ ଭଲରେ ଶେଷ କରିବୁ ବୋଲି ଆଶା ରଖିଛୁ। ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରି ଆଗକୁ ବଢ଼ିବା ଆମର ମୁଖ୍ୟ ଲକ୍ଷ୍ୟ'' ବୋଲି କୋଚ୍ ଜର୍ଜ କୋଷ୍ଟା ପ୍ରକାଶ କରିଛନ୍ତି। ମୁମ୍ବାଇ ସିଟି ଚଳିତ ସିଜନରେ ଆଇଏସ୍‌ଏଲ୍‌ର ସେମିଫାଇନାଲରେ ପ୍ରବେଶ କରିଥିଲା। ଏପରି ଖେଳାଳିଙ୍କୁ ଟ୍ରେନିଂ ଦେଇ ମୁଁ ଗର୍ବିତ। ଆଇଏସଏଲ ସିଜନରେ ଆମେ ଚେନ୍ନାଇନ୍ ବିପକ୍ଷରେ ୨ଟି ଯାକ ମ୍ୟାଚ ଜିତିଥିଲୁ। ତେଣୁ ଏଠାରେ ମଧ୍ୟ ତାହା ବଜାୟ ରହିବା ଆଶା ରଖିଛୁ ବୋଲି ସେ କହିଛନ୍ତି। ଚେନ୍ନାଇନ୍ ଏକ ଭଲ ଦଳ। ଦଳରେ ବହୁ କ୍ୱାଲିଟି ଭାରତୀୟ ଓ ବିଦେଶୀ ଖେଳାଳି ରହିଛନ୍ତି। ତେଣୁ ଆସନ୍ତା ମ୍ୟାଚ ଆମପାଇଁ ସହଜ ହେବନାହିଁ ନିଶ୍ଚିତ। ଅତୀତରେ କ'ଣ ହୋଇଥିଲା ତାହା ଭିନ୍ନ କଥା। ନୂଆ ମ୍ୟାଚ ହୋଇଥିବାରୁ ଆମକୁ ସତର୍କତାର ସହ ଖେଳିବାକୁ ପଡ଼ିବ। ମୁମ୍ବାଇ ସିଟି ଦଳରେ କେତେକ ଖେଳାଳି ପରିବର୍ତ୍ତନ କରାଯାଇଛି। ସେମାନେ ଆମକୁ ମ୍ୟାଚ ବିଜେତା କରିବା ଆଶା ରହିଛି। ଭୁବନେଶ୍ୱରର ଉଷ୍ମ ପରିବେଶ ମୁମ୍ବାଇ ଦଳ ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ। ଆମେ ମୁମ୍ବାଇରେ ମଧ୍ୟ ୪୦ ଡିଗ୍ରୀ ସେଲସିଅସ୍‌ରେ ଖେଳିବା ଅଭିଜ୍ଞତା ରଖିଛୁ। ତେଣୁ ଆମେ ଏ ସବୁ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି କୋଷ୍ଟା ପ୍ରକାଶ କରିଛନ୍ତି। ମୁମ୍ବାଇ ଦଳରେ ଏକମାତ୍ର ବିଦେଶୀ ଖେଳାଳି ଲୁସିଆନ ଗୋଆଇନ୍ ସାମିଲ ଅଛନ୍ତି। ଆଗାମୀ ସିଜନକୁ ଆଖି ଆଗରେ ରଖି ଆମେ ଖେଳାଳିରେ ପରିବର୍ତ୍ତନ କରିଛୁ ବୋଲି କୋଷ୍ଟା କହିଛନ୍ତି।

## ହାଲେପ୍ ନମ୍ବର ୱାନ ନିକଟତର



ମାୟାମି, ୨୮ ।୩

ରୋମାନିଆ ଟେନିସ ଖେଳାଳି ସିମୋନା ହାଲେପ୍ ଏଠାରେ ଚାଲିଥିବା ମାୟାମି ଓପନ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ୨୭ ବର୍ଷୀୟା ସିମୋନା ୬-୪, ୭-୫ ସିଧାସଳଖ ସେଟ୍‌ରେ ଚାଇନାର ୱାଙ୍ଗ୍ କ୍ୱିଆଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ସହ ସେ ବିଶ୍ୱ ମହିଳା ସିଙ୍ଗଲ୍ସ ମାନ୍ୟତାର ନିକଟତର ହୋଇଛନ୍ତି। ସେମିଫାଇନାଲରେ ଯଦି ହାଲେପ୍ ବିଜୟୀ ହୁଅନ୍ତି ତେବେ ଜାପାନର ନାଓମି ଓସାକାଙ୍କୁ ହଟାଇ ଶୀର୍ଷ ସ୍ଥାନରେ ଥିବା ହାସଲ କରିବା ନିଶ୍ଚିତ ହୋଇଛି। ସେମିଫାଇନାଲରେ ହାଲେପ୍ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ଥିବା ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍କୋଭାଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟରଫାଇନାଲରେ କାରୋଲିନା ୬-୩, ୬-୪ ସେଟ୍‌ରେ ମାର୍କେଟା ଭୋଣ୍ଡରସୋଭାଙ୍କୁ ପରାସ୍ତ କରିଥିଲେ।

# ବୃହତ୍ ବିଜୟ ଲକ୍ଷ୍ୟରେ ଭାରତ




ଇପୋ (ମାଲେସିଆ), ୨୮ ।୩ (ପି.ଟି.)

**ଆଜଲାନ ଶାହ କପ୍ ହକି**

ଚଳିତ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାରେ ଭାରତ ଶୁକ୍ରବାର ଏହାର ଅନ୍ତିମ ଲିଗ୍ ମ୍ୟାଚ ପୋଲାଣ୍ଡ ବିପକ୍ଷରେ ଖେଳିବ। ଦଳ ଫାଇନାଲରେ ସ୍ଥାନ ପକ୍କା କରିସାରିଥିବାରୁ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଦଳ ବିପକ୍ଷରେ ନିଜର ଆକ୍ରମଣାତ୍ମକ ଖେଳକୁ ପରଖିବା ସହ ବିପୁଳ ବିଜୟ ହାସଲ କରିବା ଲକ୍ଷ୍ୟ ରଖିଛି। ୬ଟି ଦଳକୁ ନେଇ ହେଉଥିବା ଟୁର୍ନାମେଣ୍ଟରେ ଭାରତ ୩ ବିଜୟ ଓ ଗୋଟିଏ ଡ୍ର ସହ ୧୦ ପଏଣ୍ଟ ଅର୍ଜନ କରିଛି। ଦଳ ଶନିବାର ଦକ୍ଷିଣ କୋରିଆ ସହ ଟାଇଟଲ ମୁକାବିଲା କରିବ। ଦକ୍ଷିଣ କୋରିଆ ମଧ୍ୟ ସମାନ ୧୦ ପଏଣ୍ଟ ଅର୍ଜନ କରିଥିଲେ ମଧ୍ୟ ଗୋଲ ବ୍ୟବଧାନ ଦୃଷ୍ଟିରୁ ଭାରତ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଦୁଇ ଫାଇନାଲିଷ୍ଟ ଦଳ ପାଇଁ ସେମାନଙ୍କ ଅନ୍ତିମ ଲିଗ୍ ମ୍ୟାଚ ଗୁରୁତ୍ୱହୀନ ଥିଲେ ମଧ୍ୟ ଉଭୟେ ସେମାନଙ୍କ ବିଜୟ ଧାରା ବଜାୟ ରଖିବାକୁ ଚାହିଁବେ। ବିଶ୍ୱ ର୍‍ୟାଙ୍କିଂରେ ପୋଲାଣ୍ଡର ସ୍ଥାନ ୨୧ଶ ରହିଥିବାରୁ ୫ ର୍‍ୟାଙ୍କିଂପ୍ରାପ୍ତ ଭାରତ ପାଇଁ ଏହି ମ୍ୟାଚ ସହଜ ଆଶା କରାଯାଉଛି। କେବଳ କୋରିଆ ବିପକ୍ଷ ମ୍ୟାଚକୁ ଛାଡ଼ିଦେଲେ ଭାରତ ଏହି ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଛି। ଦଳ ଜାପାନ ବିପକ୍ଷରେ ୨-୦ ଗୋଲରେ ବିଜୟ ହାସଲ କରିଥିବାବେଳେ ଆୟୋଜକ ମାଲେସିଆକୁ ୪-୨ରେ ଏବଂ କାନାଡାକୁ ୭-୩ରେ ପରାସ୍ତ କରିଛି। କୋରିଆ ସହିତ କିନ୍ତୁ ମ୍ୟାଚକୁ ୧-୧ରେ ଅମୀମାଂସିତ ରଖିଛି। କୋରିଆ ବିପକ୍ଷ ବଡ଼ ଫାଇନାଲ ଖେଳିବା ପୂର୍ବରୁ ଭାରତୀୟ ଦଳ ଶୁକ୍ରବାର ମ୍ୟାଚରେ ଏହାର ଆଟାକିଂ କମ୍ବିନେଶନ ଉପରେ ନଜର ରଖିବ। କାନାଡା ବିପକ୍ଷରେ ହ୍ୟାଟ୍ରିକ୍ ଅର୍ଜନ କରିଥିବା ମନଦୀପ ସିଂ ଭାରତୀୟ ଆକ୍ରମଣରେ ନେତୃତ୍ୱ ନେବେ। କିନ୍ତୁ ତାଙ୍କୁ ଅନ୍ୟ ଷ୍ଟ୍ରାଇକରମାନଙ୍କ ସହଯୋଗ ଆବଶ୍ୟକ। ପୋଲାଣ୍ଡ ବିପକ୍ଷ ମ୍ୟାଚରେ ଭାରତ ସଫଳତା ହାସଲ କରିବ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା କରୁଛି। ମନଦୀପଙ୍କ ବ୍ୟତୀତ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବା କ୍ଷେତ୍ରରେ ବରୁଣ କୁମାରଙ୍କ ପ୍ରଦର୍ଶନ ମଧ୍ୟ ପ୍ରଭାବୀ ରହିଛି। ମନଦୀପ କହିଛନ୍ତି, ଆମଠାରୁ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଦଳ ହୋଇଥିଲେ ମଧ୍ୟ ଆମେ ପୋଲାଣ୍ଡକୁ ହାଲ୍‌କା ଭାବେ ନେଉ ନାହୁଁ। ଏଥିରେ ଆମେ ପୁରା ସାମର୍ଥ୍ୟ ଅନୁସାରେ ଖେଳିବୁ। ଅନ୍ୟପକ୍ଷରେ ପୋଲାଣ୍ଡ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଗୋଟିଏ ହେଲେ ମ୍ୟାଚରେ ଜିତିପାରି ନାହିଁ। ଦଳ ଭାରତ ବିପକ୍ଷରେ ସାନ୍ତ୍ୱନାମୂଳକ ପଏଣ୍ଟ ଲକ୍ଷ୍ୟରେ ରହିବା ସ୍ୱାଭାବିକ, କିନ୍ତୁ ତାହା ସହଜ ନୁହେଁ। ଟୁର୍ନାମେଣ୍ଟରେ ପୋଲାଣ୍ଡ ୧-୫ରେ ମାଲେସିଆଠାରୁ ୦-୪ରେ କାନାଡା ଏବଂ ଜାପାନଠାରୁ ୦-୩ରେ ପରାଜିତ ହୋଇଛି। କିନ୍ତୁ ଦଳ ଏକମାତ୍ର ଟିମ୍ କୋରିଆ ସହିତ ଫାଇଟ୍ କରିଛି। ଏହି ଦଳ ନିକଟରୁ ୩-୨ରେ ହାରିଯାଇଥିଲା। ଆଜଲାନ ଶାହ କପ୍‌ରେ ସବୁଠାରୁ ଅଧିକ ସଫଳତା ହାସଲ କରିଥିବା ଦଳ ହେଉଛି ଅଷ୍ଟ୍ରେଲିଆ (୧୦ ଟାଇଟଲ)। ଏହା ପଛକୁ ଭାରତ ୫ ଟାଇଟଲ ସହ ଦ୍ୱିତୀୟ ସ୍ଥାନରେ ରହିଛି।

# ମାୟାମି ଓପନ୍ କ୍ୱାର୍ଟରରେ ଫେଡରର

ମାୟାମି, ୨୮ ।୩ (ଏଏଫ୍‌ପି)

ସୁଇଜରଲାଣ୍ଡ ଟେନିସ ଷ୍ଟାର୍ ରୋଜର ଫେଡରର ଏଠାରେ ଚାଲିଥିବା ମାୟାମି ଓପନ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬'ର ଏକ ମୁକାବିଲାରେ ୩୭ ବର୍ଷୀୟ ଫେଡରର ୬-୪, ୬-୨ ସିଧାସଳଖ ସେଟ୍‌ରେ ରୁଷିଆର ଡାନିଲ ମେଡଭେଡେଭଙ୍କୁ ପରାସ୍ତ କରିଛନ୍ତି। ୨୦ଥର ଗ୍ରାଣ୍ଡସ୍ଲାମ ବିଜେତା ଫେଡରର କ୍ୱାର୍ଟର ଫାଇନାଲରେ ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନଙ୍କୁ ଭେଟିବେ। ୨୦୧୮ ୱିମ୍ବଲଡନ ପ୍ରତିଯୋଗିତାରେ ଆଣ୍ଡରସନ ୫ ସେଟ୍ ମ୍ୟାଚ୍‌ରେ ଫେଡରରଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ତେଣୁ ଫେଡରର ଏହି ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ୨୦ ବର୍ଷ ଧରି ଖେଳି ଆସୁଥିବା ଫେଡରର ଏଥିସହ ୪ର୍ଥ ଟାଇଟଲ ଜିତିବାର ନିକଟତର ହୋଇଛନ୍ତି।

# ସହକାରୀ କୋଚ୍‌ରେ ନିଯୁକ୍ତି ପାଇବେ ଶିବେନ୍ଦ୍ର

ନୂଆଦିଲ୍ଲୀ, ୨୮ ।୩ (ପି.ଟି.)

ଭାରତର ପୂର୍ବତନ ସେଣ୍ଟର ଫରୱାର୍ଡ ଶିବେନ୍ଦ୍ର ସିଂ ଜାତୀୟ ପୁରୁଷ ହକି ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି ପାଇବେ। ଆସନ୍ତା ମାସରେ ସେ ତାଙ୍କ କାର୍ଯ୍ୟରେ ଯୋଗଦାନ କରିବେ। ଅଷ୍ଟ୍ରେଲିଆର ଗ୍ରାହମ ରିଡ୍‌ଙ୍କ ନେତୃତ୍ୱରେ ଗଠନ ହେବାକୁ ଥିବା କୋଚିଂ ଷ୍ଟାଫ୍‌ର ସେ ପ୍ରମୁଖ ସଦସ୍ୟ ରହିବେ। ରିଡ୍‌ଙ୍କ ନିଯୁକ୍ତି କେବଳ ନାମକୁ ମାତ୍ର ଘୋଷଣା ହେବାକୁ ବାକି ରହିଛି। ଚଳିତ ସପ୍ତାହ ପ୍ରାରମ୍ଭରେ ହକି ଇଣ୍ଡିଆ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ରିଡ୍‌ଙ୍କ ନାମ କ୍ରୀଡ଼ା ମନ୍ତ୍ରଣାଳୟକୁ ସୁପାରିସ କରିଛି। ଶିବେନ୍ଦ୍ରଙ୍କ ବ୍ୟତୀତ ନୂଆ ସେଟ୍‌ଅପ୍‌ରେ ବର୍ତ୍ତମାନ ଆନାଲିଟିକାଲ କୋଚ୍ ଭାବେ କାର୍ଯ୍ୟ କରୁଥିବା ପୂର୍ବତନ ଅଷ୍ଟ୍ରେଲୀୟ ଡ୍ରାଗ୍ ଫ୍ଲିକର କ୍ରିସ୍ ସିରିଲୋ ଅନ୍ୟ ଜଣେ ସହକାରୀ କୋଚ୍ ଭାବେ ସ୍ଥାନ ପାଇବେ। ଶିବେନ୍ଦ୍ର ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଜିତିଥିବା ଭାରତୀୟ ହକି ଦଳର ଜଣେ ଅନ୍ୟତମ ସଦସ୍ୟ ଥିଲେ। ଗୁଆଙ୍ଗଝୋ ଏସିଆନ ଗେମ୍ସ ୨୦୧୦ ବ୍ରୋଞ୍ଜ ବିଜୟୀ ଦଳର ମଧ୍ୟ ସେ ଜଣେ ସଦସ୍ୟ ଥିଲେ। ସେ ଆହୁରି ମଧ୍ୟ ୨୦୦୭ରେ ଏସିଆ କପ୍ ଏବଂ ୨୦୧୦ରେ ସୁଲ୍‌ତାନ ଆଜଲାନ ଶାହ କପ୍ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। କୋଚିଂ ସେଟ୍‌ଅପ୍‌ରେ ସାଇ କୋଚ୍ ପୀୟୂଷ କୁମାର ଦୁବେ ସ୍ଥାନ ପାଇବେ। ଦୁବେ ବର୍ତ୍ତମାନ ମାଲେସିଆରେ ଆଜଲାନ ଶାହ କପ୍ ହକି ଖେଳୁଥିବା ଭାରତୀୟ ହକି ଦଳ ସହିତ ଅଛନ୍ତି।

CLASSIFIED DISPLAY

ORANE INTERNATIONAL SCHOOL OF BEAUTY & WELLNESS
ଆଡଭାନ୍ସ ଡିପ୍ଲୋମା
ହେୟାର • ବିୟୁଟି
ମେକ୍‌ଅପ୍
and work anywhere in the world
80+ Schools | 13 States | 45,000+ Students
Call: 73288-24255, 73288-24260 73288-24257
Plot No 5, 3rd Floor, Santosh Plaza, Janapath Satya Nagar, Bhubaneshwar

ଭାତୁଡ଼ି କିଲଏଡ଼ ମାଛଆଖିଆ
ବିନା ଅପରେସନରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ସମୟ: ସକାଳ ୮.୩୦ଘ.ରୁ ମଧ୍ୟାହ୍ନ ୧.୩୦ମି.
ଏବଂ ସନ୍ଧ୍ୟା ୫.୦୦ଘ.ରୁ ରାତି ୯.୦୦ଘ. ପର୍ଯ୍ୟନ୍ତ
ASHOK HEALTH CARE
Jagamara, Bhubaneswar
Mob.: 9861038392, 7077163500

LISAS'IAS
2, Budha Nagar, Bhubaneswar - 751 006, Ph.No. : 9338222113, 9337594620
Website : www.lisasias.org, E-mail : lisascivils@lisasias.org
THE FIRST AND BEST INSTITUTE OF ODISHA FOR CIVIL SERVICES EXAMS.
IAS/OAS (PRELIM, MAIN & VIVA)
FOUNDATION COURSE FOR CIVIL SERVICES (FOR UNDER-GRADUATES)
ACHIEVEMENTS OF LISAS'IAS IN CIVIL SERVICES EXAMS.
- IAS-4 , IPS - 6, IRS - 5, IRAS -1, INDIAN POSTAL SERVICE - 1, I.Fo.S - 1, I.E.S. - 1
- 750 IN OAS EXAMS. WITH 4 TOPPERS & 3 LADY TOPPERS
SPECIAL FEATURES
- Guidance by Experienced Faculties
- Exam. Oriented Study Materials
- Regular Unit Tests and VSTs with Doubt Clarification Sessions
- Library with A/C Reading Room Facility
- Weekly Current Affairs & Monthly Magazine (LISAS CAREER IN FOCUS)
26 Years of Excellence

SPOKEN ENGLISH
veta
Experts in spoken English
ଆସନ୍ତୁ ଭଲ ଇଂଲିସ୍ କହିବା
Patia 9337051526
Khandagiri 9338644666
Saheed Nagar 9338154139
Buxi Bazar 9778044550
Balasore 7735033550

GENERAL ELECTION 2019
ବିଜୁ ଜନତା ଦଳ
BJP
FLEX PRINTING | POSTER PRINTING | LEAFLET | PUSHING CARDS | T-SHIRTS & CAPS | FLAGS
In Very Very Competitive Rates
FOR SPECIAL RATE CONTACT (Same Day Delivery)
7008994500, 7894410000

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ଯୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୨୯/୨୦୧୯ Sambalpur, Friday, March 29 / 2019

**ସଂକ୍ଷେପରେ**

## ଲାଞ୍ଚ: ଆର୍‌ଆଇ ଗିରଫ

କଟକ ଅଫିସ/ରାଜଗାଙ୍ଗପୁର ୨୮।୩ (ଡି.ଏନ.ଏ.)- ୮ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ରାଜସ୍ୱମଣ୍ଡଳର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ମାନସୀ ସାହୁ। ସେ ଗୁରୁବାର ଏହି ଲାଞ୍ଚ ରାଜଗାଙ୍ଗପୁର ଥାନା ଅଧୀନ ମାଲିଡିହି ଗ୍ରାମର ସୁଦୀପ ଟପ୍ପୋ ନାମକ ବ୍ୟକ୍ତିଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଏକ ମ୍ୟୁଟେଶନ କେସ୍‌ର ରିପୋର୍ଟ ଦାଖଲ କରିବା ନିମନ୍ତେ ଆର୍‌ଆଇ ସାହୁ ଏହି ଲାଞ୍ଚ ଦାବି କରିଥିଲେ। ଗୁରୁବାର ମଧ୍ୟାହ୍ନ ୧୨ଟା ୩୦ରେ ସାହୁ ନିଜ ଅଫିସରେ ଟପ୍ପୋଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରି ନିଜ ଭ୍ୟାନିଟ୍ ବ୍ୟାଗ୍‌ରେ ରଖିଥିଲେ। ଏହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିବା ସହିତ ଭ୍ୟାନିଟ୍ ବ୍ୟାଗ୍‌ରୁ ଲାଞ୍ଚ ଟଙ୍କାକୁ ଜବତ କରିଥିଲେ। ପରେ ରାଉରକେଲାସ୍ଥିତ ଆର୍‌ଆଇଙ୍କ ଆବାସିକ ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା(ନଂ.୧୦/୧୯) ରୁଜୁ କରାଯାଇ ଆର୍‌ଆଇଙ୍କୁ ଗିରଫ କରାଯାଇଛି।

# ସିକନ୍ଦରାବାଦରେ ବନ୍ଧା ପଡ଼ିଛନ୍ତି ଶ୍ରମିକ

- ନିର୍ଯାତନା ସହି ନ ପାରି ୨ ଖସି ଆସିଲେ
- ଶ୍ରମବିଭାଗକୁ ଜଣାଇବା ସତ୍ତ୍ୱେ ମିଳିଲାନି ସୁଫଳ
- ଉଦ୍ଧାର ପାଇଁ ପରିବାର ଲୋକଙ୍କ ନିବେଦନ

**ବରଗଡ଼ ଅଫିସ୍,୨୮।୩**

ବରଗଡ଼ ଜିଲାରୁ ଜିଲା ତଥା ରାଜ୍ୟ ବାହାରକୁ ଦାଦନ ଚାଲାଣ ବନ୍ଦ ହେବା ନାଁ ନେଉନାହିଁ। ଜିଲାର ପଦ୍ମପୁର ଉପଖଣ୍ଡରେ ଏହା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଦୁଇଦିନ ତଳେ ଏହି ଉପଖଣ୍ଡ ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ କନ୍ଧମୁଣ୍ଡା ଗ୍ରାମର ଜଣେ ଶ୍ରମିକ ହାଇଦ୍ରାବାଦର ଏକ ଇଟାଭାଟିରେ ବନ୍ଧା ପଡ଼ିଥିବା ତାଙ୍କ ସ୍ତ୍ରୀ ଓ ଅନ୍ୟମାନଙ୍କୁ ଉଦ୍ଧାର ପାଇଁ ପୋଲିସ ନିକଟରେ ଫେରାଦ ହୋଇଥିଲେ। ସେହିପରି ଗୁରୁବାର ପଦ୍ମପୁର ଥାନା ଖଇରପାଲି ଗ୍ରାମର ଦୁଇଭାଇ ଅଶ୍ୱିନୀ ତାଣ୍ଡି ଓ ଲବ ତାଣ୍ଡି ତାଙ୍କ ଭଉଣୀ, ଭଉଣୀ ଜ୍ୱାଇଁ ଏବଂ ଅନ୍ୟମାନଙ୍କୁ ଉଦ୍ଧାର ପାଇଁ ବରଗଡ଼ ଜିଲା ଶ୍ରମ ଅଧିକାରୀ (ଡିଏଲଓ)ଙ୍କ ଅଫିସକୁ ଗୁହାରୀ କରିଥିଲେ।

ସୂଚନା ଅନୁସାରେ, ଗତ ୩ ମାସ ତଳେ ଖଇରପାଲି ଗ୍ରାମର ଅଶ୍ୱିନୀଙ୍କ ଭଉଣୀ ଓ ଭଉଣୀ ଜ୍ୱାଇଁଙ୍କ ସମେତ ୧୫ଜଣ ସିକନ୍ଦରାବାଦର ମେଦକ ଜିଲା ନାଶାପୁର ଥାନା କୁଟାପେଟତାଣ୍ଡାକୁ ଦାଦନ ଖଟିବାକୁ ଯାଇଥିଲେ। ସେମାନେ ସେଠାକାର ଜଣେ ଇଟାଭାଟି ମାଲିକ ଫକୀର ନାୟକ ଓରଫ୍ କପିଳ ସେଠଙ୍କ ଇଟାଭାଟିରେ କାମ କରୁଥିଲେ। ଶ୍ରମିକମାନେ ଇଟାଗଢ଼ାଠାରୁ ଆରମ୍ଭ କରି ଅନ୍ୟ କାମ କରୁଥିଲେ ସୁଦ୍ଧା ଇଟାଭାଟି ମାଲିକ ସେମାନଙ୍କୁ ଠିକ୍ ଭାବେ ପାରିଶ୍ରମିକ ପ୍ରଦାନ କରୁନାହାନ୍ତି। ଅନ୍ୟପକ୍ଷେ ଶାରୀରିକ, ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହେଉଛି। ଏପରିକି ସେଠାରୁ କାମ ଛାଡ଼ି ଘରକୁ ଫେରି ଆସିବା ପାଇଁ ଶ୍ରମିକମାନେ ଚାହୁଁଥିଲେ ସୁଦ୍ଧା ଇଟାଭାଟି ମାଲିକ ସେଠାରୁ ସେମାନଙ୍କୁ ଛାଡୁ ନାହାନ୍ତି। ୨ ଜଣ ଶ୍ରମିକ ପ୍ରହଲ୍ଲାଦ ସୁନା ଓ ସନ୍ତୋଷେ ହରିପାଲ ସେଠାରୁ କୌଶଳକ୍ରମେ ଖସି ଆସି ଗ୍ରାମରେ ପହଞ୍ଚିବା ପରେ ଘଟଣାଟି ପଦାକୁ ଆସିଥିଲା। କେବଳ ସେତିକି ନୁହେଁ, ସେଠାରେ ଥିବା ଜଣେ ଶ୍ରମିକ ଗଜେନ୍ଦ୍ର ବେସରାଙ୍କ ସ୍ତ୍ରୀ ଜୟନ୍ତୀ ଗର୍ଭବତୀ ଥିବାବେଳେ ଚିକିତ୍ସା ପାଇଁ ତାଙ୍କୁ ଇଟାଭାଟି ମାଲିକ ଛାଡ଼ି ନ ଥିଲେ। ପରେ କିଛି ଶ୍ରମିକ ଜୋରଜବରଦସ୍ତ ଗର୍ଭବତୀ ମହିଳାଙ୍କୁ ବୁଧବାର ଡାକ୍ତରଖାନା ନେଇଥିଲେ ବୋଲି ଅଶ୍ୱିନୀ କହିଛନ୍ତି। ସେଠାରେ ଇଟାଭାଟି ମାଲିକ ଶ୍ରମିକଙ୍କୁ ଏଭଳି ନିର୍ଯାତନା ଦିଆଯାଉଥିବା ଯୋଗୁ ତାଙ୍କ ଭଉଣୀ, ଭଉଣୀ ଜ୍ୱାଇଁଙ୍କ ସମେତ ଅନ୍ୟମାନଙ୍କୁ ଉଦ୍ଧାର କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେ ନିବେଦନ କରିଛନ୍ତି। ତେବେ ସିକନ୍ଦରାବାଦରେ ବନ୍ଧା ପଡ଼ିଥିବା ଏହି ଶ୍ରମିକଙ୍କ ଉଦ୍ଧାର ପାଇଁ ପୂର୍ବରୁ ଗତ ୧୪ତାରିଖରେ ସେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଫେରାଦ ହୋଇଥିଲେ। ମନ୍ତ୍ରୀ ମଧ୍ୟ ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ସେଠାରେ ବନ୍ଧା ପଡ଼ିଥିବା ଶ୍ରମିକମାନେ ଏ ପର୍ଯ୍ୟନ୍ତ ଉଦ୍ଧାର ହୋଇ ନ ପାରିବା ଶ୍ରମ ବିଭାଗର ଅପାରଗତାକୁ ପଦାରେ ପକାଇ ଦେଇଛି।



ବନ୍ଧା ପଡ଼ିଥିବା ଶ୍ରମିକଙ୍କୁ ଉଦ୍ଧାର ପାଇଁ ଡିଏଲଓଙ୍କୁ ଫେରାଦ ହୋଇଥିବା ସମ୍ପର୍କୀୟମାନେ ।






# ନାଟକ ସମାଜକୁ ଦିଗ୍‌ଦର୍ଶନ ଦିଏ

## ସମ୍ବଲପୁରୀ ନାଟକ ବଛର୍ ମଞ୍ଚସ୍ଥ



ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ସୋନପୁର,୨୮।୩(ନି.ପ୍ର.)**

କେବଳ ମନୋରଞ୍ଜନ ନୁହେଁ, କୁସଂସ୍କାରମୁକ୍ତ ସମାଜ ଗଠନ ଓ ପ୍ରଗତିଶୀଳ ଚିନ୍ତାଧାରା ଉନ୍ମେଷ ଦିଗରେ ନାଟକ ଏକ ବଳିଷ୍ଠ ମାଧ୍ୟମ। ନାଟକ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ନାଟକ ବହୁତ କିଛି ଶିଖାଏ ତେଣୁ ନାଟକ ବଞ୍ଚି ରହିବା ଜରୁରି ବୋଲି ନାଟ୍ୟଚକ୍ର ଅନୁଷ୍ଠାନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଲେଖକ ଓ ନିର୍ଦ୍ଦେଶକ ଡ. ପଞ୍ଚାନନ ମିଶ୍ର ଏହି ମତବ୍ୟକ୍ତ କରିଛନ୍ତି। ଭୀମଭୋଇ କଳା ମଣ୍ଡପଠାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ମଦନ ସୁନ୍ଦର କ୍ଷେତି ଯୋଗଦେଇ ସମାଜ ପରିବର୍ତ୍ତନରେ ନାଟକର ବଳିଷ୍ଠ ଭୂମିକା ରହିଛି ବୋଲି କହିଥିଲେ। ନାଟ୍ୟଚକ୍ରର ଉପଦେଷ୍ଟା ନାଟ୍ୟକାର ଶ୍ୟାମା ଓଁ ପ୍ରସାଦ ମିଶ୍ର ଯୋଗଦେଇ ଗ୍ରାମାଞ୍ଚଳରେ ଥିବା ନାଟ୍ୟ ଅନୁଷ୍ଠାନକୁ ପୁନର୍ଜୀବିତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ନାଟ୍ୟଚକ୍ର ଅନୁଷ୍ଠାନର ମନୋଜ ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ। ନାଟକ ମାଧ୍ୟମରେ ସମାଜକୁ ଭଲ ବାର୍ତ୍ତା ଦେଇ ସଚେତନ ଓ ପରିମାର୍ଜ୍ଜିତ କରିବା ହେଉଛି ନାଟକର ମୂଳ ଲକ୍ଷ୍ୟ ବୋଲି ବାରିକ କହିଥିଲେ। ନାଟ୍ୟଚକ୍ର ଅନୁଷ୍ଠାନର ପଞ୍ଚମ ଜନ୍ମ ଦିବସ ଉପଲକ୍ଷେ ପଦ୍ମଶ୍ରୀ ଡ. ହଳଧର ନାଗଙ୍କ ମୂଳକଥା ବସ୍ତୁ, ନାଟ୍ୟ ରୂପାନ୍ତର ଅଧ୍ୟାପକ ମଦନ ସୁନ୍ଦର କ୍ଷେତି ଓ ମନୋଜ କୁମାର ବାରିକଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ ବଛର୍ ମଞ୍ଚସ୍ଥ ହୋଇଥିଲା। ସୌମ୍ୟକାନ୍ତ ମିଶ୍ର, ଶ୍ରଦ୍ଧାଞ୍ଜଳି ଷଡଙ୍ଗୀ, ବିଜୟଲକ୍ଷ୍ମୀ ଜାଲ, ସୁବାଷ ରଣା, ରାଜା ମହାରଣା, ଜ୍ୟୋତିର୍ମୟୀ ବାରିକ, ସ୍ୱାଗତିକା ମିଶ୍ର, କିରଣମୟୀ ବାରିକ, ବାଲଗୋପାଳ ଓ ଅଭିଶେକ ପ୍ରମୁଖ ଅଭିନୟ କରିଥିଲେ। ନୀଳମାଧବ ପଧାନ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା

# ବିନା ଅନୁମତିରେ ବୁଲୁଛି କାଳିଆ ପ୍ରଚାର ଗାଡ଼ି

**ଭୁବନେଶ୍ୱର,୨୮।୩(ବ୍ୟୁରୋ)**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହିତ ବିଜୁ ଜନତା ଦଳର ଭିତିରି ସମ୍ପର୍କ ରହିଛି। ନିର୍ବାଚନର ଆଦର୍ଶ ଆଚରଣବିଧି ଲାଗୁ ହେବା ପରେ ମଧ୍ୟ ପୁରୀରେ ବିନା ଅନୁମତିରେ ବେଆଇନ ଭାବେ କାଳିଆ ପ୍ରଚାର ଗାଡ଼ି ବୁଲୁଛି ବୋଲି ଭାଜପା ଅଭିଯୋଗ କରିଛି। ସେହିପରି କାଠଯୋଡ଼ି ପୋଲ ପାଖରେ ୧୦୦ ଫୁଟର ହୋର୍ଡିଂ ଲାଗିଛି। ବାରମ୍ବାର ଅଭିଯୋଗ ପରେ ବି ନିର୍ବାଚନ ଅଧିକାରୀ ଶାସକ ବିଜେଡି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି । ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି କାଳିଆ ଯୋଜନା ପ୍ରଚାର ଗାଡି ଏବଂ ଶାସକ ବିଜେଡି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛି । ଏଥିସହ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବାକୁ ନିର୍ବାଚନ କମିଶନଙ୍କ ନିକଟରେ ଭାଜପା ଦାବି କରିଛି । କାଳିଆ ଯୋଜନାର ବଡ଼ ବଡ଼ ହୋର୍ଡିଂ ଲଗାଯାଇଛି। କାଠଯୋଡି ପୋଲ ନିକଟରେ ମଧ୍ୟ ୧୦୦ ଫୁଟରେ କାଳିଆ ହୋର୍ଡିଂ ଲାଗିଛି। ପୁରୀରେ କାଳିଆ ଭ୍ୟାନ୍ (ନଂ.ଏଥାର ୬୭ ସି – ୪୨୭୧) ବୁଲୁଛି। ଉକ୍ତ ଗାଡିକୁ ତୁରନ୍ତ ଜବତ କରିବା ସହ ବିନା ଅନୁମତିରେ ଏଭଳି ଗାଡି ବୁଲି ଶାସକ ବିଜେଡିର ପ୍ରଚାର କରୁଥିବାରୁ ତୁରନ୍ତ ଏହା ଉପରେ କଟକଣା ଲଗାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର ଓ ଜୀବନ ସାହୁ, ଭାଜପା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ଆଇନଜୀବୀ ରବିଶଙ୍କର ପଟ୍ଟନାୟକ ଓ ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ।






## କଳାପଥର ଡାକ ପିଅନଙ୍କୁ ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ତନାଘନା

**ସୋନପୁର,୨୮।୩(ନି.ପ୍ର)**

ସୋନପୁର ଥାନା ଏସ.କଳାପଥର ଡାକଘରର ପିଅନ ଶତୃଘ୍ନ ଷାଣ(୫୫)ଙ୍କ ହତ୍ୟାକାରୀଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି । ପୋଲିସ ତନାଘନା ଜାରି ରଖିଥିଲେ ହେଁ ଅଭିଯୁକ୍ତଙ୍କୁ ଠାବ କରିବାକୁ ସକ୍ଷମ ହୋଇପାରିନି। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୨୦ତାରିଖ ଭୋର ସମୟରେ ଶତୃଘ୍ନଙ୍କୁ ହତ୍ୟା କରାଯାଇଥିଲା। ଅର୍ଜୁନପୁର ଜଙ୍ଗଲରୁ ତାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଥିଲା। ଟଙ୍କା ପଇସା ଭାଗବଣ୍ଟା କିମ୍ବା ଜମିଜମା ଗଣ୍ଡଗୋଳକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହେଉଛି। ଏହି ହତ୍ୟା ଘଟଣାରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ରହିଛି। ଏକାଧିକ ଲୋକ ଗୋଡାଇ ଗୋଡାଇ ଧାରୁଆ ଓଜନିଆ ଅସ୍ତ୍ରରେ ହାଣି ତାଙ୍କୁ ହତ୍ୟା କରିଥିଲେ। ସୋନପୁର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶତୃଘ୍ନ ସବୁଦିନ ଭଳି ରାତି ସାଢେ ୩ଟାରେ ଘରୁ ବାହାରି ନିକଟସ୍ଥ ବନ୍ଧକୁ ଗାଧୋଇବା ପାଇଁ ଯାଇଥିଲେ। ତେବେ ଘଟଣା ଦିନ ସେଠାରୁ ୧ କିଲୋମିଟର ଦୂର ଜଙ୍ଗଲକୁ ସେ କାହା ସହିତ ଯାଇଥିଲେ ତାର ସୁରାକ୍ ଖୋଜୁଛି ପୋଲିସ। ଆର୍ଥିକ ଦିଗକୁ ନେଇ ମଧ୍ୟ ତଦନ୍ତ ଚାଲିଛି। ମୃତକଙ୍କ ମୋବାଇଲ କଲ ଡିଟେଲ୍ସକୁ ଯାଞ୍ଚ କରାଯାଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ଲୋକେଶ୍ୱର ସାହୁ କୁହନ୍ତି ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି । ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ।

# ବିପର୍ଯ୍ୟୟ ଘଟାଇଲେ ଶୁଭଙ୍କର

**ନୂଆଦିଲ୍ଲୀ, ୨୮।୩(ପି.ଟି.)**

ଭାରତୀୟ ଯୁବ ସଟ୍‌ଲର ଶୁଭଙ୍କର ଦେ ଏଠାରେ ଚାଲିଥିବା ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିପର୍ଯ୍ୟୟ ଘଟାଇଛନ୍ତି। ପୁରୁଷ ସିଙ୍ଗଲ୍ସ ମୁକାବିଲାରେ ଶୁଭଙ୍କର ୧୪-୨୧, ୨୨-୨୦, ୨୧-୧୧ ଗେମ୍‌ରେ ୪ର୍ଥ ସିଡ୍ ଇଣ୍ଡୋନେସିଆର ଟମି ସୁଗିଆର୍ତୋଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୪୪ତମ ସ୍ଥାନରେ ରହିଥିବା ୨୫ ବର୍ଷୀୟ ଶୁଭଙ୍କର ପ୍ରଥମ ଗେମ୍‌କୁ ୧୪-୨୧ରେ ହାରିଯାଇଥିଲେ ମଧ ପରବର୍ତ୍ତୀ ୨ ଗେମ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ମ୍ୟାଚ୍ ଜିତିନେଇଥିଲେ। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧରେ କିଡାମ୍ବୀ ଶ୍ରୀକାନ୍ତ, ଏଚ୍.ଏସ୍. ପ୍ରଣୟ, ବି. ସାଇ ପ୍ରଣୀଥ୍, ସମୀର ବର୍ମା, ପି.ଭି. ସିନ୍ଧୁ ପ୍ରମୁଖ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି।






# ସାଥୀ ଖେଳାଳିଙ୍କୁ ଡିନର ଦେଲେ ୟୁସୁଫ୍



ୟୁସୁଫ ପଠାନଙ୍କ ଡିନର ପାର୍ଟି।

**ହାଇଦ୍ରାବାଦ, ୨୮।୩**

ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବିସ୍ଫୋରକ ଭାରତୀୟ ବ୍ୟାଟ୍ସମ୍ୟାନ ୟୁସୁଫ୍ ପଠାନ ବୁଧବାର ନିଜର ୬ଷ୍ଠ ବିବାହ ବାର୍ଷିକୋତ୍ସବ ପାଳନ କରିଛନ୍ତି। ଏହି ଅବସରରେ ୟୁସୁଫ୍ ସନରାଇଜର୍ସ ଟିମ୍ ଓ ଷ୍ଟାଫ୍‌ମାନଙ୍କ ପାଇଁ ଏକ ଡିନର ପାର୍ଟିର ଆୟୋଜନ କରିଥିଲେ। ସ୍ତ୍ରୀ ଆରଫିନ ଖାଁଙ୍କ ସହ ମିଶି ଡିନର ପାର୍ଟିର ଏକ ଫଟୋ ୟୁସୁଫ୍ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେହିଭଳି ହାଇଦ୍ରାବାଦ ଟିମ୍ ପକ୍ଷରୁ ମଧ ସୋସିଆଲ ମିଡିଆରେ ଫଟୋ ଶେୟାର କରାଯାଇ ୟୁସୁଫ୍‌ଙ୍କୁ ଶୁଭେଚ୍ଛା ଜଣାଯାଇଛି। ଆଫଗାନିସ୍ତାନ ଅଲ୍‌ରାଉଣ୍ଡର ରଶିଦ ଖାଁ ଏହି ଡିନର ପାର୍ଟି ପାଇଁ ୟୁସୁଫ୍‌ଙ୍କୁ ଧନ୍ୟବାଦ ଜଣାଇବା ସହ ଇର୍ଫାନ ପଠାନଙ୍କୁ ମିସ୍ କରିଥିବା ଟୁଇଟରରେ ଉଲ୍ଲେଖ କରିଛନ୍ତି। ଚଳିତ ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ହାଇଦ୍ରାବାଦ ବର୍ତ୍ତମାନ ସୁଦ୍ଧା ଗୋଟିଏ ମ୍ୟାଚ୍ ଖେଳି କୋଲକାତା ନାଇଟ ରାଇଡର୍ସଠାରୁ ପରାଜୟବରଣ କରିଛି। ଦଳ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଶୁକ୍ରବାର ରାଜସ୍ଥାନ ରୟାଲ୍ସକୁ ଭେଟିବ।

# ୩୦ରେ ଆର୍ଥ ଆୱାର

ଭୁବନେଶ୍ୱର,୨୮।୩(ବ୍ୟୁରୋ): ମାର୍ଚ୍ଚ ୩୦ ତାରିଖ ଶନିବାର 'ଆର୍ଥ ଆୱାର ୨୦୧୯' ପାଳନ କରାଯିବ। ପ୍ରତିବର୍ଷ ପରି ଚଳିତବର୍ଷ ମଧ ରାତି ୮ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ବିଦ୍ୟୁତ୍ ବଲ୍‌ବ ବନ୍ଦ କରାଯାଇ ଆର୍ଥ ଆୱାର ପାଳନ କରାଯିବ। ୨୦୦୭ରେ ଅଷ୍ଟ୍ରେଲିଆର ସିଡ୍‌ନୀରେ ୨୨ଲକ୍ଷ ଲୋକ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟାକୁ ଆଖି ଆଗରେ ରଖି ୧ ଘଣ୍ଟା ପାଇଁ ଲାଇଟ୍ ଅଫ୍ କରି ଆର୍ଥ ଆୱାର ପାଳନ କରିଥିଲେ। ତା' ପରବର୍ଷ ୩୫ ଦେଶର ୫କୋଟି ଲୋକ ଏହାକୁ ପାଳନ କଲେ। ଏହାପରଠାରୁ ଧୀରେ ଧୀରେ ଅନ୍ୟ ଦେଶରେ ମଧ ପାଳନ କରାଗଲା। ଗତବର୍ଷ ୧୮୦ ଦେଶ ଏହାକୁ ପାଳନ କରିଥିଲେ। ତେବେ ରାଜଧାନୀ ଭୁବନେଶ୍ୱର ୨୦୦୭ରୁ ଏହି ଦିବସକୁ ପାଳନ କରିଆସୁଛି।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୨୯ ମାର୍ଚ୍ଚ, ୨୦୧୯



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଅଂଶୁଘାତ ସଚେତନତା ଶିବିର

**ଉଲୁଣ୍ଡା, ୨୮।୩ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଇଁଲାଛାଟ ଗ୍ରାମରେ ଗୁରୁବାର ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗାଁ କଲ୍ୟାଣ ସମିତି ସଭାପତି ପୂର୍ଣ୍ଣିମା ରଣାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ ନୟନା ସେଠୀ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଗ୍ରାମବାସୀଙ୍କୁ ଅଂଶୁଘାତର କାରଣ ଓ ନିରାକରଣ ଉପରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାଁ ସ୍ୱାସ୍ଥ୍ୟ ସମୀକ୍ଷକ ଶମ୍ଭୁରାଜ କର୍ଣ୍ଣ, ସୁଶୀଲ ମୁଦୁଲି ପ୍ରମୁଖ ଯୋଗଦେଇ ଅଂଶୁଘାତରୁ କିପରି ନିଜକୁ ରକ୍ଷା କରାଯାଇ ପାରିବ ତାହା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ସତ୍ୟବତୀ ପଧାନ ପ୍ରଥମ, ଅଳି ଦେହେରୀ ଦ୍ୱିତୀୟ ଏବଂ ଆରତୀ ଦାସ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ଆଶାକର୍ମୀ ନମିତା ରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜୁ ଯୁବ, ଛାତ୍ର ଜନତାର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ବିନିକା, ୨୮।୩(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଗ୍ରାମରେ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳର ଜିଲା ସମ୍ପାଦକ ଜୟ ପ୍ରକାଶ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାରଙ୍କ ଓଡିଶା ପ୍ରତି ଅବହେଳା ବିଷୟରେ ଉପସ୍ଥିତ କର୍ମୀଙ୍କୁ ନେତୃବୃନ୍ଦ ସୂଚନା ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଅଚ୍ୟୁତ କଣ୍ଟା, ଶଙ୍କରା ପ୍ୟାକ୍ସ ସଭାପତି ଧର୍ମରାଜ ପଣ୍ଡା, ସମିତି ସଭ୍ୟ ନିରଞ୍ଜନ ଭୋଇ, ସାମାଜିକ କର୍ମୀ ଅରବିନ୍ଦ ପଣ୍ଡା, ପ୍ରଶାନ୍ତ ସାହୁ, ମୋହନ ବିଭାର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଦିଲ୍ଲୀପ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୬ପ୍ରହର ନାମଯଜ୍ଞ

**ବିନିକା, ୨୮।୩(ଡି.ଏନ୍.ଏ.):** ବିନିକା ବ୍ଲକ୍ ବାଙ୍କିଘିର୍ଡ ପଞ୍ଚାୟତ ଅନ୍ତର୍ଗତ ସାରଙ୍ଗପାଲି ଗାଁରେ ଚାଲିଥିବା ୨୬ପ୍ରହର ନାମଯଜ୍ଞ ବୁଧବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଯାଇଛି। ନାମଯଜ୍ଞ ପାଇଁ ଶନିବାର ଅଧିବାସ ଓ ୨୪ତାରିଖ ଜୀରାନଦୀରୁ ପୂର୍ଣ୍ଣ କଳସ ଜଳ ଆଣାଯାଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। କଳସ ଯାତ୍ରାରେ ସାରଙ୍ଗପାଲି ଗାଁର ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କର୍ତ୍ତାଭାବେ କମଳାକାନ୍ତ ଭୂଏ ଦାୟିତ୍ୱ ତୁଲାଇଥିଲେ।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଘରଡିହ ପଟ୍ଟା ନଦେଲେ ଭୋଟ ବର୍ଜନ

**ସୋନପୁର,୨୮।୩(ନି.ପ୍ର)**

ସୁବର୍ଣ୍ଣପୁର ସହରରେ ସରକାରୀ ଜମିରେ ଦୀର୍ଘ ବର୍ଷ ଧରି ରହୁଥିବା ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଘରଡିହ ପଟ୍ଟା ପ୍ରଦାନରେ ବିଳମ୍ବ ହେଉଛି। ପ୍ରତିବାଦରେ ସହରର ଭିନ୍ନ ଭିନ୍ନ ୱାର୍ଡର ମହିଳାମାନେ ମ୍ୟୁନିସିପାଲିଟି ଅଫିସ ସମ୍ମୁଖରୁ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ କରିଥିଲେ। ନିର୍ବାଚନ ପୂର୍ବରୁ ପଟ୍ଟା ନ ମିଳିଲେ ଏହି ପରିବାରଗୁଡିକ ଭୋଟଦାନରୁ ବିରତ ରହିବେ ବୋଲି ଚେତାବନୀ ଦେଇଥିଲେ। ପରେ ଉତ୍ତ୍ୟକ୍ତ ମହିଳାମାନେ ମୁଖ୍ୟ ଫାଟକ ଖୋଲି କାର୍ଯ୍ୟାଳୟ ଭିତରକୁ ଧସେଇ ପସିଥିଲେ। ପୂର୍ବ ସୂଚନା ନ ଥିବାରୁ ପୋଲିସ ସୁରକ୍ଷା ବ୍ୟବସ୍ଥା ନଥିଲା। ଆନ୍ଦୋଳନକାରୀମାନେ ଜିଲାପାଳଙ୍କ

**ଜିଲାପାଳଙ୍କ ଅଫିସ ଫାଟକରେ ତାଲା ପକାଇଲେ ମହିଳା**



ଭୂମିହୀନ ପରିବାରର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି।

କାର୍ଯ୍ୟାଳୟରେ ତାଲା ପକାଇବା ସହ ଧାରଣାରେ ବସିଥିଲେ। ଏହି ସମୟରେ ଜିଲାପାଳ ମଧୁସୂଦନ ମିଶ୍ର କିମ୍ବା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅନୁପସ୍ଥିତ ଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା କାରଣରୁ ଏବେ ପଟ୍ଟା ବଣ୍ଟନ ସମ୍ଭବ ନୁହେଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଜିଲାପାଳ ମିଶ୍ର ଆଲୋଚନା ପାଇଁ ସମୟ ମାଗିବା ସହ ସ୍ମାରକପତ୍ର ଗ୍ରହଣ କରିବା ପରେ ଅପରାହ୍ନରେ ମହିଳାମାନେ ଆନ୍ଦୋଳନରୁ ହଟିଥିଲେ। ଭୂମିହୀନଙ୍କ ଉଚ୍ଛେଦ କରାଯିବନି। ଜାଗା ମିଶନରେ ସେମାନଙ୍କୁ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ କରାଯିବାର ପୂର୍ବରୁ ପ୍ରତିଶ୍ରୁତି ମିଳିଥିଲା। କିଛି ଲୋକଙ୍କୁ ପ୍ରଶାସନ ପକ୍ଷରୁ ପଟ୍ଟା ମଧ୍ୟ ମିଳିଥିଲା। ତେବେ ସହରର ବହୁ ଭୂମିହୀନ ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଜ୍ୟୋତିର୍ମୟୀ ରଥଙ୍କ ନେତୃତ୍ୱରେ ନୁର ବେଗମ, ମଦିନା ବିବି, ସୟଦ ରମଜାନ ଅଲି, ଚନ୍ଦନ ଖପରଧିଆ, କୁନି ସାହୁ, ଯଜ୍ଞସେନୀ ଦାସ ଓ ସରୋଜିନୀ ମହଲା ପ୍ରମୁଖ ଶତାଧିକ ମହିଳା ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ବଲାଙ୍ଗୀରରେ ମାତିଲେଣି ସୁନାଚେନ୍ ଲୁଟେରା : ଲୁଟେରା ଫେରାର, ବାଇକ୍ ଜବତ

**ବଲାଙ୍ଗୀର ଅଫିସ, ୨୮।୩**

ବଲାଙ୍ଗୀର ସହରରେ ପୁଣି ସୁନାଚେନ୍ ଲୁଟେରାଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଗତ ୩ ଦିନ ମଧ୍ୟରେ ଲୁଟେରାମାନେ ୩ଜଣ ମହିଳାଙ୍କ ସୁନାଚେନ୍ ଲୁଟିନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ମହିଳା କଲେଜରୁ ରାଜେନ୍ଦ୍ର କଲେଜ ରାସ୍ତାରେ ଜଣେ ମହିଳାଙ୍କ ସୁନାଚେନ୍ ଲୁଟ୍ ହୋଇଛି। ରାଜେନ୍ଦ୍ର କଲେଜ ପୋଷ୍ଟ ଅଫିସରେ କାର୍ଯ୍ୟରତ ପୋଷ୍ଟମାଷ୍ଟର ମୀନାକ୍ଷୀ ଖମାରୀ ରାସ୍ତାରେ ଯାଉଥିବା ବେଳେ ଯୁବକ ଜଣକ ଏକ ନମ୍ବର ବିହୀନ କଳା ପଲସର ବାଇକ୍‌ରେ ଆସି ବେକରୁ ସୁନାଚେନ୍ ଲୁଟି ନେଇଥିଲେ। ସେତିକିବେଳେ ସେ ଚିତ୍କାର କରିବାରୁ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ହେଲେ ଯୁବକ ଜଣକ ବାଇକ୍ ଛାଡି ଫେରାର ହୋଇଯାଇଥିଲେ।

## ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ବୀରମହାରାଜପୁର, ୨୮।୩ (ଡି.ଏନ.ଏ.)**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନର ପ୍ରାରମ୍ଭିକ ପ୍ରକ୍ରିୟା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଅବଧି ସରି ନ ଥିବା ବେଳେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରଚାର। ଦଳୀୟ ପ୍ରାର୍ଥୀ ତଥା ବିଧାୟକ ପଦ୍ମନାଭ ବେହେରା ଗୁରୁବାର ପୂର୍ବାହ୍ନରେ ଦଳର ନିର୍ବାଚନୀ କାର୍ଯ୍ୟାଳୟ ଉଦଘାଟନ କରଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସଂକ୍ଷିପ୍ତ ସମାରୋହରେ ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମକର୍ତ୍ତାଙ୍କ ସହ ବହୁ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ଶେଷରେ ପ୍ରାର୍ଥୀ ବେହେରା ବୀରମହାରାଜପୁର ବ୍ଲକର ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳକୁ ଯାଇ ନେତୃ ସ୍ଥାନୀୟ ବ୍ୟକ୍ତି ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ଭେଟିଥିବା ଜଣାଯାଇଛି।



ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ କର୍ମୀଙ୍କ ସହ ପଦ୍ମନାଭ ବେହେରା।

### ଏପ୍ରିଲ ୧ କଳା ଦିବସ ପାଳନ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ, ୨୮।୩**

ସ୍ଥାନୀୟ ଏମ୍‌ବି ଧର୍ମଶାଳାଠାରେ କୋସଲ ରାଜ୍ୟ ସମନ୍ୱୟ ସମିତିର ବିକ୍ରମ ବହିଦାରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଆସନ୍ତା ଏପ୍ରିଲ ୧ ତାରିଖିକୁ କଳା ଦିବସ ଭାବେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା। ଏପରି କି ଚଳିତ ସାଧାରଣ ନିର୍ବାଚନରେ କୋସଲ ରାଜ୍ୟ ସମନ୍ୱୟ ସମିତିର କ'ଣ ଭୂମିକା ହେବ ସେନେଇ ଆଲୋଚନା କରାଯାଇଥିଲା। କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଉପାଧ୍ୟକ୍ଷ ମନୋରଞ୍ଜନ ସାହୁଙ୍କ ସଂଯୋଜନା କ୍ରମେ ଏବଂ ମନୋରଞ୍ଜନ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଯୋଗଦେଇ ଏପ୍ରିଲ ୧କୁ କଳା ଦିବସ ଭାବେ ପାଳନ କରିବାକୁ କହିବା ସହ ଯୁବକମାନଙ୍କୁ କୋସଲ ରାଜ୍ୟ ଗଠନ ଆନ୍ଦୋଳନରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। କଳା ଦିବସ ପାଳନ ନେଇ ଏକ ଚୁଡାନ୍ତ ବୈଠକ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପୁରସ୍କାର ବିତରଣ




ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

**ଉଲୁଣ୍ଡା ୨୮।୩ (ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ଜାଲୋଏ ସାଧନ କେନ୍ଦ୍ର ଅଧୀନ କଇରାଝୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେଶ ପଧାନଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଇଓ ଗରୁଡଧ୍ୱଜ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷକମାନଙ୍କ ଆଗ୍ରହ ହିଁ ଗୋଟିଏ ସଫଳ ଅନୁଷ୍ଠାନ ଗଠନ କରିପାରେ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ସନ୍ତୋଷ କୁମାର ରଥ, ଗୋପାଳ ପଣ୍ଡା, ସିଆରସିସି ଦାଶରଥୀ ନାଏକ, ଅବସରପ୍ରାପ୍ତ ଶିକ୍ଷକ ଶିରିସ କଳତା ଓ ବେଣୀମାଧବ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ୩୮ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବାଳକ ବିଭାଗର କନିଷ୍ଠ ବର୍ଗରେ ଟିଙ୍କୁନ ବଗର୍ତ୍ତୀ, ବରିଷ୍ଠ ବର୍ଗରେ ରାକେଶ କର୍ଣ୍ଣ ଏବଂ ବାଳିକା ବିଭାଗ କନିଷ୍ଠ ବର୍ଗରେ ପ୍ରତିଭା ପଧାନ, ବରିଷ୍ଠ ବର୍ଗରେ ମମତା ବଗର୍ତ୍ତୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରୀ ନିରୂପମା ମହାକୁର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମମତା ବଗର୍ତ୍ତୀ, ଅନିତା ସାଗର ଓ ମୁକେଶ ମେଣ୍ଡେଲି ପ୍ରମୁଖ ଛାତ୍ରୀଛାତ୍ର ମଞ୍ଚ ପରିଚାଳନା କରିଥିଲେ। ପରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ହୃଷିକେଶ ଚାନ୍ଦ ଧନ୍ୟବାଦ ଦେଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମୂହିକ ବ୍ରତୋପନୟନ

**ବିନିକା, ୨୮।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ନିକଟସ୍ଥ ପାପକ୍ଷୟ ପୀଠରେ ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ଦାସଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଛି ସପ୍ତାହ ବ୍ୟାପୀ ଶ୍ରୀମଦ୍ ଭଗବତ୍ ପାରାୟଣ। ପାରାୟଣର ପଞ୍ଚମ ଦିବସ ଗୁରୁବାର ଆଦିକନ୍ଦ ବାବୁଙ୍କ ପରିଚାଳନାରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ରତୋପନୟନରେ ୨୯ଜଣ ପୁରୋହିତ ୨୯ଜଣ ବ୍ରହ୍ମଚାରୀଙ୍କ ବ୍ରତୋପନୟନ କରାଇଥିଲେ।



ସାମୂହିକ ବ୍ରତୋପନୟନ ପରେ ବ୍ରହ୍ମଚାରୀମାନେ।

## ଭାଜପାରେ ଯୋଗଦେଲେ ବିଜେଡି, କଂଗ୍ରେସ କର୍ମୀ

**ସଇଁତଲା,୨୮।୩(ଡି.ଏନ୍.ଏ.)**

ସଇଁତଲା ବ୍ଲକ ଅଧୀନ କୁମ୍ଭାରୀ ପଞ୍ଚାୟତ ଅନ୍ତର୍ଗତ କାନ୍ଦୁଲସରରେ ଭାଜପାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସ ଓ ବିଜେଡ଼ିର ଶତାଧିକ କର୍ମୀ ଭାଜପାରେ ଯୋଗ ଦେଇଥିଲେ। ସଭାରେ ଭାଜପାର ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ ସଭାପତିତ୍ୱ କରିଥିବା ବେଳେ ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି, ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଅଶୋକ ଦୋରା, ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ଜିଲାପରିଷଦ ସଭ୍ୟା କଳ୍ପନା ଚୌହାନ, ମହିଳା ମୋର୍ଚ୍ଚା ସଭାପତି ନୁରୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନିର୍ବାଚନରେ ଦୋରାଙ୍କୁ ବିଜୟୀ କରିବାକୁ ସମସ୍ତ କର୍ମୀଙ୍କୁ ବିଧାୟକ ସିଂଦେଓ ଆହ୍ୱାନ ଦେଇଥିଲେ। ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ କର୍ମକର୍ତ୍ତା ସ୍ୱାଗତ କରିଥିଲେ।

## ବ୍ଲକସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

**ଜହ୍ନାପଙ୍କ, ୨୮।୩ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ଗଦବସା ପଡିଆରେ ବ୍ଲକସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଲୋକସଭା ବିଜେଡି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ କନ୍ଧମାଳ ଲୋକସଭା ମଣ୍ଡଳୀକୁ ସାରା ଭାରତରେ ଏକ ନମ୍ବର କରିବାକୁ ହେଲେ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ତାଙ୍କୁ ଜିତାଇବାକୁ ପଡିବ ବୋଲି କହିଥିଲେ। ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ବିଜେଡିକୁ ଆଉ ଥରେ ଜିତାଇବାକୁ ନିବେଦନ କରିଥିଲେ। ବ୍ଲକ ବିଜେଡି ସଭାପତି ଅଜିତ କୁମାର ଚାନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଳ, ଜିଲା ସରପଞ୍ଚ ସଂଘ ସଭାପତି ବିଦ୍ୟାଧର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ରେବତୀ ମହାଲିକ, ଜିଲା ପରିଷଦ ସଭ୍ୟା ସସ୍ମିତା ମଲ୍ଲିକ, ଛାତ୍ର ବିଜେଡି ସଭାପତି ସଂଗ୍ରାମ କେଶରୀ ଦାସ, ଜିଲା ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ବିଜେଡି ସଭ୍ୟ ଅଶୋକ କୁମାର ସାହୁ ଯୋଗଦେଇ ଗତ ୧୯ ବର୍ଷର ବିଜେଡି ସରକାରର ସଫଳତା ବଖାଣିଥିଲେ। ଶେଷରେ ମୃର୍ଦ୍ଧୁଣ୍ଡୀ ପଞ୍ଚାୟତର ବିଜେଡି ସଭାପତି ଚନ୍ଦ୍ରଜିତ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।



ନାଟ୍ୟଚକ୍ର ଅନୁଷ୍ଠାନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଭୀମଭୋଇ କଳା ମଣ୍ଡପଠାରେ ପରିବେଷିତ ସମ୍ବଲପୁରୀ ନାଟକ ବଛର୍‌ର ଏକ ଦୃଶ୍ୟ।

# ଶ୍ରମ ଅଧିକାରୀଙ୍କ ଅଫିସ ଘେରାଉ

**ବରଗଡ଼ ଅଫିସ,୨୮।୩**

ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କୁ ସରକାରଙ୍କ ନିର୍ଦ୍ଧାରିତ ହାରରେ ପାରିଶ୍ରମିକ ପ୍ରଦାନ କରୁ ନାହାନ୍ତି। ଏହାର ପ୍ରତିବାଦରେ ସ୍ଥାନୀୟ ଇଡ଼କଲ ସିମେଣ୍ଟ ମଜଦୁର ସଂଘ ନେତୃତ୍ୱରେ କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକମାନେ ବରଗଡ଼ ଜିଲା ଶ୍ରମ ଅଧିକାରୀଙ୍କ ଗୁରୁବାର ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ଅଫିସକୁ ଘେରିଥିଲେ। ଜିଲା ଶ୍ରମ ଅଧିକାରୀ ତାଙ୍କ ପୂର୍ବ ପ୍ରତିଶ୍ରୁତି ରଖି ପାରିନଥିବା ଅଭିଯୋଗ କରି ସେମାନେ କ୍ଷୋଭ ପ୍ରକାଶ କରିଥିଲେ।

ପ୍ରକାଶ ଯେ, ଓଡ଼ିଶା ସରକାରଙ୍କ ଗେଜେଟ୍ ନୋଟିଫିକେଶନ ନଂ-୪୩୧୨୦୮ ତା:- ୩୦/୧୦/୨୦୧୮କ୍ରମେ ଶ୍ରମିକଙ୍କ ଦୈନିକ ପାରିଶ୍ରମିକ ନିର୍ଦ୍ଧାରଣ କରାଯାଇଛି। ଏହି କ୍ରମରେ ଶ୍ରମିକ(ଅନସ୍କିଲ୍ଡ)ଙ୍କ ପାରିଶ୍ରମିକ ୨୦୦, ଶ୍ରମିକ(ସେମି ସ୍କିଲ୍ଡ)ଙ୍କ ପାରିଶ୍ରମିକ ୨୨୦ରୁ ୩୨୦ ଟଙ୍କା, ଶ୍ରମିକ(ସ୍କିଲ୍ଡ) ୨୪୦ରୁ ୩୭୦ ଟଙ୍କା, ଶ୍ରମିକ(ହାଇ ସ୍କିଲ୍ଡ) ୨୬୦ରୁ ୪୩୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ସରକାର ଶ୍ରମିକଙ୍କୁ ଭିଡ଼ିଏ ବାବଦକୁ ମୋଟ୍ ୨୪ଟଙ୍କା ୩୦ ପଇସା ଦେବାର ବ୍ୟବସ୍ଥା କରିଛନ୍ତି।



ଠିକା ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କିନ୍ତୁ ବରଗଡ଼ ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ ଏଠାରେ କାର୍ଯ୍ୟରତ ଶ୍ରମିକଙ୍କୁ ଭିଡ଼ିଏ ବାବଦକୁ ସେମାନଙ୍କ ପ୍ରାପ୍ୟ ୨୪ଟଙ୍କା ୩୦ ପଇସା କାଟି ଦେଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ତେବେ ଶ୍ରମିକଙ୍କ ପ୍ରତି କାରଖାନା କର୍ତ୍ତୃପକ୍ଷଙ୍କ ଏଭଳି ମନୋଭାବ ନେଇ ବାରମ୍ବାର ଜିଲାପାଳ, ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବା ଇଡ଼କଲ ସିମେଣ୍ଟ ମଜଦୁର ସଂଘ ଅଭିଯୋଗ କରିଛି। ଏଭଳି ଅଭିଯୋଗ ନେଇ ଶ୍ରମିକମାନେ ଗତ ୮ତାରିଖରେ ଜିଲା ଶ୍ରମ ଅଧିକାରୀଙ୍କୁ ଫେରାଦ ହୋଇଥିଲେ। ସେତେବେଳେ ଶ୍ରମ ଅଧିକାରୀ ସେ ନେଇ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଅଭିଯୋଗର ୨୦ଦିନ ବିତିଯିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିଲା। ଏହାର ପ୍ରତିବାଦରେ ଗୁରୁବାର ଶ୍ରମିକମାନେ ପୁଣି ଜିଲା ଶ୍ରମ ଅଧିକାରୀଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘ ସଭାପତି ମାଧବ ସୁନା, ସାଧାରଣ ସମ୍ପାଦକ ରାତୁ ସାଗର, ଅଜୟ ପଟ୍ଟନାୟକ, ସରୋଜ ସୁନା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ

## ସଂକ୍ଷେପରେ

### କଂଗ୍ରେସ କାର୍ଯ୍ୟକାରୀ ସଭାପତି ପଦରୁ ଇସ୍ତଫା

**ପାଇକମାଲ,୨୮।୩ (ଡି.ଏନ.ଏ.)-** ବରଗଡ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଓ ପ୍ରାଥମିକ ସଦସ୍ୟତାରୁ ଗୁରୁବାର ଇସ୍ତଫା ଦେଇଛନ୍ତି ବିଜୟ ସ୍ୱାଇଁ । ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି । ସେ ତାଙ୍କ ଇସ୍ତଫାପତ୍ର ମେଲ୍ ଜରିଆରେ ପିସିସିକୁ ପଠାଇଛନ୍ତି । ସ୍ୱାଇଁ ପାଇକମାଲ ବ୍ଲକ ଝିଟିକି ପଞ୍ଚାୟତ ସମିତି ସଭ୍ୟ ଅଛନ୍ତି ।

### ଗାୟତ୍ରୀ ପରିବାରର ସମୀକ୍ଷା ବୈଠକ

**ଜାମଟିକ୍ରା, ୨୮।୩ (ଡି.ଏନ.ଏ.)-** ଅତାବିରା ଏନଏସି ଅନ୍ତର୍ଗତ ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଗୁରୁବାର ଗାୟତ୍ରୀ ପରିବାରର ଏକ ସମୀକ୍ଷା ବୈଠକ ବେଦବର ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗତ ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞର ବ୍ୟବସ୍ଥା, ଅବ୍ୟବସ୍ଥା ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା । ଦିବାକର ପଧାନ, ନନ୍ଦକିଶୋର କୌଶିକ, ବିଭୂତି ଭୂଷଣ ବାରିକ, ବନମାଳୀ କଠାର, ଜୟଶୁକ ଅଗ୍ରୱାଲ, ଭବାନୀ ପଟେଲ, ମାନଭଞ୍ଜନ ପଧାନ ଓ ଜିଲାର ଗାୟତ୍ରୀ ପରିବାରର ସମସ୍ତ ସଭ୍ୟ ଅଂଶଗ୍ରହଣ କରିଥିଲେ ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବରପାଲି, ୨୮।୩ (ଡି.ଏନ.ଏ.)-** ବରପାଲି ୱାର୍ଡ ନଂ. ୧ର ନୂଆପଡାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବୁଧବାର ଅଧିବାସ, ନାମ ସଂକୀର୍ତ୍ତନ ସହ ଗୁରୁବାର ପୂର୍ଣ୍ଣାହୁତି ହୋଇଥିଲା । ଏଥିରେ କର୍ତ୍ତା ଭାବେ ସଦାନନ୍ଦ ଗହିର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । କୁଳମଣି ଦେବତା ଓ କିଶୋର ମିଶ୍ର ପୂଜାର୍ଚ୍ଚନା କରିଥିଲେ । ଏହି ଯଜ୍ଞ ମହୋତ୍ସବରେ ବିଧାୟିକା ରୀତା ସାହୁଙ୍କ ସମେତ ବିଜେଡି କର୍ମୀ, କର୍ମକର୍ତ୍ତା ଓ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

### ମାଣ୍ଡୋସିଲ ଡିଗ୍ରୀ କଲେଜରେ ସଭା

**ପାଇକମାଲ,୨୮।୩ (ଡି.ଏନ.ଏ.)-** ପାଇକମାଲ ବ୍ଲକ ମାଣ୍ଡୋସିଲ ଡିଗ୍ରୀ ମହାବିଦ୍ୟାଳୟରେ ତୃତୀୟ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବିଦାୟକାଳୀନ ସଭା ମହାବିଦ୍ୟାଳୟର ଅଧକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ କୃଷ୍ଣ ଚନ୍ଦ୍ର ଦେବତା, ନିରାକାର ରାଉତ, ସନ୍ତୋଷ ସିଂ ଠାକୁର, ଧବଳେଶ୍ୱର ସାହା, ସୁମିତାପ ନାୟକ, ଅନୁସୟା ବେହେରା, ଅଲଫା ପ୍ରିୟଦର୍ଶିନୀ ବାରିକ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଦାୟୀ ଛାତ୍ରୀଛାତ୍ର କଲେଜର ଅନୁଭୂତି ବିଷୟରେ ବର୍ଣ୍ଣନା କରିଥିଲେ। ରୋହିତ ପ୍ରଧାନ, ଶଙ୍କର ଖୁମୁରି, ଯଶୋବନ୍ତ ମାଝୀ ପ୍ରମୁଖ ସହଯୋଗ କରିଥିଲେ ।



### ମାଣ୍ଡିଆଡ଼ିପା ଧନୁଯାତ୍ରାର ଦ୍ୱିତୀୟ ଦିବସ

**ପାଇକମାଲ,୨୮।୩ ( ଡି.ଏନ.ଏ.)-** ପାଇକମାଲ ବ୍ଲକ ମାଣ୍ଡିଆଡ଼ିପା ଗ୍ରାମ ପଡିଆରେ ଚାଲିଥିବା ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିବସରେ କୃଷ୍ଣ ଜନ୍ମ, ଗୋପପୁରକୁ ପୁତନା ପ୍ରେରଣ, ବିଜୁଳି କନ୍ୟାଙ୍କ ଶୂନ୍ୟବାଣୀ ଆଦି ନାଟ୍ୟାଭିନୟ ହୋଇଥିଲା । ଏଥିରେ ସରପଞ୍ଚ ବାବୁଲାଲ ଧରୁଆ ମୁଖ୍ୟଅତିଥି, ଡୋଲାମଣି ମହାର, ସମ୍ପାଦକ କ୍ଷୀରସାଗର ବରିହା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । କଂସ ଭୂମିକାରେ ଗୋପବନ୍ଧୁ ସାହୁ, ବସୁଦେବ କୁବେର ଗିରି ସାହୁ, ମହାମନ୍ତ୍ରୀ ଚିନ୍ତାମଣି କୁମ୍ଭାର ପ୍ରମୁଖ ଅଭିନୟ କରୁଛନ୍ତି ।

# ଅଚେତ ଅବସ୍ତାରେ ବୁଢ଼ୁଧ୍ ଉଧାର

**ପାଇକମାଲ,୨୮।୩ (ଡି.ଏନ.ଏ.)**



ଅଚେତ ଅବସ୍ତାରେ ଉଧାର ହେଇଥିବାର ବୁଢ଼ୁଧ୍ ଶ୍ରୀରାମ କୁମୁରିଆ ।

ବରଗଡ଼ ଜିଲା ପାଇକମାଲ ବ୍ଲକ କଲୋନୀପଡ଼ା ପାସର ରାସ୍ତା ତରେ ଗୁରୁବାର ଝନେ ୮୫ ବଛରିଆ ବୁଢ଼ୁଧ୍ ଅଚେତ ଅବସ୍ତାରେ ପଡ଼ିଥିଲେ। ଥାନୀୟ ଯୁବକମାନେ ବୁଢ଼ୁଧ୍‌କଁର ଅବସ୍ତା ଦେଖି ତାହାକୁ ଘଟନାଥଲରୁ ଉଧାର କରିଥିଲେ। ସୂଚନା ଅନ୍‌ସାରେ ଗୁରୁବାର ସଖାଲର ପାଖାପାଖି ୯ ବଜେ ପାଇକମାଲ ବ୍ଲକ କଲୋନୀପଡ଼ା ପାସର ରାସ୍ତା ଦେଇ ଗଣପତି ନାଗ, ଡାକ୍ତର ବରିହା, କାର୍ତ୍ତିକ ନାଗ ଯାଉଥିଲେ। ଇ ସମିଆରେ ଝନେ ବୁଢ଼ୁଧ୍ ରାସ୍ତା ତରେ ଅଚେତ ଅବସ୍ତାରେ ପଡ଼ିଥିବାର ଦେଖି ତାକର ମୁହେଁ ପାଏନ୍ ଛିଁଟା ଦେଇଥିଲେ। ବୁଢ଼ୁଧ୍‌କଁର ଚେତା ଫିରଲାରୁ ସେ ଦୁଇଦିନ୍ ହେଲା କିଛି ନାଇଁ ଖାଇଥିବାର କହିଥିଲେ। ପଛେ ଯୁବକମାନେ ବିସ୍କୁଟ ଆନି ତାହାକୁ ଖାଏବାକେ ଦେଇଥିଲେ। ବୁଢ଼ୁଧ୍ ଝନ୍‌କ ଖାଇପିଇ ଟିକେ ସୁସ୍ତାଲା ଉତାରୁ ତାକର ପରିଚଏ ମାଗିଥିଲେ, ସେ ବରତୁଣ୍ଡା ପଁଚେତ୍ ବାଦିବାହାଲ ଗାଁର ଶ୍ରୀରାମ କୁମୁରିଆ ବଲି କହିଥିଲେ। ସେଠାନୁ ଯୁବକମାନେ ବୁଢ଼ୁଧ୍‌କୁଁ ଗୁଟେ ଫଟ୍‌ଫଟିରେ ବସେଇ ପାଇକମାଲ ବ୍ଲକ ଅଫିସ୍‌କେ ଆନିଥିଲେ। ସେଠାନେ ବିଡିଓ ସଦାଶିବ ନାୟକ ଆର ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ସେଠୀ ତାହାକୁ ପଚରାଉଚରା କରିଥିଲେ। ବୁଢ଼ୁଧ୍‌କଁର ଫଟୋ ପରିଚଏ ପତର କି ଆଧାର କାର୍ଡ ନାଇଁଥିବାର ଲାଗି ସେ ସବୁ ପରକାର ସରକାରୀ ସୁବିଧାରୁ ବଁଚିତ୍ ଥିବାର ଜନାପଡ଼ିଥିଲା।

# ବସ୍ ଧକ୍କାରେ ଯୁବକ ଗୁରୁତର

**ଝାରବନ୍ଧ, ୨୮।୩ (ଡି.ଏନ.ଏ)**

ଝାରବନ୍ଧ ଥାନା ଅନ୍ତର୍ଗତ କୋତନା ଗ୍ରାମ ନିକଟରେ ଗୁରୁବାର ବସ୍ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ହେଲେ କୋତନା ଗ୍ରାମର ଶ୍ୟାମସୁନ୍ଦର ପୋଡ଼ଙ୍କ ପୁଅ ରଞ୍ଜନ ପୋଡ଼ (୨୫)। କୁର୍ଲୁପାଲି ଠାରୁ ପଦ୍ମପୁର ଚାଲୁଥିବା ଦୀପା ବସ୍ ଅପରାହ୍ନ ପ୍ରାୟ ୨ରେ ପଦ୍ମପୁରରୁ କୁର୍ଲୁପାଲିକୁ ଫେରୁଥିଲା। ଏହି ସମୟରେ ରଞ୍ଜନ ବିପରିତ ଦିଗରୁ ଗୋଟିଏ ବାଇକରେ ଦ୍ରୁତଗତିରେ ଆସି ବସ୍‌ର ସମ୍ନାରେ ପିଟି ହୋଇଥିଲେ । ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ପଠାଇଥିଲେ ।

# ନୂତନ ଖୁମ୍ବ ପ୍ରତିଷ୍ଠା ଉତ୍ସବ

**ଅତାବିରା, ୨୮।୩ (ଡି.ଏନ.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରିପାଲି ସ୍ଥିତ ଆଞ୍ଚଳିକ ଉମା ମାହେଶ୍ୱରୀ ମନ୍ଦିରର ନବକଳେବର ଓ ନୂତନ ଖୁମ୍ବ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି । ଏହି ଅବସରରେ ଅଙ୍କୁରାରୋପଣ ଓ ମଣ୍ଡଳ କରଣ, କଳସଯାତ୍ରା, ମଣ୍ଡପ ସଂସ୍କାର, ଦେବତା ଆବାହନ, ଯଜ୍ଞ ଆରମ୍ଭ, ଚଣ୍ଡୀ ହୋମ, ଖମ୍ବେଶ୍ୱରୀଙ୍କ ପ୍ରାଣ ପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ ଶେଷ ହୋଇଯାଇଛି । ଶୁକ୍ରବାର ମାହେଶ୍ୱରୀ ଦେବୀଙ୍କ ମନ୍ଦିର ପ୍ରବେଶ ଓ ପୋଡ଼, ଛେଳି, ମେଣ୍ଢା ଆଦି ବଳି ଦିଆଯିବା କାର୍ଯ୍ୟକ୍ରମ ରହିଛି । ପୋଡ଼ ବଳି ନ ଦେବା ପାଇଁ ସଚେତନ ନାଗରିକମାନେ ଅତାବିରା ଥାନା ଆଇଆଇସିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଅତାବିରା ଥାନା କି ଗୋଡଭଗା ଫାଣ୍ଡି ପୋଲିସଠାରେ ପୋଡ଼ ବଳି ଦିଆଯିବା ନେଇ ସୂଚନା ନ ଥିବା ପୋଲିସ ଅଧିକାରୀ କହିଛନ୍ତି । ଏ ବିଷୟରେ ଥାନା ଆଇଆଇସି ପୁରୁଷୋତ୍ତମ ଭୋଇଙ୍କୁ ପଚରାଯିବାରୁ ଏପରି ସୂଚନା ଆମ ପାଖରେ ନାହିଁ । ଯଦି ପୋଡ଼ ବଳି ଦିଆଯାଉଛି ତେବେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ ।

# ବିଧାୟକ ପଦବୀରୁ ଇସ୍ତଫା ଦେଲେ ଜାକବ ପ୍ରଧାନ



ଜାକବ ପ୍ରଧାନ ବାଚସ୍ପତି ପ୍ରଦୀପ ଅମାତଙ୍କୁ ଇସ୍ତଫାପତ୍ର ଦେଉଛନ୍ତି ।

**ବୌଦ୍ଧ,୨୮।୩ (ସ୍ୱ.ପ୍ର.)**

କନ୍ଧମାଳ ଜିଲା ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ଜାକବ ପ୍ରଧାନ ଗୁରୁବାର ବିଧାୟକ ପଦବୀରୁ ଇସ୍ତଫା ଦେଇଛନ୍ତି । ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ପକ୍ଷରୁ ଶ୍ୟାମଘନ ପ୍ରଧାନଙ୍କୁ ଟିକେଟ ପ୍ରଦାନ କରାଯାଇଥିବାରୁ ବିଧାୟକ ପ୍ରଧାନ ଅସନ୍ତୋଷ ପ୍ରକାଶ କରି ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଯେଉଁମାନେ କଂଗ୍ରେସ ଦଳର ହୋଇଥିବେ ଓ ଦଳୀୟ ନିଷ୍ପତ୍ତି ବିରୋଧରେ ନାମାଙ୍କନ ଦାଖଲ କରିଥିବେ ସେମାନଙ୍କ ପ୍ରତି ଦଳ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଘୋଷଣା କରାଯିବା ପରେ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟରୁ ସେ ଇସ୍ତଫା ଦେଇଥିଲେ । ନିର୍ବାଚନ ପାଇଁ ବାଚସ୍ପତି ପ୍ରଦୀପ କୁମାର ଅମାତ ବୌଦ୍ଧରେ ଥିବାରୁ ପ୍ରଧାନ ଗୁରୁବାର ବୌଦ୍ଧ ଆସି ଅମାତଙ୍କୁ ତାଙ୍କ ବାସଭବନରେ ଇସ୍ତଫାପତ୍ର ପ୍ରଦାନ କରିଥିଲେ ।

### ହିତାଧିକାରୀଙ୍କୁ ମିଳୁନି ଏଲ୍‌ଇଡି ବଲ୍‌ବ

**ତଳଗାଁ,୨୮।୩ (ଡି.ଏନ.ଏ.)**

ହରଭଙ୍ଗା ବ୍ଲକର ତଳଗାଁ ପଞ୍ଚାୟତର ସମସ୍ତ ହିତାଧିକାରୀଙ୍କୁ ଏଲଇଡି ବଲ୍‌ବ ମିଳି ପାରିନାହିଁ । ତଳଗାଁ ପଞ୍ଚାୟରେ ତିନି ଶହ ହିତାଧିକାରୀଙ୍କୁ ବଲ୍‌ବ ଯୋଗାଇ ଦେବାର ଥିବାବେଳେ ଏପର୍ଯ୍ୟନ୍ତ ଦିଆଯାଇନାହିଁ। ଏ ନେଇ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୁରୁଚରଣ ସେଠୀଙ୍କୁ ପଚାରିବାରୁ ନିର୍ବାଚନ ପରେ ବଲ୍‌ବ ଦିଆଯିବ ବୋଲି ସୂଚନା ଦେଇଥିଲେ ।

### ମାରୱାଡି ଯୁବାମଞ୍ଚ ବୈଠକ

**ବୌଦ୍ଧ,୨୮।୩ (ସ୍ୱ.ପ୍ର.)**

ବୌଦ୍ଧ ଜିଲା ମାରୱାଡି ଯୁବାମଞ୍ଚ ପକ୍ଷରୁ ସ୍ଥାନୀୟ ମାରୱାଡି ଧର୍ମଶାଳାଠାରେ ଏକ ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଆଗାମୀ ବର୍ଷ ପାଇଁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ପରେ କର୍ମକର୍ତ୍ତା ମନୋନୟନ ହୋଇଥିଲା । ଆଗାମୀ ବର୍ଷ ପାଇଁ କେତନ ଅଗ୍ରୱାଲା ଅଧକ୍ଷ, ରୋହିତ ଅଗ୍ରୱାଲା ସମ୍ପାଦକ ଓ ମୋହିତ ଅଗ୍ରୱାଲା କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନିତ ହୋଇଥିଲେ ।



ଅଚ୍ୟୁତ ସାମନ୍ତ ଓ ମହୀଧର ରଣା ବିଜେଡି କର୍ମୀମାନଙ୍କ ସହ ପ୍ରଚାର ଅଭିଯାନରେ ବାହାରିଛନ୍ତି ।

# ଅଚ୍ୟୁତ, ମହୀଧରଙ୍କ ପଦଯାତ୍ରା

**ମନମୁଣ୍ଡା/ଘଣ୍ଟାପଡା, ୨୮।୩ (ଡି.ଏନ.ଏ)**

ବିଜେଡିର କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ଏବଂ କଣ୍ଟାମାଳ ବିଜେଡି ବିଧାୟକ ପ୍ରାର୍ଥୀ ମହିଧର ରଣା ଗୁରୁବାର ମଧାହ୍ନରେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ସାହାଜପାଲ, ବାଉଁଶୁଣୀ, ମନମୁଣ୍ଡା, କଣ୍ଟାମାଳ, ଘଣ୍ଟାପଡା, ଆମ୍ବଗାଁ, ଖୁଣ୍ଟିଗୋରା ଆଦି ଅଞ୍ଚଳରେ ପଦଯାତ୍ରା କରି ଭୋଟ୍ ପ୍ରଚାର କରିଥିଲେ । ଉଭୟେ ଏଠାରେ ପହଞ୍ଚିବା ପରେ ଶିଳ୍ପପତି ପ୍ରକାଶ ମେହେର, ବିଜେଡି ଯୁବ ନେତା ରବିନାରାୟଣ ପଣ୍ଡା, ଚାଷୀ ମିଳନ କୁମାର ସାହୁ, ବ୍ରାହ୍ମଣ ସମାଜର ରୋହିତ ହୋତା ପ୍ରମୁଖ ଉଭୟଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସ୍ଥାନୀୟ ଡାକ ବଙ୍ଗଳାରୁ ଉଭୟ ନେତାଙ୍କୁ ଶୋଭାଯାତ୍ରାରେ ବାସୁଦେବପାଲି, ଡାକ୍ତରଖାନା ଛକ, ବସଷ୍ଟାଣ୍ଡ, ସୁବର୍ଣ୍ଣପାଲି, ଗାନ୍ଧୀଛକ ଦେଇ ଦେଉଳି ପର୍ଯ୍ୟନ୍ତ ନିଆଯାଇଥିଲା । କର୍ମୀମାନଙ୍କ ମଧରେ ବ୍ଲକ ବିଜେଡି ସମ୍ପାଦକ ଶମ୍ଭୁପ୍ରସାଦ ସାହୁ, ବ୍ଲକ ସଭାପତି ବିପିନ ଭୋଇ, ଯୁବ ବିଜେଡି ନେତା ସୁଧାଂଶୁ ରଣା, ପ୍ରେମରାଜ ରଣା, ଶରତ ରଣା, କଣ୍ଟାମାଳ ସରପଞ୍ଚ ପରମେଶ୍ୱର ଖଟୁଆ, ମିଡିଆ ସେଲ୍‌ର ସମ୍ପାଦକ ପ୍ରଶାନ୍ତ ରଣା, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ମଲିକଙ୍କ ସମେତ ବହୁ ବିଜେଡି କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ ।

# ଭାଜପା ଜିଲା ଉପସଭାପତି, ୯ ଜିଲା ପରିଷଦ ସଭ୍ୟ ଇସ୍ତଫା ଦେଲେ

**ସୋହେଲା,୨୮।୩ (ଡି.ଏନ.ଏ)**

ବରଗଡ ଜିଲା ଭାଜପା ଉପସଭାପତିଙ୍କ ସମେତ ୯ ଜଣ ଜିଲା ପରିଷଦ ସଭ୍ୟ ଦଳର ପ୍ରାଥମିକ ସଦସ୍ୟ ପଦରୁ ଗୁରୁବାର ରାତି ସାଢ଼େ ୯ଟା ସମୟରେ ଇସ୍ତଫା ପ୍ରଦାନ କରିଛନ୍ତି । ସେମାନେ ରାଜ୍ୟ ଭାଜପା ସଭାପତିଙ୍କ ନିକଟକୁ ମେଲ୍ କରି ଇସ୍ତଫାପତ୍ର ପଠାଇଛନ୍ତି । ଇସ୍ତଫା ଦେଇଥିବା ଜିଲା ଭାଜପା ଉପସଭାପତି ହେଲେ ପ୍ରଶାନ୍ତ ମାଝି, ଜିଲା ପରିଷଦ ସଦସ୍ୟ ସଂଯୁକ୍ତା ମାଝି, ଅଞ୍ଜଳି ଭୋଇ, ସୁଜାତା ବାରିକ, ବିଳାସିନୀ ମେହେର, ବିଶ୍ୱକାନ୍ତି ଭୋଇ, ସୁଷମା ଭୁଏ, ପଞ୍ଚାନନ ମିର୍ଦ୍ଧା, ପାର୍ବତୀ ଭୋଇ ଓ ଉମେଶ ଚନ୍ଦ୍ର ବେହେରା । ଜିଲା ଉପସଭାପତି ମାଝି ତାଙ୍କ ଇସ୍ତଫାପତ୍ରରେ ଦଳର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ସେ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି । ବରଗଡ ଜିଲାରେ ଦଳର ମନମୁଖୀ କାମ, ବିକାଶ ବିରୋଧୀ ଓ ନୀତିହୀନ କାମକୁ ବିରୋଧ କରି ଇସ୍ତଫା ପ୍ରଦାନ କରିଥିବା ଜିଲା ପରିଷଦ ସଭ୍ୟମାନେ କହିଛନ୍ତି । ବରଗଡ ଜିଲା ପରିଷଦରେ ମୋଟ ୩୪ଜଣ ସଦସ୍ୟ ଅଛନ୍ତି । ସେଥିରେ ଭାଜପାର ୨୫ଜଣ ଓ ବିଜେଡିର ୯ଜଣ ସଦସ୍ୟ ରହିଥିଲେ। ଇସ୍ତଫା ପ୍ରଦାନ କରିଥିବା ଭାଜପା ନେତାମାନେ ଖୁବ୍‌ଶୀଘ୍ର ବିଜେଡିରେ ଯୋଗଦେବେ ବୋଲି ସୂଚନା ମିଳିଛି ।

# ବରପାଲି ଭାଜପାରେ ବିଦ୍ରୋହ: ମେଳି କଲେ ଅସନ୍ତୁଷ୍ଟ କର୍ମୀ

**ବରପାଲି, ୨୮।୩ (ଡି.ଏନ.ଏ)**

ବହୁ ଚର୍ଚ୍ଚିତ ବିଜେପୁର ବିଧାନସଭା ଆସନ ପାଇଁ ଭାଜପା ପକ୍ଷରୁ ସନତ ଗଡତିଆଙ୍କ ନାମ ଘୋଷଣା ହେବା ପରେ ବିଜେପୁର ଭାଜପାରେ ବିଦ୍ରୋହ ଦେଖାଦେଇଛି । ସନତ ପ୍ରାର୍ଥୀ ହେବା ପରେ ବିଜେପୁର ଅଞ୍ଚଳରେ ଖୁସି ଓ ବରପାଲି ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଫଳରେ ଭାଜପା ଟିକେଟ ବଣ୍ଟନକୁ ନେଇ ଦଳୀୟ କନ୍ଦଳ ପଦାରେ ପଡିଛି । ଗତ ବିଜେପୁର ଉପନିର୍ବାଚନରେ ଭାଜପାରୁ ଅଶୋକ ପାଣିଗ୍ରାହୀ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ । ମାତ୍ର ତାଙ୍କୁ ପୁଣି ୨୦୧୯ ନିର୍ବାଚନରେ ଟିକେଟ ଦିଆଯିବ ବୋଲି କୁଆଡେ ପ୍ରତିଶ୍ରୁତି ଦିଆଯାଇଥିଲା। ଏ ନେଇ ଗୁରୁବାର ବରପାଲି ଅନ୍ତର୍ଗତ ବାରଙ୍ଗପାଲିଠାରେ ଭାଜପାର ଅସନ୍ତୁଷ୍ଟ କର୍ମୀମାନଙ୍କୁ ନେଇ ଏକ ବୈଠକ କଳାକାହ୍ନୁ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଶୋକ ପାଣିଗ୍ରାହୀ ସମେତ ସମସ୍ତ ଭାଜପା କର୍ମୀ ଉପସ୍ଥିତ ଥିଲେ । ଏଥିରେ ଅଶୋକ ଭାଜପାରେ ରହିବେ କି ଛାଡିବେ ସେ ନେଇ ଆଲୋଚନା ହୋଇଥିଲା । ତେବେ ବୈଠକରେ କିଛି ନିଷ୍ପତ୍ତି ହୋଇ ନ ପାରିବାରୁ ଆଗାମୀ ଦିନରେ କର୍ମୀ ସମ୍ମିଳନୀ ଡାକିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।



ବରପାଲିରେ ଅସନ୍ତୁଷ୍ଟ ଭାଜପା କର୍ମୀମାନଙ୍କ ବୈଠକ ଚାଲିଛି ।

# ଅସନ୍ତୁଷ୍ଟ ଭାଜପା ନେତାଙ୍କୁ ମନାଇବାକୁ ଉଦ୍ୟମ

**ବୌଦ୍ଧ,୨୮।୩ (ସ୍ୱ.ପ୍ର.)**

ଅସନ୍ତୁଷ୍ଟ ନେତାକୁ ମନାଇବା ପାଇଁ ଗୁରୁବାର ଅପରାହ୍ନରେ ଭାଜପା କନ୍ଧମାଳ ଲୋକସଭା ପ୍ରାର୍ଥୀ ଖାରବେଳ ସ୍ୱାଇଁ ବୌଦ୍ଧରେ ପହଞ୍ଚି ଆଲୋଚନା କରିଛନ୍ତି । ବୌଦ୍ଧରେ ସୁଶାନ୍ତ କୁମାର ପ୍ରଧାନଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି କୃଷକ ମୋର୍ଚ୍ଚା ନେତା ସୂର୍ଯ୍ୟ ନାରାୟଣ ମହାପାତ୍ର ଓ କଣ୍ଟାମାଳରେ କହ୍ନେଇଁ ଚରଣ ଡାଙ୍ଗଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଏସ୍‌ସି ମୋର୍ଚ୍ଚା ନେତା ସୁଧାଂଶୁ କୁମାର ଡାଙ୍ଗ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ୨୯ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ତାରିଖ ଥିବାବେଳେ ଖାରବେଳ ଜିଲା ସଭାପତି ସୌମିତ୍ରୀ ନାୟକଙ୍କ ସମେତ ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ଭାବେ ଲଢେଇ କରିବାକୁ ଥିବା ଅସନ୍ତୁଷ୍ଟ ଭାଜପା ନେତାଙ୍କ ସହିତ ଆଲୋଚନା କରିଥିବା ଜଣାଯାଇଛି । ଦଳରେ ଏକତା ରକ୍ଷା କରିବା ସହିତ ଭାଜପା ପ୍ରାର୍ଥୀ ସୁଶାନ୍ତ କୁମାର ପ୍ରଧାନ ଓ କହ୍ନେଇଁ ଚରଣ ଡାଙ୍ଗଙ୍କୁ ସମର୍ଥନ କରିବାକୁ ଉଭୟ ବିଦ୍ରୋହୀ ପ୍ରାର୍ଥୀଙ୍କ ସହ ଆଲୋଚନା କରିଥିଲେ । ତେବେ ସେମାନେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାକୁ ମନା କରିଦେଇଥିବା ଆଲୋଚନା ହେଉଛି। ଆଲୋଚନା ନେଇ ସୁଧାଂଶୁ ଡାଙ୍ଗଙ୍କୁ ପଚାରିବାରୁ ଦଳର ବିଚାରଧାରାକୁ ବିରୋଧ କରି ବିଧାୟକ ପ୍ରାର୍ଥୀ ମନୋନୟନ କରାଯାଇଥିବାରୁ ଜିଲାରେ ଦୀର୍ଘଦିନ ଧରି ସଙ୍ଗଠନ ପାଇଁ କାର୍ଯ୍ୟ କରିଆସିଥିବା ଭାଜପା କର୍ମକର୍ତ୍ତାମାନେ ଭାଙ୍ଗି ପଡିଛନ୍ତି । ଲୋକସଭା ପ୍ରାର୍ଥୀ ଖାରବେଳଙ୍କୁ ସମର୍ଥନ କରାଯିବ ଓ ଉଭୟ ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀଙ୍କୁ ବିରୋଧ କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ପ୍ରାର୍ଥୀ ସୂର୍ଯ୍ୟ ମହାପାତ୍ରଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ଏ ନେଇ ଜିଲା ଭାଜପା ସାଧାରଣ ସମ୍ପାଦକ ବିପ୍ରଚରଣ ମହାନ୍ତିଙ୍କୁ ଯୋଗାଯୋଗ କରାଯିବାରୁ ଉଭୟ ନେତାଙ୍କୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ଦଳ ପାଇଁ କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଛି। ଯଦି ପ୍ରାର୍ଥିପତ୍ର ପ୍ରତ୍ୟାହାର ନ କରନ୍ତି ଦଳ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

# ବ୍ରାହ୍ମଣ ସମାଜ କର୍ମକର୍ତ୍ତା ନିର୍ବାଚନ

**ପଦ୍ମପୁର, ୨୮।୩ (ଡି.ଏନ.ଏ)**

ପଦ୍ମପୁର ବ୍ରାହ୍ମଣ ସମାଜର ଏକ ସାଧାରଣ ବୈଠକ ସ୍ଥାନୀୟ ଦୁର୍ଗା ମନ୍ଦିର ପରିସରରେ ସଭାପତି ଆନନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ପାଇଁ କର୍ମକର୍ତ୍ତା ମନୋନୟନ ହୋଇଥିଲା । ନୂତନ ସଭାପତି ଭାବେ ଜୟନାରାୟଣ ତ୍ରିପାଠୀ, ଉପସଭାପତି ଅବିନାଶ ମିଶ୍ର, ସମ୍ପାଦକ ଚନ୍ଦ୍ରଶେଖର ପୁରୋହିତ, ସହ ସମ୍ପାଦକ ଛନ୍ଦାଚରଣ ମହାନ୍ତି, କୋଷାଧ୍ୟକ୍ଷ ଶାନ୍ତନୁ ପାଣିଗ୍ରାହୀ ମନୋନିତ ହୋଇଥିଲେ । କାର୍ଯ୍ୟକାରୀ କମିଟିକୁ ୫ଜଣ ଓ ଉପଦେଷ୍ଟା କମିଟିରେ ୭ଜଣ ରହିଛନ୍ତି । ସେହିପରି ପର୍ଶୁରାମ ବାହିନୀର ନୂତନ ସଭାପତି ଭାବେ ଅମୀୟ କୁମାର ପୁରୋହିତ, ଉପସଭାପତି ଦିବେଶ ପାଣିଗ୍ରାହୀ, ସମ୍ପାଦକ ଉଦୟ ନାରାୟଣ ନନ୍ଦ, ସହ ସମ୍ପାଦକ କୁନାଲ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଚିନ୍ମୟ କୁମାର ପଣ୍ଡା ମନୋନିତ ହୋଇଛନ୍ତି । ମେ ୭ରେ ସାମୂହିକ ବ୍ରତୋପନୟନ ସଂସ୍କାର ହେବ ବୋଲି ଦିନ ଧାର୍ଯ୍ୟ କରାଗଲା । ଶେଷରେ ଅଶୋକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଅଂଶୁଘାତ ସଚେତନତା ଶିବିର

**ଉଲୁଣ୍ଡା, ୨୮।୩ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଇଁଲାଛାଟ ଗ୍ରାମରେ ଗୁରୁବାର ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗାଁ କଲ୍ୟାଣ ସମିତି ସଭାପତି ପୂର୍ଣ୍ଣିମା ରଣାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ ନୟନା ସେଠୀ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଗ୍ରାମବାସୀଙ୍କୁ ଅଂଶୁଘାତର କାରଣ ଓ ନିରାକରଣ ଉପରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାଁ ସ୍ୱାସ୍ଥ୍ୟ ସମୀକ୍ଷକ ଶମ୍ଭୁରାଜ କର୍ଣ୍ଣ, ସୁଶୀଲ ମୁଦୁଲି ପ୍ରମୁଖ ଯୋଗଦେଇ ଅଂଶୁଘାତରୁ କିପରି ନିଜକୁ ରକ୍ଷା କରାଯାଇ ପାରିବ ତାହା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ସତ୍ୟବତୀ ପଧାନ ପ୍ରଥମ, ଅଳି ଦେହେରୀ ଦ୍ୱିତୀୟ ଏବଂ ଆରତୀ ଦାସ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ଆଶାକର୍ମୀ ନମିତା ରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜୁ ଯୁବ, ଛାତ୍ର ଜନତାର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ବିନିକା, ୨୮।୩(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଗ୍ରାମରେ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳର ଜିଲା ସମ୍ପାଦକ ଜୟ ପ୍ରକାଶ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାରଙ୍କ ଓଡିଶା ପ୍ରତି ଅବହେଳା ବିଷୟରେ ଉପସ୍ଥିତ କର୍ମୀଙ୍କୁ ନେତୃବୃନ୍ଦ ସୂଚନା ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଅଚ୍ୟୁତ କଣ୍ଟା, ଶଙ୍କରା ପ୍ୟାକ୍ସ ସଭାପତି ଧର୍ମରାଜ ପଣ୍ଡା, ସମିତି ସଭ୍ୟ ନିରଞ୍ଜନ ଭୋଇ, ସାମାଜିକ କର୍ମୀ ଅରବିନ୍ଦ ପଣ୍ଡା, ପ୍ରଶାନ୍ତ ସାହୁ, ମୋହନ ବିଭାର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଦିଲ୍ଲୀପ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୬ପ୍ରହର ନାମଯଜ୍ଞ

**ବିନିକା, ୨୮।୩(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ବାଙ୍କିଘିର୍ଡି ପଞ୍ଚାୟତ ଅନ୍ତର୍ଗତ ସାରଙ୍ଗପାଲି ଗାଁରେ ଚାଲିଥିବା ୨୬ପ୍ରହର ନାମଯଜ୍ଞ ବୁଧବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଯାଇଛି। ନାମଯଜ୍ଞ ପାଇଁ ଶନିବାର ଅଧିବାସ ଓ ୨୪ତାରିଖ ଜୀରାନଦୀରୁ ପୂର୍ଣ୍ଣ କଳସ ଜଳ ଆଣାଯାଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। କଳସ ଯାତ୍ରାରେ ସାରଙ୍ଗପାଲି ଗାଁର ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କର୍ତ୍ତାଭାବେ କମଳାକାନ୍ତ ଭୂଏ ଦାୟିତ୍ୱ ତୁଲାଇଥିଲେ।

### ବ୍ଲକସ୍ତରୀୟ ବିଜେଡିର କର୍ମୀ ସମ୍ମିଳନୀ

**ଜହ୍ନାପଙ୍କ, ୨୮।୩ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ଗଦବସା ପଡିଆରେ ବ୍ଲକସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଲୋକସଭା ବିଜେଡି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ କନ୍ଧମାଳ ଲୋକସଭା ମଣ୍ଡଳୀକୁ ସାରା ଭାରତରେ ଏକ ନମ୍ବର କରିବାକୁ ହେଲେ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ତାଙ୍କୁ ଜିତାଇବାକୁ ପଡିବ ବୋଲି କହିଥିଲେ।

ପୁଇଁନ୍ତଲା ବ୍ଲକରେ କଂଗ୍ରେସ କର୍ମୀ ସମ୍ମିଳନୀ

# କଂଗ୍ରେସ ଆସିଲେ କୃଷିଋଣ ଛାଡ଼ କରାଯିବ

**ବଲାଙ୍ଗୀର ଅଫିସ, ୨୮।୩**

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ବୁବେଲ ଗ୍ରାମରେ ଗୁରୁବାର କଂଗ୍ରେସର ଏକ କର୍ମୀ ସମାବେଶ ଓ ନିର୍ବାଚନୀ ପ୍ରଚାର ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିରୋଧୀଦଳ ନେତା ତଥା କଂଗ୍ରେସ ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଲୋକସଭା ଏମ୍‌ପି ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର, ଲୋଇସିଂହା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ନବକିଶୋର ନାଏକ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମିଶ୍ର ବକ୍ତବ୍ୟ ଦେଇ କଂଗ୍ରେସ ସରକାର କ୍ଷମତାକୁ ଆସିଲେ କିଭଳି ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବ ସେନେଇ ସୂଚନା ଦେଇଥିଲେ। ପ୍ରତ୍ୟେକ ଗରିବ ପରିବାରକୁ ମାସିକ ୬ ହଜାର ଟଙ୍କା ସହାୟତା ଦିଆଯିବ, କୃଷିଋଣ ଛାଡ କରାଯିବା, ଧାନସର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୬୦୦ ଟଙ୍କା କରାଯିବ ବୋଲି ଘୋଷଣା କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା ମାସିକ ୧୫୦୦ ଟଙ୍କା କରାଯିବା ସହ ମହିଳାଙ୍କୁ ୨ ହଜାର ଟଙ୍କା ଭତ୍ତା ଦିଆଯିବା ନେଇ କହିଥିଲେ। ଏହି ଅବସରରେ ଭାଜପା ସରକାରକୁ କଡା ସମାଲୋଚନା କରି କୁଆଡେ ଗଲା ନରେନ୍ଦ୍ର ମୋଦିଙ୍କ ବାର୍ଷିକ ୨ କୋଟି ଯୁବକଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ବୋଲି ପ୍ରଶ୍ନ କରିଥିଲେ। ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଦୀର୍ଘ ୧୯ ବର୍ଷର ବିଫଳତା କହିଥିଲେ। କାଳିଆ ଯୋଜନା ନାଁରେ ସରକାର ଚାଷୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଛନ୍ତି ଓ କୃଷକ ସମାଜ ଏହାର ଜବାବ ଦେବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଲୋକସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଜିଲାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ଯୁବତୀ, ଯୁବକଙ୍କୁ ନିଯୁକ୍ତି, ଜିଲାରେ ଅର୍ଥନୈତିକ ବିକାଶ, ଜଳସେଚନର ଉନ୍ନତି ଉପରେ ଧ୍ୟାନ ଦିଆଯିବ ବୋଲି କହିଥିଲେ। ବିଶେଷ କରି ମହିଳାଙ୍କୁ ସୁରକ୍ଷା ଓ ସ୍ୱାବଲମ୍ବନ, ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ଉପରେ ଗୁରୁତ୍ୱାରୋପ କରାଯିବ ବୋଲି କହିଥିଲେ। ଲୋଇସିଂହା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ନବକିଶୋର ନାଏକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟକରାଯିବ ବୋଲି କହିଥିଲେ। ସଭାରେ ଜିଲା କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଅସୀମ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଜିଲା କଂଗ୍ରେସ କମିଟି ମୁଖପାତ୍ର ସାନନ୍ଦ ମିଶ୍ର, ଆଗଲପୁର ଉପାଧ୍ୟକ୍ଷ ମନମୋହନ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହୃଦାନନ୍ଦ ଭୋଇ, ରାଜକିଶୋର ବାବୁ, ଲାଲବିହାରୀ କ୍ଷେତୀ, ବରିଷ୍ଠ କଂଗ୍ରେସ ନେତା ସତ୍ୟାନନ୍ଦ ସୁନା, ନିମାଇଁ ଷଡଙ୍ଗୀ ବକ୍ତବ୍ୟ ରଖି ବିଜେଡି ଓ ଭାଜପା ସରକାର ବିରୋଧରେ ଗର୍ଜିଥିଲେ। ସଭାରେ ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷା ଯମୁନା ବିଶ୍ୱାଳ, ଉପାଧ୍ୟକ୍ଷ ସନ୍ତୋଷ ଗୁରାଣ୍ଡି, ଶିକ୍ଷକ ନେତା ପ୍ରଫୁଲ୍ଲ ଜାଲ, ସୁଶାନ୍ତ ଷଡଙ୍ଗୀ, କଙ୍ଗାଲୁ ବାରିକ, ଗୁଣମଣି କାଲସାଏ, ବସୁଦେବ ନାଏକ, ଗଣେଶ ସାହୁ, ପ୍ରମାନନ୍ଦ ସାଏ, ରଞ୍ଜିତା ପଟେଲ, ଅନାକାର ବାରିକ, ଦଳିତ ନେତା ଜ୍ୟୋତିଷ ମୁଗ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ବୁବେଲଠାରେ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ କରାଯାଇ ନିର୍ବାଚନ ପ୍ରଚାର କରାଯାଉଛି।

## ବଲାଙ୍ଗୀରରେ ମାତିଲେଣି ସୁନାଚେନ୍ ଲୁଟେରା : ଲୁଟେରା ଫେରାର, ବାଇକ୍ ଜବତ

**ବଲାଙ୍ଗୀର ଅଫିସ, ୨୮।୩**

ବଲାଙ୍ଗୀର ସହରରେ ପୁଣି ସୁନାଚେନ୍ ଲୁଟେରାଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଗତ ୩ ଦିନ ମଧ୍ୟରେ ଲୁଟେରାମାନେ ୩ଜଣ ମହିଳାଙ୍କ ସୁନାଚେନ୍ ଲୁଟିନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ମହିଳା କଲେଜରୁ ରାଜେନ୍ଦ୍ର କଲେଜ ରାସ୍ତାରେ ଜଣେ ମହିଳାଙ୍କ ସୁନାଚେନ୍ ଲୁଟ୍ ହୋଇଛି। ରାଜେନ୍ଦ୍ର କଲେଜ ପୋଷ୍ଟ ଅଫିସରେ କାର୍ଯ୍ୟରତ ପୋଷ୍ଟମାଷ୍ଟର ମୀନାକ୍ଷୀ ଖମାରୀ ରାସ୍ତାରେ ଯାଉଥିବା ବେଳେ ଯୁବକ ଜଣକ ଏକ ନମ୍ବର ବିହୀନ କଳା ପଲସର ବାଇକ୍‌ରେ ଆସି ବେକରୁ ସୁନାଚେନ୍ ଲୁଟି ନେଇଥିଲେ। ସେତିକିବେଳେ ସେ ଚିତ୍କାର କରିବାରୁ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ହେଲେ ଯୁବକ ଜଣକ ବାଇକ୍ ଛାଡି ଫେରାର ହୋଇଯାଇଥିଲେ। ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିଥିବା ଟାଉନ୍ ଥାନା ଆଇଆଇସି ତୋଫାନ୍ ବାଗ କହିଛନ୍ତି। ସେହିପରି ୨ ଦିନ ତଳେ ବରପାଲିପଡ଼ା ଏବଂ ରେଲୱେ ଷ୍ଟେସନ୍ ଅଞ୍ଚଳରୁ ୨ଜଣ ମହିଳାଙ୍କ ସୁନାଚେନ୍ ଲୁଟି ହୋଇଥିବା ଅଭିଯୋଗ ହୋଇଛି।

# ଏପ୍ରିଲ ୧ କଳା ଦିବସ ପାଳନ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ, ୨୮।୩**

ସ୍ଥାନୀୟ ଏମ୍‌ବି ଧର୍ମଶାଳାଠାରେ କୋସଲ ରାଜ୍ୟ ସମନ୍ୱୟ ସମିତିର ବିକ୍ରମ ବହିଦାରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଆସନ୍ତା ଏପ୍ରିଲ ୧ ତାରିଖକୁ କଳା ଦିବସ ଭାବେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା। ଏପରି କି ଚଳିତ ସାଧାରଣ ନିର୍ବାଚନରେ କୋସଲ ରାଜ୍ୟ ସମନ୍ୱୟ ସମିତିର କ'ଣ ଭୂମିକା ହେବ ସେନେଇ ଆଲୋଚନା କରାଯାଇଥିଲା। କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଉପାଧ୍ୟକ୍ଷ ମନୋରଞ୍ଜନ ସାହୁଙ୍କ ସଂଯୋଜନା କ୍ରମେ ଏବଂ ମନୋରଞ୍ଜନ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଯୋଗଦେଇ ଏପ୍ରିଲ ୧କୁ କଳା ଦିବସ ଭାବେ ପାଳନ କରିବାକୁ କହିବା ସହ ଯୁବକମାନଙ୍କୁ କୋସଲ ରାଜ୍ୟ ଗଠନ ଆନ୍ଦୋଳନରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନାଗରିକ କମିଟି ସଭାପତି ଭାବେ ନିର୍ବାଚିତ ହୋଇଥିବା ବିକ୍ରମ ବହିଦାରଙ୍କୁ ବରିଷ୍ଠ ନାଗରିକଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆସନ୍ତା ୩୧ ତାରିଖରେ କଳା ଦିବସ ପାଳନ ନେଇ ଏକ ଚୁଡାନ୍ତ ବୈଠକ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଭାରେ ସମିତି କେନ୍ଦ୍ରୀୟ ସାଧାରଣ ସମ୍ପାଦକ ବିଭୁଦତ୍ତ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚ କୋଷାଧ୍ୟକ୍ଷ ଗୋପଭୂଷଣ ନାଥ, ସାଧାରଣ ସମ୍ପାଦକ ପ୍ରଭାକର ମିଶ୍ର, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ପ୍ରଫେସର ପ୍ରମୋଦ ବାଗ, ଚିତ୍ତରଞ୍ଜନ ପଟେଲ, ଶରତ ଚନ୍ଦ୍ର ହୋତା, ରଣରାଜ ସିଂଦେଓ, ଗୋବର୍ଦ୍ଧନ ପାଣ୍ଡିଆ, ନରେଶ ଚନ୍ଦ୍ର ଦାଶ, ନୃସିଂହ ଚରଣ ରାଉତ, ଡୋଳାମଣି ପ୍ରଧାନ, ରିଲୁ ରଥ ଓ ବିନୋଦ କାଲସାଏ ଯୋଗଦାନ କରିଥିଲେ। ଶେଷରେ ଯୁବ ସଂଗଠକ ସୁଶୀଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବିଜେଡି ପ୍ରାର୍ଥୀ ଅର୍କେଶଙ୍କ ପ୍ରଚାର ଆରମ୍ଭ

# ମିଶ୍ରଣ ପର୍ବରେ ଯୋଗଦେଲେ କଂଗ୍ରେସ କର୍ମୀ

**ବଲାଙ୍ଗୀର ଅଫିସ, ୨୮।୩**

ବଲାଙ୍ଗୀର ସହର ୧୦ ନମ୍ବର ୱାର୍ଡରୁ ବିଜେଡି ବଲାଙ୍ଗୀର ବିଧାନସଭା ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ଅର୍କେଶଙ୍କ ସହ ତାଙ୍କ ପିତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ମାତା ବିଜୟଲକ୍ଷ୍ମୀ ସିଂଦେଓ, ସ୍ତ୍ରୀ ଆଦ୍ରିଜା ମଞ୍ଜରୀ ସିଂଦେଓ ଯୋଗ ଦେଇଥିଲେ। ଗେଟ୍‌ସରୋବରପଡ଼ା ମଙ୍ଗଳା ମନ୍ଦିରରେ ପ୍ରାର୍ଥୀ ଅର୍କେଶ ଓ ଅନ୍ୟମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ପଡ଼ାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ କିଛି କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ୧୦ ନମ୍ବର ୱାର୍ଡର କଂଗ୍ରେସ କର୍ମୀ ତରଣୀସେନ୍ କୁମ୍ଭାର ଓ ଫଟିନ୍ଦ୍ର କୁମ୍ଭାରଙ୍କ ନେତୃତ୍ୱରେ ଜ୍ୟୋତି ପ୍ରକାଶ କୁମ୍ଭାର, ସମୀର ବାରିକ, ଶେଷ ବାରିକ, ରେଖା ବାରିକ, ଦୈତାରୀ କୁମ୍ଭାର, ଲୁକା ମହାନନ୍ଦ, ସାଗର କୁମ୍ଭାର, କୁନା ବାରିକ, ବେଦ ପ୍ରକାଶ କୁମ୍ଭାର ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ନେତା ଅନଙ୍ଗ ଉଦୟ ଓ ପ୍ରାର୍ଥୀ ଅର୍କେଶ ନାରାୟଣ ନୂତନ ଭାବେ ଦଳରେ ଯୋଗଦେଇଥିବା କର୍ମୀଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବ ଯୋଗୁ ବିଜେଡି ଅଧିକ ସୁଦୃଢ଼ ହେବ ବୋଲି ପ୍ରାର୍ଥୀ ସିଂଦେଓ କହିଥିଲେ। ଆଗାମୀ ଦିନରେ ବିଜେଡି ପକ୍ଷରୁ ବଲାଙ୍ଗୀର ଜିଲାରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ କରାଯିବ ବୋଲି ସିଂଦେଓ କହିଥିଲେ। ବଲାଙ୍ଗୀର ଉନ୍ନତି ତାଙ୍କର ପ୍ରାଥମିକତା ହେବେ ବୋଲି ସେ କହିଥିଲେ। ମିଶ୍ରଣ ପର୍ବରେ ଯୁବ ବିଜେଡି ଜିଲା ସଭାପତି ଲୋଟସ ଷଡଙ୍ଗୀ, ବିଜେଡି ନେତା ଦୁର୍ଗା ବେହେରା, କୈଳାସ ମହାନ୍ତି, ଟିଙ୍କି ମିଶ୍ର, ମହେନ୍ଦ୍ର ବାଗ, ଶ୍ରୀବତ୍ସ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ଗେଟ୍ ସରୋବରପଡ଼ାରେ ବିଜେଡି ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ପ୍ରଚାର କରୁଛନ୍ତି।

# ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ବୀରମହାରାଜପୁର, ୨୮।୩ (ଡି.ଏନ.ଏ.)**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନର ପ୍ରାରମ୍ଭିକ ପ୍ରକ୍ରିୟା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଅବଧି ସରି ନ ଥିବା ବେଳେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରଚାର। ଦଳୀୟ ପ୍ରାର୍ଥୀ ତଥା ବିଧାୟକ ପଦ୍ମନାଭ ବେହେରା ଗୁରୁବାର ପୂର୍ବାହ୍ନରେ ଦଳର ନିର୍ବାଚନୀ କାର୍ଯ୍ୟାଳୟ ଉଦଘାଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସଂକ୍ଷିପ୍ତ ସମାରୋହରେ ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମକର୍ତ୍ତାଙ୍କ ସହ ବହୁ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ଶେଷରେ ପ୍ରାର୍ଥୀ ବେହେରା ବୀରମହାରାଜପୁର ବ୍ଲକର ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳକୁ ଯାଇ ନେତୃ ସ୍ଥାନୀୟ ବ୍ୟକ୍ତି ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ଭେଟିଥିବା ଜଣାଯାଇଛି।



ନିର୍ବାଚନୀ କାର୍ଯ୍ୟାଳୟ ଉଦଘାଟନ ଅବସରରେ କର୍ମୀଙ୍କ ସହ ପଦ୍ମନାଭ ବେହେରା।

# ଭାଜପାରେ ଯୋଗଦେଲେ ବିଜେଡି, କଂଗ୍ରେସ କର୍ମୀ

**ସଇଁତଲା, ୨୮।୩(ଡି.ଏନ୍.ଏ.)**

ସଇଁତଲା ବ୍ଲକ ଅଧୀନ କୁମ୍ଭାରୀ ପଞ୍ଚାୟତ ଅନ୍ତର୍ଗତ କାନ୍ଦୁଲସରରେ ଭାଜପାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସ ଓ ବିଜେଡ଼ିର ଶତାଧିକ କର୍ମୀ ଭାଜପାରେ ଯୋଗ ଦେଇଥିଲେ। ସଭାରେ ଭାଜପାର ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ ସଭାପତିତ୍ୱ କରିଥିବା ବେଳେ ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂ ଦେଓ ମୁଖ୍ୟଅତିଥି, ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଅଶୋକ ଦୋରା, ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ଜିଲାପରିଷଦ ସଭ୍ୟା କଳ୍ପନା ଚୌହାନ, ମହିଳା ମୋର୍ଚ୍ଚା ସଭାପତି ନୁରୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନିର୍ବାଚନରେ ଦୋରାଙ୍କୁ ବିଜୟୀ କରିବାକୁ ସମସ୍ତ କର୍ମୀଙ୍କୁ ବିଧାୟକ ସିଂଦେଓ ଆହ୍ୱାନ ଦେଇଥିଲେ। ଏପରି କି ବିଜେଡ଼ି ସରକାରଙ୍କ ବିରୋଧରେ ବର୍ଷିଥିଲେ। ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ କର୍ମକର୍ତ୍ତା ଉପଢୌକନ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଶାନ୍ତନୁ ପଣ୍ଡା, ଅକ୍ଷୟ ରଣା, ସୁବାଷ ବେହରା, ସୁରେଶ ସିଂ ଭୋଇ, ରବି ସାହୁ, କଲାକାହ୍ନୁ ପଧାନ, ହେମକାନ୍ତ ମୁନା, ଡ଼ମନ ବାଗ, ଗୋବିନ୍ଦ ସାହୁ, ବିରଞ୍ଚି ସାହୁ, ପ୍ରେମାନନ୍ଦ ସାହୁ, ଶଶିକାନ୍ତ ସାହୁଙ୍କ ସହ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ। ସଇଁତଲା ମଣ୍ଡଳ ସଭାପତି ବିଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସାମୂହିକ ବ୍ରତୋପନୟନ

**ବିନିକା, ୨୮।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ନିକଟସ୍ଥ ପାପକ୍ଷୟ ପୀଠରେ ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ଦାସଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଚାଲିଛି ସପ୍ତାହ ବ୍ୟାପୀ ଶ୍ରୀମଦ୍ ଭଗବତ୍ ପାରାୟଣ। ପାରାୟଣର ପଞ୍ଚମ ଦିବସ ଗୁରୁବାର ଆଦିକନ୍ଦ ବାବୁଙ୍କ ପରିଚାଳନାରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ରତୋପନୟନରେ ୨୯ଜଣ ପୁରୋହିତ ୨୯ଜଣ ବ୍ରହ୍ମଚାରୀଙ୍କ ବ୍ରତୋପନୟନ କରାଇଥିଲେ।



ସାମୂହିକ ବ୍ରତୋପନୟନ ପରେ ବ୍ରହ୍ମଚାରୀମାନେ।

# ଘରଡିହ ପଟ୍ଟା ନଦେଲେ ଭୋଟ ବର୍ଜନ

**ସୋନପୁର, ୨୮।୩(ନି.ପ୍ର)**

ସୁବର୍ଣ୍ଣପୁର ସହରରେ ସରକାରୀ ଜମିରେ ଦୀର୍ଘ ବର୍ଷ ଧରି ରହୁଥିବା ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଘରଡିହ ପଟ୍ଟା ପ୍ରଦାନରେ ବିଳମ୍ବ ହେଉଛି। ପ୍ରତିବାଦରେ ସହରର ଭିନ୍ନ ଭିନ୍ନ ୱାର୍ଡର ମହିଳାମାନେ ମ୍ୟୁନିସିପାଲିଟି ଅଫିସ ସମ୍ମୁଖରୁ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ କରିଥିଲେ। ନିର୍ବାଚନ ପୂର୍ବରୁ ପଟ୍ଟା ନ ମିଳିଲେ ଏହି ପରିବାରଗୁଡିକ ଭୋଟଦାନରୁ ବିରତ ରହିବେ ବୋଲି ଚେତାବନୀ ଦେଇଥିଲେ। ପରେ ଉତ୍ତ୍ୟକ୍ତ ମହିଳାମାନେ ମୁଖ୍ୟ ଫାଟକ ଖୋଲି କାର୍ଯ୍ୟାଳୟ ଭିତରକୁ ଧସେଇ ପସିଥିଲେ। ପୂର୍ବ ସୂଚନା ନ ଥିବାରୁ ପୋଲିସ ସୁରକ୍ଷା ବ୍ୟବସ୍ଥା ନଥିଲା। ଆନ୍ଦୋଳନକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଇବା ସହ ଧାରଣାରେ ବସିଥିଲେ। ଏହି ସମୟରେ ଜିଲାପାଳ ମଧୁସୂଦନ ମିଶ୍ର କିମ୍ବା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅନୁପସ୍ଥିତ ଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା କାରଣରୁ ଏବେ ପଟ୍ଟା ବଣ୍ଟନ ସମ୍ଭବ ନୁହେଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଜିଲାପାଳ ମିଶ୍ର ଆଲୋଚନା ପାଇଁ ସମୟ ମାଗିବା ସହ ସ୍ମାରକପତ୍ର ଗ୍ରହଣ କରିବା ପରେ ଅପରାହ୍ନରେ ମହିଳାମାନେ ଆନ୍ଦୋଳନରୁ ହଟିଥିଲେ। ଭୂମିହୀନଙ୍କ ଉଚ୍ଛେଦ କରାଯିବନି। ଜାଗା ମିଶନରେ ସେମାନଙ୍କୁ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ କରାଯିବାର ପୂର୍ବରୁ ପ୍ରତିଶ୍ରୁତି ମିଳିଥିଲା। କିଛି ଲୋକଙ୍କୁ ପ୍ରଶାସନ ପକ୍ଷରୁ ପଟ୍ଟା ମଧ୍ୟ ମିଳିଥିଲା। ତେବେ ସହରର ବହୁ ଭୂମିହୀନ ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଜ୍ୟୋତିର୍ମୟୀ ରଥଙ୍କ ନେତୃତ୍ୱରେ ନୁର ବେଗମ, ମଦିନା ବିବି, ସୟଦ ରମଜାନ ଅଲି, ଚନ୍ଦନ ଖପରଧିଆ, କୁନି ସାହୁ, ଯଜ୍ଞସେନୀ ଦାସ ଓ ସରୋଜିନୀ ମହଲା ପ୍ରମୁଖ ଶତାଧିକ ମହିଳା ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**ଜିଲାପାଳଙ୍କ ଅଫିସ ଫାଟକରେ ତାଲା ପକାଇଲେ ମହିଳା**




ଭୂମିହୀନ ପରିବାରର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### ବିଶ୍ୱ ନାଟ୍ୟ ଦିବସରେ ଶୋଭାଯାତ୍ରା, ପଥପ୍ରାନ୍ତ ସଭା

**ବଲାଙ୍ଗୀର ଅଫିସ,୨୮।୩:** ବଲାଙ୍ଗୀରରେ ବିଭିନ୍ନ ନାଟ୍ୟାନୁଷ୍ଠାନ ପକ୍ଷରୁ ବୁଧବାର ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ଅନ୍ୱେଷଣ ଅନୁଷ୍ଠାନ ପକ୍ଷରୁ ସହରରେ ଏକ ଶୋଭାଯାତ୍ର କରାଯିବା ସହ ନୃସିଂହ ମନ୍ଦିର ସମ୍ମୁଖରେ ନାଟକ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଅନୁଷ୍ଠାନ ସଭାପତି ହୃଷୀକେଶ ପୁରୋହିତ ସଭାପତିତ୍ୱ କରିଥିଲେ । ସମ୍ପାଦକ ପ୍ରକାଶ ଥନାପତି ସଭା ସଂଯୋଜନା କରିଥିଲେ । ମୁଖ୍ୟବକ୍ତା ଭାବେ ନାଟ୍ୟକର୍ମୀ କୁନା ବାଗ ଯୋଗଦେଇ ଚଳିତବର୍ଷ ବିଶ୍ୱ ନାଟ୍ୟ ଦିବସ ଅବସରରେ କ୍ୟୁବାର ନାଟ୍ୟକାର କାର୍ଲୋସ ସେଲଡ୍ରୋନ ପ୍ରଦାନ କରିଥିବା ବାର୍ତ୍ତା ପଢ଼ିଥିଲେ। ନାଟକ କ୍ଷେତ୍ରରେ ବଲାଙ୍ଗୀରର ସମୃଦ୍ଧ ଇତିହାସ ରହିଥିଲେ ମଧ ପ୍ରୋତ୍ସାହନ ଅଭାବରୁ ନାଟକ କ୍ଷେତ୍ର ଅବହେଳିତ ହୋଇପଡୁଛି ବୋଲି ବାଗ କହିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ପୁଇଁନ୍ତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ବାଗ ନାଟକ କ୍ଷେତ୍ରକୁ ଲୋକାଭିମୁଖୀ କରିବା ଦିଗରେ ନାଟ୍ୟକର୍ମୀମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ଗୀତିକାର ବ୍ରହ୍ମାନନ୍ଦ ବନଛୋର, ଯୁବ ନାଟ୍ୟକାର ଅରବିନ୍ଦ ଯୋଗ ଦେଇଥିଲେ । ସଭାରେ ବରିଷ୍ଠ କଳାକାର ବିଶ୍ୱଜିତ ନନ୍ଦ, ଦିଲୀପ ଦୀପ, ସରୋଜ ନାଏକ, ସିମାଇ ଦୀପ, ଲକ୍ଷ୍ମଣ ଠାକୁର, ଅଶୋକ ଦୀପ, ମାନସ ମିଶ୍ର, ଅନୀଲ ପଣ୍ଡା, ଭକ୍ତ ପୋଢ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପାଟଣେଶ୍ୱରୀ ମନ୍ଦିରରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରାକୁ ଯୁବନେତା ସମରେନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ।

### ଦେବଗୁନିଆ ସମାଜର ମହାସଭା

**ବଙ୍ଗୋମୁଣ୍ଡା,୨୮।୩(ଡି.ଏନ୍.ଏ.):** ଦେବଗୁନିଆ(ଦେବଗୁରୁ) ସମାଜ ଆନୁକୂଲ୍ୟରେ ଏକ ମହାସଭା ସ୍ଥାନୀୟ କୁମୁଡିପଦରଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗୀର, ନୂଆପଡ଼ା, ରାୟଗଡା, ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର ଜିଲାରୁ ଶତାଧିକ ଦେବଗୁନିଆ ସମ୍ପ୍ରଦାୟର ଯୁବତୀ ଯୁବକ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଭୂ ବାରଭାଇ ବେନିଆ ଓ ବୀଣା ଦେବଗୁନିଆ ସମାଜର ଇଷ୍ଟ ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ୱାଗତ ଭାଷଣ କେଶବ ଚନ୍ଦ୍ର ଦେବଗୁରୁ ଦେଇଥିଲେ । ଧନେଶ୍ୱର ବେନିଆ ମଞ୍ଚ ସଂଚାଳନା କରିଥିବା ବେଳେ ଦେବଗୁନିଆ ଯୁବ ସମାଜର ସଦସ୍ୟ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ତ୍ରିଲୋଚନ ବାଗ, ସତ୍ୟନନ୍ଦ ଦେବଗୁରୁ, ବିପିନ ଦେବଗୁରୁ, ଶଙ୍କର ଦେବଗୁରୁ, ଗିରିଧାରୀ ବେନିଆ, ଘଡି ଦେବଗୁରୁ, ଧନଞ୍ଜୟ ଦେବଗୁରୁ, ବୈକୁଣ୍ଠ ଦେବଗୁରୁ, ଥବୀର ଦେବଗଣ୍ଡ, ସୁରେଶ ଦେବଗୁରୁ, ହରେକୃଷ୍ଣ ଦେବଗୁରୁ, ରବି ଦେବଗୁରୁ ପ୍ରମୁଖ ଯୋଗ ଦେଇଥିଲେ। ଦେବଗୁନିଆ ଜାତିର ପରମ୍ପରା, ସଂସ୍କୃତି, ଐତିହ୍ୟ, କଳାକୁ ଉଜ୍ଜିବିତ କରିବା ନେଇ ଆଲୋଚନା କରାଯାଇଥିଲା। ଏପରି କି ସମାଜର କୌଳିକ ବୃତ୍ତି କରୁଥିବା ବ୍ୟକ୍ତି ବିଶେଷ ଏବଂ ବୀଣା ବାଦକମାନଙ୍କୁ ସରକାର ଚିହ୍ନଟ କରି ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଦେବଗୁନିଆ ଯୁବ ସମାଜ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା।

**ଆଜି କ'ଣ କେଉଁଠି**
ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଲୋଇସିଂହା ନିର୍ବାଚନ ମଣ୍ଡଳୀ

# ତିନି ପ୍ରମୁଖ ଦଳରେ ନୂଆ ଚେହେରା

**ଲୋଇସିଂହା, ୨୮।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସଂରକ୍ଷିତ ୬୬ନମ୍ବର ବିଧାନସଭା ନିର୍ବାଚନମଣ୍ଡଳୀ। ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକକୁ ନେଇ ଏହି କ୍ଷେତ୍ର ଗଠିତ। ଅନୁସୂଚିତ ଜାତି ବର୍ଗ ପାଇଁ ଉଦ୍ଦିଷ୍ଟ ଏହି ଆସନରେ ଏପ୍ରିଲ ୧୮ରେ ଭୋଟ ଗ୍ରହଣ କରାଯିବ। ବୁଧବାର ନାମାଙ୍କନ ଯାଞ୍ଚ ପ୍ରକ୍ରିୟା ଶେଷ ପରେ ଏଠାରେ ରାଜନୈତିକ ପାଣିପାଗ ଉଷ୍ମ ହୋଇ ଯାଇଛି। ଉଲ୍ଲେଖନୀୟ ଘଟଣାକ୍ରମରେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା ମଇଦାନକୁ ଯୁବ ଚେହେରାଙ୍କୁ ସୁଯୋଗ ଦେଇଛନ୍ତି। ରାଜନୈତିକ ପାଣିପାଗ ଆକଳନ କଲେ ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ସ୍ପଷ୍ଟ ବୋଲି ଅନୁମାନ କରାଯାଉଛି।

ଲୋଇସିଂହା ବ୍ଲକର ୨୦ପଞ୍ଚାୟତ, ଆଗଲପୁର ବ୍ଲକର ୨୦ ପଞ୍ଚାୟତ ଓ ପୁଇଁତଲା ବ୍ଲକର ୨୪ ପଞ୍ଚାୟତକୁ ନେଇ ଗଠିତ ଲୋଇସିଂହା ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୩୦ ହଜାର ୪୭୨ ଭୋଟର ରହିଛନ୍ତି। ସେଥିରୁ ୧ଲକ୍ଷ ୧୦ ହଜାର ୭୪ମହିଳା, ୧ ଲକ୍ଷ ୨୦ ହଜାର ୩୭୬ ପୁରୁଷ, ୨୨ଜଣ ଆନ୍ୟାନ୍ୟ ଭୋଟର ରହିଛନ୍ତି।


ପ୍ରଦୀପ ବେହେରା


ନବ କିଶୋର ନାଏକ


ମୁକେଶ ମହାଲିଙ୍ଗ

୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଯୋଗେନ୍ଦ୍ର ବେହେରା ୬୪ ହଜାର ୩୪୦ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସର ପାଣ୍ଡବ କୁମ୍ଭାର ୪୧ ହଜାର ୪୮୬ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ଓ ଭାଜପାର ପରମାନନ୍ଦ ସେଠ ୩୮ହଜାର ୭୩୨ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଚଳିତ ବିଧାନସଭା ନିର୍ବାଚନରେ ବିଜେଡି ଯୋଗେନ୍ଦ୍ରଙ୍କ ଟିକେଟ କାଟି ପ୍ରଦୀପ ବେହେରାଙ୍କୁ ପ୍ରାର୍ଥୀ କରିଛି। ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ପ୍ରଦୀପ ସ୍ୱେଚ୍ଛାକୃତ ଅବସର ନେଇ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଓ ଲୋକାଭିମୁଖୀ ଯୋଜନାକୁ ନେଇ ସେ ଜନସାଧାରଣଙ୍କ ପାଖକୁ ଯିବେ। ବିଜେଡି ଏଠାରେ ଲଗାତର ତୃତୀୟ ଥର ପାଇଁ ବିଜୟ ହାସଲ କରିବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଭାଜପା ଡ଼. ମୁକେଶ ମହାଲିଙ୍ଗଙ୍କୁ ପ୍ରାର୍ଥୀ କରିଛି। ସେ ରାଜ୍ୟ ପ୍ରଦୂଷଣ ବୋର୍ଡରେ ବରିଷ୍ଠ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଛନ୍ତି। ଚାକିରିରୁ ସେ ସ୍ୱେଚ୍ଛାକୃତ ଅବସର ପରେ ଭାଜପାରେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ଗତ ପଞ୍ଚାୟତ ନିର୍ବାଚନର ସଫଳତା ଭାଜପାକୁ ଆଗାମୀ ନିର୍ବାଚନରେ ସୁହାଇବ ବୋଲି ସେ କହିଛନ୍ତି। ସେହିପରି ଲୋଇସିଂହାର ପୂର୍ବତନ ସରପଞ୍ଚ ନବ କିଶୋର ନାଏକଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ଏପରି କି କଂଗ୍ରେସ ପ୍ରଥମ ଦଳ ଭାବେ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଥିବାରୁ ତାଙ୍କ ସମର୍ଥକମାନେ ଉତ୍ସାହିତ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ନବ କିଶୋର କହିଛନ୍ତି, ଯେ, ଗତ ୨ଟି ନିର୍ବାଚନରେ ବିଜେଡି ଏଠାରେ ବିଜୟ ହାସଲ କରିଥିଲେ ବି ଆଞ୍ଚଳ କୌଣସି ଆଖିଦୃଶିଆ ଉନ୍ନତି ହୋଇନାହିଁ। ବିକାଶ ବଦଳରେ ଦୁର୍ନୀତି, ଭ୍ରଷ୍ଟାଚାର ବୃଦ୍ଧି ପାଇଛି। ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି। ମଇଦାନରେ ଥିବା ଅନ୍ୟ ପ୍ରାର୍ଥୀମାନେ ନିର୍ବାଚନରେ ଭୋଟ ରାଜନୀତିକୁ ପ୍ରଭାବିତ କରିବେ ତାହା ଏବେଠାରୁ ଆକଳନ କରିବା କଷ୍ଟକର ବୋଲି ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତିମାନେ ମତପୋଷଣ କରିଛନ୍ତି। ତେବେ ପ୍ରମୁଖ ରାଜନୈତିକ ଦଳଗୁଡିକରେ ବିଗତ ଦିନମାନଙ୍କରେ ଲାଗି ରହିଥିବା ବିଦ୍ରୋହକୁ କିପରି ପ୍ରଶମିତ କରିବେ ତାହା ସେମାନଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହୋଇଛି।

**ରିପୋର୍ଟ: ସୁଶାନ୍ତ ବାରିକ**


ଦଳୀୟ କର୍ମକର୍ତ୍ତାଙ୍କ ସହ ନୂତନ ଭାବେ ଯୋଗଦେଇଥିବା କର୍ମୀ।

ଭାଜପାର ମିଶ୍ରଣ ପର୍ବ

## ସାମିଲ ହେଲେ ପୂର୍ବତନ ନଗରପାଳ

**ଟିଟିଲାଗଡ଼,୨୮।୩ (ଡି.ଏନ.ଏ.)**

ଟିଟିଲାଗଡ଼ସ୍ଥିତ ମହାବୀର ଧର୍ମଶାଳା ପରିସରରେ ଗୁରୁବାର ସନ୍ଧ୍ୟାରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଘଣ୍ଟାସୁନୀ ମନ୍ଦିରରୁ ଯୋଗଦେବାକୁ ଥିବା ନୂତନ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ଧର୍ମଶାଳାରେ ଆୟୋଜିତ ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂଦେଓ, ଏମ୍‌ପି ପ୍ରାର୍ଥିନୀ ସଂଗୀତା କୁମାରୀ ସିଂହଦେଓ, ବିଧାୟକ ପ୍ରାର୍ଥୀ ଅଶୋକ ଦୋରା, ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ନଗର ସଭାପତି ଚେୟାରମେନ ବାଗଙ୍କ ଉପସ୍ଥିତିରେ ପୂର୍ବନଗରପାଳ ଶୁଭ୍ରାଂଶୁ ଦାଶ, ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁ, ପ୍ରମୋଦ ସରାଫ, ରାଜେନ୍ଦ୍ର ସାହୁ, ବୁଦ୍ଧିଆ ଆଚାର୍ଯ୍ୟଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବ ପରେ ଦଳ ମଜଭୂତ ହେବ ବୋଲି ବିଧାୟକ କନକବର୍ଦ୍ଧନ କହିଛନ୍ତି।


ଦେଓଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷକମାନେ ବିଭିନ୍ନ ଦାବି ନେଇ ବିଇଓଙ୍କ ସହ ଆଲୋଚନା କରୁଛନ୍ତି।

ଦେଓଗାଁ ବ୍ଲକ ଶିକ୍ଷା ବିଭାଗରେ ଶିକ୍ଷକଙ୍କୁ ଅବହେଳା ଘଟଣା

## ସମାଧାନ ପାଇଁ ବିଇଓଙ୍କ ପ୍ରତିଶ୍ରୁତି

**ଦେଓଗାଁ,୨୮।୩(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଶିକ୍ଷା ବିଭାଗରେ ଶିକ୍ଷକଙ୍କ ପ୍ରତି ଅବହେଳା କରାଯାଉଥିବା ବେଳେ ଶିକ୍ଷକଙ୍କ ଦାବି ପୂରଣ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ୫୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଗତ ଜାନୁୟାରୀ ମାସରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ପତ୍ର ସଂଖ୍ୟା ୩୫୨୬/୧୩.୩.୧୯ରେ ନିର୍ଦ୍ଦେଶ ପରେ ଗୁରୁବାର ଅପରାହ୍ନରେ ଅଭିଯୋଗ କରିଥିବା ୫୫ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଓଗାଁ ବ୍ଲକ ଶିକ୍ଷା ଅଧିକାରୀ ଭାଗ୍ୟବତୀ ଦାଶ କାର୍ଯ୍ୟାଳୟକୁ ଡକାଇ ଏହାର ସମାଧାନ ପାଇଁ ଏକ ବୈଠକ କରିଥିଲେ। ବୈଠକରେ ଶିକ୍ଷକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜନୈକ କିରାଣି ବିଭିନ୍ନ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଲାଞ୍ଚ ମାଗିବା ସହ ହଇରାଣ ହରକତ କରୁଥିବା ଅଭିଯୋଗ କରିଥିଲେ। ଏପରି କି ମାସିକ ଦରମା ପ୍ରଥମ ସପ୍ତାହରେ ଦେବାକୁ ଦାବି କରିଥିଲେ। ଏପରି କି ଶିକ୍ଷକମାନଙ୍କ ବକେୟା ପାଉଣା ଏପ୍ରିଲ ମାସ ମଧ୍ୟରେ ଦେବାକୁ ଦାବି କରିଥିଲେ। ସେହିପରି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। କିଛି ଦିନ ମଧ୍ୟରେ ଡୁମେରପିଟା ପ୍ରାଥମିକ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକଙ୍କୁ ରାମଚନ୍ଦ୍ରପୁର ସ୍କୁଲକୁ ଡେପୁଟେଶନରେ ବଦଳି କରାଯାଇଥିଲା। ହେଲେ ଜିଲା କମିଟିର ସ୍ୱୀକୃତି ବିନା ତାଙ୍କୁ ଡେପୁଟେଶନରେ ପଠାଯାଇଥିବା ଅଭିଯୋଗ କରି ଡେପୁଟେଶନକୁ ରଦ୍ଦ କରିବାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୀତ କୁମାର ଦୋରା ଅଭିଯୋଗ କରିଥିଲେ। ଆସନ୍ତା ୨ମାସ ମଧ୍ୟରେ ଶିକ୍ଷକମାନଙ୍କ ସମସ୍ତ ଦାବି ପୂରଣ କରାଯିବ ବୋଲି ବିଇଓ ଦାଶ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

## ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ନିଯୁକ୍ତ

**ବଲାଙ୍ଗୀର ଅଫିସ,୨୮।୩**

ବଲାଙ୍ଗୀର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୬୬ ନମ୍ବର ଲୋଇସିଂହା (ସଂରକ୍ଷିତ) ବିଧାନସଭା ନିର୍ବାଚନ ମଣ୍ଡଳୀ, ୬୪- ବୀରମହାରାଜପୁର ଓ ୬୫- ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ କର୍ନାଟକ ସରକାରଙ୍କ ମାଇନ୍ସ ଓ ଜିଓଲଜି ବିଭାଗ ନିର୍ଦ୍ଦେଶକ ଏନ୍.ଏସ୍. ପ୍ରସନ୍ନ କୁମାର(ଆଇଏଏସ୍) ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ଜନସାଧାରଣ, ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ନିର୍ବାଚନ ସମ୍ପର୍କିତ ଆପତ୍ତି ଅଭିଯୋଗ ତାଙ୍କ ମୋବାଇଲ ନମ୍ବର ୯୯୪୫୩୭୨୦୦୪ରେ ଜଣାଇପାରିବେ। ନିବାଚନ ସମ୍ପର୍କିତ କୌଣସି ଆପତ୍ତି ଅଭିଯୋଗ ସମ୍ପର୍କରେ ଜଣାଇବାକୁ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରିବାକୁ ହେଲେ ୬୬ ନମ୍ବର ଲୋଇସିଂହା (ସଂରକ୍ଷିତ) ବିଧାନସଭା ନିର୍ବାଚନ ମଣ୍ଡଳୀର ଲିଆଜିନିଂ ଅଫିସର ଭାସ୍କର ପାତ୍ର ମୋବାଇଲ ନମ୍ବର ୯୪୩୭୨୨୩୬୬୫ରେ ଯୋଗାଯୋଗ କରି ପୂର୍ବରୁ ସାକ୍ଷାତ ସମୟ ନେଇପାରିବେ । ସେହିପରି ୬୪- ବୀରମହାରାଜପୁର ଓ ୬୫- ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଜନସାଧାରଣ, ରାଜନୈତିକ ଦଳ ତଥା ପ୍ରାର୍ଥୀ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକଙ୍କ ସହ ବ୍ୟକ୍ତିଗତ ଭାବେ ସାକ୍ଷାତ କରିବାକୁ ହେଲେ ଏହି ଦୁଇ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ତାଙ୍କ ଲିଆଜିନିଂ ଅଫିସର ଯୁବରାଜ ସାହୁ ମୋବାଇଲ ନମ୍ବର ୯୭୭୭୯୦୯୧୫୪ରେ ଯୋଗାଯୋଗ କରି ପୂର୍ବରୁ ସାକ୍ଷାତ ସମୟ ନେଇପାରିବେ।

୪ ବଛର ହେଲା କୋମାରେ ପାଏନ୍ ପ୍ରକଳ୍ପ

## ପିଇଲା ପାଏନ୍ ଲାଗି ଯୁଝୁଛନ୍ କୁଟରାପାଲିବାସୀ

**ଲୋଇସିଂହା,୨୮।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ କୁଟରାପାଲି ଗାଁବାସୀ ଖରାଦିନ୍ ପସତେ ପସତେ ପିଇଲା ପାଏନ୍ ଲାଗି ବଡ଼ଭାରି ସମସିଆର ସାମନା କରୁଛନ୍। ଗାଁରେ ଥିବାର କେତେ ନଲ୍‌ତୁଆଁର ପାଏନ୍ ପିଇଖାଇ ନାଇଁ ହେବାର। ଇଆଡ଼େ ଖରା ଆରମ୍‌ରୁ ବାକି ନଲ୍‌ତୁଆଁର ପାଏନ୍ ବି ଗାଁବାସୀକୁ ନିହଁଟ ପଡୁଛେ। ଏନ୍‌ତାଥି ଗାଁରେ ଥିବାର ପିଇଲା ପାଏନ୍ ପ୍ରକଳ୍ପଟା ଗାଁବାସୀକର ସାହାଭରସା ପାଲଟିଥିଲା। ହେଲେ ପ୍ରକଳ୍ପ ବି ଗଲା ୪ ବଛର ହେଲା ଅଚଲ୍ ହେଇ ପଡ଼ିଛେ, ଯେନ୍‌ଥିରଲାଗି ଗାଁବାସୀକର ପାଏନ୍ ସମସିଆଟା ଦୁଇଗୁନା ବଢ଼ିଯାଇଥିବାର ଅଭିଯୋଗ ହେଉଛେ।

ସୂଚନା ଅନ୍‌ସାରେ ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଁଚେତ ଅଧୀନ କୁଟରାପାଲି ଗାଁ। ୪ଟା ୱାର୍ଡ ଥିବାର ଇ ଗାଁରେ ପାଖାପାଖି ୧୬ଶହ ଲୋକ୍ ବାସ୍ କରୁଛନ୍। ଗାଁବାସୀକର ପିଇଲା ପାଏନ୍ ସୁବିଧା ଲାଗି କୁଟରାପାଲି-ସରଗାଡ଼ ରାସ୍‌ତାରେ ବୋରିଂ କୁଡ଼ି ଷ୍ଟାଣ୍ଡପୋଷ୍ଟ ଜରିଆରେ ପାଏନ୍ ଯୁଗେଇ ଦିଆଯାଉଥିଲା। ହେଲେ ପ୍ରକଳ୍ପଟା ଗଲା ୨୦୧୫ ସାଲୁ ଅଚଲ ହେଇ ପଡ଼ିରହିଛେ। ୪ ବଛର ହେଲା ପ୍ରକଳ୍ପ ଅଚଲ ହେଇ ପଡ଼ିଥିଲାବେଳେ ଗାଁବାସୀ ପିଇଲା ପାଏନ୍ ସମସିଆରେ ଯୁଝୁଛନ୍। ହେଲେ ପ୍ରକଳ୍ପ ସଚଲ କରବାର ଦିଗେ ପଁଚେତ୍ କତୃରପକ୍ଷ କି ଆରଡବ୍ଲୁଏସ୍ଏସ୍ ବିଭାଗର ଆଁତରିକତା ଥିଲା ଲେଖେଁ ଦେଖିବାକେ ନାଇଁ ମିଲବାର। ଗାଁବାସୀକର ବେଭାର ଲାଗି ଗାଁରେ ୮ରୁ ୯ଟା ନଲ୍‌ତୁଆଁ ରହିଛେ। ହେଲେ ଇ ନଲ୍‌ତୁଆଁମାନକର ପାଏନ୍ ବେଭାର କଲା ଲେଖେଁ ନୁହେ, ଗାଁବାସୀ ଉପେ ଶୁଇନ୍ ହେଇ ଇ ପାଏନ୍‌କେ ଖାଏବା ପିଇବାରେ ବେଭାର କରୁଛନ୍। ଏହେଦେ ଖରା ବଢ଼ବାର ଲାଗି ନଲ୍‌ତୁଆଁମାନକେ ବି ଦରକାର ହିସାବେ ପାଏନ୍ ନାଇଁ ବାହାରବାର। ଯେନ୍‌ଥିରଲାଗି ଗାଁବାସୀ ପିଇଲା ପାଏନ୍ ଲାଗି ବଡ଼ଭାରି ସମସିଆର ସାମନା କରୁଛନ୍। ସମସିଆର ସମାଧାନ ଲାଗି ଗାଁରେ ଥିବାର ପାଏନ୍ ପ୍ରକଳ୍ପକେ ସଚଲ କରବାକେ ଗାଁର କେଦାରନାଥ ଥନାପତି, ୱାର୍ଡ ସଭ୍ୟା ବିଲାସିନୀ ସାହୁ, ଦୁର୍ବାଦଳ ସାହୁ, ଚକାଡ଼ୋଳା ଦଣ୍ଡସେନା, ସୌମିତ୍ରି ସାହୁ ପରମୁଖ ଦାବି କରିଛନ୍।


କୁଟରାପାଲିରେ ଅଚଲ ହେଇ ପଡ଼ିଥିବାର ପିଇଲା ପାଏନ୍ ପ୍ରକଳ୍ପ।

ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଅନିୟମିତତା ଅଭିଯୋଗ

## ବୈଠକରେ ସଭାପତିଙ୍କ ଦୃଷ୍ଟି ଆକର୍ଷଣ ନିଷ୍ପତ୍ତି

**ଦେଓଗାଁ,୨୮।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ପରିଚାଳନାଗତ ଓ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ବାରମ୍ବାର ଏ ନେଇ କଲେଜରେ ବୈଠକ କରାଯାଉଥିଲେ ମଧ କୌଣସି କକମାଧାନ ନ ହେବାରୁ ଗାଁରେ ଅସନ୍ତୋଷ ଦେଖାଦେଇଛି। ଗୁରୁବାର ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ସୁନ୍ଦରମଣି କକଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ କଲେଜ ପରିସରରେ ଏକ ବୈଠକ ହୋଇଥିଲା। ବାରମ୍ବାର ବୈଠକ ପରେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବାରୁ କଲେଜ ପରିଚାଳନା କମିଟି ସଭାପତି ପୂର୍ବତନ ରାଜ୍ୟସଭା ସଦସ୍ୟ ଅନଙ୍ଗ ଉଦୟ ସିଂ ଦେଓଙ୍କ ଦୃଷ୍ଟିଆକର୍ଷଣ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଦୀର୍ଘ ଦିନ ହେଲା କଲେଜର ଉନ୍ନତି ନେଇ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିବା ବେଳେ କଲେଜ ପାଣ୍ଠିରେ ହେରଫେର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । କିଛିଦିନ ମଧ୍ୟରେ କଲେଜର ସମସ୍ୟାର ସମାଧାନ ଦିଗରେ ସଭାପତି ସିଂ ଦେଓ ପଦକ୍ଷେପ ଗ୍ରହଣ ନ କଲେ ଜରାସିଂହା ଗ୍ରାମ୍ୟ ଉନ୍ନୟନ କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଭାଗବତ ସପ୍ତାହ ଜ୍ଞାନ ଯଜ୍ଞ: କଳସ ଶୋଭାଯାତ୍ରା

**ଟିକ୍ରାପଡା,୨୮।୩(ଡି.ଏନ୍.ଏ.)**

ସଇଁନ୍ତଲା ବ୍ଲକ କରମତଲାଠାରେ ସପ୍ତାହ ଧରି ହେବାକୁ ଥିବା ଭାଗବତ ଜ୍ଞାନ ଯଜ୍ଞ ଉପଲକ୍ଷେ ଗୁରୁବାର ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗିରିରାଜ ମଠ ମହନ୍ତ ସଦାନନ୍ଦ ଦାଶ, ନବ ଦୀପ ଧାମ, ମାୟାପୁରର ମହନ୍ତ ସୁବଳ ଦାସ ପ୍ରମୁଖ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି। ଯୁଧିଷ୍ଠିର ହୋତା ବ୍ୟାସ ଦାୟିତ୍ୱ ନିର୍ବାହ କରୁଛନ୍ତି। କିଶୋର ଚନ୍ଦ୍ର ଦାସ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି।


ଭାଗବତ ସପ୍ତାହ ଜ୍ଞାନ ଯଜ୍ଞ ଉପଲକ୍ଷେ ବାହାରିଥିବା କଳସ ଶୋଭାଯାତ୍ରା।

ନାଟ୍ୟକ୍ରାନ୍ତି ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନ

## ମୂକାଭିନୟ ନାଟକ ଟାଇମ୍ ପାସ୍, ଦ ୟୁନିଟି ପରିବେଷିତ

**ବଲାଙ୍ଗୀର ଅଫିସ,୨୮।୩**

ସ୍ଥାନୀୟ ଅମଳା ଭାବନଠାରେ ବୁଧବାର ବଲାଙ୍ଗୀରର ଅଗ୍ରଣୀ ନାଟ୍ୟାନୁଷ୍ଠାନ ନାଟ୍ୟକ୍ରାନ୍ତି ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଥିଲା । ପ୍ରଫେସର ଡ. ସନ୍ତୋଷ କୁମାର ରଥ ନାଟ୍ୟ ଭାବଧାରା ବିଶ୍ଳେଷଣ କରିଥିଲେ। ଗାଳ୍ପିକ ମନୋଜ ପଣ୍ଡା ନାଟ୍ୟକାର କାର୍ଲେସ ସେଲ୍‌ଡ୍ରାନ୍‌ଙ୍କ ବାର୍ତ୍ତାକୁ ଓଡ଼ିଆ ରୂପାନ୍ତର କରି ପଢିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ନାଟ୍ୟକାର ଅବଦୁଲ ଜମାଲ ଖାନ୍ ଓଡ଼ିଆ ନାଟକ ଏବଂ କୋଶଲୀ ନାଟକ ମଧ୍ୟରେ ଏକ ତୁଳନାତ୍ମକ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଅନୁଷ୍ଠାନ ସଭାପତି ରାଜେନ୍ଦ୍ର କୁମାର ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୀଳାଚଳ ଚିରଗୁନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସୁରେନ୍ଦ୍ର କୁମାର ତ୍ରିପାଠୀ ବିଶ୍ୱ ନାଟ୍ୟ ଦିବସର ବାର୍ତ୍ତା ପାଠ କରିଥିଲେ। ବିଶ୍ୱ ନାଟ୍ୟ ଦିବସ ଅବସରରେ ଆକ୍ରମ ଦୁରାନୀଙ୍କ ନିର୍ଦ୍ଦେଶିତ ଦୁଇଟି ମୂକାଭିନୟ ନାଟକ ଦର୍ଶକଙ୍କୁ ଆମୋଦିତ କରିଥିଲା। ଏଥିରେ ନାଟ୍ୟକର୍ମୀ ଅଜିତ, ସୌରଭ, ଟୁନା, ସାହିଲ, ସାହିଦ, ଗୁରୁଦାସ ରାଜ ଅଭିନୟ କରିଥିଲେ । କାର୍ଯ୍ୟକ୍ରମରେ ନାଟ୍ୟକାର ଭାସ୍କର ମେହେଟ୍ଟା, ରମେଶ ଚନ୍ଦ୍ର ପୁରୋହିତ, ଭାଗୀରଥି ମିଶ୍ର, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ସଞ୍ଜୟ ଭୋଇ, ପ୍ରଦୀପ ମହାପାତ୍ର, ପ୍ରହ୍ଲାଦ ଶତପଥୀ, କପିଳ ଖମାରୀ, ଭବାନୀ ଶତପଥୀ, ପ୍ରଭାକର ମିଶ୍ର, ଅଚ୍ୟୁତ ପୁରୋହିତଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଉପସଭାପତି ପ୍ରାଧ୍ୟାପକ ତରୁଣ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ବିଶ୍ୱ ନାଟ୍ୟ ଦିବସ ଅବସରରେ ଅଭିନେତାମାନେ ମୂକ ନାଟକ ପରିବେଷଣ କରୁଛନ୍ତି।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ

## ସଂକ୍ଷେପରେ

### ସନତ ପ୍ରଧାନ କେଜେଡି ପ୍ରାର୍ଥୀ

**ରାଉରକେଲା ଅଫିସ,୨୮।୩**
ସନତ ପ୍ରଧାନଙ୍କୁ କୋଶଳ ଜନତା ଦଳ (କେଜେଡି) ସମ୍ବଲପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଗୁରୁବାର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଏହି ଘୋଷଣା କରାଯାଇଛି। ରାଜ୍ୟ ସଭାପତି ପ୍ରଧାନଙ୍କ ନାମ ଘୋଷଣା କରି ତାଙ୍କୁ ଜଣେ କର୍ମଠ, ଉପଯୁକ୍ତ ଓ ଦକ୍ଷ ପ୍ରାର୍ଥୀ ଭାବେ ଦଳ ସ୍ୱୀକୃତି ପ୍ରଦାନ କରିଥିବା କହିଥିଲେ। ଉଦ୍ୟୋଗପତି ଭାବେ ଜଣାଶୁଣା ପ୍ରଧାନ ରାଉରକେଲାର ବିଭିନ୍ନ ସଂଘ ସଂଗଠନ ସହ ସମ୍ପୃକ୍ତ ଥିବାବେଳେ ସାମାଜିକ କାର୍ଯ୍ୟରେ ତାଙ୍କର ରୁଚି ରହିଥିବା କୁହାଯାଇଛି। ଜଣେ ଉପଯୁକ୍ତ ପ୍ରାର୍ଥୀ ଭାବେ ପ୍ରଧାନ ସମ୍ବଲପୁରବାସୀଙ୍କ ଆସ୍ଥା ଜିଣିପାରିବେ ବୋଲି ଦଳ ମହାସଚିବ ଚକ୍ରାନ୍ତ ଜେନା ଆଶା ବ୍ୟକ୍ତ କରିଛନ୍ତି।

### ଯୁବନେତାଙ୍କୁ ନୂତନ ଦାୟିତ୍ୱ

**ରାଉରକେଲା ଅଫିସ,୨୮।୩**
ପାନପୋଷ ସାଂଗଠନିକ ଜିଲା ଭାଜପା ସଂଗଠନକୁ ଅଧିକ କ୍ରୀୟାଶୀଳ ଲକ୍ଷ୍ୟରେ ଗୁରୁବାର ସଭାପତି ଜଗବନ୍ଧୁ ବେହେରାଙ୍କ ଅନୁମୋଦନ କ୍ରମେ ନବକୃଷ୍ଣନଗର ଅଞ୍ଚଳର ଯୁବନେତା ସୁରେଶ ନାୟକଙ୍କୁ ଅନ୍ୟତମ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ସେହିଭଳି ବାସନ୍ତୀ କଲୋନୀର ପରମେଶ୍ୱର ସାମଲଙ୍କୁ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ଉଭୟ ଯୁବନେତାଙ୍କ ସାଂଗଠନିକ ଦକ୍ଷତା ଦଳକୁ କ୍ରିୟାଶୀଳ କରିବ ବୋଲି ମୁଖପାତ୍ର ଭଗବାନ ରାଉତ ଆଶାବ୍ୟକ୍ତ କରିଛନ୍ତି।



### ଫ୍ଲାଇଆଶ୍ ଟ୍ରକ୍‌ରୁ ଉଡୁଛି ଧୂଳି

**କିର୍ମିରା, ୨୮।୩ (ଡି.ଏନ.ଏ)-** ଝାରସୁଗୁଡା ଅନ୍ତର୍ଗତ ଅର୍ଡା ସ୍ଥିତ ଏକ ସିମେଣ୍ଟ କାରଖାନାକୁ ସିମେଣ୍ଟ ତିଆରିରେ ବ୍ୟବହୃତ ହେଉଥିବା କଞ୍ଚାମାଲ ଫ୍ଲାଇଆସ (କୋଇଲା ପାଉଁଶ) ନେଇ ଆସୁଥିବା କଣ୍ଟେନରରୁ ପାଉଁଶ ଉଡୁଥିବାରୁ ବାୟୁ ପ୍ରଦୂଷଣ ହେଉଛି। ଏଠାକୁ ପ୍ରତିଦିନ ଶହ ଶହ କଣ୍ଟେନରରେ ଫ୍ଲାଇଆସ ଆସୁଥିବା ବେଳେ ଅନଲୋଡ ପରେ କଣ୍ଟେନର ସଫା କରାଯାଉନାହିଁ । ଫଳରେ ଫ୍ଲାଇଆସ ରାସ୍ତାରେ ପଡିବା ସହ ପ୍ରଦୂଷଣ ହେଉଛି । ଏଥି ପାଇଁ ଅଞ୍ଚଳରେ ଅସନ୍ତୋଷ ବଢ଼ିଚାଲିଛି । ପ୍ରଦୂଷଣ ଏବଂ ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଓକିଲ ସଂଘର ୩ଦିନିଆ କାର୍ଯ୍ୟବନ୍ଦ

**ରାଉରକେଲା ଅଫିସ,୨୮।୩**



ଓକିଲ ସଂଘ ପକ୍ଷରୁ ୩ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ କର୍ମକର୍ତ୍ତା।

ରାଉରକେଲାରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ତଥା ରାଉରକେଲାକୁ ରାଜସ୍ୱ ଜିଲା ଘୋଷଣା ଦାବିରେ ଓକିଲ ସଂଘ ପକ୍ଷରୁ ଗୁରୁବାରଠାରୁ ୩ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ସଂଘ କର୍ମକର୍ତ୍ତାଙ୍କ ସମେତ ଶତାଧିକ ଆଇନଜୀବୀ କୋର୍ଟ ପରିସରରେ ପିକେଟିଂ କରି ମୁଖ୍ୟ ଫାଟକ ବନ୍ଦ କରିଦେଇଥିଲେ। ଫଳରେ ବିଚାର ବିଭାଗୟ ଅଧିକାରୀମାନେ କୋର୍ଟ ପରିସରକୁ ପ୍ରବେଶ କରି ନ ପାରି ଫେରିବାକୁ ବାଧ ହୋଇଥିଲେ। କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଆସନ୍ତା ୩୦ ଯାଏ ଏପରି ଅଚଳାବସ୍ଥା ଲାଗି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସହରବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସଂଘ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବାରୁ ନିବୃତ୍ତ ରହିଛି। ଏଥର କୌଣସି ସରକାରୀ କାର୍ଯ୍ୟାଳୟ ବନ୍ଦ ନେଇ ପଦକ୍ଷେପ ନିଆଯାଇ ନାହିଁ। ଏହି ବନ୍ଦ ପାଳନରେ ସଂଘ ସଭାପତି ରମେଶ ବଳ, ସମ୍ପାଦକ ଅକ୍ଷୟ ସାହୁ, କୋଷାଧ୍ୟକ୍ଷ ଶ୍ରୀନିବାସ ପଣ୍ଡା, ମାଧବୀ ଝା, ବିଜୟ ଦାସ, ଭୀମବାହାଦୁର ସିଂ ପତି, ମନୋରଞ୍ଜନ ବାରିକ, ଅଞ୍ଜନ ବାରିକ, ଅନୁସୂୟା ପଣ୍ଡା, ପଞ୍ଚାନନ ଶତପଥୀ, ବାବୁଲି ପାତ୍ର, ସନ୍ତୋଷ ନାୟକ, ଗିରୀଶ ମହାପାତ୍ର, ଚନ୍ଦ୍ରମଣି ଜେନା, ଶଙ୍କର ନାରାୟଣ ପ୍ରଧାନ, ଲକ୍ଷ୍ମୀନାରାୟଣ ଦାସ, ପବିତ୍ର ଜେନା, ସନ୍ତୋଷ ଭଦ୍ର, ଅବନୀ ପ୍ରଧାନ ଓ ଶଶୀକାନ୍ତ ନାୟକ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ, ଉପରୋକ୍ତ ଦାବି ନେଇ ସଂଘ ପକ୍ଷରୁ ଗତ କିଛି ବର୍ଷ ହେଲା ମାସର ଶେଷ ୩ କାର୍ଯ୍ୟ ଦିବସରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଛି।

# କଂଗ୍ରେସ କ୍ଷମତାକୁ ଫେରିଲେ ସର୍ବନିମ୍ନ ଗ୍ୟାରେଣ୍ଟି ଯୋଜନା ଅଗ୍ରାଧିକାରୀ ଭିତ୍ତିରେ ଲାଗୁ ହେବ

**ରାଉରକେଲା ଅଫିସ,୨୮।୩**

ଦୀର୍ଘ ୧୯ ବର୍ଷ ଧରି ବିଭିନ୍ନ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଥିବା ବିଜେଡି ସରକାରକୁ ଗାଦିଚ୍ୟୁତ କରିବାର ସମୟ ଆସିଛି ବୋଲି ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଛି। କଂଗ୍ରେସ କ୍ଷମତାକୁ ଫେରିଲେ ସର୍ବନିମ୍ନ ଗ୍ୟାରେଣ୍ଟି ଯୋଜନାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏକ ବିବୃତିରେ ଜିଲା ସଭାପତି ରବି ରାୟ କହିଛନ୍ତି, ରାଜ୍ୟ ସରକାର ଲୋଭନୀୟ ସ୍କିମ ପ୍ରଚଳନ କରି ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛନ୍ତି। ଲୋକଙ୍କ ଜୀବନଧାରଣ ମାନ ଆଜି ବି ରାଜ୍ୟରେ ଅନୁନ୍ନତ ରହିଛି। ନିଜ ଗାଦି ବଞ୍ଚାଇବାକୁ ଏହି ସରକାର ଯୋଜନା ପରେ ଯୋଜନା ଘୋଷଣା କରି ବାସ୍ତବ ସମସ୍ୟାରୁ ଲୋକଙ୍କ ଦୃଷ୍ଟି ହଟାଇବାକୁ ଅପଚେଷ୍ଟା କରିଛି। ଏହା କେବେ ସମ୍ଭବ ହେବ ନାହିଁ। ରାଜ୍ୟବାସୀ ବିଜେଡି ସରକାରଙ୍କ ଚାଲ୍ ବୁଝି ସାରିଲେଣି। ଦେଶର ଯୁବ ନେତୃତ୍ୱ ରାହୁଲ ଗାନ୍ଧୀଙ୍କ ଡାକରାରେ ସାଧାରଣ ମତଦାତା ଉଦ୍‌ବୁଦ୍ଧ ହୋଇଛନ୍ତି। କଂଗ୍ରେସ ସରକାର ଗଠନ କଲେ ଘୋଷଣା ମୁତାବକ ସର୍ବନିମ୍ନ ଗ୍ୟାରେଣ୍ଟି ଯୋଜନାରେ ପ୍ରତି ଗରିବ ପରିବାରକୁ ବାର୍ଷିକ ୭୨ ହଜାର ଟଙ୍କା ପ୍ରଦାନ କରାଯିବ। ଏହା ଦ୍ୱାରା ଦେଶର ପାଖାପାଖି ୨୦ କୋଟି ପରିବାର ଉପକୃତ ହେବେ। ସରକାରୀ ଚାକିରି କ୍ଷେତ୍ରରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯିବ। ଏହାବ୍ୟତୀତ ମହିଳା ବିଲ୍ ଅଣାଯାଇ ସେମାନଙ୍କୁ ସଶକ୍ତୀକରଣ କରାଯିବ ବୋଲି ଜିଲା ସଭାପତି ରାୟ କହିଛନ୍ତି। ଏପରି ଅବସ୍ଥାରେ ଲୋକେ କଂଗ୍ରେସ ପ୍ରତି ଆସ୍ଥା ରଖି ଏକ ସୁରକ୍ଷିତ ଓ ସମୃଦ୍ଧିଶାଳୀ ଭାରତ ଓ ଓଡ଼ିଶା ଗଠନ ଲାଗି ସହଯୋଗ କରିବାକୁ ରାୟ ଆହ୍ୱାନ ଦେଇଛନ୍ତି।

# ବାଳସୁଧାର ଗୃହରେ ସଙ୍ଗୀତ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୨୮।୩**

ରାଉରକେଲା ବାଳସୁଧାର ଗୃହ ଅନ୍ତେବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ଗୁରୁବାର ପୂର୍ବାହ୍ନରେ ଏକ ଚିତ୍ତାକର୍ଷକ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ରୂପେ ଅତିରିକ୍ତ ଜିଲା ଦୌରା ଜଜ୍ ରବୀନ୍ଦ୍ର ଦାସ, ଆସିଷ୍ଟାଣ୍ଟ କଲେକ୍ଟର ନିଭାରାଣୀ ଭଟ୍ଟାଚାର୍ଯ୍ୟ, ସୁନ୍ଦରଗଡ଼ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଆର୍ଟ ଅଫ୍ ଲିଭିଂ ପ୍ରଶିକ୍ଷକ ଅନନ୍ତ ରାରାୱା, ସାମାଜିକ କର୍ମୀ ପ୍ରେମା ଦାସ, ଡ. ଜ୍ୟୋତି ସ୍ୱାଇଁ, ଇନ୍ଦୁ ଅଗ୍ରୱାଲ, ସୀମା ଅଗ୍ରୱାଲ, ପ୍ରଦୀପ ରାଉତରାୟ, ସୁନୀଲ ପାତ୍ର, ବାଳସୁଧାର ଗୃହ ଅଧକ୍ଷ ସଞ୍ଜୟ ମହାନ୍ତି, ଶିକ୍ଷକ ପ୍ରକାଶ ତ୍ରିପାଠୀ, ମିନତୀ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥି ବକ୍ତବ୍ୟ ରଖି କହିଥିଲେ, ଶିଶୁଙ୍କ ମୌଳିକ ଅଧିକାର ସର୍ବଦା ଅକ୍ଷୁଣ୍ଣ ରହିବା ଦରକାର। ଏମାନେ କିଭଳି ଚାପମୁକ୍ତ ରହିବେ ସେ ନେଇ ଧ୍ୟାନ ଦିଆଯିଆ ଆବଶ୍ୟକ। ଦେଶର ସୁନାଗରିକ ରୂପେ ଏହି ଶିଶୁଙ୍କୁ ଗଢ଼ି ତୋଳିବା ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ପରିବେଷିତ ସଙ୍ଗୀତ କାର୍ଯ୍ୟକ୍ରମକୁ ଅନ୍ତେବାସୀ ଉପଭୋଗ କରିଥିଲେ।




ବାଳସୁଧାର ଗୃହରେ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ବିଜେଡିର ନିର୍ବାଚନୀ ପ୍ରଚାର

**କେସିଙ୍ଗା,୨୮।୩(ଡି.ଏନ.ଏ.)**

ଭବାନୀପାଟଣା ନିର୍ବାଚନର ବିଧାନସଭା ପଦ ପାଇଁ ନାମାଙ୍କନ ଶେଷ ହେବା ପରେ ଏବେ ବିଜେଡିର ପ୍ରାର୍ଥୀମାନେ ପ୍ରଚାର ଯୋରସୋରରେ ଆଗେଇ ନେଇ ଚାଲିଛନ୍ତି । ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ ନାଏକ ଏବଂ ଏମ୍‌ପି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ଉକ୍ଳେଲା, ଗାଇଗା, ଦେଓଗାଁ, ପାଷ୍ଟିକୁଡି, ଅଧମୁଣ୍ଡା, ନାସିଗାଁ ଆଦି ଗ୍ରାମ ପଞ୍ଚାୟତରେ ଦଳୀୟ କର୍ମୀଙ୍କ ସହ ପ୍ରଚାର କରିଛନ୍ତି । ଗାଁ ଗାଁ, ପଡା ପଡା ବୁଲି ବିଜେଡିକୁ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଯୋରସୋରରେ ଭୋଟ ପ୍ରଚାର କରିଚାଲିଛନ୍ତି । ପ୍ରତ୍ୟେକ ଗ୍ରାମରେ ଥିବା ଯୁବ ବାହିନୀ ଦଳ, ମହିଳା ସ୍ୱୟଂ ସେବା ଗୋଷ୍ଠୀ, ମିଶନ ଶକ୍ତି ସଙ୍ଗଠନ ପକ୍ଷରୁ ଦୁଷ୍ମନ୍ତ ଓ ପୁଷ୍ପେନ୍ଦ୍ରଙ୍କୁ ସମର୍ଥନ ଜଣାଉଥିବା ଦେଖିବାକୁ ମିଳିଛି ।

# ବସନ୍ତ ଉତ୍ସବ, ବାସନ୍ତିକା ସାହିତ୍ୟ ସମାରୋହ ଉଦ୍‌ଯାପିତ



ମ୍ୟୁଜିକ୍ ସର୍କଲ ପକ୍ଷରୁ ଛେଣ୍ଡଠାରେ ଆୟୋଜିତ ବସନ୍ତ ଉତ୍ସବ ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

**ରାଉରକେଲା ଅଫିସ,୨୮।୩**

ଦୀର୍ଘ ୬ ଦିନ ଧରି ମ୍ୟୁଜିକ ସର୍କଲ ପକ୍ଷରୁ ଛେଣ୍ଡଠାରେ ଆୟୋଜିତ ବସନ୍ତ ଉତ୍ସବ ଓ ବାସନ୍ତିକା ସାହିତ୍ୟ ସମାରୋହ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ପରିବେଷିତ ନାଟକ ବେଶ୍ ମନମୁଗ୍ଧକର ହୋଇଥିଲା। ମଞ୍ଚମାୟା ଓ ସାମ୍ପ୍ରତିକ ଜୀବନବୋଧ ଶୀର୍ଷକ ଆଲୋଚନାଚକ୍ରରେ ବହୁ ପ୍ରତିଷ୍ଠିତ ବକ୍ତା ଭାଗ ନେଇଥିଲେ। ପାଶ୍ଚାତ୍ୟ ନାଟ୍ୟଧାରାକୁ ଆନୁକରଣ ନ କରି ମୌଳିକତା ବଜାୟ ରଖିବାକୁ ମୁଖ୍ୟବକ୍ତା ପ୍ରଫେସର ନରେନ୍ଦ୍ର ମିଶ୍ର ପରାମର୍ଶ ଦେଇଥିଲେ। ମା' ମାଟି. ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ନେଇ ଆମ ନାଟକ ଋଦ୍ଧିମନ୍ତ ହୋଇପାରିବ ବୋଲି ମିଶ୍ର କହିଥିଲେ। ସମ୍ମାନିତ ବକ୍ତା ନାଟ୍ୟକାର ସୁଧାଂଶୁ ମୋହନ ଦ୍ୱିବେଦୀ କହିଥିଲେ, ବହୁ ଭ୍ରମକୁ ବୋଝ କରି ମଣିଷକୁ ବାଟ ଚାଲିବାକୁ ପଡ଼େ। ଏହା ଯେତେବେଳେ ବହୁଗୁଣିତ ହୋଇ ବାସ୍ତବତାର ରୂପ ନିଏ ସେତେବେଳେ ତା'ର ଭିନ୍ନତା ପରିପ୍ରକାଶ ହୁଏ। ଏହାର ସାରାଂଶ ନାଟକରେ ରୂପାନ୍ତରିତ ହୁଏ। ଯାହା ଦର୍ଶକୀୟ ଆଦୃତି ଲାଭ କରେ ଓ ବାସ୍ତବିକତାର ରୂପ ନେଇଥାଏ ବୋଲି ଦ୍ୱିବେଦୀ କହିଥିଲେ। ପ୍ରଧାପକ ଭବେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ଅଳକା ଚାନ୍ଦ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରଶ୍ମିବାଳା ରାଉତରାୟ ଧନ୍ୟବାଦ ପ୍ରଦାନ କରିଥିଲେ।

## ବୋଲେରୋ ପିକ୍‌ଅପ୍ ଧକ୍କା, ୬ ଗୁରୁତର

**ଜୁନାଗଡ,୨୮।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ହିଙ୍ଗିଳିବାହାଲି ୨୬ ନଂ. ଜାତୀୟ ରାଜପଥ ଉପରେ ଗୁରୁବାର ଅପରାହ୍ନରେ ଏକ ବୋଲେରୋ ଓ ପିକଅପ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ବୋଲେରୋରେ ବସିଥିବା ୬ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରାଯାଇ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁତର ଆହତ ହୋଇଥିବା ୬ଜଣଙ୍କ ମଧ୍ୟରୁ ୩ଜଣ ମହିଳା ଓ ୩ଜଣ ପୁରୁଷ ରହିଛନ୍ତି। ସମସ୍ତେ କୋତମେର ଗ୍ରାମର ବୋଲି ଜଣାପଡିଛି। ବୋଲେରୋ ଗାଡି (ନଂ.ଓଡି୦୮ଏ-୩୨୦୦) ହୋଇଥିବା ବେଳେ ପିକଅପ୍ ଗାଡିର (ନଂ. ଓଡି୦୮ଜେ-୮୯୭୫)। ଜୁନାଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# ଗାଡ଼ି ଯାଞ୍ଚବେଳେ ଅଢ଼େଇ ଲକ୍ଷ ଟଙ୍କା ଜବତ



ଗାଡିକୁ ପୋଲିସ ଯାଞ୍ଚ କରୁଛି।

**ଝାରସୁଗୁଡା ଅଫିସ୍/ଲଖନପୁର,୨୮।୩(ଡି.ଏନ୍.ଏ)**

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବଡମାଲ ଥାନା ପୋଲିସ ତରଫରୁ ଗୁରୁବାର ରାସ୍ତାରେ ଯାନାବାହାନ ଅଟକାଇ ଯାଞ୍ଚ ଚାଲିଥିଲା। ପୋଲିସର ଏହି ଯାଞ୍ଚବେଳେ ଏକ କାର ଭିତରୁ ଅଢେଇ ଲକ୍ଷ ଟଙ୍କା ବାହାରିଥିଲା। ପୋଲିସ ଏହି ଟଙ୍କାକୁ ଜବତ କରିବା ସହ ବ୍ୟବହୃତ ସିଜି ୧୧ଏନ୍ ୨୪୦୬ ନମ୍ବର ଗାଡିକୁ ଅଟକ ରଖିଛି। ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ଛତିଶଗଡ ଚାମ୍ପା ଅଞ୍ଚଳର ଅରବିନ୍ଦ ଅଗ୍ରଓାଲ ନାମକ ଜଣେ ବ୍ୟବସାୟୀ କୌଣସି କାର୍ଯ୍ୟରେ ସମ୍ବଲପୁର ଆସି ଛତିଶଗଡ ଫେରୁଥିବାବେଳେ ପୋଲିସ ଯାଞ୍ଚରେ ଧରାପଡିଥିଲେ।

## ଚାଇଲ୍ଡ ଲାଇନ୍ ହସ୍ତକ୍ଷେପ

# ନବଜାତ ଶିଶୁ ବିକ୍ରି ଉଦ୍ୟମ ପଣ୍ଡ

**ଝାରସୁଗୁଡା ଅଫିସ୍/ ଲଖନପୁର, ୨୮।୩(ଡି.ଏନ୍.ଏ)**

ଦାରିଦ୍ର ସୀମାରେଖା ତଳେ ଥିବା ଦମ୍ପତି ନିଜର ୧ଦିନର ନବଜାତ ଶିଶୁପୁତ୍ର ଅନ୍ୟତ୍ର ବିକ୍ରି କରି ଦେବା ପାଇଁ ବସିଥିଲେ । ବିଶେଷ ସୂତ୍ରରୁ ଖବରପାଇ ଚାଇଲ୍ଡଲାଇନ୍ ପହଁଞ୍ଚି ନବଜାତ ଶିଶୁପୁତ୍ର ବିକ୍ରି ଉଦ୍ୟମକୁ ପଣ୍ଡ କରିଛି। ନବଜାତ ଶିଶୁପୁତ୍ରକୁ ମାଆ, ବାପାଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ଶିଶୁପୁତ୍ରକୁ କିଣିବା ପାଇଁ ଆସିଥିବା ୪ଜଣଙ୍କୁ ପୋଲିସ୍ ଅଟକ ରଖି ପଚରାଉଚରା ଚଳାଇଛି । ଏଭଳି ଘଟଣା ଘଟିଛି ଶିଳ୍ପ ସମୃଦ୍ଧ ଝାରସୁଗୁଡା ଜିଲା ଏକାତାଳି ଗ୍ରାମରେ । ଗ୍ରାମର ଜଣେ ମହିଳା ଗତ ବୁଧବାର ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ଏହି ନବଜାତ ଶିଶୁପୁତ୍ରକୁ ବିକ୍ରି କରିବା ପାଇଁ ମହିଳାଙ୍କ ସ୍ୱାମୀ ପୂର୍ବରୁ ଛତିଶଗଡ ରାୟଗଡ ଜିଲା ଚାନ୍ଦମାରୀ ଗ୍ରାମର ଏକ ଦମ୍ପତିଙ୍କ ସହିତ କଥାବାର୍ତ୍ତା କରି ଯୋଜନା କରିଥିଲେ । ପୂର୍ବ ଯୋଜନା ଅନୁଯାଇ ଛତିଶଗଡ ଚନ୍ଦାମାରୀ ଗ୍ରାମର ସନ୍ତୋଷ ରଜାକ ଓ ସ୍ତ୍ରୀ ପୂଜା ରଜାକ ଅନ୍ୟ ୨ଜଣଙ୍କୁ ସାଙ୍ଗରେଧରି ଗୁରୁବାର ସକାଳେ ନବଜାତ ଶିଶୁପୁତ୍ରକୁ ନେବା ପାଇଁ ଏକାତାଳି ଗ୍ରାମରେ ପହଁଞ୍ଚିଥିଲେ । ଏହି ଖବର ଗାଁରେ ପ୍ରଚାର ହୋଇଥିଲା । ଲୋକେ ତୁରନ୍ତ ଝାରସୁଗୁଡା ଚାଇଲ୍ଡଲାଇନ୍‌କୁ ଫୋନ୍‌ରେ ଜଣାଇଥିଲେ । ଖବରପାଇ ଚାଇଲ୍ଡଲାଇନ୍ ଅଧ୍ୟକ୍ଷା ଆନନ୍ଦିନୀ ପାଢୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଓ ଅଶିଷ ପଣ୍ଡା ପ୍ରମୁଖ ଅଧିକାରୀ ଗାଁରେ ପହଁଞ୍ଚି ଏହା ବେଆଇନ୍ ବୋଲି କହି ଦମ୍ପତିଙ୍କୁ ବୁଝାସୁଝା କରିଥିଲେ। ଛତିଶଗଡରୁ ଆସିଥିବା ଦମ୍ପତି ଓ ଶିଶୁପୁତ୍ର ମାଆ, ବାପାଙ୍କୁ ଚାଇଲ୍ଡଲାଇନ୍ ଶିଶୁ କଲ୍ୟାଣ କମିଟି ନିକଟରେ ହାଜର କରିଥିଲା । ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ଶିଶୁକଲ୍ୟାଣ କମିଟି ପୋଲିସ୍‌କୁ ନିର୍ଦ୍ଦେଶ ଦେଇଛି। ଝାରସୁଗୁଡା ଥାନା ପୋଲିସ୍ ଏହି ଘଟଣାରେ ୪ଜଣଙ୍କୁ ଅଟକରଖି ପଚରାଉଚରା କରୁଛି। ଏବେ ନବଜାତ ଶିଶୁପୁତ୍ର ନିଜ ମାଆ, ବାପାଙ୍କ ପାଖରେ ରହିଛି। ସୂଚନା ଥାଉକି ମହିଳାଙ୍କ ୨ପୁଅ, ଗୋଟିଏ ଝିଅ ରହିଛନ୍ତି। ଏବେ ଚତୁର୍ଥ ସନ୍ତାନ ଏକ ଶିଶୁପତ୍ର ଜନ୍ମ ହୋଇଛି। ମହିଳାଙ୍କ ସ୍ୱାମୀ ଝାରସୁଗୁଡାର ଏକ ହୋଟେଲ୍‌ରେ କାମକରି ସ୍ୱଳ୍ପ ରୋଜଗାର କରନ୍ତି। ଏଥିରେ ପରିବାର ପ୍ରତିପୋଷଣ କରିବା କଷ୍ଟ ହେଉଛି। ପୁଣି ଆଉ ଗୋଟିଏ ସନ୍ତାନ ଜନ୍ମହେବା ପରେ ପରିବାର ଚଳାଇବା କଷ୍ଟହେବ ଭାବିଦମ୍ପତିନିଜ ନବଜାତ ଶିଶୁପୁତ୍ରକୁ ବିକ୍ରିକରିଦେବା ପାଇଁ ଯୋଜନା କରିଥିଲେ ।

# ଅର୍ଡା ହନୁମାନ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ

**କିର୍ମିରା, ୨୮।୩ (ଡି.ଏନ.ଏ)**

ଝାରସୁଗୁଡା ଜିଲା ଅର୍ଡା ଗ୍ରାମରେ ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠା ପାଇଁ ମଙ୍ଗଳବର ଶାଳା ସଂସ୍କାର ଦେବତା ଆବାହନ ମଣ୍ଡଳ ସ୍ଥାପନ ଏବଂ ହନୁମାନଙ୍କ ଅନ୍ନାଧିବାସ କରାଯାଇଥିଲା। ବୁଧବାର ସକାଳ ୧୦୮ କଳସରେ ମହିଳାମାନେ ଗ୍ରାମ ପୋଖରୀରୁ ପାଣି ନେଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ମଙ୍ଗଳା ରୋପଣ, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଧିବାସ, ଶୋଡ଼ଶ ସପ୍ତ ପୂଜା, ବିଗ୍ରହ ପ୍ରତିଷ୍ଠା ହୋମଆଳତୀ ଏବଂ ପୁଷ୍ପାଞ୍ଜଳି ଦିଆଯାଇଥିଲା । ବୁଧବାର ବିଗ୍ରହ ସ୍ଥାପନ ସହ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏଥିରେ ସନ୍ତୋଷ କୁମାର ସାହୁ ସସ୍ତ୍ରୀକ କର୍ତ୍ତା ଦାୟୀତ୍ୱ ତୁଲାଇଥିବା ବେଳେ ଦାଶରଥି ଦାସ ଏବଂ ସାଥି ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ କୃଷ୍ଣଗୁରୁ ଭଜନ ପରିବେଷଣ କରାଯାଇଥିଲା ।



ଅର୍ଡା ଗ୍ରାମରେ ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା କରାଯାଉଛି।

# ରାଜ୍ୟ ଜୁନିୟର କ୍ୟାଡେଟ୍ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ରାଉରକେଲା ଅଫିସ,୨୮।୩**

ରାଜ୍ୟ କରାଟେ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ୩୧ତମ ରାଜ୍ୟ କ୍ୟାଡେଟ୍, ଜୁନିୟର ଓ ୨୧ବର୍ଷରୁ କମ୍ ବର୍ଗର କରାଟେ ଚମ୍ପିୟନଶିପ୍ ଗତ ୨୩ ଓ ୨୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୨ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ରାଉରକେଲା କରାଟେ ଦଳର ୫ଜଣିଆ ଦଳ ଭାଗ ନେଇଥିଲେ। ଏଥିରେ ଦେବାଶିଷ ଖାଲକୋ ସ୍ୱର୍ଣ୍ଣ ଜିତିଥିବାବେଳେ ଚେତନ ସ୍ୱାଇଁ ରୌପ୍ୟ, ନିଶିକାନ୍ତ ସାହୁ ଗୋଟିଏ ରୌପ୍ୟ ସହ କାଂସ୍ୟ, ଅୟସ ମାଳିନୀ ସାହୁ ଗୋଟିଏ କାଂସ୍ୟ ଜିତି ରାଉରକେଲା ପାଇଁ ମୋଟ ୫ ପଦକ ହାସଲ କରିଛନ୍ତି। ଏହି ଚମ୍ପିୟନଶିପ୍‌ରେ ଜାତୀୟ କୋଚ୍ ରାଜୀବ ସିଂ ଅଫିସିଆଲ ଭାବେ ଯୋଗଦେଇଥିବା ବେଳେ ରଞ୍ଜନ ପାତ୍ର ଦଳର କୋଚ୍ ରୂପେ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସୋସିଏଶନ ସଭାପତି ସାରଦା ନାୟକ ଅଭିନନ୍ଦନ ଜଣାଇଛନ୍ତି।



ରାଜ୍ୟ କରାଟେ ଚାମ୍ପିୟନଶିପ୍‌ରେ ସଫଳତା ପାଇଥିବା ରାଉରକେଲା ପ୍ରତିଯୋଗୀ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ



## ସଂକ୍ଷେପରେ

### ଖଡିଆଳରେ ବିଜେଡି ପ୍ରଚାର
### ବିଜୟ୍ ସଙ୍କଳ୍ପ ନେଇ କାମ କରିବା ପାଇଁ ଆହ୍ୱାନ

**ଖଡିଆଳ,୨୮।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳଠାରେ ବିଜେଡି ପକ୍ଷରୁ ଗୁରୁବାର ନିର୍ବାଚନୀ ପ୍ରଚାର କରାଯାଇଛି । ବିଜେଡି ସରକାର ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ କରି ରାଜ୍ୟ ବିକାଶର ପଥରେ ଆଗେଇ ନେଉଛନ୍ତି । ରାଜ୍ୟରେ ପୁଣି ଥରେ ବିଜେଡି ଶାସନକୁ କ୍ଷମତା ଆଣିବାକୁ ହେଲେ ସମସ୍ତେ ଏକ ହୋଇ କାମ କରିବାକୁ ପଡିବ ବୋଲି କଳାହାଣ୍ଡି ଲୋକସଭା ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ଓ ଖଡିଆଳ ବିଧାନସଭା ବିଜେଡି ପ୍ରାର୍ଥୀ ଲମ୍ବୋଧର ନିଆଲ ଖଡିଆଳଠାରେ ନିର୍ବାଚନୀ ପ୍ରଚାରରେ ଆହ୍ୱାନ ଦେଇଛନ୍ତି । ନଗର ସଭାପତି ଦୀପକ ଖମରୀଙ୍କ ଅଧକ୍ଷତାରେ ସ୍ଥାନୀୟ କୌଶଲ୍ୟା ମଣ୍ଡପ ପରିସରରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଲୋକସଭା ପ୍ରାର୍ଥୀ ସିଂଦେଓ ଓ ଖଡିଆଳ ବିଧାନସଭା ପ୍ରାର୍ଥୀ ନିଆଲଙ୍କ ସମେତ ଶତାଧିକ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ଖଡିଆଳ ବିଧାୟକ ଦୁର୍ଯ୍ୟୋଧନ ମାଝି, ଯୋଜନା ସମନ୍ୱୟ ବୋର୍ଡ ସ୍ୱତନ୍ତ୍ର ସଚିବ ସୁଜିତ କୁମାର, ଭବାନୀ ଶଙ୍କର ନିଆଲ, ପୂର୍ବତନ ଏନଏସି ଅଧକ୍ଷା ଖୁଲଣା ବେହେରାଙ୍କ ସମେତ ଦଳୀୟ କର୍ମକର୍ତ୍ତାମାନେ ଯୋଗଦେଇ ଲୋକସଭା ପାଇଁ ବିଜେଡି ପ୍ରାର୍ଥୀ ସିଂଦେଓ ଓ ଖଡିଆଳ ବିଧାନସଭା ପ୍ରାର୍ଥୀ ନିଆଲଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରାଯାଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ କରିଥିଲେ । ନିର୍ବାଚନୀ ସଭା ପୂର୍ବରୁ ଖଡିଆଳ ସହର ୧୨ ନଂ ୱାର୍ଡ ପୁଟୁପଡାଠାରୁ ଏକ ବାଇକ ରାଲିରେ ଦୁଇ ପ୍ରାର୍ଥୀ ସହର ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ। ଉକ୍ତ ରାଲିରେ ଶତାଧିକ ସଂଖ୍ୟାରେ ବିଜେଡି ଯୁବକ କର୍ମୀ ସାମିଲ ହୋଇଥିଲେ ।

### କହି କହି ଥକିଗଲେ, ଶେଷରେ କଡ଼ା ନିଷ୍ପତ୍ତି ନେଲେ
# ପାଣି ନାହିଁ ତ ଭୋଟ ନାହିଁ

**ନୂଆଗାଁ, ୨୮।୩ (ଡି.ଏନ.ଏ)**

- ୫ବର୍ଷ ହେଲା ପାଣି ପାଇଁ ନେହୁରା ହେଉଛନ୍ତି ଗ୍ରାମବାସୀ
- ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ
- ଆମଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ବି ଉଠିଥିଲା ଅଭିଯୋଗ

ଧିରେ ଧିରେ ବଢୁଛି ଗ୍ରୀଷ୍ମର ପ୍ରକୋପ। ନଦୀ, ନାଳ, ନାଳ, ଝରଣାପାଣି ଶୁଖିବା ଆରମ୍ଭ ହେଲାଣି। କୂଅ ଓ ନଳକୂପ ପାଣି ବି ନିମ୍ନଗାମୀ । ଏପରି ପରିସ୍ଥିତିରେ ପ୍ରଶାସନ ଆଗତୁରା କୌଣସି ପଦକ୍ଷେପ ନେଲାପରି ଲାଗୁନାହିଁ। ଯେଉଁଠି ଯେମିତି ଚାଲିଛି ଚାଲିଛି। କେଉଁ ଠି ଦୀର୍ଘ ବର୍ଷରୁ ସୌରଚାଳିତ ହ୍ୟାଣ୍ଡପମ୍ପ ଖରାପ ହୋଇ ପଡିଛି ତ କେଉଁଠି ନଳକୂଅରୁ ପାଣି ବାହାରୁ ନାହିଁ। ଏଭଳି ଏକାଧିକ ଉଦାହରଣ ରହିଛି ସୁନ୍ଦରଗଡ ଜିଲାର ଆଦିବାସୀ ବହୁଳ ନୂଆଗାଁ ବ୍ଲକ ଅଞ୍ଚଳରେ। ସୋରଡା ପଞ୍ଚାୟତର ଗୀର୍ଜାଟୋଲି, ଲିମଡା ପଞ୍ଚାୟତର ଲିମଡା, ବାଗଡେଗା, ବଡଯୋଜନା ପଞ୍ଚାୟତର କଟୁଆଟୋଲି ଭଳି ବହୁ ଗାଁରେ ସୌରଚାଳିତ ହ୍ୟାଣ୍ଡପମ୍ପ ଏବେ କାମ କରୁନାହିଁ। ଏନେଇ ବାରମ୍ବାର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲୁଏସ୍ଏସ୍) ବିଭାଗକୁ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ । ଯାହାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଉଛି। ସେହିଭଳି ଦୀର୍ଘ ୫ବର୍ଷ ହେଲା ନୂଆଗାଁ ବ୍ଲକ ଚିତାପେଡି ପଞ୍ଚାୟତ ଅନ୍ତର୍ଗତ ପିତାଲ ଢ଼ିପାଟୋଲି ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗିରହିଛି । ଗାଁ ଲୋକେ ବାରମାସ ପାନୀୟ ଜଳ ସମସ୍ୟାରେ ଉବୁଟୁବୁ ହେଉଛନ୍ତି। ଗାଁ ଶେଷ ମୁଣ୍ଡରେ ଚାଷ ଜମି ଭିତରେ ଥିବା ଏକ କୂଅରୁ ଗାଁ ଲୋକେ ବଡ କଷ୍ଟରେ ପାଣି ସଂଗ୍ରହ କରିଥାଆନ୍ତି। ତାହାପୁଣି



ଚାଷ ଜମି ଭିତରେ ଥିବା ଏକ କୂଅରୁ ଜଣେ ଲୋକ ପାଣି ସଂଗ୍ରହ କରି ଆଣୁଛନ୍ତି।

ପିଇବା ଉପଯୋଗୀ ନୁହେଁ। କିନ୍ତୁ ବାଧ ହୋଇ ଗାଁ ଲୋକେ ସେହି କୂଅରୁ ପାଣି ନେଇ ପାନୀୟ ଜଳ ଭାବରେ ବ୍ୟବହାର କରିବା ସହ ସେମାନଙ୍କ ନିତ୍ୟ ବ୍ୟବହାର କାର୍ଯ୍ୟରେ ଲଗାଇ ଥାଆନ୍ତି। ହେଲେ ସେହି କୂଅରୁ ମଧ ଗ୍ରୀଷ୍ମ ଦିନେ ପାଣି ମିଳି ନ ଥାଏ। ଲୋକେ ଶଗଡଗାଡି ଓ ସାଇକେଲ ଧରି ୩କି.ମି ଦୂରରୁ ପାଣି ନେଇ ବ୍ୟବହାର କରିଥାଆନ୍ତି। ପିତାଲ ଢ଼ିପାଟୋଲି ଭଳି ଅନେକ ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂର ହୋଇପାରୁନାହିଁ। ଦୀର୍ଘ ୧୦ ବର୍ଷ ହେଲା ପ୍ରତ୍ୟେକ ପଞ୍ଚାୟତ ସମିତି ବୈଠକରେ ଚିତାପେଡି ପଞ୍ଚାୟତକୁ ଜଳକଷ୍ଟ ପଞ୍ଚାୟତ ଭାବରେ ଘୋଷଣା କରାଯାଇଥାଏ। ହେଲେ ଘୋଷଣା ପରେ କାର୍ଯ୍ୟାନୁଷ୍ଠାନ ଶୂନ। ପିତାଲ ଗ୍ରାମର ଲୋକେ ଅନେକ ଥର ଏହି ସମସ୍ୟା ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଠାରୁ ଆରମ୍ଭ କରି ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସମସ୍ୟା ଦୂର ହୋଇପାରି ନ ଥିବା ଗାଁ ଲୋକେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ନିକଟରେ ଚିତାପେଡି ଗ୍ରାମରେ ପାଇପ ଯୋଗେ ଜଳଯୋଗାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଏହା ମନ୍ଥର ଗତିରେ ଚାଲୁଥିବାରୁ ଦୀର୍ଘ ୬ମାସ ହେବ କାମ ସରିନାହିଁ। ଏହି ଯୋଜନା ହେଲାପରେ ମଧ ପିତାଲ ଗ୍ରାମର ସମସ୍ୟା ଦୂର ହେବ ନାହିଁ। କାରଣ ଚିତାପେଡି ଠାରୁ ପିତାଲ ଢ଼ିପାଟୋଲି ଅତିକମ୍‌ରେ ୩ କିଲୋମିଟର ଦୂର ହୋଇଥିବାରୁ ଏତେଦୂର ପାଇପ ଯୋଗେ ଜଳଯୋଗାଣ ସମ୍ଭବ ନୁହେଁ ବୋଲି କୁହାଯାଉଛି। ପିତାଲଢ଼ିପାଟୋଲି ଗ୍ରାମରେ ୪୦ ପରିବାର ଦୀର୍ଘ ୫ବର୍ଷ ହେଲା ଏକ ସରକାରୀ ନଳକୂଅ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରୁଥିଲେ ହେଁ ଏଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ଶେଷରେ ଗାଁ ଲୋକେ କଡା ନିଷ୍ପତ୍ତି ନେଇଛନ୍ତି। ସାମୂହିକ ନିଷ୍ପତ୍ତିକ୍ରମେ ଚଳିତ ନିର୍ବାଚନରେ ସେମାନେ ଭୋଟ ବର୍ଜନ କରିବେ। ପାଣି ନାହିଁ ତ ଭୋଟ ନାହିଁ ବୋଲି ଗାଁ ଲୋକେ ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ଗାଁର ଯୁବନେତା ଲିଟୁନ ସିଂ, ଇଲିଆନାର ଏକ୍କା, ଛୋଟୁ ସିଂ, ରାଜେଶ ବଡାଇକ ପ୍ରମୁଖଙ୍କ କହିବାନୁସାରେ ଯଦି ପ୍ରଶାସନ ଆମ୍ଭକୁ ପାନୀୟ ଜଳ ଯୋଗାଇ ପାରୁନାହାନ୍ତି ଆମ୍ଭକୁ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛନ୍ତି । ତେଣୁ ଆମ୍ଭେ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବୁ । ଯେ ପର୍ଯ୍ୟନ୍ତ ପ୍ରଶାସନ ଆମ ଢ଼ିପାଟୋଲୀରେ ନଳକୂଅ ଖୋଳି ନାହାନ୍ତି ଆମ୍ଭେ ଭୋଟ ଦେବୁ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଭାଗିରଥି ବାଡାଙ୍କୁ ଯୋଗାଯୋଗ କରାଯିବାରେ ସେ କହିଲେ, ପୂର୍ବରୁ ଖୋଳିବା ପାଇଁ ନିଷ୍ପତ୍ତି ହୋଇଥିଲା । ହେଲେ ବର୍ଷା ହୋଇଯିବାରୁ ଗାଡି ସେହି ଗାଁରେ ପଶିଲାନାହିଁ । ପୁଣି ଆମ୍ଭେ ଚେଷ୍ଟା କରିଥିଲୁ ହେଲେ ପୁଣି ବର୍ଷା ହୋଇଗଲା। ତେଣୁ ଖୋଳା ହୋଇପାରିନାହିଁ। ଏବେ ନିର୍ବାଚନ ଆଚରଣବିଧି ଲାଗି ଯାଇଥିବାରୁ ଆଉ କିଛି କରି ହେବନାହିଁ। ଯଦି ଆମ୍ଭ ଉପରିସ୍ଥ ଅଧିକାରୀ କହିବେ ତେବେ ଆମ୍ଭେ ଖୋଳିବା। ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ ଏଭଳି ମତାମତ କେତେଦୂର ଯୁକ୍ତିଯୁକ୍ତ ତାହା ସମୟ ହିଁ କହିବ । ଦୀର୍ଘ ୪ରୁ ୫ ବର୍ଷ ହେଲା ଗାଁ ଲୋକେ ପାନୀୟ ଜଳ ପାଇଁ ପ୍ରଶାସନକୁ ବାରମ୍ବାର ଦାବି କରୁଥିବା ବେଳେ ବର୍ଷା ଓ କାଦୁଅର ବାହାନା କରି ବିଭାଗୀୟ ଅଧିକାରୀ ନିଜ ମୁଣ୍ଡରୁ ଅଠା ଛଡାଇବାକୁ ଉଦ୍ୟମ କରୁଥିବା ପରି ମନେହୁଏ । ଏ ଦିଗରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

### ବିଜେଡି ଲୋକସଭା ପ୍ରାର୍ଥିନୀଙ୍କ କୁଆଁରମୁଣ୍ଡା ଅଞ୍ଚଳଗସ୍ତ

**କୁଆଁରମୁଣ୍ଡା, ୨୮।୩(ଡି.ଏନ.ଏ)**

ଗୁରୁବାର ସୁନ୍ଦରଗଡ଼ ଲୋକସଭା ପାଇଁ ବିଜେଡ଼ି ପକ୍ଷରୁ ପ୍ରାର୍ଥୀ ହୋଇଥିବା ସୁନୀତା ବିଶ୍ୱାଳ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳ ଗସ୍ତ କରିଛନ୍ତି। ବିଶେଷ କରି ଲୋକସଭା ପ୍ରାର୍ଥୀନୀ ବିଶ୍ୱାଳ ଅପରାହ୍ନରେ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି କାର୍ଯ୍ୟାଳୟକୁ ଯାଇ ସେଠାରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଗାମୀ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିଛନ୍ତି। କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ତଥା ଡୁମେରଯୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁରଙ୍କ ସଂଯୋଜନାରେ ଏହି ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏଥିରେ ବିଜେଡ଼ି ଜିଲା ଯୁବ ସଭାପତି ଦେବେନ୍ଦ୍ର ମାଝି, ବିଜେଡ଼ି ଜିଲା ଯୁବ ସାଧାରଣ ସମ୍ପାଦକ ତାପସ କୁମାର ପଣ୍ଡା, ବାଲିଶଙ୍କରା ବ୍ଲକ ଯୁବ ସଭାପତି କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୁଆଁରମୁଣ୍ଡା ସମିତି ସଭ୍ୟ ରାଜେଶ ହାସଦା, ଜିଲା ପରିଷଦ ସଭ୍ୟା ସୁନୀତା ଅହିର, ବିଜେଡ଼ି ଯୁବ ସଙ୍ଗଠକ ଶରତ ତନ୍ତୀ, କୁଆଁରମୁଣ୍ଡା ବ୍ଲକ ମହିଳା ସଭାନେତ୍ରୀ ମୀନାକ୍ଷୀ ବାରିକ, ଏମଡି. ଅବଦୁଲ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ବେଦବ୍ୟାସ, ୨୮।୩ (ଡି.ଏନ.ଏ)**

ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଗୁରୁବାର ଅପରାହ୍ନରେ ବେଦବ୍ୟାସ ସ୍ଥିତ ଗୁରୁଦ୍ୱାର ନିକଟରେ ହକ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ସୁନ୍ଦରଗଡ ସଂସଦୀୟ କ୍ଷେତ୍ରର ବିଜେଡି ପ୍ରାର୍ଥୀନୀ ସୁନୀତା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖି ଯୋଜନା ଆଦି ଉପରେ



ବେଦବ୍ୟାସରେ ହକ ମାଗୁଛି ଓଡିଶା କାର୍ଯ୍ୟକ୍ରମରେ ବିଜେଡ଼ି ନେତା, କର୍ମୀ।

ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲାଠିକଟା (କ) ଜିଲା ପରିଷଦ ସଭ୍ୟ ମନେଶ ନାଗ, ବିଜୁ ଯୁବ ଜନତା ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଘନଶ୍ୟାମ ସିଂ, ଶଶିକାନ୍ତ ସିଂ, ଗୋବିନ୍ଦ ମାଝି, ଅରୁଣ ଅଗ୍ରୱାଲ, ନିରଞ୍ଜନ ସେଠୀ, ଦିନେଶ ହାତୀ, ଦାଶରଥି ସେଠୀ, ସନ୍ତୋଷ ଲାଲ, ଅଭିଲାଷ ସିଂ, ମାର୍ଶାଲ କିଷାନ, ଆନନ୍ଦ ମୁଣ୍ଡା ପ୍ରମୁଖଙ୍କ ସମେତ ଶତାଧିକ ବିଜୁ ଜନତା, ଛାତ୍ର ଜନତା ଓ ଯୁବ ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ରବୀନ୍ଦ୍ର ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ମନେଶ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର ।

## ପୁର୍କାପାଲି ୟୁପି ସ୍କୁଲରେ ପ୍ରାଥମିକ ଚିକିତ୍ସା ତାଲିମ

**ବଡ଼ଗାଁ, ୨୮।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍କାପାଲି ଉଚ୍ଚ ପ୍ରାଥମିକ (ୟୁପି) ସ୍କୁଲରେ ସ୍ଥାନୀୟ ହିଟଲର କ୍ଲବ ପକ୍ଷରୁ ଗୁରୁବାର ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ପୁର୍କାପାଲି ଡାକ୍ତରଖାନାର ଡାକ୍ତର ଜୟପାଲ ମୁର୍ମୁ, କୁତ୍ରା ଡାକ୍ତରଖାନାର ଡାକ୍ତର ରାଜଲକ୍ଷ୍ମୀ ପାଣିଗ୍ରାହୀ ଓ ଡାକ୍ତର ଗଣେଷ ସ୍ୱରାପ ଯୋଗଦେଇଥିଲେ। ଦୁର୍ଘଟଣାରେ ଆହତ, ଖେଳକୁଦରେ ହାତ, ଗୋଡ ଜଖମ ହେବା ଭଳି କୌଣସି ସମୟରେ ଆହତ ବ୍ୟକ୍ତିଙ୍କୁ କିପରି ପ୍ରାଥମିକ ଚିକିତ୍ସା ଦେଇ ଡାକ୍ତରଖାନା ନେବେ ସେ ସମ୍ପର୍କରେ ବିସ୍ତୃତ ବୁଝାଇଥିଲେ। କାର୍ଯ୍ୟକ୍ରମରେ କ୍ଲବ ସଦସ୍ୟ ସୁମନ୍ତ ସା, ସଞ୍ଜୟ ସା, ପରିକ୍ଷୀତ ସା, ଚୁଡାମଣୀ ସା, ପୁର୍କାପାଲି ୟୁପି ସ୍କୁଲର ଶିକ୍ଷକ ବିନୋଦ କିଡୋ, ନିର୍ମଳା କୁଲୁ ସହଯୋଗ କରିଥିଲେ।

### ସିରିଗିଡି ପ୍ରକଳ୍ପ ବିଦ୍ୟାଳୟ
## ୩ କୋଠରିରେ ପଢ଼ନ୍ତି ୮ଟି ଶ୍ରେଣୀର ପିଲା

**ନୂଆପଡା ଅଫିସ,୨୮।୩**

ରାଜ୍ୟର ନୂଆପଡା ଜିଲା ସୀମାନ୍ତବର୍ତ୍ତି ଛତିଶଗଡ଼ ଅଞ୍ଚଳରେ ପ୍ରଭାବିତ ହୋଇ ରହୁଛି । ଏଠାରେ ଓଡିଆ ଭାଷା ଶିକ୍ଷାର ବହୁଳ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି । ଏଥିସକାଶେ ରାଜ୍ୟ ସରକାର ବିଭିନ୍ନ ସମୟରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ତଥାପି ବିଭାଗୀୟ ଅଧିକାରୀମାନଙ୍କ ଉଦାସୀନତା ଯୋଗୁ ସବୁ ଫସର ଫାଟୁଛି । ସଦର ବ୍ଲକର କେନ୍ଦୁବାହାରା ଗ୍ରାମପଞ୍ଚାୟତର ସିରିଗିଡି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ସ୍ଥିତି ଦେଖିଲେ ସୀମାନ୍ତର ସ୍ଥିତି ଆକଳନ କରିହେବ । ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଚାଲିଥିବାବେଳେ ମାତ୍ର ୩ଟି କୋଠରି ଠିକ ରହିଛି । ବିପଦ ସଙ୍କୁଳ ଅବସ୍ଥାରେ ପିଲାମାନେ ପାଠ ପଢୁଛନ୍ତି । ଆଦିବାସୀ ବହୁଳ ସିରିଗିଡି ଗାଁର ଶତ ପ୍ରତିଶତ ଲୋକ ଗରିବ ବନବାସୀ ଆଦିବାସୀ । ଲୋକଙ୍କ ରୋଜଗାର କହିଲେ ବଣ ଜଙ୍ଗଲରୁ ବନ୍ୟଜାତ ସଂଗ୍ରହ କରି ପେଟ ପୋଷିଥାନ୍ତି । ବହୁ ସମୟରେ ଚାଷ କାମ କରି କୁଟୁମ୍ବ ଚଳାଇଥାନ୍ତି । ବର୍ଷର ଅଧା ସମୟରେ କାମ ଧନ୍ଦା ଅଭାବରୁ ରାଜ୍ୟ ବାହାରକୁ ଯାଇଥାନ୍ତି । ମାତ୍ର ଗୋଟିଏ କିମି ଦୂର ଗଲେ ଛତିଶଗଡ ରାଜ୍ୟର ସୀମା । ବହୁ ସମୟରେ ବଜାର ସହ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ଛତିଶଗଡ ଉପରେ ନିର୍ଭର କରି ଚଳିଥାନ୍ତି। ଏଠାରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାକୁ ରାଜ୍ୟ ଶିକ୍ଷା ବିଭାଗର ଉଦ୍ୟମକ୍ରମେ ଏକ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ୧୨୦ ଜଣ ପିଲା ପଢୁଛନ୍ତି । ଏମାନଙ୍କ ପାଇଁ ଆଠଟି ଶ୍ରେଣୀ କୋଠରି ନିର୍ମାଣ ହୋଇଥିଲେ ମଧ୍ୟ ସେଗୁଡିକ ବର୍ତ୍ତମାନ ଦୋଦୁଲ୍ୟମାନ ସ୍ଥିତିରେ ରହିଛି। ଭାଙ୍ଗିଯିବା ଉପରେ। ମାତ୍ର ୩ଟି କୋଠରିର ଅବସ୍ଥା ଠିକ ଥିବାରୁ ସେଠାରେ ଖରା ବର୍ଷା ସବୁପିଲା ବସି ପାଠ ପଢୁଥିବା ଗ୍ରାମବାସୀ କହିଛନ୍ତି। ଏହା ଉପରେ ବିଭାଗକୁ ବାରମ୍ବାର କୁହାଯାଇଛି ତଥାପି କୌଣସି ପଦକ୍ଷେପ ନେଉ ନ ଥିବା ସ୍କୁଲ ପରିଚାଳନା କମିଟି ସଭାପତି ଦିଲୀପ ମାଝି କହିଛନ୍ତି। ଏହା ଉପରେ ବିଭାଗ ତୁରନ୍ତ ଦୃଷ୍ଟି ଦେବା ସହ ନୂତନ ଶ୍ରେଣୀ କୋଠରି ବ୍ୟବସ୍ଥା କରିବା ଜରୁରୀ ବୋଲି କହିଛନ୍ତି । ପ୍ରଧାନଶିକ୍ଷକ ରୁପସିଂ ମାଝି ଏହା ଉପରେ ବିଭାଗକୁ ଜଣାଇଦେଇଛୁ ବୋଲି କହିଛନ୍ତି । ଜିଲା ଶିକ୍ଷା ବିଭାଗ ଏହା ଉପରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଭାଜପାର ପ୍ରାର୍ଥୀ ବସନ୍ତ, ପ୍ରଦୀପ୍ତଙ୍କ ପ୍ରଚାର

**କେସିଙ୍ଗା,୨୮।୩(ଡି.ଏନ.ଏ.)**

କଳାହାଣ୍ଡି ବିଧାନ ସଭା ଏବଂ ଲୋକସଭା ପଦ ସକାଶେ ନାମାଙ୍କନ ଦାଖଲ ପରେ ଭାଜପା ତାର ନିର୍ବାଚନ ପ୍ରଚାରକୁ ଯୋର କରିଦେଇଛି । ଏହି ପରିପ୍ରେକ୍ଷୀରେ ଭାଜପାର ଏମ୍‌ପି ପ୍ରାର୍ଥୀ ବସନ୍ତ ପଣ୍ଡା ଓ ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ କୁମାର ନାଏକ ଗୁରୁବାର ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲସି ଗ୍ରାମପଞ୍ଚାୟତ, ସିରୋଲ, କାଣ୍ଡେଲ, ଲଇତରା ଗ୍ରାମପଞ୍ଚାୟତ ସମେତ କେସିଙ୍ଗା ଏନଏସିରେ ପ୍ରଚାର ଆରମ୍ଭ କରିଥିଲେ। ଏହି ପ୍ରଚାରରେ ଭାଜପାର କର୍ମୀ ଓ ଜିଲା ପରିଷଦ ଅଧକ୍ଷା ନମିଶରାଣୀ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## କୁଆଁରମୁଣ୍ଡା ରେଞ୍ଜର ରାଜ୍ୟସ୍ତରରେ ସମ୍ମାନିତ

**କୁଆଁରମୁଣ୍ଡା,୨୮।୩ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା ରେଞ୍ଜର ସୁଧାଂଶୁ ଚନ୍ଦ୍ର ସାହାଣୀ ରାଜ୍ୟସ୍ତରରେ ସମ୍ମାନିତ ହୋଇଛନ୍ତି। ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବେଷ୍ଟ ରେଞ୍ଜର ସମ୍ମାନରେ ସମ୍ମାନିତ କରାଯାଇଛି। ଚଳିତବର୍ଷର ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱର ଜୟଦେବ ଭବନରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ବିଭାଗୀୟ ସଚିବ ସୁରେଶ ମହାପାତ୍ର ଯୋଗଦେଇ ମାନପତ୍ର ସହ ଲକେଟ୍(ସ୍ୱର୍ଣ୍ଣ) କୁଆଁରମୁଣ୍ଡା ରେଞ୍ଜର ସାହାଣୀଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ପିସିସିଏଫ(ଏଚଓଏଫ) ସନ୍ଦୀପ ତ୍ରିପାଠୀଙ୍କ ସହ ଅନ୍ୟ ଅଧିକାରୀମାନେ ମଞ୍ଚାସୀନ ଥିଲେ।



ରେଞ୍ଜର ସାହାଣୀଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ସୁରେଶ ମହାପାତ୍ର ସମ୍ମାନିତ କରୁଛନ୍ତି।

ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲ ସମ୍ପଦ ବିଶେଷକରି କାଠ ଚୋରି ରୋକିବା, ବନୀକରଣ ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନତା ସହ ନିଆଁ ଲାଗିଥିବା ସମୟରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ବନ ବିଭାଗ ଓ ଜଙ୍ଗଲତଳି ଗ୍ରାମବାସୀଙ୍କ ସହ ଉତ୍ତମ ସମନ୍ୱୟ ରଖି ବଣୁଆ ହାତୀ ଉପଦ୍ରବକୁ ବିଶେଷଭାବେ ରୋକିବା ଦିଗରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ରାଉରକେଲା ବନଖଣ୍ଡ ସମେତ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ଓ ବିଭିନ୍ନ ରେଞ୍ଜର ଅଧିକାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

## ମିଶ୍ରଣ ପର୍ବ: ଭାଜପାରେ ଯୋଗଦେଲେ ବିଜେଡି, କଂଗ୍ରେସ, କମ୍ୟୁନିଷ୍ଟ କର୍ମୀ

**ହେମଗିର, ୨୮।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଭାଜପା ପକ୍ଷରୁ ବିଲେଇମୁଣ୍ଡା ବଜାର ପ୍ରାଙ୍ଗଣରେ ଏକ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ଏଥିରେ ସୁନ୍ଦରଗଡ ଏମ୍.ପି ପ୍ରାର୍ଥୀ ଜୁଏଲ ଓରାମ ଓ ସଦର ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥୀନୀ କୁସୁମ ଟେଟେ ଯୋଗଦେଇଥିଲେ। ଏମାନଙ୍କ ସହ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସଞ୍ଜୁଲତା ପଟେଲ, ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର, ପ୍ରେମସାଗର ଓରାମ, କଳାକୃଷ୍ଣ ଓରାମ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଉଭୟ ପ୍ରାର୍ଥୀ ଦୁହେଁ, କେନ୍ଦ୍ର ସରକାରଙ୍କ ଲୋକାଭିମୁଖି ଯୋଜନା, ସ୍ୱଚ୍ଛ ଭାରତ, ଉଜ୍ଜଳା ଭଳି ଜନହିତକର କାର୍ଯ୍ୟକ୍ରମ ବାବଦରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ



ବିଲେଇମୁଣ୍ଡା ମିଶ୍ରଣ ପର୍ବରେ ଉପସ୍ଥିତ ଭାଜପା ପ୍ରାର୍ଥୀ, ନେତା ଓ କର୍ମୀ।

ମୁଣ୍ଡେରକ୍ଷେତ ପଞ୍ଚାୟତର ସରପଞ୍ଚ ତିଳେଶ୍ୱରୀ ମାଝି, ନାଏବ ସରପଞ୍ଚ ଗୀତାଞ୍ଜଳି ନାଏକ, ଶ୍ରମିକ ନେତା ଉପେନ୍ଦ୍ର ପଧାନ, ପୂର୍ବତନ ସମିତି ସଭ୍ୟ ମାଧବ ଚନ୍ଦ୍ର ବାରିକ, ଗୀତା ଖମାରୀ, ନବୀନ ବାଗ, ଧନିରାମ ଖଣ୍ଡା, ସଚିନ୍ଦ୍ର ମାଝି, କମ୍ୟୁନିଷ୍ଟ ନେତା ରମେଶ ଜୟପୁରିଆ, ଲାଲ ଶର୍ମା ପ୍ରମୁଖଙ୍କ ସହ ତିନି ଶହରୁ ଉର୍ଦ୍ଧ୍ୱ ବିଜେଡି, କଂଗ୍ରେସ ଓ କମ୍ୟୁନିଷ୍ଟ କର୍ମୀ ଭାଜପାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ହେମଗିର ମଣ୍ଡଳ ସଭାପତି ବିଶିକେଶନ ସା, ଅଜୟ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ଜିଲାପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ଗୁରୁଚରଣ ସା, ଦନମାଳି ଘୋଷି, ତୁଳାରାମ ପଧାନ, ସାଲେକରାମ କିଷାନ, ମୋତିଲାଲ ଦେହେରୀ, ଲଳିତ ଅମାତ, ଭୂପେନ୍ଦ୍ର ମାଝି ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।



ପରର ସମାଲୋଚନା କରିବେ ନାହିଁ, ତାହାହେଲେ ତୁମର ସମାଲୋଚନା ମଧ କେହି କରିବେ ନାହିଁ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ରାଜ୍ୟ ଜୁନିୟର କ୍ୟାଡେଟ୍ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ

ରାଉରକେଲା ଅଫିସ,୨୮।୩

ରାଜ୍ୟ କରାଟେ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ୩୧ତମ ରାଜ୍ୟ କ୍ୟାଡେଟ୍, ଜୁନିୟର ଓ ୨୧ବର୍ଷରୁ କମ୍ ବର୍ଗର କରାଟେ ଚମ୍ପିୟନଶିପ୍ ଗତ ୨୩ ଓ ୨୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୨ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ରାଉରକେଲା କରାଟେ ଦଳର ୫ଜଣିଆ ଦଳ ଭାଗ ନେଇଥିଲେ। ଏଥିରେ ଦେବାଶିଷ ଖାଲକୋ ସ୍ୱର୍ଣ୍ଣ ଜିତିଥିବାବେଳେ ଚେତନ ସ୍ୱାଇଁ ରୌପ୍ୟ, ନିଶିକାନ୍ତ ସାହୁ ଗୋଟିଏ ରୌପ୍ୟ ସହ କାଂସ୍ୟ, ଅୟସ ମାଳିନୀ ସାହୁ ଗୋଟିଏ କାଂସ୍ୟ ଜିତି ରାଉରକେଲା ପାଇଁ ମୋଟ ୫ ପଦକ ହାସଲ କରିଛନ୍ତି। ଏହି ଚମ୍ପିୟନଶିପ୍‌ରେ ଜାତୀୟ କୋଚ୍ ରାଜୀବ ସିଂ ଅଫିସିଆଲ ଭାବେ ଯୋଗଦେଇଥିବା ବେଳେ ରଞ୍ଜନ ପାତ୍ର ଦଳର କୋଚ୍ ରୂପେ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସୋସିଏଶନ ସଭାପତି ସାରଦା ନାୟକ ଅଭିନନ୍ଦନ ଜଣାଇଛନ୍ତି।

# ୨ ବିଧାନସଭା ଆସନରେ ୧୮ ନାମାଙ୍କନ କାଏମ

ନୂଆପଡା ଅଫିସ,୨୮।୩

ଗୁରୁବାର ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ହୋଇଛି । ଏହି ଦିନ ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଜଣେ ମାତ୍ର ସଦସ୍ୟ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବା ପରେ ନୂଆପଡା ଏବଂ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏବେ ୧୮ଜଣଙ୍କ ନାମାଙ୍କନ କାଏମ ରହିଛି। ସମସ୍ତଙ୍କୁ ଗୁରୁବାର ଦଳୀୟ ଚିହ୍ନ ପ୍ରଦାନ କରାଯାଇଛି । ନିର୍ବାଚନ ଦିନ ଯେତିକି ପାଖେଇ ଆସୁଛି, ପ୍ରଶାସନ ତରଫରୁ ସେତିକି ତତ୍ପରତା ପ୍ରକାଶ ପାଇଛି । ଜିଲାର ବିଭିନ୍ନ ପ୍ରାନ୍ତରେ ଟିମ ସବୁ ପହରା ଦେଉଥିବାବେଳେ ରାଜ୍ୟର ସୀମାନ୍ତ ଅଞ୍ଚଳରେ ସମସ୍ତେ ଆଲର୍ଟ ଥିବା ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ତରଣୀସେନ ନାଏକ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

ଗୁରୁବାର ସନ୍ଧ୍ୟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆହୂତ ସମ୍ମିଳନୀରେ ରିଟର୍ଣ୍ଣିଂ ଅଫିସର ନାଏକ ସୂଚନା ଦେଇ କହିଥିଲେ ଯେ, ଜିଲାର ଦୁଇଗୋଟି ନିର୍ବାଚନ ମଣ୍ଡଳୀ ଯଥା ନୂଆପଡା ପାଇଁ ୯ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ତନ୍ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ସୁରେନ୍ଦ୍ର ପଣ୍ଡା ନାମାଙ୍କନ ପ୍ରତ୍ୟାହାର କରିଛନ୍ତି । ଅନ୍ୟ ୮ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ସେମାନଙ୍କୁ ଚିହ୍ନ ସବୁ ପ୍ରଦାନ କରାଯାଇଛି । କୁନ୍ତି ସାହୁଙ୍କୁ ବହୁଜନ ସମାଜ ପାର୍ଟି ତରଫରୁ ହାତୀ ଚିହ୍ନ ମିଳିଥିବାବେଳେ କଂଗ୍ରେସ ତରଫରୁ ଘାସିରାମ ମାଝିଙ୍କୁ ହାତ ଚିହ୍ନ, ବିଜେଡିର ରାଜେନ୍ଦ୍ର ଢୋଲକିଆଙ୍କୁ ଶଙ୍ଖ ଚିହ୍ନ, ଭାଜପାର ହୋମସିଂ ମାଝିଙ୍କୁ ପଦ୍ମ, ସମତା କ୍ରାନ୍ତି ଦଳର ଭରତ ତ୍ରିପାଠୀଙ୍କୁ କଇଁଚି, ସ୍ୱାଧୀନ ପ୍ରାର୍ଥୀ ଭୁଜବଲ ଆଡବଙ୍ଗଙ୍କୁ ଟ୍ରାକ୍ଟର ଚଳାଉଥିବା କୃଷକ, ଯଦୁମଣୀ ପାଣିଗ୍ରାହୀଙ୍କୁ ମାଠିଆ, ଲୋଚନ ସିଂ ମାଝିଙ୍କୁ ବର୍ଗ କ୍ଷେତ୍ରରେ



ଖବରଦାତା ସମ୍ମିଳନୀରେ ରିଟର୍ଣ୍ଣିଂ ଅଫିସର ତରଣୀସେନ ନାଏକ ସୂଚନା ଦେଉଛନ୍ତି ।

**ସୀମାନ୍ତରେ ନିର୍ବାଚନୀ ଟିମ ଆଲର୍ଟ ରହିଛି**

ଚାଷ କରୁଥିବା କୃଷକ ଚିହ୍ନ ପ୍ରଦାନ ମଞ୍ଜୁର ହୋଇଛି । ସେହିଭଳି ଖଡିଆଳ (୭୨) ସକାଶେ ଆବେଦନ କରିଥିବା ୧୦ ଜଣଙ୍କ ନାମାଙ୍କନ କାଏମ ରହିଛି । ସେମାନଙ୍କ ମଧ୍ୟରେ ବିଜେଡିର ଲମ୍ବୋଦର ନିଆଲଙ୍କୁ ଶଙ୍ଖ, ବହୁଜନ ସମାଜ ପାର୍ଟିର ପୂର୍ଣ୍ଣ ଚନ୍ଦ୍ର ନେତାମଙ୍କୁ ହାତୀ, ଭାଜପାର ରୀତାରାଣୀ ବରର୍ଡ୍ଡିଙ୍କୁ ପଦ୍ମ, କଂଗ୍ରେସର ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ହାତ ଚିହ୍ନ ମିଳିଥିବାବେଳେ ଆମ ଆଦମୀ ପାର୍ଟିର ରଙ୍ଗାଧର ମାଝିଙ୍କୁ ଝାଡୁ, ସମତା କ୍ରାନ୍ତି ଦଳର ସଞ୍ଜୟ କୁମାର ନାଏକଙ୍କୁ କଇଁଚି, ସ୍ୱାଧୀନ ପ୍ରାର୍ଥୀ ପ୍ରମୋଦ କୁମାର ଦଣ୍ଡସେନାଙ୍କୁ ଖଟ, ବୁଧାରୁ ବିହାରୀଙ୍କୁ ଡମବେଲ୍ସ, ଭୁବନେଶ୍ୱର ମାଝିଙ୍କୁ ଷ୍ଟୁଲ, ରାଧେଶ୍ୟାମ ସାଗରଙ୍କୁ ବ୍ୟାଟ ଚିହ୍ନ ମଞ୍ଜୁରୀ ହୋଇଛି । ଜିଲାବ୍ୟାପି ବିଭିନ୍ନ ଟିମ ଆଲର୍ଟ ରହିଥିବାବେଳେ ଏଯାବତ କୌଣସି ସେଭଳି କିଛି ଜବତ କରାଯାଇନାହିଁ। ଏହାକୁ ନେଇ ବିଭିନ୍ନ ସମୟରେ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ସଚେତନ କରାଯାଉଥିବା ରିଟର୍ଣ୍ଣିଂ ଅଫିସର ନାଏକ କହିଥିଲେ।

# ଗାଡ଼ି ଯାଞ୍ଚବେଳେ ଅଢ଼େଇ ଲକ୍ଷ ଟଙ୍କା ଜବତ

ଝାରସୁଗୁଡା ଅଫିସ୍/ଲଖନପୁର, ୨୮।୩ (ଡି.ଏନ୍.ଏ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବଡମାଲ ଥାନା ପୋଲିସ ତରଫରୁ ଗୁରୁବାର ରାସ୍ତାରେ ଯାନବାହାନ ଅଟକାଇ ଯାଞ୍ଚ ଚାଲିଥିଲା। ପୋଲିସର ଏହି ଯାଞ୍ଚବେଳେ ଏକ କାର ଭିତରୁ ଅଢେଇ ଲକ୍ଷ ଟଙ୍କା ବାହାରିଥିଲା। ପୋଲିସ ଏହି ଟଙ୍କାକୁ ଜବତ କରିବା ସହ ବ୍ୟବହୃତ ସିଜି ୧୧ଏନ୍ ୨୪୦୬ ନମ୍ବର ଗାଡିକୁ ଅଟକ ରଖିଛି। ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ଛତିଶଗଡ ଚାମ୍ପା ଅଞ୍ଚଳର ଅରବିନ୍ଦ ଅଗ୍ରୱାଲ ନାମକ ଜଣେ ବ୍ୟବସାୟୀ କୌଣସି କାର୍ଯ୍ୟରେ ସମ୍ବଲପୁର ଆସି ଛତିଶଗଡ ଫେରୁଥିବାବେଳେ ପୋଲିସ ଯାଞ୍ଚରେ ଧରାପଡିଥିଲେ।



ଗାଡିକୁ ପୋଲିସ ଯାଞ୍ଚ କରୁଛି ।

## ଖଡ଼ିଆଳରେ ବିଜେଡିର ପ୍ରଚାର

# ବିଜୟ ସଙ୍କଳ୍ପ ନେଇ କାମ କରିବା ପାଇଁ ଆହ୍ୱାନ

ଖଡିଆଳ,୨୮।୩(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳଠାରେ ବିଜେଡି ପକ୍ଷରୁ ଗୁରୁବାର ନିର୍ବାଚନୀ ପ୍ରଚାର କରାଯାଇଛି । ବିଜେଡି ସରକାର ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ କରି ରାଜ୍ୟ ବିକାଶର ପଥରେ ଆଗେଇ ନେଉଛନ୍ତି । ରାଜ୍ୟରେ ପୁଣି ଥରେ ବିଜେଡି ଶାସନକୁ କ୍ଷମତା ଆଣିବାକୁ ହେଲେ ସମସ୍ତେ ଏକ ହୋଇ କାମ କରିବାକୁ ପଡିବ ବୋଲି କଳାହାଣ୍ଡି ଲୋକସଭା ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ଓ ଖଡିଆଳ ବିଧାନସଭା ବିଜେଡି ପ୍ରାର୍ଥୀ ଲମ୍ବୋଧର ନିଆଲ ଖଡିଆଳଠାରେ ନିର୍ବାଚନୀ ପ୍ରଚାରରେ ଆହ୍ୱାନ ଦେଇଛନ୍ତି । ନଗର ସଭାପତି ଦୀପକ ଖମରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କୌଶଲ୍ୟା ମଣ୍ଡପ ପରିସରରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଲୋକସଭା ପ୍ରାର୍ଥୀ ସିଂଦେଓ ଓ ଖଡିଆଳ ବିଧାନସଭା ପ୍ରାର୍ଥୀ ନିଆଲଙ୍କ ସମେତ ଶତାଧିକ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ଖଡିଆଳ ବିଧାୟକ ଦୁର୍ଯ୍ୟୋଧନ ମାଝି, ଯୋଜନା ସମନ୍ୱୟ ବୋର୍ଡ ସ୍ୱତନ୍ତ୍ର ସଚିବ ସୁଜିତ କୁମାର, ଭବାନୀ ଶଙ୍କର ନିଆଲ, ପୂର୍ବତନ ଏନଏସି ଅଧ୍ୟକ୍ଷା ଖୁଲଣା ବେହେରାଙ୍କ ସମେତ ଦଳୀୟ କର୍ମକର୍ତ୍ତାମାନେ ଯୋଗଦେଇ ଲୋକସଭା ପାଇଁ ବିଜେଡି ପ୍ରାର୍ଥୀ ସିଂଦେଓ ଓ ଖଡିଆଳ ବିଧାନସଭା ପ୍ରାର୍ଥୀ ନିଆଲଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରାଯାଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ କରିଥିଲେ । ନିର୍ବାଚନୀ ସଭା ପୂର୍ବରୁ ଖଡିଆଳ ସହର ୧୨ ନଂ ୱାର୍ଡ ପୁଟୁପଡାଠାରୁ ଏକ ବାଇକ ରାଲିରେ ଦୁଇ ପ୍ରାର୍ଥୀ ସହର ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ । ଉକ୍ତ ରାଲିରେ ଶତାଧିକ ସଂଖ୍ୟାରେ ବିଜେଡି ଯୁବକ କର୍ମୀ ସାମିଲ ହୋଇଥିଲେ ।



ନିର୍ବାଚନ ପ୍ରଚାର ରାଲିରେ ଲୋକସଭା ପ୍ରାର୍ଥୀ ସିଂଦେଓ ଓ ବିଧାନସଭା ପ୍ରାର୍ଥୀ ଲମ୍ବୋଧର ନିଆଲ ।

# ବିଜେଡ଼ି ଲୋକସଭା ପ୍ରାର୍ଥିନୀଙ୍କ କୁଆଁରମୁଣ୍ଡା ଅଞ୍ଚଳ ଗସ୍ତ

କୁଆଁରମୁଣ୍ଡା, ୨୮।୩(ଡି.ଏନ.ଏ)

ଗୁରୁବାର ସୁନ୍ଦରଗଡ଼ ଲୋକସଭା ପାଇଁ ବିଜେଡ଼ି ପକ୍ଷରୁ ପ୍ରାର୍ଥୀ ହୋଇଥିବା ସୁନୀତା ବିଶ୍ୱାଳ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳ ଗସ୍ତ କରିଛନ୍ତି। ବିଶେଷ କରି ଲୋକସଭା ପ୍ରାର୍ଥୀନୀ ବିଶ୍ୱାଳ ଅପରାହ୍ନରେ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି କାର୍ଯ୍ୟାଳୟକୁ ଯାଇ ସେଠାରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଗାମୀ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିଛନ୍ତି। କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ତଥା ଡୁମେରଯୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁରଙ୍କ ସଂଯୋଜନାରେ ଏହି ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏଥିରେ ବିଜେଡ଼ି ଜିଲା ଯୁବ ସଭାପତି ଦେବେନ୍ଦ୍ର ମାଝି, ବିଜେଡ଼ି ଜିଲା ଯୁବ ସାଧାରଣ ସମ୍ପାଦକ ତାପସ କୁମାର ପଣ୍ଡା, ବାଲିଶଙ୍କରା ବ୍ଲକ ଯୁବ ସଭାପତି କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୁଆଁରମୁଣ୍ଡା ସମିତି ସଭ୍ୟ ରାଜେଶ ହାସଦା, ଜିଲା ପରିଷଦ ସଭ୍ୟା ସୁନୀତା ଅହିର, ବିଜେଡ଼ି ଯୁବ ସଙ୍ଗଠକ ଶରତ ତନ୍ତୀ, କୁଆଁରମୁଣ୍ଡା ବ୍ଲକ ମହିଳା ସଭାନେତ୍ରୀ ମୀନାକ୍ଷୀ ବାରିକ, ଏମଡି. ଅବଦୁଲ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ସିରିଗିଡି ପ୍ରକଳ୍ପ ବିଦ୍ୟାଳୟ

# ୩ କୋଠରିରେ ପଢ଼ନ୍ତି ୮ଟି ଶ୍ରେଣୀର ପିଲା

ନୂଆପଡା ଅଫିସ,୨୮।୩

ରାଜ୍ୟର ନୂଆପଡା ଜିଲା ସୀମାନ୍ତବର୍ତ୍ତି ଛତିଶଗଡ଼ ଅଞ୍ଚଳରେ ପ୍ରଭାବିତ ହୋଇ ରହୁଛି । ଏଠାରେ ଓଡିଆ ଭାଷା ଶିକ୍ଷାର ବହୁଳ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି। ଏଥିସକାଶେ ରାଜ୍ୟ ସରକାର ବିଭିନ୍ନ ସମୟରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତଥାପି ବିଭାଗୀୟ ଅଧିକାରୀମାନଙ୍କ ଉଦାସୀନତା ଯୋଗୁ ସବୁ ଫସର ଫାଟୁଛି । ସଦର ବ୍ଲକର କେନ୍ଦୁବାହାରା ଗ୍ରାମପଞ୍ଚାୟତର ସିରିଗିଡି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ସ୍ଥିତି ଦେଖିଲେ ସୀମାନ୍ତର ସ୍ଥିତି ଆକଳନ କରିହେବ । ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଚାଲିଥିବାବେଳେ ମାତ୍ର ୩ଟି କୋଠରି ଠିକ ରହିଛି । ବିପଦ ସଙ୍କୁଳ ଅବସ୍ଥାରେ ପିଲାମାନେ ପାଠ ପଢୁଛନ୍ତି । ଆଦିବାସୀ ବହୁଳ ସିରିଗିଡି ଗାଁର ଶତ ପ୍ରତିଶତ ଲୋକ ଗରିବ ବନବାସୀ ଆଦିବାସୀ । ଲୋକଙ୍କ ରୋଜଗାର କହିଲେ ବଣ ଜଙ୍ଗଲରୁ ବନ୍ୟଜାତ ସଂଗ୍ରହ କରି ପେଟ ପୋଷିଥାନ୍ତି । ବହୁ ସମୟରେ ଚାଷ କାମ କରି କୁଟୁମ୍ବ ଚଳାଇଥାନ୍ତି । ବର୍ଷର ଅଧା ସମୟରେ କାମ ଧନ୍ଦା ଅଭାବରୁ ରାଜ୍ୟ ବାହାରକୁ ଯାଇଥାନ୍ତି । ମାତ୍ର ଗୋଟିଏ କିମି ଦୂର ଗଲେ ଛତିଶଗଡ ରାଜ୍ୟର ସୀମା । ବହୁ ସମୟରେ ବଜାର ସହ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ଛତିଶଗଡ ଉପରେ ନିର୍ଭର କରି ଚଳିଥାନ୍ତି। ଏଠାରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାକୁ ରାଜ୍ୟ ଶିକ୍ଷା ବିଭାଗର ଉଦ୍ୟମକ୍ରମେ ଏକ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ୧୨୦ ଜଣ ପିଲା ପଢୁଛନ୍ତି । ଏମାନଙ୍କ ପାଇଁ ଆଠଟି ଶ୍ରେଣୀ କୋଠରି ନିର୍ମାଣ ହୋଇଥିଲେ ମଧ୍ୟ ସେଗୁଡିକ ବର୍ତ୍ତମାନ ଦୋଦୁଲ୍ୟମାନ ସ୍ଥିତିରେ ରହିଛି। ଭାଙ୍ଗିଯିବା ଉପରେ। ମାତ୍ର ୩ଟି କୋଠରିର ଅବସ୍ଥା ଠିକ ଥିବାରୁ ସେଠାରେ ଖରା ବର୍ଷା ସବୁପିଲା ବସି ପାଠ ପଢୁଥିବା ଗ୍ରାମବାସୀ କହିଛନ୍ତି। ଏହା ଉପରେ ବିଭାଗକୁ ବାରମ୍ବାର କୁହାଯାଇଛି ତଥାପି କୌଣସି ପଦକ୍ଷେପ ନେଉ ନ ଥିବା ସ୍କୁଲ ପରିଚାଳନା କମିଟି ସଭାପତି ଦିଲୀପ ମାଝି କହିଛନ୍ତି। ଏହା ଉପରେ ବିଭାଗ ତୁରନ୍ତ ଦୃଷ୍ଟି ଦେବା ସହ ନୂତନ ଶ୍ରେଣୀ କୋଠରି ବ୍ୟବସ୍ଥା କରିବା ଜରୁରୀ ବୋଲି କହିଛନ୍ତି । ପ୍ରଧାନଶିକ୍ଷକ ରୁପସିଂ ମାଝି ଏହା ଉପରେ ବିଭାଗକୁ ଜଣାଇଦେଇଛୁ ବୋଲି କହିଛନ୍ତି । ଜିଲା ଶିକ୍ଷା ବିଭାଗ ଏହା ଉପରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।





ସିରିଗିଡି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ।

- ବିପଦ ସଙ୍କୁଳ ଅବସ୍ଥାରେ ପିଲାମାନେ ପାଠ ପଢୁଛନ୍ତି
- ସୀମାନ୍ତରେ ପ୍ରାଥମିକ ଶିକ୍ଷା

# ସ୍ୱାଧୀନ ପ୍ରାର୍ଥୀ ଯଦୁମଣିଙ୍କ ପ୍ରଚାର ଆରମ୍ଭ

- ବହୁ ଭାଜପା ପଦାଧିକାରୀ ଯୋଗଦେଲେ
- ନୂଆପଡା, ଖଡିଆରରୋଡରେ ପ୍ରଚାର ଶୋଭାଯାତ୍ରା

ନୂଆପଡା ଅଫିସ,୨୮।୩

ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ବିଧାୟକ ଯଦୁମଣୀ ପାଣିଗ୍ରାହୀଙ୍କୁ ଭାଜପା ଟିକେଟ ଦେବାରେ ଅଣଦେଖା କରିଥିବା ଅଭିଯୋଗ ଆଣି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନୀ ରଣାଙ୍ଗନରେ ଅବର୍ତ୍ତୀର୍ଣ୍ଣ ହୋଇଛନ୍ତି । ଗୁରୁବାର ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି । ନୂଆପଡା ସହରସ୍ଥିତ ଜଳ ସେଚନ କଲୋନୀ ନିକଟସ୍ଥ ନିଜ ବାସଭବନରେ ଏକ ବିଶାଳ ବୈଠକ କରିବା ପରେ ଶୋଭାଯାତ୍ରାରେ ବାହାରି ନୂଆପଡା ଏବଂ ଖରିଆରରୋଡ ସହର ବୁଲିଥିଲେ । ଏଥିରେ ବହୁ ଭାଜପାର ନାମୀ ପଦାଧିକାରୀ ଯୋଗଦେଇଥିବା ଚର୍ଚ୍ଚାର ବିଷୟ ହୋଇଛି । ଗୁରୁବାର ନାମାଙ୍କନ ପ୍ରତ୍ୟାହାର ଥିବାବେଳେ ଏହି ଦିନ ପ୍ରାର୍ଥୀମାନଙ୍କୁ ଦଳୀୟ କିମ୍ବା ସ୍ୱାଧୀନ ପ୍ରାର୍ଥୀ ଭାବେ ଚିହ୍ନ ମିଳିଥିଲା । ତେବେ ସ୍ୱାଧୀନ ପ୍ରାର୍ଥୀ ଯଦୁମଣୀଙ୍କୁ ମାଠିଆ ଚିହ୍ନ ମିଳିଥିଲା । ଏହା ପରେ ଏଠାରେ ପ୍ରଥମ ନିର୍ବାଚନୀ ସଭା କରିଥିଲେ । ବରିଷ୍ଠ ଆଇନଜୀବୀ ବିଶ୍ୱମଣୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାର୍ଥୀ ଯଦୁମଣୀଙ୍କୁ ସମସ୍ତେ ଜଣ ଜଣ କରି ଫୁଲମାଳ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ଭାଜପାରୁ ଆସି ଜିଲା ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, କୋମନା ମଣ୍ଡଳ ସଭାପତି ବିକ୍ରମ ଆଡବଙ୍ଗ, ଈଶ୍ୱର ସାହୁ, ଦୁର୍ଗା ଖମାରୀ, ସାହଦତ ଖାନ, ଅବଦୁଲ ରସିଦ ପ୍ରମୁଖ ଆସି ମଞ୍ଚରେ ଯୋଗଦେଇଥିଲେ । ଆଗକୁ ଜିଲାର ନୂଆପଡା ବିଧାନସଭା ନିର୍ବାଚନର ସର୍ବାଙ୍ଗୀନ ଉନ୍ନତି ସକାଶେ ଆମେ ସଙ୍ଘବଦ୍ଧ ହୋଇ କାମ କରିବୁ । ସବୁପ୍ରକାର ସମସ୍ୟାକୁ ଦୂର କରିବାର ସଂକଳ୍ପ ନେଇ ଲୋକଙ୍କ ପାଖକୁ ଯିବୁ ବୋଲି ପ୍ରାର୍ଥୀ ଯଦୁମଣୀ କହିଥିଲେ । ଅପରାହ୍ନ ୫ଟାବେଳେ ସେଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ । ନୂଆପଡା ସହରରେ ବାଜା ବଜାଇ ସମର୍ଥକମାନେ ନାଚି ପରିକ୍ରମା କରିଥିଲେ । ଏହା ପରେ ଖରିଆରରୋଡ ସହରକୁ ଗସ୍ତ କରି ସେଠାରେ ମଧ୍ୟ ଶୋଭାଯାତ୍ରାରେ ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା ।



ନୂଆପଡା ସହରରେ ସ୍ୱାଧୀନ ପ୍ରାର୍ଥୀ ଯଦୁମଣି ପାଣିଗ୍ରାହୀ ନିର୍ବାଚନୀ ଶୋଭାଯାତ୍ରାରେ ପରିକ୍ରମା କରୁଛନ୍ତି ।

## ଜିଲାପାଳଙ୍କୁ ଭେଟିଲେ ପ୍ରେସ୍ ୟୁନିଟ କର୍ମକର୍ତ୍ତା

# ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

ନୂଆପଡା ଅଫିସ,୨୮।୩

**ନିର୍ବାଚନ ପାଇଁ ଜରୁରିକାଳୀନ ରାସ୍ତା ଦରକାର**

ବର୍ତ୍ତମାନ ଜିଲାରେ ନିର୍ବାଚନ ପର୍ବ ଚାଲିଥିବାବେଳେ ବିଭିନ୍ନ ସମସ୍ୟା ଦେଇ ସାଧାରଣ ଲୋକ ଦିନ ଗଣୁଛନ୍ତି । ଏହା ଉପରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବା ଜରୁରୀ ବୋଲି ଜିଲା ପ୍ରେସ ୟୁନିଟ ତରଫରୁ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଭେଟି କହିଛନ୍ତି । ଜିଲାର ଲାଇଫ ଲାଇନ କୁହାଯାଉଥିବା ଜାତୀୟ ରାଜପଥ ୩୫୩ ମରଣ ଯନ୍ତା ପାଲଟିଥିବାରୁ ଏହାକୁ ଜରୁରୀକାଳୀନ ଭିତିରେ ତିଆରି କରିବାକୁ ଦାବି କରିଥିଲେ । ଗୁରୁବାର ଅପରାହ୍ନ ୫ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହରେ ଖବରଦାତା ଗଜେନ୍ଦ୍ର ନିଆଲ, ଘନଶ୍ୟାମ ଭୋଇଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ ଜିଲାପାଳ ଡା. ପୋମା ଟୁଡୁଙ୍କୁ ଦେଖା କରିଥିଲେ। ନୂଆପଡାରୁ ଖଡିଆଳ ଜାତୀୟ ରାଜପଥ ୩୫୩ ଆଜକୁ ୫ରୁ ୬ବର୍ଷ ହେବ ନିର୍ମାଣ କାମ ଚାଲିଛି । ବହୁ ଦାବି ପ୍ରତିବାଦ ପରେ ପ୍ରାୟ ଷାଠିଏ ସତୁରୀ ପ୍ରତିଶତ ନିର୍ମାଣ କାମ ଶେଷ ହୋଇଛି । ହେଲେ ନିତି ନୂଆଁ ନୂଆଁ ଜାଗାରେ ରାସ୍ତାକୁ ଖୋଲି ଦେଉଥିବାରୁ ରାସ୍ତା ମରଣ ଯନ୍ତା ପାଲଟିଛି । ପ୍ରତିଦିନ ସବୁଠି ଦୁର୍ଘଟଣାମାନ ଘଟୁଛି । ବର୍ତ୍ତମାନ ଜିଲାରେ ସାଧାରଣ ନିର୍ବାଚନ ଚାଲୁଥିବାରୁ ରାସ୍ତାରେ ସବୁବେଳେ ଗହଳି ହେବା ସହ ଭାରିଯାନ ଚଳାଚଳ ବିପଦ ସୃଷ୍ଟି କରୁଛି । ଜିଲା ସଦର ମହକୁମାରୁ ଖଡିଆଳ ଯିବା ରାସ୍ତାରେ ଦଲଦଲି, ପଲସିପାଣି, ବଞ୍ଜାରୀ, ଉଦ୍ୟାନବନ୍ଧ, କୋମନା ସୁନ୍ଦର ନଦୀ ପୋଲ ନିକଟରୁ ବସ୍ତି ପର୍ଯ୍ୟନ୍ତ, କୋମନାରୁ ବିଲେଞ୍ଜୋର ରାସ୍ତାରେ କୋମନା ବସ୍ତି ମୁଣ୍ଡ, ପେଣ୍ଡାବନ୍ଧ, ବଡମହେଶ୍ୱର ଏବଂ ସାନମହେଶ୍ୱର ବସ୍ତି ନିକଟରେ ରାସ୍ତା ନିର୍ମାଣ କାମ ଅଧାପନ୍ତରିଆ ହୋଇପଡିଛି । ଏହି ଜାଗା ଗୁଡିକର ତୁରନ୍ତ ମରାମତି କରିବା ସହ ଜରୁରୀ କାଳୀନ ଭିତ୍ତିରେ ରାସ୍ତା ନିର୍ମାଣ କରିବାକୁ ଦାବି କରାଯାଇଥିଲା । ଜିଲାପାଳ ଏହା ଉପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହିଭଳି ଖରିଆରରୋଡ ସହରରେ ପାନୀୟ ଜଳର ଉତ୍କଟ ସମସ୍ୟା ହେଉଛି । ନଦୀରୁ ଜଳ ଯୋଗାଣ ବ୍ୟବସ୍ଥା ବନ୍ଦ ହୋଇଯିବା ପରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ହେଉଥିବା କୁହାଯାଉଛି । ହେଲେ ଏହା ଠିକ ଭାବରେ ଯୋଗାଣ ହେଉ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲାପାଳ ଏହା ଉପରେ ବାରମ୍ବାର ସମୀକ୍ଷା କରୁଛନ୍ତି । ଆଗକୁ କିପରି ସମସ୍ୟା ନ ହୁଏ ସେଥିପ୍ରତି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ପୁଣି ନୂଆପଡା ଏବଂ ଖରିଆରରୋଡ ସହରରେ ଭାରୀଯାନ ସବୁଦିନକୁ ଦିନ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି । ଏହା ଉପରେ ନିୟନ୍ତ୍ରଣ କରିବାକୁ କୁହାଯାଇଛି । ତେବେ ଜିଲାର ବିଭିନ୍ନ ସମସ୍ୟା ଉପରେ ଆଗକୁ ଆସି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବାରୁ ଧନ୍ୟବାଦ ଦେଇଥିବାବେଳେ ଯଥାଶୀଘ୍ର ସମାଧାନ କରାଯିବ ବୋଲି ଜିଲାପାଳ କହିଥିଲେ । ୟୁନିଟର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ରତନ କେତକୀ, ରାକେଶ ଶର୍ମା, ତାଲେଶ୍ୱର ଦେୱାଙ୍ଗନ, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ ।



ପରର ମଙ୍ଗଳ କରିବା ସବୁଠାରୁ ବଡ଼ ଧର୍ମ।
ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ଼ ପାପ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ



### ବୋଲେରୋ ପିକ୍‌ଅପ୍ ଧକ୍କା, ୬ ଗୁରୁତର ଆହତ

ଜୁନାଗଡ,୨୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ହିଙ୍ଗିଳିବାହାଲି ୨୬ ନଂ. ଜାତୀୟ ରାଜପଥ ଉପରେ ଗୁରୁବାର ଅପରାହ୍ନରେ ଏକ ବୋଲେରୋ ଓ ପିକଅପ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ବୋଲେରୋରେ ବସିଥିବା ୬ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରାଯାଇ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁତର ଆହତ ହୋଇଥିବା ୬ଜଣଙ୍କ ମଧ୍ୟରୁ ୩ଜଣ ମହିଳା ଓ ୩ଜଣ ପୁରୁଷ ରହିଛନ୍ତି। ସମସ୍ତେ କୋତମେର ଗ୍ରାମର ବୋଲି ଜଣାପଡିଛି। ବୋଲେରୋ ଗାଡି (ନଂ.ଓଡି୦୮ଏ-୩୨୦୦) ହୋଇଥିବା ବେଳେ ପିକଅପ୍ ଗାଡିର (ନଂ. ଓଡି୦୮ଜେ-୮୯୭୫)। ଜୁନାଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

### ବାଳସୁଧାର ଗୃହରେ ସଙ୍ଗୀତ କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୨୮।୩

ରାଉରକେଲା ବାଳସୁଧାର ଗୃହ ଅନ୍ତେବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ଗୁରୁବାର ପୂର୍ବାହ୍ନରେ ଏକ ଚିତ୍ତାକର୍ଷକ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ରୂପେ ଅତିରିକ୍ତ ଜିଲା ଦୌରା ଜଜ୍ ରବୀନ୍ଦ୍ର ଦାସ, ଆସିଷ୍ଟାଣ୍ଟ କଲେକ୍ଟର ନିଭାରାଣୀ ଭଟ୍ଟାଚାର୍ଯ୍ୟ, ସୁନ୍ଦରଗଡ଼ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଆର୍ଟ ଅଫ୍ ଲିଭିଂ ପ୍ରଶିକ୍ଷକ ଅନନ୍ତ ରାରାଓ୍ୱା, ସାମାଜିକ କର୍ମୀ ପ୍ରେମା ଦାସ, ଡ. ଜ୍ୟୋତି ସ୍ୱାଇଁ, ଇନ୍ଦୁ ଅଗ୍ରୱାଲ, ସୀମା ଅଗ୍ରୱାଲ, ପ୍ରଦୀପ ରାଉତରାୟ, ସୁନୀଲ ପାତ୍ର, ବାଳସୁଧାର ଗୃହ ଅଧକ୍ଷ ସଞ୍ଜୟ ମହାନ୍ତି, ଶିକ୍ଷକ ପ୍ରକାଶ ତ୍ରିପାଠୀ, ମିନତୀ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥି ବକ୍ତବ୍ୟ ରଖି କହିଥିଲେ, ଶିଶୁଙ୍କ ମୌଳିକ ଅଧିକାର ସର୍ବଦା ଅକ୍ଷୁଣ୍ଣ ରହିବା ଦରକାର। ଏମାନେ କିଭଳି ଚାପମୁକ୍ତ ରହିବେ ସେ ନେଇ ଧ୍ୟାନ ଦିଆଯିଆ ଆବଶ୍ୟକ। ଦେଶର ସୁନାଗରିକ ରୂପେ ଏହି ଶିଶୁଙ୍କୁ ଗଢ଼ି ତୋଳିବା ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ପରିବେଷିତ ସଙ୍ଗୀତ କାର୍ଯ୍ୟକ୍ରମକୁ ଅନ୍ତେବାସୀ ଉପଭୋଗ କରିଥିଲେ।

ଭାଟିବାଲାଙ୍କ ଇଙ୍ଗିତରେ ଅବକାରୀ ବିଭାଗର ଚଢ଼ାଉ

# ବଢ଼ି ଚାଲିଛି ବେଆଇନ ମଦ କାରବାର

ଜୁନାଗଡ,୨୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଦିନକୁ ଦିନ ବେଆଇନ ମଦ କାରବାର ବଢି ଚାଲିଥିବା ବେଳେ ଏହାକୁ ରୋକିବାରେ ଅବକାରୀ ବିଭାଗ ଫେଲ ମାରିଛି। ଜୁନାଗଡ ବ୍ଲକର ପ୍ରାୟ ଗ୍ରାମରେ ଏବେ ମଦ କୋଠିଗୁଡିକ ଛାଇଯାଇଛି। ଶିକ୍ଷାନୁଷ୍ଠାନ, ମନ୍ଦିର, ଜନବସତି, ଛକ ସ୍ଥାନରେ ମଦ କୋଠିଗୁଡିକ ଦେଖିବାକୁ ମିଳୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନ ପଡିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ଜୁନାଗଡ ବ୍ଲକରେ ୬ଟି ଦେଶୀ ମଦଭାଟି, ୧୩ଟି ଶାଖା ମଦଦୋକାନ, ୨ଟି ଠିପି ବନ୍ଦ ଓ ୨ଟି ଠିପି ଖୋଲା ମଦ ଦୋକାନ ରହିଛି। ସେଥିମଧ୍ୟରୁ ଜୁନାଗଡ ସମେତ ଅମାଠୋଲା, ହାବସପୁର, ନକଟିଗୁଡା, କଟିଙ୍ଗପଦର ଓ ବୁଡିଦରଠାରେ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟି ରହିଛି। ସେହିପରି ଶାଖା ମଦଦୋକାନ ଗୁଡିକ ହେଲା ଅମାଠୋଲା, ଦାସିଗାଁ, ବେଲଗୁଡା, ମାଲିଗୁଡା, କାର୍ଲି, ମହିଚଲା, ଛୋରିଆଗଡ, କର୍ଲାକୋଟ, ବାଲିଜୋର, ମାଟିଗାଁ, ବନମାଳୀପୁର, ଭଇଁରୀଗୁଡା ଆଦି ସ୍ଥାନରେ ରହିଛି। ସେହିପରି ବିଦେଶୀ ଠିପି ବନ୍ଦ ମଦ ଦୋକାନ ଜୁନାଗଡ ଓ ହାବସପୁରରେ ରହିଛି। ବିଦେଶୀ ଠିପି ଖୋଲା ମଦ ଦୋକାନ ଜୁନାଗଡ ସହର ୨୬ ନଂ. ଜାତୀୟ ରାଜପଥ କଡରେ ଥିବା ଅମ୍ରାପାଲି ଇନ୍ ଓ କଲମପୁର ରାସ୍ତାରେ



ଅବକାରୀ ବିଭାଗ ସହ ଚଢାଉରେ ସାମିଲ ହୋଇଥିବା ଭାଟି କର୍ମଚାରୀ ।

**ଜୁନାଗଡ ବ୍ଲକ**
- ରୋକିବାରେ ଅବକାରୀ ବିଭାଗ ଫେଲ୍

ଥିବା ହୋଟେଲ ଯୋଗମାୟା। ଏସବୁରୁ ସରକାର ବାର୍ଷିକ ୮ କୋଟି ୯୨ ଲକ୍ଷ ୯୪ ହଜାର ୭୨୮ ଟଙ୍କା ରାଜସ୍ୱ ପାଉଛି। ଦେଶୀ ମଦ ଭାଟିଗୁଡିକରେ କାଉଣ୍ଟରେ ମଦ ବିକ୍ରି କରିବା ନିୟମ ରହିଥିବାବେଳେ ପ୍ରତିଦିନ ଭାଟିରୁ ବେଆଇନ ଭାବେ ଶହ ଶହ ବସ୍ତା ପାଉଚ ମଦ ଗ୍ରାମାଞ୍ଚଳର କୋଠିକୁ ଚାଲାଣ ହେଉଛି। ଏପରିକି ମଦ ଭାଟିଗୁଡିକରେ ଦିନକୁ କେତେ ପରିମାଣରେ ମଦ ବିକ୍ରି କରିପାରିବେ ତାହା ସରକାର ଧାର୍ଯ୍ୟ କରି ଥିବାବେଳେ ବାସ୍ତବରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। ଅବକାରୀ ବିଭାଗ ମଦ ଭାଟିକୁ ଯାଞ୍ଚ କରିବା ପରିବର୍ତ୍ତେ ଭାଟି ମାଲିକ ସହିତ ସଲାସୁତୁରା ହେଉଥିବାରୁ ଭାଟି ମାଲିକମାନେ ମନଇଚ୍ଛା ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସେହିପରି ବିଦେଶୀ ମଦ ଦୋକାନଗୁଡିକରେ ପ୍ରିଣ୍ଟ ତାଲିକାଠାରୁ ଅଧିକ ମୁଲ୍ୟରେ ମଦ ବିକ୍ରି କରାଯାଉଥିବା ବେଳେ ଦର ତାଲିକା ମଧ୍ୟ ଦୋକାନ ଆଗରେ ଲଗାଯାଉନାହିଁ। ଏ ସବୁ ଅନିୟମିତତା ଘଟଣା ବିଭାଗ ଜାଣି ନ ଜାଣିବା ଭଳି ଚୁପରହିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ଲୋକ ଦେଖାଣିଆ ବିଭିନ୍ନ ସମୟରେ ଲକ୍ଷ ପୂରଣ ପାଇଁ ଚଢାଉ କରାଯାଉଛି। ଏହି ସମୟରେ ବଡ ବଡ ମଦ ବେପାରୀଙ୍କୁ ନ ଧରି ଛୋଟ ବେପାରୀଙ୍କୁ ଧରି କୋର୍ଟ ଚାଲାଣ କରାଯାଉଛି। ବର୍ତ୍ତମାନ ନିର୍ବାଚନକୁ ଆଖି ଆଗରେ ରଖି ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନିଶା କାରବାରକୁ ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ଜୁନାଗଡ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ରୋହିଣିପାଲି ଘନା ଜଙ୍ଗଲରେ ଅବାଧରେ ହାତ ରନ୍ଧା ମଦ କାରବାର ଚାଲିଥିବା ଖବର ପାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ତେବେ ଅବାକାରୀ ବିଭାଗ ସହ ସ୍ଥାନୀୟ ଭାଟି କର୍ମଚାରୀ ମଧ୍ୟ ଚଢାଉରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଭାଟି କର୍ମଚାରୀଙ୍କ ଇଙ୍ଗିତରେ ଅବକାରୀ ବିଭାଗର କର୍ମଚାରୀମାନେ ହାତ ରନ୍ଧା ହେଉଥିବା ମଦ ସ୍ଥାନରେ ତଦନ୍ତ କରୁଥିବା ଦେଖିବାକୁ ମିଳିଥିଲା। ଯାହାକି ସାଧାରଣରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଉପସ୍ଥିତ ଥିବା ଜୁନାଗଡ ଅବକାରୀ ଉପନିରୀକ୍ଷକ ବିଜୟ କୁମାର ସୁବୁଦ୍ଧିଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେମାନେ ଆମ ସହିତ ଆସିନାହାନ୍ତି ବୋଲି ହଡବଡେଉ ହୋଇଯାଇଥିଲେ। ଏହାସହ ଯେଉଁଠି ଅଭିଯୋଗ ଆସୁଛି ସେଠାରେ ମଦ ଚଢାଉ କରାଯାଉଛି ବୋଲି କହିଥିଲେ। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ବିଜେଡି ପ୍ରାର୍ଥୀ ଦୁଷ୍ମନ୍ତ, ପୁଷ୍ପେନ୍ଦ୍ରଙ୍କ ନିର୍ବାଚନୀ ପ୍ରଚାର

କେସିଙ୍ଗା,୨୮।୩(ଡି.ଏନ.ଏ.)

ଭବାନୀପାଟଣା ନିର୍ବାଚନର ବିଧାନସଭା ପଦ ପାଇଁ ନାମାଙ୍କନ ଶେଷ ହେବା ପରେ ଏବେ ବିଜେଡିର ପ୍ରାର୍ଥୀମାନେ ପ୍ରଚାର ଯୋରସୋରରେ ଆଗେଇ ନେଇ ଚାଲିଛନ୍ତି । ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ ନାଏକ ଏବଂ ଏମ୍‌ପି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ଉକ୍ରେଲା, ଗାଇଗା, ଦେଓଗାଁ, ପାଷ୍ଟିକୁଡି, ଅଧମୁଣ୍ଡା, ନାସିଗାଁ ଆଦି ଗ୍ରାମ ପଞ୍ଚାୟତରେ ଦଳୀୟ କର୍ମୀଙ୍କ ସହ ପ୍ରଚାର କରିଛନ୍ତି । ଗାଁ ଗାଁ, ପଡା ପଡା ବୁଲି ବିଜେଡିକୁ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଯୋରସୋରରେ ଭୋଟ ପ୍ରଚାର କରିଚାଲିଛନ୍ତି । ପ୍ରତ୍ୟେକ ଗ୍ରାମରେ ଥିବା ଯୁବ ବାହିନୀ ଦଳ, ମହିଳା ସ୍ୱୟଂ ସେବା ଗୋଷ୍ଠୀ, ମିଶନ ଶକ୍ତି ସଙ୍ଗଠନ ପକ୍ଷରୁ ଦୁଷ୍ମନ୍ତ ଓ ପୁଷ୍ପେନ୍ଦ୍ରଙ୍କୁ ସମର୍ଥନ ଜଣାଉଥିବା ଦେଖିବାକୁ ମିଳିଛି ।



ବିଜେଡିର ଦୁଷ୍ମନ୍ତ ନାଏକ, ପୁଷ୍ପେନ୍ଦ୍ର ସିଂଦେଓ ଗ୍ରାମାଞ୍ଚଳରେ ପ୍ରଚାର କରୁଛନ୍ତି ।

## ଭାଜପା ପ୍ରାର୍ଥୀ ବସନ୍ତ, ପ୍ରଦୀପ୍ତଙ୍କ ପ୍ରଚାର



ଭାଜପାର ପ୍ରଚାରରେ ବସନ୍ତ ପଣ୍ଡା ଓ ପ୍ରଦୀପ୍ତ କୁମାର ନାଏକ ପ୍ରମୁଖ ।

କେସିଙ୍ଗା,୨୮।୩(ଡି.ଏନ.ଏ.)

କଳାହାଣ୍ଡି ବିଧାନ ସଭା ଏବଂ ଲୋକସଭା ପଦ ସକାଶେ ନାମାଙ୍କନ ଦାଖଲ ପରେ ଭାଜପା ତାର ନିର୍ବାଚନ ପ୍ରଚାରକୁ ଯୋର କରିଦେଇଛି । ଏହି ପରିପ୍ରେକ୍ଷୀରେ ଭାଜପାର ଏମ୍‌ପି ପ୍ରାର୍ଥୀ ବସନ୍ତ ପଣ୍ଡା ଓ ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ କୁମାର ନାଏକ ଗୁରୁବାର ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲସି ଗ୍ରାମପଞ୍ଚାୟତ, ସିରୋଲ, କାଣ୍ଡେଲ, ଲଇତରା ଗ୍ରାମପଞ୍ଚାୟତ ସମେତ କେସିଙ୍ଗା ଏନଏସିରେ ପ୍ରଚାର ଆରମ୍ଭ କରିଥିଲେ । ଏହି ପ୍ରଚାରରେ ଭାଜପାର କର୍ମୀ ଓ ଜିଲା ପରିଷଦ ଅଧକ୍ଷା ନମିଶରାଣୀ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ମହୋତ୍ସବ

କେସିଙ୍ଗା,୨୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ତୁଣ୍ଡଲା ଗ୍ରାମପଞ୍ଚାୟତ ନିକଟସ୍ଥ ବନ୍ଧପଡାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୨ତମ ବାର୍ଷିକୋତ୍ସବ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଗିନିଜବୁକ ଧାରୀ ସତ୍ୟପରି ପଧାନ, ମୁଖ୍ୟବକ୍ତା ଭାବେ କଳାହାଣ୍ଡି ଜିଲା ସମର୍ପଣ ମଣ୍ଡଳର ସଂଯୋଜକ ବ୍ରଜମୋହନ ବେହେରା, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନ ପରିଚାଳନା କମିଟି ସଭାପତି ଶ୍ରୀମୁଖ ଥପା ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବରେ ବେଲଖଣ୍ଡି ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ରାଧାମୋହନ ବାଣୁଆ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ଅତିଥିଗଣ ଛାତ୍ରୀଛାତ୍ରଙ୍କ ଶିକ୍ଷା ଏବଂ ଚରିତ୍ର ନିର୍ମାଣରେ ପିତାମାତାଙ୍କ ଭୂମିକା, ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ଓ ନୀତି, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାର ନୂତନ ପ୍ରଣାଳୀ ଆଦି ବିଷୟରେ ଆଲୋକପାତ କରିଥିଲେ । ସନ୍ଧ୍ୟା ଅଧିବେଶନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିଥିଗଣଙ୍କ ଦ୍ୱାରା ବିଜେତା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ବୈଦ୍ୟନାଥ ଓ ମଣ୍ଟୁ ଭାଇ ମଞ୍ଚ ପରିଚାଳନା କରିଥିଲେ । ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଅଧକ୍ଷା ତପ ଅପା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଉତ୍ସବ ପ୍ରାରମ୍ଭରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପ ଓ ଦୀପ ପ୍ରଜ୍ୱଳନ କରି ଦୁର୍ଗାସ୍ତୋତ୍ର ପାଠ କରି ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ମହୋତ୍ସବରେ ମଞ୍ଚାସୀନ ଅତିଥି ।

## ସନତ ପ୍ରଧାନ କେଜେଡି ପ୍ରାର୍ଥୀ

ରାଉରକେଲା ଅଫିସ,୨୮।୩

ସନତ ପ୍ରଧାନଙ୍କୁ କୋଶଳ ଜନତା ଦଳ (କେଜେଡି) ସମ୍ବଲପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଗୁରୁବାର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଏହି ଘୋଷଣା କରାଯାଇଛି। ରାଜ୍ୟ ସଭାପତି ପ୍ରଧାନଙ୍କ ନାମ ଘୋଷଣା କରି ତାଙ୍କୁ ଜଣେ କର୍ମଠ, ଉପଯୁକ୍ତ ଓ ଦକ୍ଷ ପ୍ରାର୍ଥୀ ଭାବେ ଦଳ ସ୍ୱୀକୃତି ପ୍ରଦାନ କରିଥିବା କହିଥିଲେ। ଉଦ୍ୟୋଗପତି ଭାବେ ଜଣାଶୁଣା ପ୍ରଧାନ ରାଉରକେଲାର ବିଭିନ୍ନ ସଂଘ ସଂଗଠନ ସହ ସମ୍ପୃକ୍ତ ଥିବାବେଳେ ସାମାଜିକ କାର୍ଯ୍ୟରେ ତାଙ୍କର ରୁଚି ରହିଥିବା କୁହାଯାଇଛି। ଜଣେ ଉପଯୁକ୍ତ ପ୍ରାର୍ଥୀ ଭାବେ ପ୍ରଧାନ ସମ୍ବଲପୁରବାସୀଙ୍କ ଆସ୍ଥା ଜିଣିପାରିବେ ବୋଲି ଦଳ ମହାସଚିବ ଚକ୍ରାନ୍ତ ଜେନା ଆଶା ବ୍ୟକ୍ତ କରିଛନ୍ତି।

## ଭବାନୀପାଟଣା ସହର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଭବାନୀପାଟଣା,୨୮।୩(ଡି.ଏନ.ଏ.)

**ଭବାନୀପାଟଣା ମ୍ୟୁନିସିପାଲିଟି**
- ନଳା ପାଣି ନିଷ୍କାସନ ହେଉନାହିଁ
- ଅଭିଯୋଗର ୬ ସପ୍ତାହ ପରେ ବି ପ୍ରତିକାର ନାହିଁ
- ମାସ ମାସ ଧରି ସଫା ହେଉନି ଡ୍ରେନ୍

କଳାହାଣ୍ଡି ଜିଲାର ଏକମାତ୍ର ଭବାନୀପାଟଣା ମ୍ୟୁନିସିପାଲିଟି ଏବେ ସ୍ଥାଣୁ ପାଲଟିଯାଇଛି । ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଚାରିଆଡେ କୁଢକୁଢ ଅଳିଆ ଆବର୍ଜନା ପଡ଼ିରହିଛି । ମାସ ମାସ ଧରି ଡ୍ରେନ୍ ସଫା ହେଉ ନ ଥିବାରୁ ଚାରିଆଡେ ପୁତିଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଛି । ଅନଲାଇନରେ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ମିଳୁନାହିଁ । ସ୍ଥାନୀୟ ବାହାଦୂର ବଗିଚା ପଡାର ଡ୍ରେନ ଓ ଏସ୍.ଡି.ପି.ଓ ଅଫିସ୍ ପାଚେରିକୁ ଲାଗି ରହିଥିବା ନଳକୂଅ ଏହାର ଜ୍ୱଳନ୍ତ ଉଦାହରଣ ହେଉଛି । ଏସ୍.ଡି.ପି.ଓ ଅଫିସ୍ ଛକଠାରୁ ତପନ ଗ୍ୟାରେଜ ଛକ ପର୍ଯ୍ୟନ୍ତ ଥିବା ଡ୍ରେନ ଆଜକୁ ପ୍ରାୟ ୪ ମାସ ହେବ ସଫା ହେଉନାହିଁ । ଫଳରେ ନଳା ପାଣି ଘରେ ଘରେ ପଶିବା ଅବସ୍ଥାରେ ଅଛି । ରାସ୍ତାକଡରେ ଠିକାଦାରମାନେ ଗେଟି, ବାଲି ଜମା କରିବା ଯୋଗୁ ତାହା ରାସ୍ତାରୁ ଖସି ଡ୍ରେନ ପୋତି ହେବାରୁ ନଳା ପାଣି ନିଷ୍କାସନ ହେଉନାହିଁ । ପଡାବାସୀ ଅନଲାଇନରେ ନଗର ଉନ୍ନୟନ ବିଭାଗକୁ ଅଭିଯୋଗ କରିବାର ୬ ସପ୍ତାହ ବିତିଯାଇଥିଲେ ମଧ୍ୟ ମ୍ୟୁନିସିପାଲିଟି ତରଫରୁ ଏହାର କୌଣସି ପ୍ରତିକାର କରାଯାଉନାହିଁ । ନଳା ପାଣି ଗନ୍ଧରେ ପଡାବାସୀ ଅତିଷ୍ଠ ହୋଇପଡିଲେଣି । ମଶା, ମାଛିଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢି ଚାଲିଥିବାରୁ ଜ୍ୱର ମାଡିଚାଲିଛି । ଖରାଦିନ ଜଣ୍ଡିସ ବ୍ୟାପିବା ଆଶଙ୍କା ମଧ୍ୟ ରହିଛି । ଫେବୃୟାରୀ ୧ ଓ ୫ ତାରିଖରେ ଦୁଇଦୁଇ ଥର ଅଭିଯୋଗ ଦାଖଲ କରାଯାଇଥିଲେ ମଧ୍ୟ ତାହା ଅଧିକାରୀମାନଙ୍କ ଫାଇଲ ତଳେ ଖତ ଖାଇବାକୁ ବସିଲାଣି । ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ନାରା ଦେଇ ସରକାର ପରିମଳ ବ୍ୟବସ୍ଥାକୁ ଦୃଢ କରିବାକୁ ଆହ୍ୱାନ ଦେଉଥିଲେ ମଧ୍ୟ ଭବାନୀପାଟଣା ମ୍ୟୁନିସିପାଲିଟିର ଏଭଳି ସ୍ଥାଣୁତା ଏହା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।



ଡ୍ରେନ୍‌ରେ ଆବର୍ଜନା ପଡି ରହିଛି।

ଲାଞ୍ଜିଗଡ଼ ବେଦାନ୍ତରେ ଉତ୍ତେଜନା ଦେଖାଦେବା ଘଟଣା

# କମୁଛି ଉତ୍ତେଜନା, ବଢୁଛି ଭୟ

ଲାଞ୍ଜିଗଡ଼,୨୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ କମ୍ପାନୀ ମୁଖ୍ୟ ଫାଟକ ସାମ୍ନାରେ ଓଡ଼ିଶା ଶିଳ୍ପ ସୁରକ୍ଷା ବଳ ଓ ଜନସାଧାରଣଙ୍କ ମଧ୍ୟରେ ସଂଘର୍ଷ ଘଟି ଦୁଇଜଣଙ୍କ ମୃତ୍ୟୁ ଘଟଣାକୁ ଦୁଇ ସପ୍ତାହ ହେବାକୁ ବସିଲାଣି । ଏବେ ଓଡ଼ିଶା ପୋଲିସର ସୁରକ୍ଷା ବଳୟ ମଧ୍ୟରେ ବେଦାନ୍ତ ପ୍ରକଳ୍ପ ଥିବାବେଳେ ଧୀରେ ଧୀରେ ଉତ୍ତେଜନା କମୁଥିବା ଦେଖିବାକୁ ମିଳିଛି। ତେବେ ଏହି ଘଟଣାରେ ଶିଳ୍ପ ସୁରକ୍ଷା ବଳ ଆଇନକୁ ହାତକୁ ନେଇ ନିଜଆଡୁ ଲାଠିଚାଳନା କରିଥିବାବେଳେ ଏକ ଦୁଃଖଦ ପରିସ୍ଥିତିରେ ଜଣେ ହାବିଲଦାରଙ୍କ ମୃତ୍ୟୁ ପରେ ସେମାନେ ମଧ୍ୟ ନ୍ୟାୟ ପାଇଁ ଦାବି କରିଛନ୍ତି । ଅପରପକ୍ଷରେ ମୃତ ଶ୍ରମିକଙ୍କ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବାବେଳେ ଛତ୍ରପୁର ଗାଁ ଏବେ ବି ସ୍ତବ୍ଧ ପାଲଟିଛି । କିନ୍ତୁ ଏସବୁକୁ ଅଣଦେଖା କରି ବେଦାନ୍ତ ସିଇଓଙ୍କ ମନ୍ତବ୍ୟ ସାଧାରଣ ଜନତାଙ୍କୁ କଟା ଘାରେ ଚୂନ ଦେବାଭଳି ହୋଇଛି । ଏହି ଘଟଣାରେ ବେଦାନ୍ତ ସିଇଓ ନିଜ ଉପରୁ ଦୋଷ କାଢି ଏଥିପାଇଁ ତୃତୀୟ ପକ୍ଷ ଦାୟୀ ବୋଲି କହିଛନ୍ତି । କମ୍ପାନୀ ମୁଖ୍ୟ ଫାଟକ ସାମ୍ନାରେ ଆନ୍ଦୋଳନକାରୀମାନେ ଧାରଣା ଦେଉଥିବାବେଳେ ଓଡ଼ିଶା ଶିଳ୍ପ ସୁରକ୍ଷା ବଳ କମ୍ପାନୀର ସୁରକ୍ଷା ଦାୟିତ୍ୱରେ ଥିଲେ । ଏଠି ତୃତୀୟ ପକ୍ଷ କିଏ ଓ ସେମାନଙ୍କ ଭୂମିକା କ’ଣ ଥିଲା ଯେ, ଏତେବଡ଼ ତୁମୁଳ କାଣ୍ଡ ଘଟିବା ସହ ଦୁଇଜଣଙ୍କ ଜୀବନ ଗଲା ସେ ସମ୍ପର୍କରେ ମୁହଁ ଖୋଲିନାହାନ୍ତି ବେଦାନ୍ତ କର୍ତ୍ତୃପକ୍ଷ । ଏବେ ଧୀରେ ଧୀରେ ଅଞ୍ଚଳରେ ଶାନ୍ତି ଫେରୁଥିବାବେଳେ ଏହି ଘଟଣାକୁ ନେଇ ପୋଲିସ ପ୍ରଶାସନ ନିଜ ପଦକ୍ଷେପ ନେବା ଆରମ୍ଭ କରିଛି । ଏପରିକି ଏହାର ତଦନ୍ତ ପ୍ରକ୍ରିୟା ଆରମ୍ଭ ପାଇଁ ଉପର ମହଲରେ ଚାପ ପଡୁଥିବାବେଳେ କିଛି ଲୋକଙ୍କୁ ପୋଲିସ ଏହି ଘଟଣାରେ ପଚରାଉଚୁରା କରିଥିବା ସୂଚନା ମିଳିଛି । ଏହାପରେ ସେଦିନର ଘଟଣାକୁ ନେଇ ତିନୋଟି ମାମଲା ଆଧାରରେ ଫଟୋ, ଭିଡିଓ, ସିସିଟିଭି ଫୁଟେଜ ଆଦି ସଂଗ୍ରହ ସହିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ପୋଲିସ ପ୍ରଶାସନ ସଜବାଜ ହେଉଥିବା ଜଣାପଡ଼ିଛି । ନିର୍ବାଚନ ପରିପ୍ରେକ୍ଷୀରେ ପୋଲିସ ତଦନ୍ତ ପ୍ରକ୍ରିୟାକୁ କିଛିଦିନ ଟାଳିଦେବାକୁ ଚାହୁଁଥିଲେ ହେଁ ଅଞ୍ଚଳବାସୀଙ୍କୁ ଏବେ ଗିରଫଦାରିର ଭୟ ଘାରିଛି । ଦୁଇଦିନ ଭିତରେ ଲାଞ୍ଜିଗଡ଼ ଓ ଜଗନ୍ନାଥପୁରରୁ ୮ଜଣଙ୍କୁ ପଚରାଉଚୁରା ପାଇଁ ରାତି ଅଧରେ ଉଠାଇ ନେଇଥିବା ଜଣାପଡ଼ିଛି। ଲାଞ୍ଜିଗଡ଼ ଥାନାରେ ସେମାନଙ୍କୁ ରଖି ତଦନ୍ତ କଲେ ସ୍ଥାନୀୟ ଲୋକେ ବାଧା ସୃଷ୍ଟି କରିବା ସମ୍ଭାବନା ଥିବାରୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଭବାନୀପାଟଣା ନିଆଯାଇଛି । ପୋଲିସର ଠିକ୍ ତଦନ୍ତ ଉପରେ ଲୋକଙ୍କ ଭରସା ଥିଲେ ସୁଦ୍ଧା ବିନାକାରଣରେ ସାଧାରଣ ଲୋକଙ୍କ ଉପରେ ଓଡ଼ିଶା ଶିଳ୍ପ ସୁରକ୍ଷା ବଳର ଲାଠିଚାଳନା ଭଳି ବିନା କାରଣରେ ଲୋକଙ୍କୁ ଗିରଫ କରାଗଲେ ପୁଞ୍ଜିଭୂତ ଜନ ଅସନ୍ତୋଷ ପୁଣି ଆନ୍ଦୋଳନର ରୂପ ନେଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଏଣୁ ପରିସ୍ଥିତିକୁ ନଜରରେ ରଖି ପୋଲିସ ମାପିଚୁପି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇଙ୍କୁ ପଚାରିବାରୁ ବୁଧବାର ରାତିରେ ୬ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଯୁବକମାନେ ବେଦାନ୍ତ ପରିସରରେ ବିଶୃଙ୍ଖଳା ସୃଷ୍ଟି କରି ବେଦାନ୍ତର ବହୁ ଅଫିସ ଭଙ୍ଗାରଜା କରି ପୋଡ଼ାଜଳା କରିଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା କହିଛନ୍ତି।



ବେଦାନ୍ତ ଗେଟ୍ ସମ୍ମୁଖରେ ପୋଲିସ୍ ପହରା

**ବେଦାନ୍ତ ମାମଲାରେ ରାତିଅଧିଆ ଗିରଫଦାରି**
- ଲୋକଙ୍କ ମଧ୍ୟରେ କୁହୁଳୁଛି ଅସନ୍ତୋଷ